ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର ୨୦୨୫ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ୱଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦଶହରା ପର୍ବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ଗଳ୍ପ ବିଭାଗ** | | **୭୧** |
| ଅନେକ କଳାଛାଇ - ୩୧ | ଅଶୋକ ବିଶ୍ୱାଳ | ୭୨ |
| ସ୍ୱୀକୃତିର ଅଗଣିତ ସ୍ୱୀକାରୋକ୍ତି - ଗୁରୁ | ଡା ଉଷାରାଣୀ ଦାଶ | ୮୫ |
| ଲୁଣ | ଅବନୀନ୍ଦ୍ର ଓଝା | ୯୦ |
| ପାଉଁଜି ଚିହ୍ନ | ଆଶୁତୋଷ ମେହେର | ୯୩ |
| ବୁଢ଼ା ନାଉରୀ | ଅଭୟ କୁଣ୍ଡ | ୯୫ |
| ସତୀ ଆଉ କୁକୁଡ଼ା ଚିଆଁ କଥା | ଅନ୍ତର୍ଯ୍ୟାମୀ ସରଘରିଆ | ୯୮ |
| ସେ ଅଭୁଲା ରାତି | ଭବାନୀ ଶଙ୍କର ଦାଶ | ୧୦୨ |
| ବାହାଘର ପ୍ରସ୍ତାବ | ସୌମ୍ୟରଞ୍ଜନ ପାଢ଼ୀ | ୧୦୬ |
| ଆମ ବିଦ୍ୟାଳୟର ଦେବଦାରୁ | ସ୍ନିଗ୍ଧା ପଟ୍ଟନାୟକ | ୧୦୮ |
| ପିଲାଏ ବୁଝିଯିବେ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧୧ |
| ଯୌବନ | ଶୋଭାମୟୀ ପତ୍ରୀ | ୧୧୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

## କବିତା ବିଭାଗ ୧୧୭


| | | |
|---|---|---|
| ଗଙ୍ଗଶିଉଳି | ଶିବନାରାୟଣ ଦାସ | ୧୧୮ |
| ସମୟ | ବିନୟ କୁମାର ମିଶ୍ର | ୧୨୧ |
| କେଡ଼େ ସୁନ୍ଦର ମୋ ଛୋଟିଆ ଗାଁ | ରାମଚନ୍ଦ୍ର ପ୍ରଧାନ | ୧୨୩ |
| ଭାଗ୍ୟ ଯଦି ହେବ ଅନୁକୂଳ | ନିରଞ୍ଜନ ସାହୁ | ୧୨୫ |
| ବନ୍ୟା | ହରିହର ବଳବନ୍ତରାୟ | ୧୨୬ |
| ମନକୁ କର ଆୟତ୍ତ | ଅଲେଖ ମେହେର | ୧୨୭ |
| ପ୍ରେମର ଭଗ୍ନାଂଶ | ବିଶ୍ୱନାଥ କର | ୧୨୮ |
| ଖୋଲା ବହି | ବିନୟ ମହାପାତ୍ର | ୧୩୦ |
| ପହିଲି ଦେଖାରେ | ହରେରାମ ପଣ୍ଡା | ୧୩୨ |
| ଲୁହଭରା ଆଖି ମୋର | ପ୍ରଶାନ୍ତ କୁମାର ଦାଶ | ୧୩୩ |
| ହୁଏ ନାରୀ ଅତ୍ୟାଚାର | ଦଶରଥ ମାଝୀ | ୧୩୫ |
| ମଶାଣି ପଥ | ମନୋରଞ୍ଜନ ସୁରୁଜାଲ | ୧୩୬ |
| ବଞ୍ଚିବାର ନାଁ ନେଇ | ତାରା ପ୍ରସାଦ ଜେନା | ୧୩୮ |
| ଭଲ କବିତା | ନୀଳମଣି ଚାନ୍ଦ | ୧୩୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ସବୁ ସ୍ୱପ୍ନ କଣ ସାର୍ଥକ ହୁଏ | ଗୋଲୋକବିହାରୀ ବେହେରା | ୧୪୦ |
| ମିଳନ ମଗ୍ନା | ବେଣୁଧର ସୂତାର | ୧୪୧ |
| ସାଜିଲ ଯେ ନବବଧୂ | ସ୍ମୃତିରଞ୍ଜନ ମିଶ୍ର | ୧୪୩ |
| କବାଟ | ପ୍ରଭାତ କୁମାର ଆଚାର୍ଯ୍ୟ | ୧୪୪ |
| ଜୀବନ ସାଥୀ | ଆଶିଷ କୁମାର ସାହୁ | ୧୪୬ |
| ଧମକ ଆଧୁନିକତାର | ବିଶ୍ୱଜିତ୍ ବାରିକ | ୧୪୭ |
| ଅସ୍ମିତା ହଜିଗଲା ପରେ | ମହେନ୍ଦ୍ର ପ୍ରସାଦ ଦାସ | ୧୪୯ |
| ସାଇ ମୋ ଜୀବନ | ସିନ୍ଧୁ ନନ୍ଦିନୀ | ୧୫୦ |
| ଭଗ୍ନ କୋଣାର୍କ | ଚନ୍ଦ୍ରକଳା ଦେବୀ | ୧୫୧ |
| ଭଗ୍ନ କୋଣାର୍କ | ଲକ୍ଷ୍ମୀ ବିଶ୍ୱାଳ | ୧୫୩ |
| ସର୍ପ ଜନମ ଦେଲୁ ମୋତେ | ଦେବେନ୍ଦ୍ର ନାୟକ | ୧୫୫ |
| | ସଂଯୁକ୍ତା ସାହୁ | ୧୫୭ |
| | ବାସନ୍ତୀ ଲତା ଜେନା | ୧୫୮ |
| | ରୀତାରାଣୀ ଦାଶ | ୧୫୯ |
| | କାର୍ତ୍ତିକ ଚନ୍ଦ୍ର ପଣ୍ଡା | ୧୬୧ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ନଳିନୀ ପ୍ରଭା ମିଶ୍ର | ୧୬୩ |
| | ରମେଶ ଟାକ୍ରୀ | ୧୬୪ |
| | କାହ୍ନୁ ଚରଣ ପାଣିଗ୍ରାହୀ | ୧୬୫ |
| | ବିନୋଦିନୀ ଦାଶ | ୧୬୭ |
| | ଭାସ୍କର ରାଉତ | ୧୬୯ |
| | ନୂତନ କୁମାର ବେହେରା | ୧୭୦ |
| ମଣିଷ ଗଛ ଲଗେଇବୁ ଯଦି | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୭୨ |
| ମୋ ମାତୃଭାଷା ମୋ ଜୀବନ | ଶାନ୍ତିଲତା ରଣା | ୧୭୫ |
| ରାଗ ବ୍ରହ୍ମ ଚଣ୍ଡାଳ | ଏଲିଜା ଜେନା | ୧୭୬ |
| ହଁ ମୁଁ ସୌମ୍ୟାଶ୍ରୀ କହୁଛି | ପ୍ରଦୀପ ମହାନ୍ତ | ୧୭୭ |
| ହାତ ଛାଡ଼ିବନି କେବେ ମୋ ସାଥୀ | ମାହେଶ୍ୱରୀ ଦାଶ | ୧୮୧ |
| ରାଧାର ନା ମୀରାର | ଋତୁ ମହାନ୍ତି | ୧୮୨ |
| ଭାଦ୍ରବର ଶେଷେ ଆଶ୍ୱିନ ପ୍ରବେଶେ | ବୀଣାପାଣି ଦେବୀ | ୧୮୪ |
| ତୁମେ ହିଁ ତୁମେ | ସୌଦାଗର ବିଶ୍ୱାଳ | ୧୮୫ |
| ଯୁବକ ଯୁବତୀ ସଙ୍ଗୀତଗାନ | ଡଃ ବିଦ୍ୟାଧର ମହାନ୍ତ | ୧୮୬ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ଏବେ ମୁଁ ସିନିୟର୍ ସିଟିଜେନ୍ ହେଇଯାଇଚି | ନିତ୍ୟରଞ୍ଜନ ନନ୍ଦ | ୧୮୭ |
| ନୀରବତା | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୯୧ |
| ମାଆ | ସଚିକାନ୍ତ ରଥ | ୧୯୨ |
| ରାତି ପାହିଲାଣି ରାବଇ କାଉ | ନିବେଦିତା ପଣ୍ଡା | ୧୯୩ |
| ମନେ ପଡ଼େ ମୋ ଶିକ୍ଷାଳୟ | ହିମାଞ୍ଚଳ ନାଗ | ୧୯୫ |
| ନୀରବ କୋହ | ସୁମିତ୍ରା ନାଏକ | ୧୯୭ |
| ସମ୍ପର୍କର ପଶାପାଲି | ସୁନିତା ମହାନ୍ତି | ୧୯୮ |
| ରାଧାଷ୍ଟମୀ | ବସନ୍ତ କୁମାର ପ୍ରଧାନ | ୨୦୦ |
| ଜଣେ ସେ ପାରୁଛି ଦେଖି | ଶିଶିର କୁମାର ପଣ୍ଡା | ୨୦୧ |
| ସାଥିଟିଏ | ପ୍ରଶାନ୍ତ ବ୍ରହ୍ମା | ୨୦୨ |
| ରଙ୍ଗ | ଦେବାଶିଷ ଚକ୍ରବର୍ତ୍ତୀ | ୨୦୩ |
| ଅବ୍ଧି ତଟର ଉପଲବ୍ଧି | ଡଃ ପ୍ରିୟଦର୍ଶିନୀ ମିଶ୍ର | ୨୦୫ |
| ବିବାହ ଓ ଛାଡ଼ପତ୍ର | କୁଳମଣି ବାରିକ | ୨୦୬ |
| ରାସେଶ୍ୱରୀ ଶ୍ରୀ ରାଧା | ଗଗନ ବିହାରୀ ଷଡ଼ଙ୍ଗୀ | ୨୦୭ |
| ମାଆର ଖେଦ | ସୁରେନ୍ଦ୍ର ନାଥ ଖଣ୍ଡୁଆଳ | ୨୦୯ |
| ଅସହିଷ୍ଣୁତାର ଅସ୍ପଷ୍ଟ ଧ୍ୱନୀ | ବଟକୃଷ୍ଣ ପଣ୍ଡା | ୨୧୧ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ଅନ୍ୟର ଖୁସିରେ ହୋଇବା ଖୁସି | ସନ୍ତୋଷ କୁମାର ସାହୁ | ୨୧୩ |
| ଆସନ୍ତ କି ତୁମେ ଥରେ | ଅନସୂୟା ଲେଙ୍କା | ୨୧୪ |
| ତୁମେ ଆଉ ତୁମେ ହେଇନାହଁ କି ? | ଜୟନ୍ତ ଦାସ ପ୍ରଫୁଲ୍ଲ | ୨୧୫ |
| ଶାଳବଣ ରାଣୀ | ନଳିନୀ ଦାଶ | ୨୧୭ |
| ବାପା | ଶୁଭଲକ୍ଷ୍ମୀ ସାହୁ | ୨୧୮ |
| ବେଗମ୍ ଲଳିତା | ଆକୁଳାନନ୍ଦ ପୃଷ୍ଟି | ୨୨୦ |
| ସମ୍ପର୍କର ପବିତ୍ର ସେତୁ | ଅବିନାଶ ପଣ୍ଡା | ୨୨୨ |
| କୁହୁଡ଼ି | ରାଜେଶ କୁମାର ଆରୁଖ | ୨୨୪ |
| ଗୁରୁ | ଅମୃତନାରାୟଣ ଶତପଥୀ | ୨୨୫ |
| ସୁହାଗିନୀ | ଶ୍ରୀକ୍ଷେତ୍ର ସୁନ୍ଦର | ୨୨୬ |
| ଶରତ ନଈର | କିରନ୍ ସ୍ୱାଇଁ | ୨୨୭ |
| ଘାଣ୍ଟ ତରକାରୀର ଆତ୍ମକଥା | ଓଜସ୍ୱିନୀ ଶତପଥୀ | ୨୨୮ |
| ପ୍ରେମଦୁର୍ଗ ଗଢ଼ିଥିଲା ଦିନେ ପ୍ରଭୁ ଜଗନ୍ନାଥ | ଆଲୋକ ପଣ୍ଡା | ୨୨୯ |
| ନୂଆଁଖାଇ | ସାଇ ପ୍ରସାଦ ସାହୁ | ୨୩୦ |
| ପଶ୍ଚିମ୍ ଓଡ଼ିଶାର ଶିଘା ତିହାର୍ | କ୍ଷୀରୋଦିନୀ ସାହୁ | ୨୩୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଆଁଖିର୍ ପାଏନ୍ | ସୁନୀଲ କୁମାର ଅଗସ୍ତି | ୨୩୪ |
| ଏକ୍ସଆଇଏମ୍ ଭୁବନେଶ୍ୱରରେ ୭ମ ବାର୍ଷିକ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ ୨୦୨୫ ଆୟୋଜନ | | ୨୩୫ |

## ପ୍ରବନ୍ଧ ବିଭାଗ ୨୪୩

| | | |
|---|---|---|
| ନୂଆଁଖାଇ ଭେଟ୍‌ଘାଟ୍ | ଅକ୍ଷୟ କୁମାର ରାଉତ | ୨୪୪ |
| ପଶ୍ଚିମାଞ୍ଚଳର୍ ଭାବର୍ ତିହାର୍ ନୂଆଁଖାଇ | ସାଇ ପ୍ରସାଦ ସାହୁ | ୨୪୮ |
| ଶ୍ରୀରାଧାଙ୍କ ପ୍ରିୟ ସଖୀ ଲଳିତା | ଅର୍ଜୁନୀ ଚରଣ ବେହେରା | ୨୫୩ |
| ରାଧା ତତ୍ତ୍ୱ | ବାବାଜୀ ଚରଣ ଦାସ | ୨୫୭ |
| ଆପୋଷହୀନ ଧାରାର ବିପ୍ଲବୀ ଶହୀଦ୍ ରାଜଗୁରୁ | ଅସିତ ମହାନ୍ତି | ୨୬୩ |
| ସ୍ୱାଧୀନତାର ପ୍ରକୃତ ଲକ୍ଷ୍ୟ | ଆଶୁତୋଷ ନାୟକ | ୨୬୭ |
| ସହନଶୀଳ ନାରୀର କଥା ଓ ମାଣଜାଉ ଗଳ୍ପ | ବିଭୂ ପ୍ରସାଦ ପଣ୍ଡା | ୨୭୫ |
| ନିରନ୍ତର ନିରୁତା ସାଧନା : ଏକ ଅବଲୋକନ | ମନୋଜ କୁମାର ଭୋଇ | ୨୭୭ |
| ସ୍ୱାମୀ ଓ ପରକୀୟା ପ୍ରୀତି | ଦେବାଶିଷ ମାଇତି | ୨୭୯ |

## ବିଶେଷ ସୂଚନା ୨୮୪


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ସମସ୍ତ ଶ୍ରଦ୍ଧେୟ ସାହିତ୍ୟିକ ଏବଂ ପାଠିକା ତଥା ପାଠକ ଏବଂ ଶୁଭେଚ୍ଛୁଙ୍କୁ ପବିତ୍ର ନବରାତ୍ରୀ ଏବଂ ଦଶହରା ପର୍ବର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ମା ସମସ୍ତଙ୍କୁ ନିଜ ଛତ୍ରଛାୟାରେ ରଖନ୍ତୁ ଏବଂ ବିଶ୍ୱର କଲ୍ୟାଣ ହେଉ । ସମସ୍ତେ ସୁଖୀ ଓ ସୁସ୍ଥ ରହନ୍ତୁ । ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରହୁ । ଏହି କାମନା କରି ଚଳିତ ମାସର ଆହ୍ୱାନ ଇ–ପତ୍ରିକା ମୁଁ ଆପଣ ମାନଙ୍କୁ ଭେଟି ଦେଉଛି । ଆଶା କରୁଛି ଆପଣମାନଙ୍କ ସ୍ନେହ ଓ ଶ୍ରଦ୍ଧା ଏହି ପତ୍ରିକାର ଉତ୍ତରୋତ୍ତର ଉନ୍ନତିରେ ସହାୟକ ହେବ । ଆମ ଭାଷା ଓ ସାହିତ୍ୟର ସମୃଦ୍ଧି ଓ ପ୍ରଚାର ପ୍ରସାର ହେତୁ ଆହ୍ୱାନ ଭଳି ଏକ କ୍ଷୁଦ୍ର ପ୍ରଚେଷ୍ଟାକୁ ବଳ ମିଳିବ । ଆସନ୍ତୁ ଆମେ ନିଜେ ପଢ଼ିବା ଏବଂ ଅନ୍ୟମାନଙ୍କୁ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବା ।

ବର୍ଷର ସବୁଠାରୁ ଅଧିକ ଉତ୍ସବମୁଖର ଦିନ ସବୁ ଏବେ ଆସି ପହଞ୍ଚି ଯାଇଛି । ଆକାଶରେ ନିର୍ମଳ ଚନ୍ଦ୍ରମଣ୍ଡଳ ଦେଖିବା ଦିନ ବି ଆସିଯାଇଛି । ଶରଦ ଋତୁର ଆଗମନ, ଓଡ଼ିଶାର ପଥପ୍ରାନ୍ତ, ନଈ ପଠା ସବୁଠାରେ ଧବଳବର୍ଣ୍ଣୀ କାଶତଣ୍ଡୀ ଆଚ୍ଛାଦିତ ହୋଇ ଆମକୁ ଜଣାଇ ସାରିଲାଣି । ଚଳିତବର୍ଷ ଅତ୍ୟଧିକ ମାତ୍ରାରେ ବର୍ଷା ହେତୁ ପୂଜା ପର୍ବପର୍ବାଣୀକୁ ମାନ୍ଦା କରିପାରେ ବୋଲି ଭବିଷ୍ୟବାଣୀ ବି ପରିବେଶବିଦ୍ ମାନେ ଦେଇ ସାରିଲେଣି । କୁହାଯାଉଛି କାଳେ ଚଳିତ ବର୍ଷ ଅକ୍ଟୋବର ମାସରେ ପୁଣି ଥରେ ବିଗତ ବର୍ଷମାନଙ୍କ ଭଳି ଓଡ଼ିଶାକୁ ବାତ୍ୟା ଭୟ ରହିବ । ଓଡ଼ିଆ ଜାତି କେବେ ବି ବନ୍ୟାବାତ୍ୟାକୁ ଭୟ କରିନାହିଁ । ମହାବାତ୍ୟା ପରେ ମଧ୍ୟ ମୁଣ୍ଡଟେକିବାରେ ଓଡ଼ିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମ ଥିଲା ଏବେ ମଧ୍ୟ ଦୈବୀଦୁର୍ବିପାକ ସମ୍ମୁଖୀନ ହେବା ଆମକୁ ଭୟଭୀତ କରିବା ଅପେକ୍ଷା ଭଗବାନ ବିଶ୍ୱାସୀ କରାଇଦିଏ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭୂଜତଳେ ରହି ଆମ ଜାତି ସମୃଦ୍ଧ ଓ ଶାନ୍ତିରେ ବସବାସ କରେ । ଭଗବାନ ସବୁବେଳେ ଏହି ଜାତି ଉପରେ ଦୟା ଓ ଆଶୀର୍ବାଦ କରୁଥାନ୍ତୁ ବୋଲି ଆମେ ପ୍ରାର୍ଥନା କରିବା ।

ଚଳିତମାସରେ ଅନେକ ଘଟଣା ଓ ଦୁର୍ଘଟଣା ରାଜ୍ୟ, ଦେଶ ତଥା ବିଶ୍ୱକୁ ବ୍ୟଥିତ କରିଛି । ଚାଲନ୍ତୁ ସେହିଭଳି କିଛି ଘଟଣା ବିଷୟରେ ଜାଣିବା । ପୂର୍ବରୁ କହି ରଖେ, ଏହି ସବୁ ତଥ୍ୟ ମୁଁ ବିଭିନ୍ନ ଗଣମାଧ୍ୟମରୁ ଉଦ୍ଧୃତ କରି ଉପସ୍ଥାପନ କରୁଛି । ଏଥିପାଇଁ ସେହି ସବୁ ଗଣମାଧ୍ୟମକୁ ମୁଁ ହୃଦୟରୁ ଧନ୍ୟବାଦ ଦେଉଛି ।

ପ୍ରାୟ ୩ ଦଶନ୍ଧି ତଳର ଏକ ଦେୱାନୀ ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିବାରେ ସରକାରୀ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଏବେ ସରକାରଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି । ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କାର ଦୃଷ୍ଟାନ୍ତମୂଳକ ଜୋରିମାନା କରିଛନ୍ତି । ଏହି ଜୋରିମାନା ଅର୍ଥ ମାମଲାର ଡିକ୍ରି ହୋଲ୍ଡର(ଧାରକ)ଙ୍କୁ ପ୍ରଦାନ କରାଯିବାକୁ କୁହାଯାଇଛି । ଏପରି କି ଅଦାଲତଙ୍କ ଆଦେଶ ଅନୁପାଳନ କରିବାରେ ବିଳମ୍ବ କରିଥିବା ଅଧିକାରୀଙ୍କଠାରୁ ଏହି ଜୋରିମାନା ଅର୍ଥ ସଂଗ୍ରହ କରିବାକୁ ବିଚାରପତି ଦିକ୍ଷିତ କ୍ରୀଷ୍ଣା ଶ୍ରୀପଦ ୧୯୯୭ ମସିହାର ଏକ ଏକ୍‌ଜିକ୍ୟୁଶନ ମାମଲାର ରାୟରେ ଉଲ୍ଲେଖ କରିଛନ୍ତି । ଗୋଟେ ଛୋଟ ବିବାଦ ସମାଧାନ କରିବାରେ ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ଆବେଦନକାରୀଙ୍କୁ ୩ ଦଶନ୍ଧୀ ଧରି ମାମଲାର ଜାଲରେ ଛନ୍ଦି ହୋଇ ରହିବାକୁ ପଡ଼ିଲା ବୋଲି ଅଦାଲତ କହିଛନ୍ତି ।

ମିଳିଥିବା ସୂଚନା ଅନୁସାରେ ୧୯୭୦ ମସିହାରେ ଉଦୟ ନାଥ ସାହୁ ଏବଂ ଆର୍.ଏସ୍ ଭାଟିଆଙ୍କ ମଧ୍ୟରେ ଏକ ଜଙ୍ଗଲ ଜମି ଚୁକ୍ତିକୁ ନେଇ ବିବାଦ ହୋଇଥିଲା । ସୁପ୍ରିମ୍‌କୋର୍ଟ ୧୯୯୦ ମସିହାରେ ଉକ୍ତ ମାମଲାର ବିଚାର କରି ୨ପକ୍ଷଙ୍କ ମଧ୍ୟରେ ଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବାଦ ସମାଧାନ କରିଥିଲେ । ଏଥିସହିତ ଉକ୍ତ ଜଙ୍ଗଲ ଜମି ଉପରେ ଥିବା ଗଛଗୁଡ଼ିକୁ ଚିହ୍ନଟ କରି ଉଭୟ ପକ୍ଷଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ସର୍ବୋଚ୍ଚ ରାୟଙ୍କ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରାଯାଇ ନଥିଲା ।

ରାଜଧାନୀ ଭୁବନେଶ୍ୱରରେ ଗଢ଼ିଉଠିବ ଆଉ ଏକ ନୂଆ ସହର । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛିଦିନ ତଳୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୁଧବାର ରାଜ୍ୟ କ୍ୟାବିନେଟ୍‌ର ମୋହର ବାଜିଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଭୁବନେଶ୍ୱର ପାଇଁ 'ନୂଆ ସହର ଉନ୍ନୟନ'(ନ୍ୟୁ ସିଟି) ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି । ଏହି ପ୍ରକଳ୍ପ ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ । ଏହା ଏକ ବହୁ-ଅର୍ଥନୀତି ବୃଦ୍ଧି ଅଞ୍ଚଳ ରୂପେ ତିଆରି ହେବ । 'ନୂଆ ସହର'ରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ । ଏହି ସହର ଆଧୁନିକ ସୁବିଧା ସୁଯୋଗ ସହ ତିଆରିହେବ, ଯେପରିକି ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ନୂଆ ଆଇଡିଆ-ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର । ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟ୍‌ୱେ ପ୍ଲାଜା ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା ଆଧ୍ୟାରିତ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍‌ସି ଭାବେ ନିଯୁକ୍ତ ହୋଇଛି । ୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁର ରାଷ୍ଟ୍ରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଡିଏ ଓ ସିଙ୍ଗାପୁରର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁର୍ବାନା ଜୁରୋଙ୍ଗ ସଂସ୍ଥା (ଏସ୍‌ଜେଆଇ) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁଯାୟୀ, ଏସ୍‌ଜେଆଇ ନୂଆ ସହର ବା 'ନିୟୁ ସିଟି' ପାଇଁ ମାଷ୍ଟର ପ୍ଲାନ୍ ତିଆରି ଓ ଭିତ୍ତିଭୂମି ବିକାଶ ଲାଗି ପରାମର୍ଶ ଦେବ । ପୂରା ପ୍ରକଳ୍ପ ଲାଗି ବିଡିଏ ଆଗାମୀ ୧୫ ବର୍ଷରେ ୮,୧୭୯ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରଖିଛି, ଯେଉଁଥିରେ ସରକାରୀ ଓ ଘରୋଇ ଅର୍ଥ ମିଶିବ । ପ୍ରଥମ ୫ ବର୍ଷ(୨୦୨୫-୨୬ରୁ ୨୦୨୯-୩୦)ରେ ରାଜ୍ୟ ବଜେଟ୍‌ରୁ ୧,୩୪୨ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ରହିଛି, ଯେଉଁ ଅର୍ଥ ଜମିକିଣା ସହିତ ରାସ୍ତା ତିଆରି, ମୌଳିକ ସୁବିଧା, ସାର୍ବଜନୀନ ସୁବିଧା ଓ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟବହୃତ ହେବ ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି ।

ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଦକ୍ଷିଣ ଓଡ଼ିଶାର ଟାଣୁଆ ନେତା ଏନ୍. ଭାସ୍କର ରାଓ ଓ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି । ସେମାନଙ୍କ ସହ ଦଳର ବହୁ ନେତା ଓ କର୍ମୀ ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏ ନେଇ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାସ୍କର ରାଓ ସୂଚନା ଦେଇଛନ୍ତି ।

ଗତ ୪ ତାରିଖରେ ରାୟଗଡ଼ା ବିଜେଡି ଜିଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା ପରେ ଜିଲା ବିଜେଡିରେ ତେଜିଥିଲା ବିବାଦ । ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଏହି ନିଷ୍ପତ୍ତିକୁ ଜିଲାରେ ବରିଷ୍ଠ ନେତା, କର୍ମୀ ଗ୍ରହଣ କରି ନ ଥିଲେ । ଏ ନେଇ ଜିଲାର ବହୁ ନେତା ଓ କର୍ମୀ ଭାସ୍କର ରାଓଙ୍କ ଘରେ ବୈଠକ କରିଥିଲେ । କର୍ମୀଙ୍କ ନିଷ୍ପତ୍ତି ପ୍ରକାରେ ଭାସ୍କର ରାଓଙ୍କ ସହ ଜିଲାର ବହୁ ବରିଷ୍ଠ ନେତା ଓ କର୍ମୀ ମଙ୍ଗଳବାର ବିଧିବଦ୍ଧ ଭାବେ ଦଳର ପ୍ରାଥମିକ ସଦସ୍ୟ ଛାଡ଼ିବା ସାଙ୍ଗକୁ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ଏଭଳିକି ୪ ତାରିଖରେ କାର୍ଯ୍ୟକାରୀ ସଭାପତି ପଦ ପାଇଥିବା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ୩ ଜିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିଷଦ ସଭ୍ୟ, ୩ବ୍ଲକ ଅଧ୍ୟକ୍ଷଙ୍କ ସମେତ କେସିସି ବ୍ୟାଙ୍କ ନିର୍ଦ୍ଦେଶକ, ଆର୍‌ଏମ୍‌ସି ସଭାପତି, ଲ୍ୟାମ୍ପସ ସଭାପତି ଓ ଅନ୍ୟମାନେ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି । ସେମାନେ ହେଲେ ରାଇସିଂ ବିଡ଼ିକା, ଭି.ଗୌରୀ ଜୟନ୍ତୀ, ଟୁନି ହୁଇକା, ହରପ୍ରସାଦ ହେପୃକା, କଣ୍ଠ ମାଝି, ସନ୍ଧ୍ୟାରାଣୀ ପୁଲାକା, ପ୍ରଶାନ୍ତ କୁଲେସିକା, ମଣିମାଳା ଶବର, ପତି କ୍ରାସ୍କା, ତିରୁପତି ବାନାଗାଡ଼ି, ବିନାୟକ କର, ଅମିୟ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇ, ଚନ୍ଦ୍ରକାନ୍ତ ସାମଲ, ଅମିତ ନାୟକ, ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ପ୍ରାୟ ୪୦ଜଣ ବିଜେଡିର ବିଭିନ୍ନ ପଦବୀରୁ ଇସ୍ତଫା ଦେବା ସହ ବହୁ ସଂଖ୍ୟାରେ କର୍ମୀ ଦଳର ପ୍ରାଥମିକ ସଦସ୍ୟତା ଛାଡ଼ିଛନ୍ତି ।

ଏହି ଅବସରରେ ଖବରଦାତା ସମ୍ମିଳନୀରେ ଭାସ୍କର କହିଛନ୍ତି, ୧୯୭୪ ମସିହାରୁ ବିଜୁ ପଟ୍ଟନାୟକଙ୍କ ଆବାହନରେ ଜନତା ଦଳରେ ଯୋଗଦେଇ ରାଜନୀତି ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାରମ୍ଭରୁ ବିଜେଡିରେ ରହି କଂଗ୍ରେସର ଅଭେଦ୍ୟ ଗଡ଼ ଅବିଭକ୍ତ କୋରାପୁଟ ଜିଲାରେ ବିଜେଡିକୁ ସଶକ୍ତ କରିଥିଲେ । ରାଜ୍ୟ ସଭା ସଦସ୍ୟ ସହ ଦଳୀୟ ପଦବୀରେ ରହି ନିଷ୍ଠାର ସହିତ ଦଳ ପାଇଁ କାମକରି ନିଜର ଦୁଇ ଭାଇଙ୍କୁ ହରାଇବା ସମେତ ବହୁ କିଛି ହରାଇଛନ୍ତି । ଗତ କିଛି ବର୍ଷ ହେବ ରାଜ୍ୟସ୍ତରୀୟ ନେତାମାନେ ଭାସ୍କର, ପୂର୍ବତନ ମନ୍ତ୍ରୀ ହିମିରିକାଙ୍କ ସମେତ ଜିଲାର ବହୁ ବରିଷ୍ଠ ନେତାଙ୍କୁ ଦଳରେ ଅଣଦେଖା କରିବା ଅତି ଦୁଃଖଦ ବୋଲି ଭାସ୍କର କହିଛନ୍ତି ।

ପ୍ରକାଶ ଥାଉକି, ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଜିଲା ବିଜେଡିରେ ଗୋଷ୍ଠୀ ବିବାଦ ଉଗ୍ର ରୂପ ନେଇଥିଲା । ଏହି ଗୋଷ୍ଠୀ ବିବାଦ କାରଣରୁ ୨୦୧୯ରେ ରାୟଗଡ଼ା ନିର୍ବାଚନମଣ୍ଡଳୀ ସମେତ କୋରାପୁଟ ଲୋକ ସଭା ଆସନ ମଧ୍ୟ ବିଜେଡି ହାତରୁ ଚାଲିଯାଇଥିଲା । ପରବର୍ତ୍ତୀ ସମୟରେ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକ ସଭା ସମେତ ଜିଲାର ୩ଟି ବିଧାନସଭା ଆସନ ବିଜେଡି ହାତରୁ ଚାଲି ଯାଇଥିଲା ।

ବିଜୁ ଜନତା ଦଳ (ବିଜେଡି)ର ଭବିଷ୍ୟତକୁ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସନ୍ଦେହ ପ୍ରକାଶ କରିଛନ୍ତି । ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ଭୋଟ ନ ଦେବା ନିଷ୍ପତ୍ତିକୁ ଟାର୍ଗେଟ କରି ସେ କହିଛନ୍ତି ଯେ ବିଜେଡିର "ଏକ୍ସପାଏରୀ ଡେଟ୍ ପଳେଇଲାଣି" । ତଥାଗତ ତାଚ୍ଛଲ୍ୟ କରି କହିଛନ୍ତି, "ସବୁ ଜିନିଷର ଏକ ଏକ୍ସପାଏରୀ ଡେଟ୍ ଥାଏ, ଯାହା ଗଲା ପରେ କାମ କରେ ନାହିଁ ।" ସେ ଆହୁରି ମନ୍ତବ୍ୟ ଦେଇଛନ୍ତି ଯେ ବିଜେଡି ନୂଆ ନାମ, ରୂପ ଓ ଆକାରରେ ଆସିବାର ସମ୍ଭାବନା ରହିଛି, କିନ୍ତୁ ଏହାକୁ ସେ ରାଜନୈତିକ ଆତ୍ମହତ୍ୟା (ପଲିଟିକାଲ ସୁଇସାଇଡ) ବୋଲି ବର୍ଣ୍ଣନା କରିଛନ୍ତି । ଏଥିପାଇଁ ସେ ଜାପାନୀ ଶବ୍ଦ 'ହାରା କିରି' (ନିଜକୁ ନିଜେ ଶେଷ କରିବା) ବ୍ୟବହାର କରିଛନ୍ତି ।

ତଥାଗତ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଜେଡି ଲୋଗୋ ବ୍ୟତୀତ ଏକ କଳା ଫଟୋ ପୋଷ୍ଟ କରି ଦଳର ଅସ୍ତିତ୍ୱ ଉପରେ ତେରଛା ବାଣ ମାରିଛନ୍ତି । ସେ କହିଛନ୍ତି, "ବିଜେଡି ବୁଝି ଗଲେଣି ଯେ ସେମାନଙ୍କ ଶେଷ ଆରମ୍ଭ ହୋଇଗଲାଣି ।" ସେ ଦାବି କରିଛନ୍ତି ଯେ ଓଡ଼ିଶାବାସୀ ସୁଯୋଗ ପାଇଲେ ଆଞ୍ଚଳିକ ଦଳକୁ ସମର୍ଥନ କରିଛନ୍ତି, କିନ୍ତୁ କଂଗ୍ରେସକୁ ରାଜ୍ୟରେ ଲୋକେ ଚାହୁଁ ନାହାନ୍ତି ।

ତଥାଗତ ସ୍ପଷ୍ଟ କରିଛନ୍ତି ଯେ ସେ ବିଜେଡିର ଆଭ୍ୟନ୍ତରୀଣ ବିଷୟ ଉପରେ ମନ୍ତବ୍ୟ କରିବା ଠିକ୍ ମନେ କରନ୍ତି ନାହିଁ । ସେ ଆହୁରି କହିଛନ୍ତି ଯେ ବିଜେଡିର ରାଜନୈତିକ ନିଷ୍ପତ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ, ସେ ନିଜେ ଭୋଟ ରାଜନୀତିରେ ଯୋଗ ଦେବାକୁ ଆଗ୍ରହୀ ନୁହଁନ୍ତି ବୋଲି ଜଣାଇଛନ୍ତି ।

ଆକ୍ସନରେ ବାଣୀବିହାର କର୍ତ୍ତୃପକ୍ଷ । ଅଣଛାତ୍ରଙ୍କୁ ହଟାଇ ୩ ନମ୍ବର ହଷ୍ଟେଲକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୋମବାର ସମ୍ପୂର୍ଣ୍ଣ ସିଲ୍ କରାଯାଇଛି । ହଷ୍ଟେଲର ମରାମତି ପରେ ଛାତ୍ରଙ୍କୁ ରୁମ୍ ଆଲ୍‌ଟମେଣ୍ଟ କରାଯିବ ବୋଲି ସୂଚନା ମିଳିଛି ।

ଏପରିକି ୨ ନମ୍ବର ହଷ୍ଟେଲର ୨୫ ରୁମ ଏବଂ ୧ ନମ୍ବର ହଷ୍ଟେଲର ୧୯ ରୁମ ସିଲ୍ କରାଯାଇଛି । ସେହିପରି ୧ ନମ୍ବର ହଷ୍ଟେଲ ପାଖରେ ଥିବା କ୍ୟାଣ୍ଟିନକୁ ମଧ୍ୟ ସଲ୍ କରାଯାଇଥିବା ଜଣାପଡିଛି । ଏଣିକି ପୋଲିସ ହଷ୍ଟେଲ ଜଗିବେ । ଆଇକାର୍ଡ ଦେଖାଇ ପିଲା ଭିତରକୁ ଯିବେ ବୋଲି ଜଣାପଡିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଣଛାତ୍ରଙ୍କୁ ବିଦା କରିବା ପାଇଁ ଛାତ୍ରାବାସଗୁଡିକରେ ସୋମବାର କମିଶନରେଟ ପୋଲିସ ପକ୍ଷରୁ ବଡ଼ ଧରଣର ଚଢାଉ କରାଯାଇଥିଲା । ଚଢାଉ ବେଳେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଅଣଛାତ୍ରଙ୍କ କବଜାରେ ଥିବା ରୁମ୍‌ଗୁଡିକର ତାଲା ଭାଙ୍ଗି ସିଲ୍ କରାଯାଇଥିଲା । ଏନେଇ ୟୁନିଭର୍ସିଟି କ୍ୟାମ୍ପସ ଭିତରେ ଏକକାଳୀନ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ୫ଜଣ ACP, ୪ଜଣ IIC ଏବଂ ୧୩ SI ଅଧିକାରୀଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା ।

ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟିଂରୁ ବିରତ ରହିପାରେ ବିଜେଡି । ଏନେଇ ଦଳୀୟ ଏମ୍‌ପିଙ୍କ ସୂତ୍ରରୁ ସୂଚନା ମିଳିଛି । ଏବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରେ ଥିବାରୁ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯିବାର ସମ୍ଭାବନା ରହିଛି ।

ସୂଚନାଯୋଗ୍ୟ, ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଏହି ଅବସରରେ ସେ ବିମାନବନ୍ଦରଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଉପରାଷ୍ଟ୍ରପତି ନିର୍ବାଚନ ନେଇ ଦିଲ୍ଲୀ ଗସ୍ତ କରୁଛନ୍ତି । ଏହି ସମୟରେ ଦଳୀୟ ସାଂସଦଙ୍କ ସହିତ ସେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶନିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ପିଏସି ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ଦଳର ବରିଷ୍ଠ ନେତାଙ୍କ ମତାମତ ଲୋଡାଯାଇଥିଲା । ନେତାମାନେ ନିଜ ନିଜର ମତ ପ୍ରକାଶ କରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା । ଦିନକ ପରେ ଉପରାଷ୍ଟ୍ରପତି ନିର୍ବାଚନ । ମହାରାଷ୍ଟ୍ରର ରାଜ୍ୟପାଳ ଥିବା ସି ପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବା ବେଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ସୁଦର୍ଶନ ରେଡ୍ଡିଙ୍କୁ ‘ଇଣ୍ଡିଆ’ ମେଣ୍ଟ ପ୍ରାର୍ଥୀ କରିଛି ।

ଓଡ଼ିଶାର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ଚିକିତ୍ସା ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଘୋଷଣା କରିଛନ୍ତି । ଅଭିଜିତ ବର୍ତ୍ତମାନ ଏମ୍‌ସ-ଭୁବନେଶ୍ୱରର ଆଇସିୟୁରେ ଭେଣ୍ଟିଲେଟର ସହାୟତାରେ ଚିକିତ୍ସାଧୀନ ଅଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ରବିବାର ଏମ୍‌ସ-ଭୁବନେଶ୍ୱର ପରିଦର୍ଶନ କରି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଖବର ନେଇଛନ୍ତି । ସେ କହିଛନ୍ତି, “ଅଭିଜିତଙ୍କ ଅବସ୍ଥାରେ ସାମାନ୍ୟ ଉନ୍ନତି ହୋଇଛି । ତାଙ୍କ କିଡନୀ ଓ ଯକୃତର ସମସ୍ୟା ରହିଛି, ତେବେ ସେ ଏବେ ବି କୋମାରେ ଅଛନ୍ତି ।” ଆବଶ୍ୟକ ହେଲେ ମଜୁମଦାରଙ୍କୁ ଉନ୍ନତ ଚିକିତ୍ସା ପାଇଁ ଏମ୍‌ସ-ଦିଲ୍ଲୀକୁ ଏୟାରଲିଫ୍ଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ଅଗଷ୍ଟ ୨୭ରେ ଗଣେଶ ପୂଜା ସମୟରେ ସଙ୍ଗୀତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସମସ୍ୟା ଅନୁଭବ କରିବା ପରେ ମଜୁମଦାରଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟ ଏକ ଘରୋଇ ହସ୍ପିଟାଲର ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା । ସେପ୍ଟେମ୍ବର ୪ରେ ତାଙ୍କୁ ଏମ୍‌ସ-ଭୁବନେଶ୍ୱରକୁ ରେଫର କରାଯାଇଥିଲା, ଯେଉଁଠାରେ ତାଙ୍କୁ ଉଚ୍ଚ ରକ୍ତଚାପ, ଥାଇରଏଡ୍ ସମସ୍ୟା ଓ କ୍ରୋନିକ ଯକୃତ ରୋଗ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଦାରିଙ୍ଗବାଡ଼ି ପୋଲିସ ଘଟଣାକୁ ଗୁରୁତର ନେଇ ପୋକ୍ସୋ ଆଇନରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣା ପରେ ଅଭିଯୁକ୍ତ ଫେରାର ରହିଥିବା ପୋଲିସ କହିଛି ।

ପ୍ରକାଶ ଯେ, ନାବାଳିକା ଜଣକ ଗତ ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀ ଘରକୁ ବୁଲିବାକୁ ଆସିଥିଲେ । ତେବେ ଶୁକ୍ରବାର ସନ୍ଧ୍ୟାରେ ଭଉଣୀ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ବିରାଟ ଶୋଭାଯାତ୍ରା ହେଉଥିଲା । ତାହା ଦେଖିବା ପାଇଁ ଭଉଣୀ ସେଠାକୁ ଯାଇଥିଲେ । ଏହି ସମୟରେ ଶୋଭାଯାତ୍ରା ଓ ଭସାଣି ସରିବା ପରେ ନାବାଳିକା ଜଣକ ତାଙ୍କ ଡ୍ରେସ୍ ଜ୍ୟାକେଟ୍ ଜଣଙ୍କ ଘରେ ରଖିଥିଲେ । ସେ ପ୍ରସାଦ ଖାଇ ସେଠାକୁ ଯାଇ ନିଜ ଜ୍ୟାକେଟ୍‌ଟି ନେଇ ଆସୁଥିବା ବେଳେ ଜଣେ ବିବାହିତ ଯୁବକ କାର୍‌ରେ ଆସି ନାବାଳିକାଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ଦାରିଙ୍ଗବାଡ଼ି ସହର ବାହାରେ କାର୍ ଭିତରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ବଳାତ୍କାର କରିଥିବା ଯୁବକ ଜଣକ କାରର ଡୋର୍ ଖୋଲିବା ଦେଖି ନାବାଳିକା ଜଣକ ଚିତ୍କାର କରି ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ । ତେବେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ଚୁଟିକୁ ଧରି ଘୋଷାଡ଼ି ଘୋଷାଡ଼ି ପୁଣି କାର୍ ନିକଟକୁ ନେଇ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ନାବାଳିକା ଜଣକ ଗୁରୁତର ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ପୋଲିସ ଏହି ମାମଲାରେ କାହାରିକୁ ଗିରଫ କରିପାରିନାହିଁ । ଅଭିଯୁକ୍ତ ଫେରାର ଥିବା କୁହାଯାଇଛି । ଘଟଣା ପରେ ଦାରିଙ୍ଗବାଡ଼ି ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ଦୃଢ଼ ଦାବି ହେଉଛି । ଏଥିସହିତ ମହିଳାମାନଙ୍କ ସୁରକ୍ଷାକୁ ପୋଲିସ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୬ ଜାନୁଆରୀ ୧ରୁ ସାରା ଦେଶରେ ଏସ୍‌ଆଇଆର୍ ଆରମ୍ଭ କରିପାରନ୍ତି । ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆସନ୍ତା ୧୦ ତାରିଖରେ ନିର୍ବାଚନ କମିଶନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସମ୍ମିଳନୀର ଆୟୋଜନ କରିଛନ୍ତି ।

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଗତ ଜୁନ୍ ୨୪ରେ ଇସିଆଇ ନିଷ୍ପତ୍ତି ନେଇଥିଲେ । ତେବେ ଆଗକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସେଠାରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ କରିଥିଲେ । ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉପଯୁକ୍ତ ସମୟରେ ନିର୍ଦ୍ଦେଶନାମା ଜାରି ହେବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିଲା । ସେପ୍ଟେମ୍ବର ୧୦ରେ ହେବାକୁ ଥିବା ବୈଠକରେ ସମସ୍ତ ସିଇଓ ଉପସ୍ଥିତ ରହି ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ସଂଖ୍ୟା ଏବଂ ପୂର୍ବରୁ ହୋଇଥିବା ସଂଶୋଧନର ସବିଶେଷ ତଥ୍ୟ ରଖିବାକୁ କୁହାଯାଇଛି । ଦ୍ୱାରକାରେ ଥିବା କମିଶନଙ୍କ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଅଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ସିଇଓମାନଙ୍କୁ ଭେଟିବେ ।

ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯେପରି ସେମାନେ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ହେଉଛି ଏସ୍‌ଆଇଆର୍‌ର ମୁଖ୍ୟ ଲକ୍ଷ୍ୟ । ଏଥିସହିତ ଯେପରି କୌଣସି ଅଯୋଗ୍ୟ ଭୋଟର ତାଲିକାରେ ସାମିଲ ନ ହୁଅନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ତାଲିକାରେ ସାମିଲ କଲାବେଳେ ଏହି ପ୍ରକ୍ରିୟା ଯେପରି ସ୍ୱଚ୍ଛ ରହେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏସ୍ଆଇଆର୍‌ର ଉଦ୍ଦେଶ୍ୟ । ବିହାରରେ ୨୦୦୩ରେ ଶେଷ ଥର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହୋଇଥିଲା । ଏସ୍ଆଇଆର୍ ବେଳେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନେ ଘରକୁ ଘର ଯାଇ ସର୍ଭେ କରିଥିଲେ । ତେବେ ବିହାରରେ ଆଗକୁ ନିର୍ବାଚନ ଥିବାରୁ ଭାଜପାକୁ ସହାୟତା କରିବା ପାଇଁ ବହୁ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଇସି ଷଡ଼ଯନ୍ତ୍ର କରୁଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ । ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଦୀର୍ଘଦିନ ଅଚଳ କରି ରଖିଥିଲେ । ପ୍ରକାଶ ଥାଉକି ପ୍ରତିବର୍ଷ ଏବଂ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ହୋଇ କେତେକ ନାମ ସଂଯୋଗ ହେବା ସହ ଅନ୍ୟ କେତେଜଣଙ୍କ ନାମ ବାଦ୍ ଦିଆଯାଇଥାଏ । ତେବେ ଏଥର ବିହାରରେ ସମ୍ପୂର୍ଣ୍ଣ ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି । ସେଥିପାଇଁ ନାଗରିକମାନଙ୍କୁ ନୂଆ ଏନୁମେରେଶନ ଫର୍ମ ପୂରଣ ସହ ଘୋଷଣାନାମା ଦେବାକୁ ହେବ । ଭୋଟର ଭାବେ ନିଜର ଯୋଗ୍ୟତା ପ୍ରମାଣ ପାଇଁ କମିଶନ ଜାରି କରିଥିବା ୧୧ଟି ଯୋଗ୍ୟ ଦସ୍ତାବିଜ୍ ଦାଖଲ କରିବାକୁ ହେବ । ଇସିଙ୍କ ଏହି ଏସ୍ଆଇଆର୍ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା । ଇସିଙ୍କ ୧୧ ଦସ୍ତାବିଜ୍ ତାଲିକାର ଆଧାର, ରାଶନ କାର୍ଡ ନ ଥିବାରୁ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା । ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ଅଛି, ତାହା ସେପ୍ଟେମ୍ବର ୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା । ନିକଟରେ ନିର୍ବାଚନ କମିଶନ ସମୟସୀମାକୁ ବଢ଼ାଇଛନ୍ତି ।

ଗଣେଶ ଭସାଣି ବେଳେ ଏକ ଅଘଟଣ ସାମ୍ନାକୁ ଆସିଛି । ଡିଜେ ତାଳେ ତାଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାଚୁଥିବା ବେଳେ ଜଣେ ଯୁବକ ଟଳିପଡ଼ିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଯୁବକ ଜଣକ ହେଲେ ରାୟଗଡ଼ା ସହର ରାମକୃଷ୍ଣ ନଗରର ବାସିନ୍ଦା ଚନ୍ଦ୍ର ଖରାଙ୍କ ପୁଅ ସୁରଜ ଖରା (୨୮) । ଭସାଣି ଶୋଭାଯାତ୍ରାରେ ନାଚିବା ସମୟରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି ।

ରାମକୃଷ୍ଣ ନଗର ବାସିନ୍ଦା ସଦାଶିବ ତ୍ରିପାଠୀ କହିଛନ୍ତି, ଭସାଣିରେ ଯିବା ବେଳେ ଏଭଳି ଅଘଟଣ ଘଟିଥିଲା । ହେଲେ ଭସାଣିରେ ଡିଜେ ବ୍ୟବହାର ହୋଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷେ ରାଜ୍ୟ ସରକାର ଡିଜେ ସାଉଣ୍ଡକୁ ନେଇ ବାରମ୍ବାର କଟକଣା କରୁଥିଲେ ମଧ୍ୟ ପର୍ବପର୍ବାଣିରେ ଡିଜେ ଶବ୍ଦ ପ୍ରଦୂଷଣ ବଢାଇବା ସାଙ୍ଗକୁ ଯୁବକଠାରୁ ଆରମ୍ଭ କରି ବୃଦ୍ଧଙ୍କ ହୃଦଘାତ ମୃତ୍ୟୁର କାରଣ ହେଉଛି ।

ପର୍ବପର୍ବାଣିରେ ବିନା ଡିଜେରେ ପୂଜା କାର୍ଯ୍ୟ ହେଉନାହିଁ । ଗଣେଶ ପୂଜା, ଦୁର୍ଗା ପୂଜା, ବିଶ୍ୱକର୍ମା ପୂଜା ସମେତ ବିଭିନ୍ନ ପର୍ବପର୍ବାଣି ଆସିଲେ ଭକ୍ତିପୂତ ଗୀତ ବଦଳରେ ଅତ୍ୟଧିକ ସାଉଣ୍ଡରେ ସାହିରେ ସାହିରେ ବାଜୁଛି ଡିଜେ । ଯାହାଦ୍ୱାରା ଅଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକ, ଶିଶୁ ଓ ହୃଦଜନିତ ରୋଗରେ ପୀଡିତ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

ଏନେଇ ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ପଚାରିବାରୁ ଭସାଣିରେ ନାଚୁଥିବା ବେଳେ ପଡି ଯାଇଥିଲେ । ପରବର୍ତ୍ତି ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି କହିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେପ୍ଟେମ୍ବର ୭ ତାରିଖ ତଥା ଭାଦ୍ରବ ପୂର୍ଣ୍ଣିମାରେ ପ୍ରଥମ ଚନ୍ଦ୍ରଗ୍ରହଣ ପଡୁଥିବା ବେଳେ ଆସନ୍ତାବର୍ଷ ୨୦୨୬ ମାର୍ଚ୍ଚ ମାସରେ ଦୋଳପୂର୍ଣ୍ଣିମାନେ ଆଉ ଏକ ଚନ୍ଦ୍ରଗ୍ରହଣ ପଡୁଛି । ଯାହାକି ଭାରତରେ ଦେଖିବାକୁ ମିଳିବ । ଆସନ୍ତା ୬ ମାସ ଭିତରେ ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପଡୁଛି । ଯାହାକୁ ନେଇ ଶୁଭ-ଅଶୁଭର ଗଣନା କରୁଛନ୍ତି ଜ୍ୟୋର୍ତିବିଦ ।

ଏହି ଦୁଇଟି ଯାକ ଚନ୍ଦ୍ରଗ୍ରହଣ ବଡ଼ ବଡ଼ ପର୍ବ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ତିଥିରେ ପଡୁଛି । ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଜ୍ୟୋତିଷ ରାଜପଣ୍ଡିତ ଶିବନାରାୟଣ ମହାପାତ୍ର ଗଣନା କରି କହିଛନ୍ତି ଯେ ୬ ମାସ ବ୍ୟବଧାନରେ ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପଡୁଥିବାରୁ ରାଜ୍ୟକୁ ଅଶୁଭ ବେଳା ରହିଛି ।

ଯେମିତି ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିପାରେ ଓଡ଼ିଶା । ଭାଦ୍ରବ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତଥା ଭାଗବତ ଜନ୍ମରେ ପଡୁଛି ପ୍ରଥମ ଚନ୍ଦ୍ର ଗ୍ରହଣ । ତେବେ ଭାଦ୍ରବ ପୂର୍ଣ୍ଣିମାରେ ହେବାକୁଥିବା ଚନ୍ଦ୍ର ଗ୍ରହଣ ହେଉଛି ରାହୁ ଗ୍ରସ୍ତ ଖନ୍ଦ ଗ୍ରାସ ଚନ୍ଦ୍ର ଗ୍ରହଣ । ତେବେ ଚନ୍ଦ୍ର ଗ୍ରହଣ ପୁରୀରେ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରୁ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ଅର୍ଥାତ ଦୀର୍ଘ ସାଢେ ତିନିଘଣ୍ଟା ଧରି ଏହା ଅନୁଷ୍ଠିତ ହେବ ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏକ ଅଳ୍ପ ସମୟ ମଧ୍ୟରେ ଦୁଇଟି ଚନ୍ଦ୍ରଗ୍ରହଣ ଘଟିବା ଏକ ଅସାଧାରଣ ଘଟଣା ଏବଂ ଏହା ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ । ଏହି ଗ୍ରହଣଗୁଡିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ପର୍ବପର୍ବାଣି ସହ ସମ୍ପୃକ୍ତ ହୋଇଥିବାରୁ ଏହାର ପ୍ରଭାବ ଆହୁରି ଗୁରୁତର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ କରିଛନ୍ତି ରାଜ୍ୟ ସରକାର । ପଞ୍ଚାୟତ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସମାନ ବାୟୋମେଟ୍ରିକ ବ୍ୟବସ୍ଥା କରିଛନ୍ତି ସରକାର । ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ, ଜିଲାପରିଷଦ କାର୍ଯ୍ୟାଳୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାୟୋମେଟ୍ରିକ୍ ଲାଗୁ ହେବ । ଖୁବ୍‌ଶୀଘ୍ର ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ସରକାର ଜାରି କରିଛନ୍ତି କଡ଼ା ନିର୍ଦ୍ଦେଶନାମା । ଏଣିକି ସମସ୍ତ ସରକାରୀ ଅଫିସରେ BSNL ନେଟ୍‌ଓ୍ୱାର୍କ ବାଧ୍ୟତାମୂଳକ । ସବୁ ସରକାରୀ ପ୍ରତିଷ୍ଠାନରେ BSNL ଇଣ୍ଟରନେଟ୍ ବ୍ୟବହାର ହେବ । BSNL ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍, ଲିଜ ଲାଇନ ସେବା ବ୍ୟବହାର ହେବ । ଏନେଇ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଚିଠି ହୋଇଛି ।

ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୩ ବର୍ଷରେ ପ୍ରାୟ ୪୫ ହଜାର ଶିକ୍ଷକ ପଦବୀ ପୂରଣ ହେବ । ଚୁକ୍ତିଭିତ୍ତିକ ନୁହେଁ, ରେଗୁଲାର ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଶିକ୍ଷା କ୍ଷେତ୍ରରେ ୨ଟି ବଡ଼ ଆହ୍ୱାନ ଦେଇ କହିଛନ୍ତି, ଡ୍ରପ୍ ଆଉଟ୍ ହ୍ରାସ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ । ତଥ୍ୟ ଅନୁସାରେ ୨୪% ଆଦିବାସୀ ପିଲା ଅଧାରୁ ପାଠ ଛାଡୁଛନ୍ତି । ତେଣୁ ଆମେ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଲାଗୁ କରିଛୁ । ଏହାଦ୍ୱାରା ୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି । ଫଳରେ ଡ୍ରପ୍ ଆଉଟ ଯଥେଷ୍ଟ ହ୍ରାସ ପାଇଥିବା ସୂଚନା ମିଳିଛି । ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକ ଓ ଭିତ୍ତିଭୂମି ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ନୂଆଦିଲ୍ଲୀଠାରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହି ଅବସରରେ ମହାମହିମ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ବିକାଶ ପରିଯୋଜନା, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଇତ୍ୟାଦି ବିଷୟରେ ଆଲୋଚନା ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହିପରି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ । ଏହି ଅବସରରେ ଓଡ଼ିଶା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଏବଂ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା ହୋଇଥିବା ସୂଚନା ।

ଦେଶର ୪୭% ମନ୍ତ୍ରୀ ସେମାନଙ୍କ ନାମରେ ଆପରାଧିକ ମାମଲା ରହିଥିବା ଘୋଷଣା କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ହତ୍ୟା, ଅପହରଣ, ମହିଳା ବିରୋଧୀ ଅପରାଧ ଭଳି ଗମ୍ଭୀର ମାମଲା ରହିଥିବା ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍)ର ବିଶ୍ଳେଷଣରୁ ଜଣାପଡ଼ିଛି । ଓଡ଼ିଶା ସମେତ ୧୧ଟି ରାଜ୍ୟ ବିଧାନସଭାର ୬୦%ରୁ ଊର୍ଦ୍ଧ୍ୱ ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ରହିଛି । ଜାତୀୟ ସ୍ତରର ହାରକୁ ଦେଖିଲେ ଓଡ଼ିଶାରେ ଅଧିକ ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି । ଅଧିକ ଆପରାଧିକ ମାମଲା ଥିବା ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ବିହାର, ମହାରାଷ୍ଟ୍ର, କର୍ନାଟକ, ପଞ୍ଜାବ, ତେଲଙ୍ଗାନା, ହିମାଚଳପ୍ରଦେଶ, ଦିଲ୍ଲୀ ଏବଂ ପଣ୍ଡିଚେରୀ । ଅନ୍ୟପକ୍ଷରେ ହରିୟାଣା, ଜମ୍ମୁ-କଶ୍ମୀର, ନାଗାଲାଣ୍ଡ ଏବଂ ଉତ୍ତରାଖଣ୍ଡର କୌଣସି ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ନ ଥିବା ରିପୋର୍ଟରୁ ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଗମ୍ଭୀର ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ଜେଲରେ ରହିଲେ ସେମାନେ ନିଜ ପଦରୁ ଇସ୍ତଫା ଦେବେ ନଚେତ୍ ସେମାନଙ୍କୁ ବହିଷ୍କାର କରାଯିବ । କେନ୍ଦ୍ର ସରକାର ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନରେ ଏନେଇ ୩ଟି ବିଲ୍ ଆଣିଥିବାବେଳେ ଏଡିଆର୍ ପକ୍ଷରୁ ଏଭଳି ରିପୋର୍ଟ ଗୁରୁତ୍ୱ ବହନ କରୁଛି । ୨୭ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳର ୬୪୩ ମନ୍ତ୍ରୀଙ୍କ ସମେତ

Listen to Odia Podcast Original at https://youtube.com/@drjyotiprasad

କେନ୍ଦ୍ର ମନ୍ତ୍ରୀମାନଙ୍କ ସତ୍ୟପାଠକୁ ଏଡିଆର୍ ଅନୁଧ୍ୟାନ କରିବା ପରେ ୩୦୨ ଜଣ ବା ମୋଟ ମନ୍ତ୍ରୀ ସଂଖ୍ୟାର ୪୭ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଥିଲା । ସେମାନଙ୍କ ମଧ୍ୟରୁ ୧୭୪ ଜଣଙ୍କ ନାମରେ ଗମ୍ଭୀର ଆପରାଧିକ ମାମଲା ରହିଛି ।

ଭାଜପାର ମୋଟ ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ଜଣ ବା ୪୦%ଙ୍କ ନାମରେ ଆପରାଧିକ ମାମଲା ଏବଂ ୮୮ ଜଣ (୨୬%)ଙ୍କ ନାଁରେ ଗମ୍ଭୀର ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି । ସେହିପରି ୪ ରାଜ୍ୟରେ କ୍ଷମତାରେ ଥିବା କଂଗ୍ରେସର ମୋଟ ୪୫ ମନ୍ତ୍ରୀ (୭୪%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୮ ଜଣ (୩୦%)ଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି । ଡିଏମ୍‌କେର ୩୧ ମନ୍ତ୍ରୀଙ୍କ ମଧ୍ୟରୁ ୨୭ ଜଣ (୮୭%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୪ ଜଣ (୪୫%)ଙ୍କ ନାଁରେ ଗମ୍ଭୀର ମାମଲା ରହିଛି । ଟିଏମ୍‌ସିର ୪୦ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ (୩୩%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୮ ଜଣ (୨୦%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି । ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ୨୩ ମନ୍ତ୍ରୀଙ୍କ ମଧ୍ୟରୁ ୨୨ ଜଣ (୯୬%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୩ ଜଣ (୫୭%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି । ଆପ୍‌ର ୧୬ ମନ୍ତ୍ରୀଙ୍କ ମଧ୍ୟରୁ ୧୧ (୬୯%)ଙ୍କ ନାଁରେ ଆପରାଧିକ ମାମଲା ଏବଂ ୫ ଜଣ (୩୧%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି । ଜାତୀୟ ସ୍ତରରେ ୭୨ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ ୨୯ ଜଣ (୪୦%)ଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି ।

ରିପୋର୍ଟ ଅନୁଯାୟୀ, ୬୪୩ ମନ୍ତ୍ରୀଙ୍କ ମୋଟ ସମ୍ପତ୍ତି ପରିମାଣ ୨୩,୯୨୯ କୋଟି ଟଙ୍କା ହୋଇଥିବାବେଳେ ହାରାହାରି ସମ୍ପତ୍ତି ୩୭.୨୧ କୋଟି ଟଙ୍କା । ୩୦ ବିଧାନସଭା ମଧ୍ୟରୁ ୧୧ଟିରେ ବିଲିୟନେୟାର (୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିବା) ମନ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିଛନ୍ତି । କର୍ନାଟକରେ ସର୍ବାଧିକ ୮ ବିଲିୟନେୟାର ମନ୍ତ୍ରୀ ଥିବାବେଳେ ଆନ୍ଧ୍ରପ୍ରଦେଶରେ ୬ ଏବଂ ମହାରାଷ୍ଟ୍ରରେ ୪ ଜଣ ବିଲିୟନେୟାର ମନ୍ତ୍ରୀ ରହିଛନ୍ତି । ଅରୁଣାଚଳପ୍ରଦେଶ, ଦିଲ୍ଲୀ, ହରିୟାଣା ଓ ତେଲଙ୍ଗାନାରେ ୨ ଜଣ ଲେଖାଏ, ଗୁଜରାଟ, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶ ଓ ପଞ୍ଜାବରେ ଜଣେ ଲେଖାଏ ବିଲିୟନେୟାର ମନ୍ତ୍ରୀ ହୋଇଥିବାବେଳେ କେନ୍ଦ୍ରରେ ୬ ଜଣ (୮%) ବିଲିୟନେୟାର ମନ୍ତ୍ରୀ ଅଛନ୍ତି । ଦଳ ଅନୁଯାୟୀ ଦେଖିଲେ ଭାଜପାରୁ ସର୍ବାଧିକ ୧୪ ଜଣ (୪%), କଂଗ୍ରେସରୁ ୧୧ଜଣ (୧୮%) ଏବଂ ଟିଡିପିରୁ ୬ ଜଣ (୨୬%) ମନ୍ତ୍ରୀ ବିଲିୟନେୟାର । କେନ୍ଦ୍ରରେ ମନ୍ତ୍ରୀ ଥିବା ଟିଡିପିର ଡ. ଚନ୍ଦ୍ରଶେଖର ପେମାସାନି ସବୁଠୁ ଧନୀ । ତାଙ୍କ ସମ୍ପତ୍ତି ପରିମାଣ ୫,୭୦୫ କୋଟି ଟଙ୍କା ବୋଲି ସେ ସତ୍ୟପାଠରେ ଦର୍ଶାଇଛନ୍ତି । ତାଙ୍କ ପଛକୁ ୧,୪୧୩ କୋଟି ଟଙ୍କାର ସମ୍ପତ୍ତି ସହ କର୍ନାଟକ କଂଗ୍ରେସ ନେତା ତଥା ମନ୍ତ୍ରୀ ଡି.କେ. ଶିବକୁମାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ୯୩୧ କୋଟି ଟଙ୍କାର ସମ୍ପତ୍ତି ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ତ୍ରିପୁରା ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟରୁ ମନ୍ତ୍ରୀ ଥିବା ଶୁକ୍ଲାଚରଣ ନୋଏଟିଆଙ୍କ ସମ୍ପତ୍ତି ମାତ୍ର ୨ ଲକ୍ଷ ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗ ମନ୍ତ୍ରୀ ବୀରବାହ ହାଁସଦାଙ୍କ ସମ୍ପତ୍ତି ୩ ଲକ୍ଷ ଟଙ୍କାରୁ ସାମାନ୍ୟ ଅଧିକ । ମନ୍ତ୍ରୀମାନେ ୨୦୨୦ରୁ ୨୦୨୫ ମଧ୍ୟରେ ଦାଖଲ କରିଥିବା ସତ୍ୟପାଠରୁ ଆପରାଧିକ ମାମଲାର ସ୍ଥିତି ରିପୋର୍ଟରେ ପ୍ରକାଶ ପାଇଥିବାବେଳେ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ହୋଇଥାଇପାରେ ବୋଲି ଏଡିଆର୍ କହିଛି ।

ମହାନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସି ମହିଳା ନିଖୋଜ ହେବାର ଘଟଣାରେ ରୋଚକ ମୋଡ଼ । ପୁରୀରୁ ମହିଳାଙ୍କୁ ପ୍ରେମିକଙ୍କ ସହ ଧରିଛି ବାଙ୍କି ପୋଲିସ । ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।

ସୂଚନାନୁଯାୟୀ, ସୋମବାର ଭୋର ୪ଟା ମହାନଦୀ କୂଳରେ  ବୋଇତ ବନ୍ଦାଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବା ସମୟରେ ଭାସି ଯାଇଥିଲେ ରତାଗଡ ଗୋବିନ୍ଦପୁର ପଞ୍ଚାୟତର ସୁରେଶ ସ୍ୱାଇଁଙ୍କ ପତ୍ନୀ ପିଙ୍କି ସ୍ୱାଇଁ । ଖବର ପାଇ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ, ବାଙ୍କୀ ପୋଲିସ ଓ ଗାଁ ଲୋକଙ୍କ ଉଦ୍ୟମରେ ୨ ଦିନ ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଅନ୍ୟପଟେ ପିଙ୍କିଙ୍କ ପତ୍ତା ମିଳୁ ନ ଥିବାରୁ ଶାଶୁଘର ସହ ବାପ ଘର କାନ୍ଦ ବୋବାଳିରେ ଫାଟି ପଡିଥିଲା । କିନ୍ତୁ ଏହି ଘଟଣା ପରେ ରୋଚକ ମୋଡ଼ ଦେଇଥିଲା । ଘଟଣାକୁ ନେଇ ବାଙ୍କୀ ପୋଲିସର ସନ୍ଦେହ ହୋଇଥଲା । ପରେ ପୋଲିସ ଷ୍ଟିଙ୍ଗ ଅପରେସନ କରି ପିଙ୍କିଙ୍କୁ ପୁରୀରୁ ଧରିବାରେ ସଫଳ ହୋଇଛି ।

ତେବେ ପିଙ୍କିଙ୍କ ଏଭଳି ନାଟକ ପଛରେ ଏକ ଉଦ୍ଦେଶ୍ୟ ଲୁଚି ରହିଥିଲା । ସେ ପୁରୀ ଅଞ୍ଚଳର ଜଣେ ଯୁବକଙ୍କୁ ଆଜକୁ ପ୍ରାୟ ୪ ବର୍ଷ ଧରି ପ୍ରେମ କରୁଥିଲେ । ଏବେ ସେ ତାଙ୍କ ସହ ଜୀବନ ବିତାଇବାକୁ ନିଷ୍ପତ୍ତି ମଧ୍ୟ ନେଇଥିଲେ । ହେଲେ ପିଙ୍କିଙ୍କ ବିବାହରୁ ଦୁଇଟି ପିଲା ୧୨ ବର୍ଷର ଗୋଟେ ପୁଅ ଓ ୯ ବର୍ଷର ଏକ ଝିଅ ଅଛନ୍ତି । ସେ ଦୁଇ ପିଲା, ସ୍ୱାମୀ, ଘର ସଂସାର ଛାଡ଼ି ପୁରୀରେ ତାଙ୍କ ପ୍ରେମିକଙ୍କ ସହ ଥିବା ଖବର ପାଇଥିଲେ । ବାଙ୍କୀ ଥାନା ଏସ୍‌ଡିପିଓ ବାଳକୃଷ୍ଣ କହଁର ଓ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ । ବୁଧବାର ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହଳି ଓ ଜଣେ ମହିଳା ଏଏସଆଇ ପୁରୀ ଟାଉନ ଥାନାରୁ ତାଙ୍କୁ ଉଦ୍ଧାର କରି ଆଣିବା ପରେ ବୟାନ ରେକର୍ଡ କରାଯାଇଥିଲା । ପରେ ପିଙ୍କିଙ୍କୁ ତାଙ୍କ ସାମୀ ସୁରେଶ ଚନ୍ଦ୍ର ସାଇଁଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଏକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଗଣିତ ଆସିଲାନି ବୋଲି ଜଣେ ଶିକ୍ଷୟିତ୍ରୀ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି ।

ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀଙ୍କ ଆଖିରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏନେଇ ପରିବାର ଲୋକେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ସୋମବାର ଅପରାହ୍ଣରେ ଗଞ୍ଜାମ ଜିଲା ଗୋପାଳପୁର ଥାନା ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି । ଗୋପାଳପୁର ଥାନାକୁ ଅଭିଯୋଗ ପାଇଁ ଆସି ନାବାଳିକା ଜଣଙ୍କ ପର୍ସରେ ଆଣିଥିବା ଏକ କାଚ ସିଶାରୁ ଔଷଧ କାଢି ଖାଇ ଦେଇଥିଲେ । ଫଳରେ ବାନ୍ତି କରି ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ପୋଲିସ ନାବାଳିକାକୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ଚାଲିଥିବା ଜଣାପଡିଛି ।

ଖବର ଅନୁସାରେ, ଯୋଗିଆପୁଲ୍ଲୀ ଗ୍ରାମର କେଦାର ଦାସ ତାଙ୍କର ନାବାଳିକା ବନ୍ଧୁ ସହିତ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଆସିଥିଲେ । କିଛି ସମୟ ପରେ କଥା ହେବା ପରେ ସେଠାରେ ୭୦୦ ଟଙ୍କା ଦେଇ ଲଜ୍ ରୁମ୍ ବୁକ୍ କରିଥିଲେ । କୌଣସି ଘଟଣାକୁ ନେଇ ଦୁହିଁଙ୍କ ଭିତରେ ଝଗଡା ହୋଇଥିଲା । ଯାହା ଫଳରେ ରୁମ୍ ମାଲିକ ଉଭୟଙ୍କୁ ରୁମ୍‌ରୁ ବାହାରିଯିବାକୁ କହିଥିଲେ । ଉଭୟ ଗୋପାଳପୁର ଥାନାକୁ ଯାଇଥିଲେ ଘଟଣା ସମ୍ପର୍କ କହିଥିଲେ ପୋଲିସ ନାବାଳିକା ବାପା ଓ ମାଙ୍କୁ ଫୋନ କରି ଡାକିଥିଲେ । ପରିବାର ଲୋକ ଆସିବା ପରେ ନାବାଳିକା ଜଣଙ୍କ ପର୍ସରେ ଆଣିଥିବା ଏକ ସିସାରେ ମେଡ଼ିସିନକୁ ଖାଇ ଦେଇଥିଲେ । ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଅନ୍ୟ ପଟେ ପୋଲିସ କେଦାରକୁ ଥାନାରେ ଅଟକ ରଖି ପଚାରଉଚରା ଜାରି ରଖିଛି । ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି । ଘଟଣା ସମ୍ପର୍କରେ ବ୍ରହ୍ମପୁର ଏସପି କୁ ଡା. ସର୍ବଣା ବିବେକ ଏମ କୁ ଯୋଗାଯୋଗ କରିବାରୁ କୋଣସି ମାମଲା ରୁଜୁ ହୋଇନାହିଁ । ନାବାଳିକା ଅବସ୍ଥା ଠିକ୍ ରହିଛି ତଦନ୍ତ ଚାଲିଛି ବୋଲି ସୂଚନା ଦେଇଥିଲେ ।

ଆଜି ଅର୍ଥାତ୍ ରବିବାର ସ୍ୱାୟତ୍ତ ଶାସନ ଦିବସ । ଏହି ଅବସରରେ ଆଉ ୭ ନୂଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ନୂଆ ମ୍ୟୁନିସିପାଲିଟି ମଧ୍ୟରେ ମୟୂରଭଞ୍ଜର କରଞ୍ଜିଆ, ବୌଦ୍ଧ, ଗଞ୍ଜାମର ଭଞ୍ଜନଗର, ଆସିକା, ଛତ୍ରପୁର, କବିସୂର୍ଯ୍ୟନଗର ଏବଂ ପୋଲସରା ନାଁ ରହିଛି ।

ରାଜ୍ୟରେ ଆଉ ୧୬ ନୂଆ NAC ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ନୂଆ ଏନ୍‌ଏସିଗୁଡ଼ିକ ମଧ୍ୟରେ ବଲାଙ୍ଗୀରର ଲୋଇସିଂହା, ସୋହେଲା, କଟକର ବଡ଼ମ୍ବା, ନରସିଂହପୁର, ସାଲେପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ଚଣ୍ଡିଖୋଲ, ନର୍ଲା, ଜୟପାଟଣା, ଟାଙ୍ଗୀ, ବୋରିଗୁମ୍ମା, କପ୍ତିପଦା, ଯଶୀପୁର, ରାସଗୋବିନ୍ଦପୁର ରହିଛି ।

ସେହିପରି ଆଜି ମୁଖ୍ୟମନ୍ତ୍ରୀ ଆଉ ୭ ନୂଆ ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି । ଏହି ନୂଆ ମ୍ୟୁନିସିପାଲିଟି ମଧ୍ୟରେ ମୟୂରଭଞ୍ଜର କରଞ୍ଜିଆ, ବୌଦ୍ଧ, ଗଞ୍ଜାମର ଭଞ୍ଜନଗର, ଆସିକା, ଛତ୍ରପୁର, କବିସୂର୍ଯ୍ୟନଗର ଏବଂ ପୋଲସରା ନାଁ ରହିଛି ।

ଓଡ଼ିଶାରେ ବର୍ତ୍ତମାନ ୧୭୨ଟି ନଗର ସ୍ଥାନୀୟ ସଂସ୍ଥା (ULB) ରହିଛି, ଯେଉଁଥିରେ ୬ଟି ମହାନଗର ପାଳିକା, ୫୪ଟି ନଗର ପାଳିକା ଏବଂ ୭୨ଟି NAC ଅନ୍ତର୍ଭୁକ୍ତ । ୨୦୨୪ ଓ ବିଧାନସଭା ନିର୍ବାଚନ ପୂର୍ବରୁ ସମୟରେ ରାଜ୍ୟ ସରକାର ୫୬ଟି ନୂଆ NAC ଘୋଷଣା କରିଥିଲେ ଏବଂ ୬ଟି NACକୁ ନଗର ପାଳିକାରେ ପରିଣତ କରିଥିଲେ । ଏବେ ନୂଆ NAC  ଘୋଷଣା ସହରୀ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଏବଂ ସାମାଜିକ-ଆର୍ଥିକ ଉନ୍ନୟନର ଆବଶ୍ୟକତାକୁ ଦୃଷ୍ଟିରେ ରଖି କରାଯାଉଛି ।

ଓଡ଼ିଶା ଇଲେକ୍ଟ୍ରିକ୍ ବସ୍ (ଇ-ବସ୍) ଚଳାଚଳରେ ଦେଶରେ ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି । ରାଜ୍ୟରେ ଏବେ ୪୫୦ଟି ଇ-ବସ୍ ଚଳାଚଳ କରୁଥିବାବେଳେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା କରାଯାଇଛି । ସହରଗୁଡିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ଯାତ୍ରୀ ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗର ସୂଚନାନୁସାରେ, ଦେଶରେ ଏବେ ୧୪୩୨୯ଟି ଇ-ବସ୍ ଚଳାଚଳ କରୁଛି । ଦିଲ୍ଲୀରେ ସର୍ବାଧିକ ୩୫୬୪ ଇ-ବସ୍ ଚଳାଚଳ କରୁଥିବାବେଳେ ମହାରାଷ୍ଟ୍ରରେ ୩୨୯୬, କର୍ନାଟକରେ ୨୨୩୬ ଏବଂ ଉତ୍ତର ପ୍ରଦେଶରେ ୮୫୦ଟି ଇ-ବସ୍ ଚାଲୁଛି । ତେବେ ଓଡ଼ିଶା ସହରାଞ୍ଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇ ପଡ଼ୋଶୀ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬)କୁ ଏ କ୍ଷେତ୍ରରେ ପଛରେ ପକାଇଛି । କେନ୍ଦ୍ର ସରକାର ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଓଡ଼ିଶାରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି ଏବଂ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଓ ଅନୁଗୋଳକୁ ଆମ ବସ୍ ସେବା ସମ୍ପ୍ରସାରଣ ପାଇଁ ପ୍ରସ୍ତୁତି ଚଳାଇଛି । ଆମ ବସ୍ ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଉଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି । ଏବେ ଓଡ଼ିଶାରେ ଇ-ବସ୍ ମୁଖ୍ୟତଃ ଭୁବନେଶ୍ୱର, କଟକ ଏବଂ ପୁରୀର ଯାତ୍ରୀମାନଙ୍କୁ ସେବା ପ୍ରଦାନ କରୁଥିବା ସୂଚନା ଦିଆଯାଇଛି ।

ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରବଚନ ଦେଉଥିବା ଜଣେ ଭଣ୍ଡ ପ୍ରବଚକ ଇତିମଧ୍ୟରେ ଗିରଫ ହୋଇଛନ୍ତି । ଭରତପୁର ଥାନା ଖଣ୍ଡଗିରି ବାରି ଲୁଟ୍ ଘଟଣାରେ ଏହି ପ୍ରବଚକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣକ ଗିରଫ ହୋଇଛନ୍ତି । ତାଙ୍କଠାରୁ ୨ ଶହ ଗ୍ରାମ ସୁନା, ୧ ଲକ୍ଷ କ୍ୟାଶ, ବାଇକ୍, ଲୁହା ରଡ୍ ଜବତ ହୋଇଛି । ବ୍ୟକ୍ତି ଜଣକ କଟକର । ସେ ଏକ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରବଚନ ଦେଉଥିଲେ । ଚୋରି କରିବା ଅପରାଧ, ଏହାକୁ କିପରି ରୋକା ଯାଇ ପାରିବ ସେସମ୍ପର୍କରେ ଲୋକମାନଙ୍କୁ ପ୍ରବଚନ ଦେଉଥିଲେ । ମାତ୍ର ନିଜେ ଚୋରି କରି ବନ୍ଧା ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଦେଶ ବିଦେଶରେ ସଂଘଟିତ କିଛି ଘଟଣାବଳୀ ଉପରେ ଦୃଷ୍ଟିପାତ କରିବା ।

ଏନଡିଏ ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ମଙ୍ଗଳବାର ଭାରତର ୧୪ତମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ସେ ଇଣ୍ଡିଆ ବ୍ଲକ ପ୍ରାର୍ଥୀ ତଥା ପୂର୍ବତନ ସୁପ୍ରିମ କୋର୍ଟ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟରେ ହରାଇଛନ୍ତି । ମୋଟ ୭୬୭ ଭୋଟରୁ ରାଧାକ୍ରିଷ୍ଣନ ୪୫୨ ଭୋଟ ପାଇଥିବା ବେଳେ ରେଡ୍ଡୀ ୩୦୦ ଭୋଟ ପାଇଛନ୍ତି, ଯାହା ବିପକ୍ଷର କିଛି ସାଂସଦଙ୍କ କ୍ରସ-ଭୋଟିଂ ଯୋଗୁଁ ଏକତାରେ ଫାଟ ଦେଖାଇଛି ।

କଂଗ୍ରେସ ନେତା ଜୟରାମ ରମେଶ ଦାବି କରିଥିଲେ ଯେ ରେଡ୍ଡୀ ୩୧୫ ଭୋଟ ପାଇବେ, କିନ୍ତୁ ସେ ୧୫ କମ ଭୋଟ ପାଇଛନ୍ତି । ପରାଜୟ ପରେ ରେଡ୍ଡୀ ଫଳାଫଳକୁ "ନମ୍ରତାର ସହ ଗ୍ରହଣ" କରି ରାଧାକ୍ରିଷ୍ଣନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, "ଏହି ଫଳାଫଳ ମୋ ପାଇଁ ନହେଲେ ମଧ୍ୟ, ଆମେ ଯେଉଁ ଆଦର୍ଶଗତ ଲଢ଼େଇ ଜାରି ରଖିଛୁ, ତାହା ଅଧିକ ଜୋରଦାର ହେବ ।" ସେ ବିପକ୍ଷ ଦଳଗୁଡ଼ିକୁ ତାଙ୍କୁ ପ୍ରାର୍ଥୀ କରିଥିବା ପାଇଁ କୃତଜ୍ଞତା ଜଣାଇଛନ୍ତି ।

ରିଟର୍ଣ୍ଣିଂ ଅଫିସର ପିସି ମୋଦି ଘୋଷଣା କରିଛନ୍ତି ଯେ ୭୮୮ ଜଣ ଯୋଗ୍ୟ ସାଂସଦଙ୍କ ମଧ୍ୟରୁ ୭୬୭ ଜଣ ମତଦାନ କରିଛନ୍ତି, ଯାହା ୯୮.୨% ମତଦାନ ଦରକୁ ସୂଚାଇଛି । ୭୫୨ ଭୋଟ ବୈଧ ଥିବା ବେଳେ ୧୫ଟି ଅବୈଧ ଥିଲା । ବିଜୁ ଜନତା ଦଳର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୭ ଜଣ, ଭାରତ ରାଷ୍ଟ୍ର ସମିତିର ୪ ଜଣ, ଶିରୋମଣି ଅକାଳୀ ଦଳର ୧ ଜଣ ଓ ଜଣେ ସ୍ୱାଧୀନ ସାଂସଦ ଭୋଟ ଦେଇ ନଥିଲେ ।

ଏହି ନିର୍ବାଚନ ଜଗଦୀପ ଧାନଖଡ଼ଙ୍କ ଜୁଲାଇ ୨୧ରେ ସ୍ୱାସ୍ଥ୍ୟ କାରଣରୁ ଇସ୍ତଫା ଦେବାର ୫୦ ଦିନ ପରେ ହୋଇଛି ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଚାର୍ଲି କିର୍କଙ୍କୁ ଗୁରୁବାର ଗୁଳି କରି ହତ୍ୟା କରାଯାଇଛି । ସେ ଉଟା ଭ୍ୟାଲି ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆସିଥିଲେ । ରାଷ୍ଟ୍ରପତି ଟ୍ରମ୍ପ ଚାର୍ଲି କିର୍କଙ୍କ ହତ୍ୟା ନେଇ ଦୁଃଖ ପ୍ରକାଶ କରିଛନ୍ତି । ଟ୍ରମ୍ପ ନିଜେ ଏକ ସୋସିଆଲ ମିଡିଆ ପୋଷ୍ଟ ଶେୟାର କରି ଏହି ଘଟଣା ବିଷୟରେ ସୂଚନା ଦେଇଛନ୍ତି । ଟ୍ରମ୍ପ ଆମେରିକାରେ ଜାତୀୟ ଶୋକ ଘୋଷଣା କରିଛନ୍ତି ।

କିର୍କ ଉଟା ଭ୍ୟାଲି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଡିବେଟ୍‌ରେ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ସେ ଏକ ଟେଣ୍ଟ ତଳେ ମାଇକ୍ ଧରି ଭାଷଣ ଦେଉଥିଲେ, ସେତେବେଳେ ହଠାତ୍ ଜଣେ ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ଗୁଳି କିର୍କଙ୍କ ବେକରେ ବାଜିଲା । ଗୁଳି ବାଜିବା ମାତ୍ରେ କିର୍କ ତଳେ ପଡ଼ି ଯାଇଥିଲେ । ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା । ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ଏଠାରେ ଡାକ୍ତରମାନେ କିର୍କଙ୍କୁ ମୃତ ଘୋଷଣା କରିଥିଲେ ।

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, 'ମହାନ ଚାର୍ଲି କିର୍କ ଆଉ ଏହି ଦୁନିଆରେ ନାହାନ୍ତି । ଆମେରିକୀୟ ଯୁବକମାନଙ୍କୁ ତାଙ୍କଠାରୁ ଭଲ କେହି ବୁଝି ନଥିଲେ । ସମସ୍ତେ ତାଙ୍କୁ ଭଲ ପାଆନ୍ତି, ସମ୍ମାନ କରନ୍ତି । ମେଲାନିଆ ଏବଂ ମୁଁ ତାଙ୍କ ସ୍ତ୍ରୀ ଏରିକା ଏବଂ ତାଙ୍କ ପରିବାରକୁ ସମବେଦନା ଜଣାଉଛୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟ୍ରମ୍ପ ଅନ୍ୟ ଏକ ପୋଷ୍ଟରେ ଲେଖିଛନ୍ତି, 'ଚାର୍ଲି କିର୍କ ଜଣେ ପ୍ରକୃତ ମହାନ ଆମେରିକୀୟ ଦେଶଭକ୍ତ ଥିଲେ । ତାଙ୍କ ସମ୍ମାନାର୍ଥେ, ମୁଁ ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆମେରିକାର ସମସ୍ତ ଆମେରିକୀୟ ପତାକା ଅର୍ଦ୍ଧ-ନମିତ ଉଡ଼ାଇବାକୁ ନିର୍ଦ୍ଦେଶ ଦେଉଛି ।

ନେପାଳ ବର୍ତ୍ତମାନ ଏକ ବଡ଼ ରାଜନୈତିକ ଏବଂ ସାମାଜିକ ଅସ୍ଥିରତା ଦେଇ ଗତି କରୁଛି । ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଏବଂ ବଢୁଥିବା ଦୁର୍ନୀତି ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଏବେ ହିଂସାତ୍ମକ ମୋଡ଼ ନେଇଛି । ପରିସ୍ଥିତି ଏତେ ଖରାପ ହୋଇଛି, ମଙ୍ଗଳବାର ରାତିରୁ ସମଗ୍ର ଦେଶର କମାଣ୍ଡ ନେପାଳୀ ସେନା ନେଇଛି ।

ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେବା ପରେ ଦେଶ ଛାଡି ଦୁବାଇ ପଳାଇ ଯାଇଛନ୍ତି । ଜଣେ ନେପାଳୀ ଏୟାର ହୋଷ୍ଟେସ ବିମାନବନ୍ଦରରୁ ଏକ ଭିଡିଓ ଶେୟାର କରିଛନ୍ତି । ଏଥିରେ ଦାବି କରାଯାଇଛି ଯେ, ଓଲି କାଠମାଣ୍ଡୁରୁ ଦୁବାଇ ଚାଲିଯାଇଛନ୍ତି । ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏବଂ ପ୍ରତିବାଦକାରୀଙ୍କ କ୍ରୋଧକୁ ଆହୁରି ବୃଦ୍ଧି କରୁଛି ।

କୁହାଯାଉଛି ଯେ ଓଲି ଦେଶ ଛାଡିବା ପାଇଁ ସେନାଠାରୁ ସାହାଯ୍ୟ ମାଗିଥିଲେ । ସେ ଚିକିତ୍ସା ବାହାନାରେ ଦୁବାଇ ଯାଇଛନ୍ତି । ହିମାଳୟ ଏୟାରଲାଇନ୍‌ସର ଏକ ଜେଟ ମଧ୍ୟ ତାଙ୍କ ପାଇଁ ପ୍ରସ୍ତୁତ ରଖାଯାଇଥିଲା । ଏହି ସମୟରେ, ଲଳିତପୁରର ଭୈସେପତି ଅଞ୍ଚଳରେ ହେଲିକପ୍ଟର ଉଡୁଥିବା ଦେଖାଯିବା ପରେ ଏହି କଳ୍ପନାଜଳ୍ପନା ଅଧିକ ଜୋର ଧରିଛି ।

ସୂଚନାଯୋଗ୍ୟ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନେପାଳ ସରକାର ନିଷେଧାଦେଶ ଲଗାଇବା ପରେ ଦେଶରେ ବିଦ୍ରୋହର ନିଆଁ ଜଳିଛି । ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋମବାର ଅନେକ ହଜାର ଯୁବ ଛାତ୍ର ବିକ୍ଷୋଭରେ ସାମିଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା ପରେ ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବାରୁ ୨ ଦିନରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ କେତେଜଣ ସ୍କୁଲ ପିଲା ରହିଛନ୍ତି । ଏପରିକି ସୁରକ୍ଷା ଯବାନମାନେ ହସ୍ପିଟାଲରେ ପ୍ରବେଶ କରି ଚିକିତ୍ସିତ ହେଉଥିବା ଆହତମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ । ଦୁର୍ନୀତି ବିରୋଧରେ କହିବାରୁ ମହିଳା ଓ ଝିଅମାନଙ୍କୁ ସେମାନଙ୍କ ଘରେ ବଳାତ୍କାର କରାଯାଇଥିଲା । ଏହି ଘଟଣା ଆନ୍ଦୋଳନକାରୀଙ୍କୁ ଆହୁରି କ୍ରୋଧିତ କରିଥିଲା । ସ୍ଥିତି ସୁଧାରିବାକୁ ଯାଇ ସରକାର ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇ ସୋମବାର ବିଳମ୍ବିତ ରାତିରେ ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ କ୍ରୋଧ ପ୍ରଶମିତ ହୋଇନାହିଁ । ମଙ୍ଗଳବାର ଆନ୍ଦୋଳନ ଆହୁରି ବ୍ୟାପକ ହେବା ସହ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ପାର୍ଲାମେଣ୍ଟ ଭବନ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି । ଏପରିକି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ମଧ୍ୟ ଜାଳି ଦେଇଛନ୍ତି । ଦେଶରେ ରାଜନୈତିକ ଅଚଳାବସ୍ଥା ଦେଖାଦେଇଥିବାବେଳେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଇଛନ୍ତି । ବ୍ୟାପକ ଆନ୍ଦୋଳନ ନେପାଳକୁ ଦୋହଲାଇ ଦେଇଛି । ରାଜନୈତିକ ନେତୃତ୍ୱର ଅନୁପସ୍ଥିତିରେ ନେପାଳୀ ସେନା ଦେଶର ସୁରକ୍ଷା ସ୍ଥିତି ନିଜ ହାତକୁ ନେଇଥିବା ଏକ ବିବୃତିରେ କହିଛି । ଆନ୍ଦୋଳନକାରୀ ଆଲୋଚନା ଜରିଆରେ ସଙ୍କଟର ସମାଧାନ ପାଇଁ ନେପାଳୀ ସେନା ଏବଂ ଅନ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ମଙ୍ଗଳବାର ମିଳିତ ଭାବେ ନିବେଦନ କରିଛନ୍ତି । ରାଜନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଖୋଜିବା ପାଇଁ ସେମାନେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ନେପାଳରେ ହିଂସାତ୍ମକ ସରକାର ବିରୋଧୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିବାଦର ଗୋଟିଏ ଦିନ ପରେ, ବୁଧବାର (ସେପ୍ଟେମ୍ବର ୧୦, ୨୦୨୫) ସକାଳୁ, କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ସହରରେ ନିଷେଧ ନିର୍ଦ୍ଦେଶ ଲାଗୁ କରିବା ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ସେନା କର୍ମୀମାନଙ୍କୁ ମୁତୟନ କରାଯାଇଥିଲା । ଏହି ପ୍ରଦର୍ଶନ ଯୋଗୁ କେପି ଶର୍ମା ଓଲିଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡିଲା । ମଙ୍ଗଳବାର ରାତି ୧୦ଟାରେ, ସମଗ୍ର ଦେଶର ସୁରକ୍ଷା କାର୍ଯ୍ୟର ନେତୃତ୍ୱ ନେଉଥିବା ନେପାଳୀ ସେନା କାଠମାଣ୍ଡୁ, ଲଳିତପୁର ଏବଂ ଭକ୍ତପୁର ସହର ସମେତ ଦେଶର ଅନେକ ଅଞ୍ଚଳରେ କଟକଣା ଜାରି କରିଥିଲା, ଯାହା ଦ୍ୱାରା ଓଲି କାର୍ଯ୍ୟାଳୟ ଛାଡିବାର କିଛି ଘଣ୍ଟା ପରେ ମଧ୍ୟ ଜାରି ରହିଥିବା ଉତ୍ତେଜନାକୁ ନିୟନ୍ତ୍ରଣ କରାଯାଇପାରିବ ।

ନେପାଳରେ ଚାଲିଥିବା ପ୍ରତିବାଦ ମଧ୍ୟରେ, ସୁଭାଷ ନାମକ ଜଣେ ଯୁବ ପ୍ରଦର୍ଶନକାରୀ ANIକୁ ଏକ ସାକ୍ଷାତକାରରେ Gen-Z ସମ୍ପର୍କରେ ଏକ ବୟାନ ଦେଇଥିଲେ । ସେ କହିଥିଲେ ଯେ Gen-Z ଦୁର୍ନୀତିରୁ ମୁକ୍ତି ଚାହାଁନ୍ତି । ଆମେ ପରିବର୍ତ୍ତନ ଚାହୁଁଛୁ, ସେଥିପାଇଁ ଆମେ ପ୍ରତିବାଦ କରୁଛୁ । ଆମେ ତାଙ୍କୁ (ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି)ଙ୍କୁ ପିଟିବାକୁ ଚାହୁଁଥିଲୁ, କିନ୍ତୁ ସେ କୌଣସି ସ୍ଥାନକୁ ଚାଲିଯାଇଛନ୍ତି । ସେ ଦେଶ ଛାଡି ପଳାଇ ଯାଇଛନ୍ତି । ଆମେ ସମସ୍ତ ରାଜନେତାଙ୍କୁ ଧରିଛୁ । ଆମେ ଶେର ବାହାଦୁର ଦେଉବା ଏବଂ ତାଙ୍କ ପତ୍ନୀ ଆରଜୁ ଦେଉବାଙ୍କ ଘର ପୋଡ଼ି ଦେଇଛୁ ।

ନେପାଳର ସଂସଦ ଭବନ, ରାଷ୍ଟ୍ରପତିଙ୍କ ବାସଭବନ, ସୁପ୍ରିମକୋର୍ଟ, ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ନିଆଁରେ ଜଳୁଛି । ନେପାଳର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, କ୍ୟାବିନେଟ ମନ୍ତ୍ରୀମାନେ ଇସ୍ତଫା ଦେଇଛନ୍ତି । ସେଠାକାର ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି । ଏହି ସମୟରେ, ନେପାଳର ନବଲପାରାସିର ଜିଲା ଜେଲରୁ ୫୦୦ରୁ ଅଧିକ କଏଦୀ ଖସି ପଳାଇଛନ୍ତି । ସେମାନେ ଜେଲ ଭିତରେ ନିଆଁ ଲଗାଇ ଦେଇଥିଲେ । ସେମାନେ ମୁକ୍ତି ଦାବି କରି ସ୍ଲୋଗାନ ଦେଇଥିଲେ । କଠୋରତା ସତ୍ତ୍ୱେ, ଅଧିକାଂଶ କଏଦୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖସି ପଳାଇବାରେ ସଫଳ ହୋଇଥିଲେ । ବର୍ତ୍ତମାନ ଜେଲ ଭିତରେ, ପରିସ୍ଥିତି ନିୟନ୍ତ୍ରଣ ପାଇଁ ସେନା, ପୋଲିସ ଏବଂ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ଗୋଟିଏ ଦିନ ପୂର୍ବରୁ, ନେପାଳର ବିଭିନ୍ନ ଜେଲରୁ ୧୪୩୨ କଏଦୀ ପଳାଇ ଆସିଥିଲେ । ନେପାଳର ମହୋତ୍ତାରିର ଜଳେଶ୍ୱରର କାନ୍ଥ ଭାଙ୍ଗି ୫୭୨ କଏଦୀ ଖସି ପଳାଇଥିଲେ । ଏହା ବ୍ୟତୀତ ତୁଳସୀପୁର ଜେଲରୁ ୧୨୪ କଏଦୀ ଜେଲ ଭାଙ୍ଗି ପଳାଇ ଯାଇଥିଲେ । ସେହି ସମୟରେ, କଲୌଲି ଜେଲର ସମସ୍ତ ୬୫୦ କଏଦୀ ମଧ୍ୟ ଖସି ପଳାଇଥିଲେ ।

ନେପାଳର ଚିତୱାନ ଜିଲାରେ ବିକ୍ଷୋଭକାରୀମାନେ ହଙ୍ଗାମା କରିଥିଲେ । ସେମାନେ ସୁପ୍ରିମକୋର୍ଟରେ ନିଆଁ ଲଗାଇ ଦେଇଛନ୍ତି । ସରକାରୀ ଓକିଲଙ୍କ କାର୍ଯ୍ୟାଳୟ ମଧ୍ୟ ପୋଡ଼ି ଦିଆଯାଇଛି, ଯାହା ଯୋଗୁ ଅନେକ କାଗଜପତ୍ର ପୋଡ଼ି ଯାଇଛି । ସୁପ୍ରିମକୋର୍ଟରେ ଅଗ୍ନିକାଣ୍ଡ ଯୋଗୁ ସୁପ୍ରିମକୋର୍ଟ ପରିସରରେ ପାର୍କିଂ ହୋଇଥିବା ଯାନବାହାନଗୁଡ଼ିକରେ ନିଆଁ ଲାଗିଯାଇଛି । ଆଇଟି କାର୍ଯ୍ୟାଳୟ ମଧ୍ୟ ଜଳିଯାଇଛି । ନେପାଳର ମୁଖ୍ୟ ବିଚାରପତି ଏବଂ ମୁଖ୍ୟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଜଳିଯାଇଛି । ୨୫୦୦୦ ମାମଲାର ଫାଇଲ ପାଉଁଶ ହୋଇଯାଇଛି । ନେପାଳୀ ସୁପ୍ରିମକୋର୍ଟର ୱେବସାଇଟ କାମ କରିବା ବନ୍ଦ କରିଦେଇଛି । ବିଚାରପତିମାନଙ୍କ ଦ୍ୱାରା ପ୍ରସ୍ତୁତ ନିଷ୍ପତ୍ତିର ରେକର୍ଡ ଏବଂ କମ୍ପ୍ୟୁଟର ସବୁ ନଷ୍ଟ ହୋଇଯାଇଛି । ପୋଡ଼ାଜଳା ଯୋଗୁ ୨୫ ହଜାରରୁ ଅଧିକ ଡକ୍ୟୁମେଣ୍ଟ ପୋଡ଼ି ଯାଇଛି ।

ନେପାଳର ଯୁବ ପିଢ଼ି ଜେନ୍ ଜି'ର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କୀଙ୍କୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ନେତୃତ୍ୱ ପାଇଁ ପସନ୍ଦ କରିଛନ୍ତି । ବୁଧବାର ଏକ ଭର୍ଚ୍ଚୁଆଲ ବୈଠକରେ ୫,୦୦୦ରୁ ଅଧିକ ଲୋକ ଯୋଗ ଦେଇ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଉପରେ ଆଲୋଚନା କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ବୈଠକରେ ଯୁବମାନେ ରାଜନୈତିକ ସଙ୍କଟରେ ନେପାଳର ମଧ୍ୟବର୍ତ୍ତୀ ନେତୃତ୍ୱ ପାଇଁ କାର୍କୀଙ୍କୁ ଆଦର୍ଶ ବ୍ୟକ୍ତି ଭାବେ ଚିହ୍ନିଛନ୍ତି, ଯାହା ଦେଶରେ ନୂତନ ରାଜନୈତିକ ପରିବର୍ତ୍ତନର ସୂଚନା ଦେଉଛି ।

ନେପାଳରେ ସରକାରୀ ଦୁର୍ନୀତି ବିରୋଧରେ Gen Zର ପ୍ରତିବାଦ ଯୋଗୁ ହିଂସା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଛି । ଏପରି ପରିସ୍ଥିତିରେ, ନେପାଳ ଯାଇଥିବା ପର୍ଯ୍ୟଟକ ଏବଂ ସେଠାରେ ରହୁଥିବା ଭାରତୀୟ ନାଗରିକମାନେ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲାର ପାଣିଟାଙ୍କିରେ ଭାରତ-ନେପାଳ ସୀମା ପାର କରି ଭାରତ ଫେରି ଆସିଥିଲେ । ଭାରତ ଆସିବା ପରେ ନାଗରିକମାନେ କହିଥିଲେ ଯେ ଏବେ ଆମେ ଆଶ୍ୱସ୍ତ । ଜୀବନ ଫେରିଆସିଲା ପରି ଲାଗୁଛି ।

ନେପାଳରୁ ଫେରିଥିବା ଆସାମ ବାସିନ୍ଦା କୋହିଲା କହିଛନ୍ତି ଯେ ସେଠାରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଛି । ଧର୍ମଘଟ ୧୦-୧୫ ଦିନ ପର୍ଯ୍ୟନ୍ତ ଜାରି ରହିବ। ଭାରତ ଫେରିବା ପରେ ଭଲ ଲାଗୁଛି । ଜୀବନ ଫେରି ଆସିଛି । ବୁଧବାର ଭାରତ-ନେପାଳ ସୀମାରେ ହାଇ ଆଲର୍ଟ ଜାରି କରାଯାଇଥିଲା । ସେହି ସମୟରେ, କାଠମାଣ୍ଡୁ ଦୂତାବାସ ମଧ୍ୟ ଭାରତୀୟମାନଙ୍କୁ ସତର୍କ ରହିବା ଏବଂ ଘରୁ ନ ବାହାରିବାକୁ ଅପିଲ କରିଛି ।

ନେପାଳର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (MEA) ଭାରତୀୟ ନାଗରିକଙ୍କ ପାଇଁ ଯାତ୍ରା ପରାମର୍ଶ ଜାରି କରିଛି । ସେହି ସମୟରେ, ନେପାଳରେ ଚାଲିଥିବା ନିଯୁକ୍ତି ସଙ୍କଟ, ଯେଉଁଠାରେ ପ୍ରତିଦିନ ପ୍ରାୟ ୫,୦୦୦ ଯୁବକ ବିଦେଶକୁ କାମ ଖୋଜିବାକୁ ଦେଶ ଛାଡି ଯାଉଛନ୍ତି । ଏହା ଅଶାନ୍ତିକୁ ଆହୁରି ବୃଦ୍ଧି କରିଛି ।

ନେପାଳରେ ବିଦ୍ରୋହକାରୀଙ୍କ ଆତଙ୍କ ବଢ଼ିବାରେ ଲାଗିଛି । ସେମାନଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଂସାତ୍ମକ ପ୍ରଦର୍ଶନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝାଲନାଥ ଖନାଲଙ୍କ ପତ୍ନୀ ରବିଲକ୍ଷ୍ମୀ ଚିତ୍ରକାରଙ୍କ ଜୀବନ ଚାଲିଯାଇଛି । ପ୍ରଦର୍ଶନକାରୀମାନେ ତାଙ୍କ ଦେହରେ ନିଆଁ ଲଗାଇଦେଇଥିବା ଆକ୍ଷେପ କରାଯାଉଛି । ନେପାଳୀ ଗଣମାଧ୍ୟମରେ ପ୍ରକାଶିତ ଦାବି ଅନୁଯାୟୀ, ତାଙ୍କୁ କୀର୍ତିପୁର୍ ବର୍ନ ହସ୍ପିଟାଲ୍‌କୁ ନିଆଯାଇଥିଲା, ଯେଉଁଠାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଛି ।

ଝାଲନାଥ ଖନାଲ ୨୦୧୧ରେ ନେପାଳର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ । ତାଙ୍କର କାର୍ଯ୍ୟକାଳ ଖୁବ୍ କମ୍ ସମୟ ଥିଲେ ମଧ୍ୟ, ନେପାଳର ରାଜନୀତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସେ ସିପିଏନ୍ (କମ୍ୟୁନିଷ୍ଟ ପାର୍ଟି ଅଫ ନେପାଳ)ର ବରିଷ୍ଠ ନେତା । ମଙ୍ଗଳବାର ଦିନ ତାଙ୍କର ଦଲ୍ଲୁ ଅବସ୍ଥିତ ଘରେ ପ୍ରଦର୍ଶନକାରୀମାନେ ନିଆଁ ଲଗାଇ ଦେଇଥିଲେ, ଯେଉଁଥିରେ ତାଙ୍କ ପତ୍ନୀ ଗୁରୁତର ଭାବେ ପୋଡ଼ି ଯାଇଥିଲେ । ଖନାଲଙ୍କୁ ନେପାଳୀ ସୈନ୍ୟମାନେ ରେସ୍କ୍ୟୁ କରିନେଇଥିଲେ ।

ଏହି ଘଟଣା ନେପାଳର ରାଜନୈତିକ ପରିସ୍ଥିତିକୁ ଆହୁରି ଗମ୍ଭୀର କରିଛି । ସରକାର ଏହାକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବାର ଆଶା କରାଯାଉଛି ।

ଭାରତର ପଡ଼ୋଶୀ ଦେଶ ନେପାଳରେ ରାଜନୈତିକ ଅସ୍ଥିରତାର ଅନନ୍ତ ଯାତ୍ରା ଜାରି ରହିଛି । ୨୦୦୮ରେ ରାଜତନ୍ତ୍ର ଉଚ୍ଛେଦ ହେବା ପରେ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା, କିନ୍ତୁ ଗତ ୧୭ ବର୍ଷରେ ଦେଶରେ ୧୪ ଥର ସରକାର ପରିବର୍ତ୍ତନ ହୋଇଛି, ଯାହା ରାଜନୈତିକ ଅସ୍ଥିରତାର ଗଭୀରତାକୁ ସୂଚାଇଛି ।

ସାମ୍ପ୍ରତିକ ସଙ୍କଟ ଓ ଓଲିଙ୍କ ଇସ୍ତଫା

ନେପାଳରେ ୨୦୨୫ ଆରମ୍ଭରୁ ରାଜନୈତିକ ଅଶାନ୍ତି ତୀବ୍ର ହୋଇଛି । ମାର୍ଚ୍ଚରେ କାଠମାଣ୍ଡୁରେ ରାଜତନ୍ତ୍ର ପୁନଃସ୍ଥାପନ ଓ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବିରେ ବିକ୍ଷୋଭ ଆରମ୍ଭ ହୋଇଥିଲା । ଏହା ସହ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସରକାର ଉପରେ ଦୁର୍ନୀତି ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁଶାସନର ଅଭିଯୋଗ ଉଠିଥିଲା । ଗତ ସପ୍ତାହରେ ସରକାରର ସୋସିଆଲ ମିଡିଆ ପ୍ଲାଟଫର୍ମ ଯଥା ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଓ ଏକ୍ସ ଉପରେ ପ୍ରତିବନ୍ଧକ ଲଗାଇବା ନିଷ୍ପତ୍ତି ବିକ୍ଷୋଭକୁ ଆହୁରି ଜାଗ୍ରତ କରିଥିଲା ସୋମବାର ପୋଲିସ ଦମନରେ ୧୯ ଜଣଙ୍କ ମୃତ୍ୟୁ ଓ ଶହେରୁ ଅଧିକ ଆହତ ହେବା ପରେ ଜନତାଙ୍କ ଚାପରେ ଓଲି ମଙ୍ଗଳବାର ଇସ୍ତଫା ଦେଇଥିଲେ ।

ରାଜନୈତିକ ଅସ୍ଥିରତାର ପୃଷ୍ଠଭୂମି

୨୦୦୮ରେ ରାଜତନ୍ତ୍ର ଶେଷ ହେବା ପରେ ନେପାଳରେ ଗଣତାନ୍ତ୍ରିକ ସରକାର ଗଠନ ହୋଇଥିଲା । କିନ୍ତୁ ଏହା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମେଣ୍ଟ ଭାଙ୍ଗିବା, ସଂସଦରେ ସଂଖ୍ୟାଗରିଷ୍ଠତା ହରାଇବା ଓ ଅନାସ୍ଥା ପ୍ରସ୍ତାବ ଯୋଗୁଁ ସରକାରମାନେ ବାରମ୍ବାର ପତନ ହୋଇଛି । ୨୦୧୭ରେ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ଓ ୨୦୨୧ରେ ଶେର ବହାଦୁର ଦେଉବାଙ୍କ ସରକାର ମଧ୍ୟ ଅସ୍ଥିରତାର ଶିକାର ହୋଇଥିଲେ ।

ରାଜତନ୍ତ୍ର ପୁନଃସ୍ଥାପନ ଦାବି

୨୦୨୫ରେ ରାଜତନ୍ତ୍ର ପୁନଃସ୍ଥାପନ ଓ ହିନ୍ଦୁ ରାଷ୍ଟ୍ର ଦାବିରେ ବିକ୍ଷୋଭ ଜୋର ଧରିଛି । ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହଙ୍କ ଉପସ୍ଥିତି ଏହି ଆନ୍ଦୋଳନକୁ ଉତ୍ସାହିତ କରିଛି । ମାର୍ଚ୍ଚରେ ପୋଖରାରୁ ଫେରିବା ବେଳେ ତାଙ୍କୁ ହଜାର ହଜାର ସମର୍ଥକ ସ୍ୱାଗତ କରିଥିଲେ । ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି (ଆରପିପି) ରାଜତନ୍ତ୍ରକୁ ଜାତୀୟ ସ୍ୱାର୍ଥର ରକ୍ଷକ ଭାବେ ସମର୍ଥନ କରୁଛି ।

ବାଲେନ୍ଦ୍ର ଶାହଙ୍କ ଉତ୍ଥାନ

ଓଲିଙ୍କ ଇସ୍ତଫା ପରେ କାଠମାଣ୍ଡୁର ମେୟର ବାଲେନ୍ଦ୍ର ଶାହ (ବାଲେନ)ଙ୍କୁ ପରବର୍ତୀ ପ୍ରଧାନମନ୍ତ୍ରୀ କରିବାକୁ ଅନଲାଇନ ଅଭିଯାନ ଆରମ୍ଭ ହୋଇଛି । ରାପରରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜନେତା ହୋଇଥିବା ବାଲେନ ଜେନ୍ ଜିଡ୍ ବିକ୍ଷୋଭକାରୀଙ୍କ ସମର୍ଥନ ଜଣାଇ ଜନମାନସରେ ଜାଗ୍ରତ ହୋଇଛନ୍ତି ।

ଭବିଷ୍ୟତ ଅନିଶ୍ଚିତ

ନେପାଳର ସଙ୍ଘୀୟ ସଂସଦରେ ରାଷ୍ଟ୍ରୀୟ ସଭା ଓ ପ୍ରତିନିଧି ସଭା ମାଧ୍ୟମରେ ସରକାର ଗଠନ ହୁଏ, କିନ୍ତୁ ଦଳୀୟ ମେଣ୍ଟର ଅସ୍ଥିରତା ଓ ବିଦେଶୀ ଶକ୍ତି ଯଥା ଚାଇନା ଓ ଆମେରିକାର ପ୍ରଭାବ ଦେଶକୁ ଅସ୍ଥିର କରୁଛି । ବର୍ତ୍ତମାନ ନୂଆ ସରକାର ଗଠନ ଓ ରାଜତନ୍ତ୍ର ପୁନଃସ୍ଥାପନ ଦାବି ନେପାଳର ରାଜନୀତିକୁ ଆହୁରି ଜଟିଳ କରିଛି ।

ଏବେ ନେପାଳରେ ରାଜତନ୍ତ୍ର ପୁନଃସ୍ଥାପନ ଓ ହିନ୍ଦୁ ରାଷ୍ଟ୍ର ଦାବିରେ ବିକ୍ଷୋଭ ଜାରି ରହିଛି । ମାର୍ଚ୍ଚରେ କାଠମାଣ୍ଡୁରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଦୁର୍ନୀତି ଓ କୁଶାସନ ଅଭିଯୋଗ ଏବଂ ସୋସିଆଲ ମିଡିଆ ପ୍ରତିବନ୍ଧକ ପରେ ତୀବ୍ର ହୋଇଛି । ପୋଲିସ ଦମନରେ ୧୯ ଜଣଙ୍କ ମୃତ୍ୟୁ ହେବା ପରେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ମଙ୍ଗଳବାର ଇସ୍ତଫା ଦେଇଛନ୍ତି ।

ରାଜପରିବାର କେଉଁଠି ?

୨୦୦୮ରେ ରାଜତନ୍ତ୍ର ଉଚ୍ଛେଦ ପରେ ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହ କାଠମାଣ୍ଡୁର ନିର୍ମଳ ନିବାସରେ ସାଧାରଣ ନାଗରିକ ଭାବେ ରହୁଛନ୍ତି । ୨୦୨୪ରେ ସେ ଆଂଶିକ ସମୟ ପାଇଁ ନଗରଜୁନ ପାହାଡ଼ରେ ହେମନ୍ତବାସ କଟେଜକୁ ସ୍ଥାନାନ୍ତରିତ ହୋଇଥିଲେ । ରାଣୀ ମା' ରତ୍ନା ମହେନ୍ଦ୍ର ମଞ୍ଜିଲରେ ରହୁଛନ୍ତି । ପୂର୍ବତନ ଯୁବରାଜ ପରଶ ଓ ହିମାନୀଙ୍କ ଝିଅ କ୍ରୀତିକା ଓ ପୂର୍ଣ୍ଣିକା ଶାହ ୨୦୦୮ରେ ସିଙ୍ଗାପୁର ଚାଲିଯାଇ ଶିକ୍ଷା ଜାରି ରଖିଛନ୍ତି ।

ରାଜତନ୍ତ୍ର ସମର୍ଥକଙ୍କ ଆନ୍ଦୋଳନ

ମାର୍ଚ୍ଚରେ ଜ୍ଞାନେନ୍ଦ୍ର ଶାହଙ୍କୁ ପୋଖରାରୁ ଫେରିବା ବେଳେ ହଜାର ହଜାର ରାଜତନ୍ତ୍ର ସମର୍ଥକ ସ୍ୱାଗତ କରିଥିଲେ । ମେ'ରେ ସେ ନାରାୟଣହିତୀ ରାଜପ୍ରାସାଦରେ ପୂଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ । ରାଜତନ୍ତ୍ର ସମର୍ଥକମାନେ "ରାଜା ଫେରି ଆସ, ଦେଶ ବଞ୍ଚାଅ" ନାରା ଦେଇ ଓଲିଙ୍କ ଇସ୍ତଫା ଦାବି କରିଥିଲେ । ମାର୍ଚ୍ଚରେ ପୁଲିସ ସହ ସଂଘର୍ଷରେ ଦୁଇ ଜଣଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ । ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି (ଆରପିପି) ରାଜତନ୍ତ୍ରକୁ ଜାତୀୟ ସ୍ୱାର୍ଥର ରକ୍ଷକ ଭାବେ ସମର୍ଥନ କରୁଛି ।

ନେପାଳରେ ହିଂସାତ୍ମକ ବିଦ୍ରୋହ ପରେ ପ୍ରଧାନମନ୍ତ୍ରୀଙ୍କ ସହ ରାଷ୍ଟ୍ରପତି ଇସ୍ତଫା ଦେଇସାରିଛନ୍ତି । ଏହାକୁ ନେଇ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇଛି । ଏସବୁ ମଧ୍ୟରେ ଚର୍ଚ୍ଚାର ପରିସରକୁ ଆସିଛି 'ଜେନ୍ Z', ଯାହାଙ୍କ ନେତୃତ୍ୱରେ ସରକାରଙ୍କ ବିରୋଧରେ ବିକ୍ଷୋଭ କରାଯାଉଛି । ନେପାଳ ସରକାରଙ୍କ ଦ୍ୱାରା ହଠାତ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ କଟକଣା ଲଗାଯିବା ପରେ ହଜାର ହଜାର ବିଦ୍ରୋହକାରୀ ରାସ୍ତାକୁ ଓହ୍ଲାଇଥିଲେ । ଏହି ଆନ୍ଦୋଳନରେ ଅଧିକାଂଶ ଅଂଶଗ୍ରହଣକାରୀ 'ଜେନ୍ Z' ଜେନେରେସନର ଯୁବକ ଯୁବତୀ । ଆସନ୍ତୁ ଜାଣିବା ଏହି 'ଜେନ୍ Z' କିଏ ଏବଂ କାହିଁକି ଏମାନଙ୍କୁ ନେଇ ଚର୍ଚ୍ଚା ହେଉଛି ?

'ଜେନ୍ Z' କିଏ ?

ଜେନ Z ବା ଜେନେରେସନ ଜି ହେଉଛନ୍ତି ୧୯୯୭ ରୁ ୨୦୧୨ ମଧ୍ୟରେ ଜନ୍ମ ହୋଇଥିବା ଯୁବପିଢ଼ି, ଅର୍ଥାତ ୧୩ ରୁ ୨୮ ବର୍ଷ ବୟସର ଯୁବକ-ଯୁବତୀ । ଏମାନେ ଟେକ୍ନୋଲୋଜି, ଇଣ୍ଟରନେଟ, ସୋସିଆଲ ମିଡିଆ ଏବଂ ଡିଜିଟାଲ ଯୁଗ ସହିତ ବଢ଼ିଛନ୍ତି । ଏମାନଙ୍କୁ ଡିଜିଟାଲ ନେଟିଭ୍ସ ମଧ୍ୟ କୁହାଯାଏ, କାରଣ ଏମାନେ ଟେକ୍ନୋଲୋଜିରେ ଘେରି ରହିଛନ୍ତି ଏବଂ ଏହା ମାଧ୍ୟମରେ ସାରା ବିଶ୍ୱ ସହ ଯୋଡ଼ି ହୋଇ ରହିଥାନ୍ତି ।

କାହିଁକି ଚର୍ଚ୍ଚାରେ ଜେନ Z ?

ଏହି ଯୁବପିଢ଼ି ସ୍ମାର୍ଟଫୋନ, ଲାପଟପ୍ ଏବଂ ସୋସିଆଲ ମିଡିଆର ବ୍ୟାପକ ବ୍ୟବହାର କରନ୍ତି । ଏମାନେ ନୂଆ ନୂଆ ଜିନିଷ ଶିଖିବା ଓ ଅନ୍ୟମାନଙ୍କ ସହ ଶେୟାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାକୁ ଭଲ ପାଆନ୍ତି । ଏମାନେ କେବଳ ନିଜ ପାଇଁ ନୁହେଁ, ପରିବେଶ, ସମାନତା, ଲିଙ୍ଗ ଅଧିକାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ସଚେତନ ରହିଥାନ୍ତି । ଏମାନେ ନିଜର ମତାମତ ଖୋଲାଖୋଲି ପ୍ରକାଶ କରନ୍ତି ଏବଂ କାହାକୁ ଚ୍ୟାଲେଞ୍ଜ କରିବାକୁ ଡରନ୍ତି ନାହିଁ । ପରିବର୍ତ୍ତନକୁ ଏମାନେ ବେଶ ପସନ୍ଦ କରନ୍ତି ଏବଂ କୌଣସି ଭେଦଭାବ ନକରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି ।

ନେପାଳରେ ଆନ୍ଦୋଳନର ଆରମ୍ଭ:

ନେପାଳ ସରକାରଙ୍କ ସୋସିଆଲ ମିଡିଆ ଉପରେ କଟକଣା ଲଗାଇବା ନିଷ୍ପତ୍ତି 'ଜେନ୍ Z' ପାଇଁ ଏକ ବଡ଼ ଝଟକା ଥିଲା । ସୋସିଆଲ ମିଡିଆ ମାଧ୍ୟମରେ ଏମାନେ ନିଜର ମତ ପ୍ରକାଶ କରନ୍ତି, ଅନ୍ୟମାନଙ୍କ ସହ ଯୋଡ଼ି ହୋଇ ରହନ୍ତି ଏବଂ ବିଶ୍ୱର ଖବର ଉପରେ ନଜର ରଖନ୍ତି । ଏଣୁ ସୋସିଆଲ ମିଡିଆ ଉପରେ କଟକଣା ଏମାନଙ୍କ ସ୍ୱାଧୀନତା ଛଡ଼ାଇ ନେବା ସହ ସମାନ ।

ରାସ୍ତାରେ 'ଜେନ୍ Z'ର ହଙ୍ଗାମା:

ସୋସିଆଲ ମିଡିଆ ଉପରେ କଟକଣା ଖବର ଶୁଣି 'ଜେନ୍ Z' ଯୁବକ-ଯୁବତୀ ଏକତ୍ରିତ ହୋଇ ସରକାରଙ୍କ ଏହି ନିଷ୍ପତ୍ତିକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି । ସେମାନେ ରାସ୍ତାକୁ ଓହ୍ଲାଇ ଏହାକୁ ଏକ ବଡ଼ ଆନ୍ଦୋଳନରେ ପରିଣତ କରିଛନ୍ତି । ଏହି ଆନ୍ଦୋଳନରେ ଦେଶର ବିଭିନ୍ନ ସ୍ଥାନରୁ ଯୁବପିଢ଼ି ସାମିଲ ହୋଇଛନ୍ତି । ଏମାନେ ଦୁର୍ନୀତି ବିରୁଦ୍ଧରେ, ସ୍ୱାଧୀନତାର ସୁରକ୍ଷା ପାଇଁ ଏବଂ ସ୍ୱଚ୍ଛତା ଦାବି କରୁଛନ୍ତି । ଏହି ସଂଘର୍ଷ ଦର୍ଶାଉଛି ଯେ ଜେନ ଜି କେବଳ ସୋସିଆଲ ମିଡିଆ ବ୍ୟବହାର କରିବାରେ ନୁହେଁ, ଆବଶ୍ୟକ ପଡ଼ିବାରେ ନିଜ ଅଧିକାର ପାଇଁ ଲଢ଼ିବାରେ ମଧ୍ୟ ସକ୍ଷମ ।

ନେପାଳରେ ଜେନ୍ ଜେଡ୍-ନେତୃତ୍ୱାଧୀନ ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି । ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବାସଭବନରେ ନିଆଁ ଲଗାଯାଇଥିବା ବେଳେ ଅର୍ଥମନ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଷ୍ଣୁ ପ୍ରସାଦ ପାଉଡେଲଙ୍କୁ କାଠମାଣ୍ଡୁ ରାସ୍ତାରେ ବିକ୍ଷୋଭକାରୀମାନେ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଛନ୍ତି । ଏକ ଭିଡିଓରେ ୬୫ ବର୍ଷୀୟ ପାଉଡେଲଙ୍କୁ ଜଣେ ଯୁବ ବିକ୍ଷୋଭକାରୀ ଗୋଇଠା ମାରି ତଳେ ପକାଇ ଦେଇଥିବା ଦେଖାଯାଇଛି, ଯାହାଫଳରେ ସେ ଏକ କାନ୍ଥରେ ପିଟି ହୋଇଥିଲେ ।

ସୋମବାର ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ହଟାଇବା ଓ ଦୁର୍ନୀତି ବିରୋଧରେ ଦାବି ଉଠାଇଥିଲା । ସରକାର ସୋସିଆଲ ମିଡିଆ ପ୍ରତିବନ୍ଧକ ହଟାଇବା ସତ୍ତ୍ୱେ ମଙ୍ଗଳବାର ବିକ୍ଷୋଭ ଜାରି ରହିଥିଲା । କାଠମାଣ୍ଡୁ ପୁଲିସ ମୁଖପାତ୍ର ଶେଖର ଖନାଲ କହିଛନ୍ତି ଯେ ଅନେକ ସ୍ଥାନରେ ବିକ୍ଷୋଭକାରୀମାନେ କର୍ଫ୍ୟୁ ଉଲ୍ଲଂଘନ କରି ନିଆଁ ଓ ଆକ୍ରମଣରେ ଲିପ୍ତ ହୋଇଛନ୍ତି ।

ସୋସିଆଲ ମିଡିଆ ନିଷିଦ୍ଧ ଭଳି କେତେକ ଜନବିରୋଧୀ ସରକାରୀ ପଦକ୍ଷେପ ପାଇଁ ନେପାଳରେ ଯୁବ, ଛାତ୍ର ଗୋଷ୍ଠୀ ଯେଭଳି ବ୍ୟାପକ ହିଂସା ଘଟାଇ ଶାସନ ପରିବର୍ତ୍ତନ ନିମନ୍ତେ ପରିବେଶ ସୃଷ୍ଟି କରିଛନ୍ତି, ସେଭଳି ସ୍ଥିତି ବୁଧବାର ୟୁରୋପୀୟ ଦେଶ ଫ୍ରାନ୍ସରେ ଘଟିଛି । ରାଜନୈତିକ ଅସ୍ଥିରତା ଏବଂ ଅର୍ଥନୀତି ଦୁଃସ୍ଥିତିରେ ଅତିଷ୍ଠ ଫ୍ରାନ୍ସବାସୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ହିଂସା ଘଟାଇଛନ୍ତି । 'ବ୍ଲକ୍ ଏଭ୍ରିଥିଙ୍ଗ୍' ମୁଭ୍ମେଣ୍ଟ ଚଳାଇ ଫ୍ରାନ୍ସ ନାଗରିକମାନେ ବ୍ୟାପକ ପୋଡ଼ାଜଳା କରିଛନ୍ତି । ସରକାରଙ୍କ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଦମନ ପାଇଁ ବଳପ୍ରୟୋଗ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ । ଏହି ଆନ୍ଦୋଳନ ପ୍ରତି ସ୍ୱତଃପ୍ରବୃତ୍ତ ଜନସମର୍ଥନ ଥିବାରୁ ମାକ୍ରଁ ସରକାର ପାଇଁ ବିପଦ ଘନେଇଛି ।

ଫ୍ରାନ୍ସରେ ବୁଧବାର ପ୍ୟାରିସ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ଏହି ସମୟରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିଥିଲେ । ଦଙ୍ଗାକାରୀମାନେ ସାର୍ବଜନୀନ ସମ୍ପତ୍ତିରେ ନିଆଁ ଲଗାଇ ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହରଗୁଡ଼ିକରେ ପୋଡ଼ାଜଳା ଯୋଗୁ ଉତ୍ତେଜନା ବ୍ୟାପିଥିଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଲୁହ ବୁହା ଗ୍ୟାସ ସେଲ ଫୁଟାଇଥିଲା । ପ୍ରକୃତରେ, ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଉପରେ ଚାପ ପକାଇବା ପାଇଁ ପ୍ରତିବାଦକାରୀମାନେ ପ୍ରତିବାଦ କରୁଛନ୍ତି ।

ଦେଶରେ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ ପରିବର୍ତ୍ତନକୁ ନେଇ ଲୋକମାନେ କ୍ରୋଧିତ । ଲୋକମାନେ ପ୍ରତିବାଦ ମାଧ୍ୟମରେ ନୂଆ ପ୍ରଧାନମନ୍ତ୍ରୀଙ୍କ ଉପରେ ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଦେଶବ୍ୟାପୀ ପ୍ରତିବାଦ ସମୟରେ, ଗୃହମନ୍ତ୍ରୀ ଦିନର ପ୍ରାରମ୍ଭିକ ଘଣ୍ଟାରେ ପ୍ରାୟ ୨୦୦ ଗିରଫଦାରୀ ବିଷୟରେ ସୂଚନା ଦେଇଥିଲେ ।

ପ୍ରତିବାଦକାରୀମାନେ ସରକାରଙ୍କୁ ଚେତାବନୀ ଦେଇଥିଲେ ଯେ ସେମାନେ ସେମାନଙ୍କର ଆନ୍ଦୋଳନ ସମୟରେ ସବୁକିଛି ସ୍ଥଗିତ ରଖିବେ । ତଥାପି, ଆନ୍ଦୋଳନ ପ୍ରାରମ୍ଭରେ ଥଣ୍ଡା ରହିଥିଲା ଏବଂ ଲୋକମାନେ କେବଳ ଅନଲାଇନରେ ସେମାନଙ୍କର ଉପସ୍ଥିତି ଅନୁଭବ କରିଥିଲେ । ସୋସିଆଲ ମିଡିଆରେ ହ୍ୟାସଟ୍ୟାଗ ଟ୍ରେଣ୍ଡ କରୁଥିଲା । ତା'ପରେ ଦିନ ବଢ଼ିବା ଏବଂ ଗରମ ବୃଦ୍ଧି ପାଇବା ସହିତ ଏହି ପ୍ରତିବାଦ ତୀବ୍ରତର ହୋଇଥିଲା । ୮୦,୦୦୦ ପୋଲିସ ନିୟୋଜିତ ହେବା ସତ୍ତ୍ୱେ, ଲୋକମାନେ ଅନିୟନ୍ତ୍ରିତ ହୋଇଗଲେ । ସେମାନେ ବ୍ୟାରିକେଡ ଭାଙ୍ଗିଲେ । ଏହା ପରେ, ତୁରନ୍ତ ସେମାନଙ୍କୁ ଗିରଫ କରାଯାଇଥିଲା ।

ବର୍ଷକ ମଧ୍ୟରେ ଦେଶରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ନିଯୁକ୍ତି, ରାଜନୈତିକ ଅସ୍ଥିରତା ଓ ଆର୍ଥିକ ନିଅଣ୍ଟ ସ୍ଥିତିକୁ ନେଇ କ୍ଷୁବ୍ଧ ଫରାସୀ ନାଗରିକମାନେ ବୁଧବାର ମାକ୍ରଁ ଏବଂ ତାଙ୍କ ସରକାର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି । 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ବ୍ୟାନରରେ ରାଜଧାନୀ ପ୍ୟାରିସ୍ ସମେତ ଦେଶର ବିଭିନ୍ନ ଭାଗରେ ରାସ୍ତା ଅବରୋଧ କରି ଯାନବାହନଗୁଡ଼ିକୁ ଜଳାପୋଡ଼ା କରିଛନ୍ତି । ଆନ୍ଦୋଳନକାରୀଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଳାପୋଡ଼ା ଓ ଭଙ୍ଗାରୁଜା ଭିତରେ ଏହି ୟୁରୋପୀୟ ରାଷ୍ଟ୍ର ଅଶାନ୍ତ ହୋଇପଡ଼ିଛି । ପରିବହନ ଓ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ବିକ୍ଷୋଭକାରୀମାନେ ବିଦ୍ରୋହର ପରିବେଶ ସୃଷ୍ଟି କରୁଥିବା ଦର୍ଶାଇ ପ୍ରାୟ ୩୦୦ ଜଣଙ୍କୁ ଗିରଫ କରାଯାଇଥିବା ଗୃହମନ୍ତ୍ରୀ ବ୍ରୁର୍ନୋ ରିଟାଇଲ୍ଲେଉ କହିଛନ୍ତି । ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ସାରା ଦେଶରେ ୮୦,୦୦୦ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି । ଏହାସତ୍ତ୍ୱେ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି, ଟାୟାର ଜାଳି ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଜାରି ରଖିଛନ୍ତି । ପ୍ୟାରିସ୍‌ରେ ଅଳିଆଗଦା ଗୁଡ଼ିକରେ ସେମାନେ ନିଆଁ ଲଗାଇଦେବାରୁ ରାଜଧାନୀର ପ୍ରମୁଖ ଅଞ୍ଚଳରେ ଲୋକେ ଯାତାୟାତ କରିପାରି ନାହାନ୍ତି ।

ଫ୍ରାନ୍‌ସ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବେରୌ ସୋମବାର ପାର୍ଲାମେଣ୍ଟରେ ଆସ୍ଥା ହରାଇବା ପରେ ନିଜ ପଦରୁ ବିଦା ହୋଇଛନ୍ତି । ମାତ୍ର ୯ ମାସ ପ୍ରଧାନମନ୍ତ୍ରୀ ରହିଥିବା ୭୪ ବର୍ଷୀୟ ବେରୌଙ୍କ ପ୍ରତି ଏମ୍‌ପିମାନେ ଅନାସ୍ଥା ପ୍ରକଟ କରିବା ପରେ ସମ୍ବିଧାନର ଅନୁଚ୍ଛେଦ ୫୦ ଅନୁଯାୟୀ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ । ଏହି ଘଟଣାକ୍ରମ ୟୁରୋପର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ପାଇଁ ନୂଆ ସଙ୍କଟକୁ ଡାକିଆଣିଛି । ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କାଳବିଳମ୍ବ ନ କରି ମଙ୍ଗଳବାର ପ୍ରତିରକ୍ଷାମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁଙ୍କୁ ବେରୌଙ୍କ ନୂଆ ଉତ୍ତରାଧିକାରୀ ଚୟନ କରିଛନ୍ତି । ୧୨ ମାସ ମଧ୍ୟରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନକୁ ଦେଶବାସୀ ଗ୍ରହଣ କରିପାରି ନାହାନ୍ତି । ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ ଅର୍ଥନୀତି ଖରାପ ଆଡ଼କୁ ଗତି କରୁଥିବାବେଳେ ମାକ୍ରଁ ସେଥିପ୍ରତି ଅଣଦେଖା କରୁଥିବାରୁ ଦେଶରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଦେଖିବାକୁ ଗଲେ ଫ୍ରାନ୍‌ସରେ ରାଜନୈତିକ ସ୍ତରରେ ଭୁଲ୍ ପଦକ୍ଷେପ ଯୋଗୁ ସଙ୍କଟ ସୃଷ୍ଟି ହୋଇଛି । ୟୁରୋପୀୟ ପାର୍ଲାମେଣ୍ଟରେ ମାକ୍ରଁଙ୍କ ଦଳର ଦୁର୍ବଳ ପ୍ରଦର୍ଶନ ପରେ ସାନି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ବାଚନ କରାଇବା ନେଇ ନିଷ୍ପତ୍ତି ତାଙ୍କ ସରକାରକୁ ଆହୁରି ଅସ୍ଥିର କରିଦେଇଥିଲା । ନୂଆ ନ୍ୟାଶନାଲ ଆସେମ୍ବ୍ଲି ବାମପନ୍ଥୀ ବ୍ଲକ୍, ମାରିନ୍ ଲି ପେନ୍‌ଙ୍କ ନ୍ୟାଶନାଲ ପାର୍ଟି ଓ ସେଣ୍ଟ୍ରିଷ୍ଟଙ୍କୁ ନେଇ ଭାଗଭାଗ ହୋଇଯାଇଛି । ଏଥିଯୋଗୁ ପୂର୍ବରୁ ୩ ଜଣ ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ, ମିଶେଲ ବର୍ନିଏ ଓ ଫ୍ରାଙ୍କୋଇସ୍ ବେରୌଙ୍କୁ ପଦ ହରାଇବାକୁ ପଡ଼ିଛି । ଅର୍ଥନୀତିଜ୍ଞମାନେ କହିଛନ୍ତି, ଫ୍ରାନ୍ସରେ ସ୍ଥିରତା ଆଣିବାକୁ ହେଲେ ଟିକସ ବୃଦ୍ଧି ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫% ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ ନେବାକୁ ପଡ଼ିବ । ଏହି ସବୁ ପ୍ରସଙ୍ଗରେ ମାକ୍ରଁଙ୍କ ଉଦାସୀନତାକୁ ଦେଶବାସୀ ନାପସନ୍ଦ କରି 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ଚଳାଇଛନ୍ତି । ବିଶେଷକରି ଟିକ୍‌ଟକ୍, X ଓ ଏନ୍‌କ୍ରିପ୍ଟେଡ୍ ମେସେଜିଂ ଚ୍ୟାନେଲଗୁଡ଼ିକରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସମ୍ପ୍ରତି ଦାନା ବାନ୍ଧିବାରେ ଲାଗିଛି। ଷ୍ଟ୍ରାଇକ୍, ବର୍ଜନ, ରାସ୍ତାରେ ବିକ୍ଷୋଭ ସହ ଶ୍ରମିକ, ଛାତ୍ରୀଛାତ୍ର ଓ ଅଧିକାର କର୍ମୀମାନେ ମାକ୍ରଁଙ୍କ ଅସମାନତା ନୀତିକୁ ଜୋର୍‌ଦାର ବିରୋଧ କରୁଛନ୍ତି । ଏହି ଆନ୍ଦୋଳନର କେହି କେନ୍ଦ୍ରୀୟ ନେତୃତ୍ୱ ନାହାନ୍ତି । ଏହାସତ୍ତ୍ୱେ ରାସ୍ତା ଅବରୋଧ, ବ୍ୟାଙ୍କରୁ ଅର୍ଥ ଉଠାଣ ଓ ବଡ଼ ସଂସ୍ଥାଗୁଡ଼ିକୁ ବର୍ଜନ କରିବା ୨୦୧୮-୧୯ର 'ୟେଲୋ ଭେଷ୍ଟ' ପ୍ରୋଟେଷ୍ଟର ସ୍ମୃତିକୁ ଉଜ୍ଜୀବିତ କରିଛି । ପୋଲିସ ବୁଧବାର ସକାଳେ ୭୫ ଜଣଙ୍କୁ ଅଟକ ରଖିଥିବାବେଳେ ଅପରାହ୍ନ ହେଲାବେଳକୁ ଗିରଫ ଆନ୍ଦୋଳନକାରୀଙ୍କ ସଂଖ୍ୟା ୩୦୦ ଛୁଇଁଛି । ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ନିସ୍, ମାର୍ସିଲେ, ବସ୍ତିଆ, ଆଜାକ୍ସିଓ ଓ ଅନ୍ୟ ସହରଗୁଡ଼ିକରେ ବିମାନବନ୍ଦର ପାଇ ସତର୍କତା ଜାରି କରିଛନ୍ତି । ଯାତ୍ରୀମାନେ ସେମାନଙ୍କ ବିମାନ ଚଳାଚଳରେ ବିଳମ୍ବ ଓ ରଦ୍ଦ ନେଇ ଯାଞ୍ଚ କରିନିଅନ୍ତୁ ବୋଲି ପରାମର୍ଶ ଦିଆଯାଇଛି । ଏସବୁ ଭିତରେ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତି ସହ ମାକ୍ରଁଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଉଭା ହୋଇଛି । ରାଷ୍ଟ୍ରପତି ଭୋଟରଙ୍କ ନୈରାଶ୍ୟକୁ ଅଣଦେଖା କରି ନିଜ ଅନୁଗତଙ୍କୁ ଥଇଥାନ କରିବାକୁ ଉଦ୍ୟମ କରିଥିବା ସୋସିଆଲିଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାର୍ଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି ।

ଇସ୍ରାଏଲ୍‌ଙ୍କ କତାର ଉପରେ ଆକ୍ରମଣରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ମାନ ପ୍ରଭାବିତ ହୋଇଛି । ହମାସ୍ ନେତାଙ୍କୁ ଲକ୍ଷ୍ୟ କରି ଦୋହାରେ ଇସ୍ରାଏଲ୍‌ଙ୍କ ବୋମା ହମଲାକୁ ଟ୍ରମ୍ପ ସମର୍ଥନ ଦେଇଥିବା ଦାବି କରାଯାଇଛି । "ଆକ୍ରମଣକୁ ପ୍ରତିହତ କରିବା ପାଇଁ ବହୁତ୍ ବିଳମ୍ବ ହୋଇଗଲା," ଟ୍ରମ୍ପ କହିଛନ୍ତି ।

କତାର କହିଛି, ଆମେରିକାରୁ ଫୋନ୍ ୧୦ ମିନିଟ୍ ପରେ ଆସିଥିଲା, ଯେତେବେଳେ ବିସ୍ଫୋରଣ ହୋଇଥାନ୍ତା । ଏହା ଟ୍ରମ୍ପଙ୍କ ଦୁଇମୁହାଁ ନୀତି ପ୍ରକାଶ କରିଛି । କତାର, ଯାହାଠାରୁ ଟ୍ରମ୍ପ ୪୦୦ ମିଲିୟନ ଡଲାରର ବୋଇଙ୍ଗ୍ ୭୪୭-୮ ଜେଟ୍ ଓ ୨୪୩.୫ ବିଲିୟନ ଡଲାରର ଉପହାର ପାଇଥିଲେ, ଏବଂ ଯାହା ମଧ୍ୟପ୍ରାଚ୍ୟରେ ଆମେରିକାର ସବୁଠାରୁ ବଡ଼ ସୈନ୍ୟ ବେସ୍ ଆଲ୍ ଉଦେଇଦ୍ ସଂଚାଳନା କରୁଛି, ଏହାକୁ ବିଶ୍ୱାସଘାତକ ବୋଲି କହିଛି ।

ହମାସ୍ କହିଛି, ଆମେରିକା ଏହି ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ଦାୟୀ । ଇସ୍ରାଏଲ୍ ୧୫ଟି ଯୁଦ୍ଧବିମାନ ବ୍ୟବହାର କରି ହମଲା କରିଥିଲା, କିନ୍ତୁ ହମାସ୍‌ର ଶୀର୍ଷ ନେତାମାନେ ବଞ୍ଚିଛନ୍ତି । କତାରର ସୁରକ୍ଷା କର୍ମଚାରୀ ସମେତ ୫ ଜଣ ମରିଛନ୍ତି ।

କତାର ଏହାକୁ "ରାଜ୍ୟ ଆତଙ୍କବାଦ" ବୋଲି ନିଷ୍ପତ୍ତି କରି, ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ ହେଉଛି । ଆରବ ଦେଶମାନେ ଏହାକୁ ଏକାଠି ନିନ୍ଦା କରିଛନ୍ତି, ଯାହା ଗାଜା ବୁଝାମଣା ଓ ବନ୍ଦୀ ମୁକ୍ତି ପ୍ରୟାସକୁ ବାଧା ଦେବ । ଟ୍ରମ୍ପ ନେତାନ୍ୟାହୁଙ୍କୁ ଦୋଷ ଦେଇ କହିଛନ୍ତି, ଏହା ଇସ୍ରାଏଲ୍ ଓ ଆମେରିକାର ଲକ୍ଷ୍ୟକୁ ପୂରଣ କରିବ ନାହିଁ ।

ରେଣୁକାସ୍ୱାମୀ ହତ୍ୟା ମାମଲାରେ ଜେଲରେ ଥିବା କନ୍ନଡ଼ ଅଭିନେତା ଦର୍ଶନ ମଙ୍ଗଳବାର ବେଙ୍ଗାଲୁରୁର ସିଟି ସିଭିଲ ଆଣ୍ଡ ସେସନ୍‌ସ କୋର୍ଟରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ହାଜର ହୋଇ ଆକୁଳ ନିବେଦନ କରିଛନ୍ତି । ସେ କହିଛନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେ ସେ ଅନେକ ଦିନ ଧରି ସୂର୍ଯ୍ୟାଲୋକ ଦେଖି ନାହାଁନ୍ତି ଏବଂ ତାଙ୍କୁ "ବିଷ ଦେବାକୁ" ଅନୁରୋଧ କରିଛନ୍ତି ।

ଦର୍ଶନ ଅଭିଯୋଗ କରିଛନ୍ତି ଯେ ଜେଲରେ ତାଙ୍କୁ ବାହାରକୁ ବାହାରିବାକୁ ଅନୁମତି ଦିଆଯାଉ ନାହିଁ, ଯାହାଫଳରେ ତାଙ୍କ ହାତରେ ଫଙ୍ଗସ୍ ସଂକ୍ରମଣ ହୋଇଛି ଏବଂ ତାଙ୍କ ପୋଷାକରୁ ଦୁର୍ଗନ୍ଧ ଆସୁଛି । ସେ ଜେଲରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା କହି ବିଚାରପତିଙ୍କୁ ତାଙ୍କୁ ବିଷ ଦେବାକୁ ଅନୁରୋଧ କରିଥିଲେ । କୋର୍ଟ ଏହି ମାମଲାର ଅଭିଯୋଗ ଗଠନ ପାଇଁ ଶୁଣାଣି ସେପ୍ଟେମ୍ବର ୧୯କୁ ସ୍ଥଗିତ ରଖିଛନ୍ତି ।

ଗତ ମାସରେ ସୁପ୍ରିମକୋର୍ଟ କର୍ଣ୍ଣାଟକ ହାଇକୋର୍ଟ ଦ୍ୱାରା ଦର୍ଶନଙ୍କୁ ପ୍ରଦାନ କରାଯାଇଥିବା ଜାମିନକୁ ରଦ୍ଦ କରି ତାଙ୍କୁ ପୁନର୍ବାର ହାଜତକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜଷ୍ଟିସ ଜେ.ବି. ପର୍ଦିୱାଲା ଓ ଆର. ମହାଦେବନଙ୍କ ବେଞ୍ଚ କହିଥିଲେ ଯେ ଦର୍ଶନ ଜାମିନରେ ରହିଲେ ସାକ୍ଷୀଙ୍କୁ ପ୍ରଭାବିତ କରିପାରନ୍ତି, ଯାହା ମାମଲାର ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । କର୍ଣ୍ଣାଟକ ହାଇକୋର୍ଟ ଦର୍ଶନଙ୍କ ସେଲିବ୍ରିଟି ମାନ୍ୟତାକୁ ଜାମିନ ପ୍ରଦାନରେ ଏକ କାରଣ ଭାବେ ଗ୍ରହଣ କରିଥିବାରୁ ସୁପ୍ରିମ କୋର୍ଟ ଏହାକୁ "ଅନୁଚିତ" ବୋଲି ମନ୍ତବ୍ୟ କରିଥିଲେ ।

ଦର୍ଶନଙ୍କୁ ଅଗଷ୍ଟ ୧୪ରେ ଗିରଫ କରାଯାଇ ପୁନର୍ବାର ଜେଲକୁ ପଠାଯାଇଥିଲା । ଦର୍ଶନ, ଅଭିନେତ୍ରୀ ପବିତ୍ରା ଗୌଡ଼ା ଓ ଅନ୍ୟ କେତେଜଣଙ୍କ ବିରୁଦ୍ଧରେ ୩୩ ବର୍ଷୀୟ ରେଣୁକାସ୍ୱାମୀଙ୍କୁ, ଯିଏ ପବିତ୍ରାଙ୍କୁ ଅଶ୍ଳୀଳ ବାର୍ତ୍ତା ପଠାଇଥିବା ଅଭିଯୋଗ ରହିଛି, ଅପହରଣ ଓ ନିର୍ଯାତନା ଦେଇ ହତ୍ୟା କରିଥିବା ଅଭିଯୋଗ ରହିଛି ।

ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଅନୁମତି ବିନା ବାଣିଜ୍ୟିକ ଲାଭ ପାଇଁ ଫଟୋଗ୍ରାଫ ଇତ୍ୟାଦି ବ୍ୟବହାର କରିଥିବା କମ୍ପାନୀ ବିରୋଧରେ ଅଭିନେତ୍ରୀ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଏକ ଆବେଦନ ଦାଖଲ କରି, ଐଶ୍ୱର୍ଯ୍ୟା ତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟକ୍ତିତ୍ୱ ଅଧିକାରର ସୁରକ୍ଷା ପାଇଁ ଦାବି କରିଛନ୍ତି । ଆବେଦନରେ କୁହାଯାଇଛି ଯେ ତାଙ୍କର କିଛି ଅନ୍ତରଙ୍ଗ ଫଟୋଗ୍ରାଫ, ଯାହା ସମ୍ପୂର୍ଣ୍ଣ ଅବାସ୍ତବ, କଫି ମଗ ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରି କରିବା ପାଇଁ ବ୍ୟବହାର କରାଯାଇଛି । ସେ କହିଛନ୍ତି ଯେ ଯେଉଁ ସ୍କ୍ରିନସଟଗୁଡ଼ିକରେ ଫଟୋଗ୍ରାଫଗୁଡ଼ିକୁ ବିକୃତ କରାଯାଇଛି, ତାହା କେବେବି ଐଶ୍ୱର୍ଯ୍ୟା ରାୟଙ୍କର ନୁହେଁ । ଏଗୁଡ଼ିକ ସବୁ AI ଦ୍ୱାରା ଜେନେରେଟେଡ । ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୧୫, ୨୦୨୬ରେ ହେବ ।

ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମ ଏବଂ ବାଣିଜ୍ୟିକ ଉତ୍ପାଦରେ ତାଙ୍କ ନାମ, ଫଟୋଗ୍ରାଫ ଏବଂ ସାର୍ବଜନୀନ ବ୍ୟକ୍ତିତ୍ୱର ଅନଧିକୃତ ବ୍ୟବହାର ସମ୍ପର୍କରେ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି । ବିଚାରପତି ତେଜସ କାରିଆଙ୍କ ନେତୃତ୍ୱରେ କୋର୍ଟ ମାମଲାର ଶୁଣାଣି କରି ଏପରି ଅନଧିକୃତ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ଆଦେଶ ଜାରି କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

ବ୍ୟକ୍ତିତ୍ୱ ଅଧିକାରର ସୁରକ୍ଷା ପାଇଁ ଆବେଦନ ଉପରେ, କୋର୍ଟ ପ୍ରତିପକ୍ଷଙ୍କୁ ନିଷେଧ କରିବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେବାକୁ ସୂଚିତ କରିଛନ୍ତି । ବିଚାରପତି ତେଜସ କାରିଆଙ୍କ ଏକ ଖଣ୍ଡପୀଠ ମୌଖିକ ଭାବରେ ସୂଚିତ କରିଛନ୍ତି ଯେ ଏହା ପ୍ରତିପକ୍ଷ ସଂସ୍ଥାଗୁଡ଼ିକୁ ନିଷେଧ କରିବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେବ ।

ଐଶ୍ୱର୍ଯ୍ୟାଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଓକିଲ ସନ୍ଦୀପ ସେଠୀ ଯୁକ୍ତି ଦେଇଥିଲେ ଯେ ବାଣିଜ୍ୟିକ ଲାଭ ଏବଂ ଅନୁପଯୁକ୍ତ ବିଷୟବସ୍ତୁ ପାଇଁ ତାଙ୍କ ବ୍ୟକ୍ତିତ୍ୱର ବହୁଳ ପରିମାଣରେ ଅପବ୍ୟବହାର କରାଯାଉଛି । ସେ ଦର୍ଶାଇଥିଲେ ଯେ ଅନେକ ୱେବସାଇଟ ନିଜକୁ ଐଶ୍ୱର୍ଯ୍ୟାଙ୍କ ସରକାରୀ ପ୍ଲାଟଫର୍ମ ଭାବରେ ମିଥ୍ୟା ଭାବରେ ଉପସ୍ଥାପନ କରୁଛନ୍ତି, ଯାହା ଦ୍ୱାରା ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି ଏବଂ ତାଙ୍କ ପ୍ରଚାର ଅଧିକାରକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଲ୍ଲଂଘନ କରୁଛନ୍ତି । ସେଟ୍ଟି ମଗ, ଟି-ସାର୍ଟ ଏବଂ ପାନୀୟ ସାମଗ୍ରୀ ଭଳି ଉତ୍ପାଦଗୁଡ଼ିକର ଉଦାହରଣ ଉପସ୍ଥାପନ କରିଥିଲେ ଯେଉଁଥିରେ କୌଣସି ଆଇନଗତ ଅନୁମତି ବିନା ଐଶ୍ୱର୍ଯ୍ୟାଙ୍କ ନାମ ଏବଂ ଫଟୋଗ୍ରାଫ ମୁଦ୍ରିତ ହୋଇଥିଲା ।

ସେପ୍ଟେମ୍ବର ୧୪ରେ ହେବାକୁ ଥିବା ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ ବାତିଲ କରିବା ପାଇଁ ଦାୟର ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି, ମ୍ୟାଚ ହେବାକୁ ଦିଅ । ଆମେ ଏହାକୁ ବନ୍ଦ କରିବୁ ନାହିଁ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅନ୍ୟାନ୍ୟ ଘଟଣାକୁ ଉଲ୍ଲେଖ କରି ୪ ଜଣ ଏଲଏଲବି ଛାତ୍ରଙ୍କ ଆବେଦନରେ ପାକିସ୍ତାନ ସହିତ ମ୍ୟାଚକୁ ଜାତୀୟ ଭାବନାର ଉପହାସ ବୋଲି କୁହାଯାଇଥିଲା ।

ଗୁରୁବାର ସୁପ୍ରିମକୋର୍ଟକୁ ଆବେଦନ ଉପରେ ଜରୁରୀ ଶୁଣାଣି ପାଇଁ ଅନୁରୋଧ କରାଯାଇଥିଲା । ସେପ୍ଟେମ୍ବର ୧୪ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୁବାଇରେ ଏସିଆ କପ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମାମଲା ବିଚାରପତି ଜେକେ ମାହେଶ୍ୱରୀ ଏବଂ ବିଚାରପତି ବିଜୟ ବିଷ୍ଣୋଇଙ୍କ ସମ୍ମୁଖରେ ରଖାଯାଇଥିଲା ।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ଖଣ୍ଡପୀଠକୁ କହିଥିଲେ, ମ୍ୟାଚ ରବିବାର ହେବାକୁ ଅଛି, ତେଣୁ ଆବେଦନ ଶୁକ୍ରବାର ତାଲିକାଭୁକ୍ତ କରାଯିବା ଉଚିତ । ଏହା ଉପରେ କୋର୍ଟ କହିଥିଲେ ଯେ, ଏହା ମ୍ୟାଚ ବନ୍ଦ ହେବ ନାହିଁ, ଏହାକୁ ହେବାକୁ ଦିଅ । ଓକିଲ ପୁଣି ଥରେ କୋର୍ଟକୁ ମାମଲା ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ କୋର୍ଟ ମନା କରିଦେଇଥିଲେ ।

ଗତସଂଧ୍ୟାରେ ଆୟୋଜିତ ଏହି ମ୍ୟାଚରେ ଭାରତ ବିଜୟୀ ହୋଇଥିଲା । କିନ୍ତୁ ଏହି ମ୍ୟାଚ ଅନ୍ୟ ଏକ କାରଣରୁ ବର୍ତ୍ତମାନ ଖବରର ଶିରୋନାମାରେ ରହିଛି । ତାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛି, ଖେଳ ଆରମ୍ଭରେ ଟସ୍ କରିବା ପରେ ସୌଜନ୍ୟମୂଳକ ଭାବରେ ଉଭୟ ପକ୍ଷର କ୍ୟାପଟେନ୍ ମାନେ ହାତ ମିଶାଇଥାନ୍ତି ଯାହା ଏହି ଖେଳ ସମୟରେ ହୋଇନଥିଲା । ଖେଳ ସରିବା ପରେ ମଧ୍ୟ କୌଣସି ଖେଳାଳୀ ଅନ୍ୟ ପକ୍ଷର ଖେଳାଳୀଙ୍କୁ କରମର୍ଦ୍ଦନ କରିନଥିଲେ । ଯାହାକୁ ନେଇ ପାକିସ୍ତାନୀ କ୍ରିକେଟ୍ ବୋର୍ଡ଼ ଅସନ୍ତୋଷ ବ୍ୟକ୍ତ କରିବା ସହ ଏସିଆନ୍ କ୍ରିକେଟ୍ ଆସୋସିଏସନ୍ ରେ ଅଭିଯୋଗ ଦାଖଲ କରିଛନ୍ତି । ଅନ୍ୟ ପକ୍ଷରେ ଭାରତର କ୍ରିକେଟ୍ ଦଳର କ୍ୟାପଟେନ୍ ସୁର୍ଯ୍ୟକୁମାର ଯାଦବ ମନ୍ତବ୍ୟ ଦେଇଛନ୍ତି ଯେ କେବଳ ଖେଳୁଆଡ଼ ହେବାଠାରୁ ଦେଶପାଇଁ ଆମର ଅଧିକ ଭାବନା ରହିଛି । ସେ ଏହି ବିଜୟକୁ ଭାରତୀୟ ସୈନ୍ୟବାହିନୀଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ, ଯେଉଁମାନେ ଅପରେସନ୍ ସିନ୍ଦୁର୍ ସମୟରେ ଧୈର୍ଯ୍ୟ ଓ ସାହାସର ପରିଚୟ ଦେଇଛନ୍ତି । ଭାରତୀୟ କ୍ରିକେଟ୍ ଦଳ ସର୍ବଦା ପହଲଗାଓଁ ଆକ୍ରମଣରେ ଶହୀଦ ହୋଇଥିବା ପର୍ଯ୍ୟଟକ ଏବଂ ସେମାନଙ୍କ ପରିବାର ସହ ରହିଛି । ଆମେ ସବୁବେଳେ ଆମ ସେନାବାହିନୀର ଗୌରବକୁ ଉଚ୍ଚରେ ରଖିବାକୁ ଚେଷ୍ଟା କରିବୁ ବୋଲି ମଧ୍ୟ ସେ ମନ୍ତବ୍ୟ ଦେଇଛନ୍ତି ।

ହାତ ନ ମିଳାଇବା ବିଷୟରେ ପ୍ରଶ୍ନକୁ ସେ କହିଥିଲେ ଯେ ଆମେ ବିସିସିଆଇ ଏବଂ ଭାରତ ସରକାରଙ୍କ ନିୟମ ଅନୁସାରେ ଖେଳିବାକୁ ଆସିଛୁ, ଆମେ ସେମାନଙ୍କୁ ସଠିକ ଜବାବ ମଧ୍ୟ ଦେଇଛୁ ।

ଭାରତୀୟ ସେନା ଅପରେସନ୍ ସିନ୍ଦୁରରେ ସ୍ୱଦେଶୀ ସୁରକ୍ଷିତ ମୋବାଇଲ୍ ଇକୋସିଷ୍ଟମ୍ SAMBHAV (Secure Army Mobile Bharat Version) ବ୍ୟବହାର କରିଥିଲା ବୋଲି ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ପ୍ରକାଶ କରିଛନ୍ତି । AIMAର ୫୨ତମ ନ୍ୟାସନାଲ୍ ମ୍ୟାନେଜମେଣ୍ଟ କନଭେନସନରେ ସେ କହିଛନ୍ତି, "ଆମେ ହ୍ୱାଟ୍ସଆପ୍ ଓ ଅନ୍ୟ ଆପ୍ ବ୍ୟବହାର କରିନଥିଲୁ । SAMBHAV ଫୋନ୍ ଅପରେସନ୍ ସିନ୍ଦୁରରେ ନିର୍ଦ୍ଦେଶ ଓ ଯୋଗାଯୋଗ ପାଇଁ ବ୍ୟବହୃତ ହୋଇଥିଲା । ଏବେ ଏହାକୁ ଅଧିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉନ୍ନତ କରାଯାଉଛି ।"

ଏହି ଅପରେସନ୍‌କୁ ସୈନିକ, ନେତା, ବୈଜ୍ଞାନିକ ଓ ନୀତି ନିର୍ମାତାଙ୍କ ମିଳିତ ପ୍ରୟାସ ଭାବେ ବର୍ଣ୍ଣନା କରି ଜେନେରାଲ୍ ଦ୍ୱିବେଦୀ ଏହାକୁ "ସମଗ୍ର ରାଷ୍ଟ୍ରୀୟ ପଦକ୍ଷେପ" ବୋଲି କହିଛନ୍ତି । ଅଗଷ୍ଟରେ ସେ ଏହାକୁ "ଗୁପ୍ତଚର ଆଧାରିତ ଲ୍ୟାଣ୍ଡମାର୍କ ପ୍ରତିକ୍ରିୟା" ଭାବେ ବର୍ଣ୍ଣନା କରି ଭବିଷ୍ୟତ ସଂଘର୍ଷରେ ପାରମ୍ପରିକ ଓ ଆଧୁନିକ ସାମର୍ଥ୍ୟର ମିଶ୍ରଣ ଆବଶ୍ୟକତା ଉପରେ ଜୋର ଦେଇଥିଲେ ।

SAMBHAV, ଆତ୍ମନିର୍ଭର ଭାରତ ଅଭିଯାନ ଅନୁସାରେ ଜାନୁଆରୀ ୨୦୨୪ରେ ବିକଶିତ, ୫ଜି ପ୍ରଯୁକ୍ତି ଆଧାରିତ ଏକ ସୁରକ୍ଷିତ ମୋବାଇଲ୍ ଇକୋସିଷ୍ଟମ୍ । ଏହା ତୁରନ୍ତ ସଂଯୋଗ ଓ ବହୁସ୍ତରୀୟ ଏନକ୍ରିପସନ୍ ସହ ସ୍ୱଦେଶୀ ଆପ୍ M-Sigma ମାଧ୍ୟମରେ ନିରାପଦ ଡକ୍ୟୁମେଣ୍ଟ, ଫଟୋ ଓ ଭିଡିଓ ଆଦାନପ୍ରଦାନ ସୁନିଶ୍ଚିତ କରେ । ଏହା ଦେଶୀୟ ସାର୍ବଜନୀନ ସେଲୁଲାର ନେଟୱାର୍କ ବ୍ୟବହାର କରି ଏକାଡେମୀ ଓ ଶିଳ୍ପ ସହଯୋଗରେ ବିକଶିତ ହୋଇଛି । ଗତ ବର୍ଷ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ୩୦,୦୦୦ ହ୍ୟାଣ୍ଡସେଟ୍ ସେନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

ନିର୍ବାଚନ କମିଶନ ସୂତ୍ରରୁ ଜଣାପଡ଼ିଛି ଯେ, ଅକ୍ଟୋବର ମାସରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ଭୋଟର ଆଇଡି ସଂଶୋଧନ (SIR) ଆରମ୍ଭ ହେବ । ବୁଧବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକରେ ଏହି ପ୍ରସ୍ତୁତି ଆଲୋଚନା ହୋଇ ଅନୁମୋଦନ ପାଇଛି ।

ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ସମ୍ପନ୍ନ ହୋଇଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବର୍ତ୍ତମାନ ସମଗ୍ର ଦେଶକୁ ସମ୍ପ୍ରସାରଣ ହେବ । ଅଧିକାରୀମାନେ ସେପ୍ଟେମ୍ବର ସୁଦ୍ଧା ପ୍ରାଥମିକ ପ୍ରସ୍ତୁତି ସମାପ୍ତ କରି ଅକ୍ଟୋବରରେ SIR ଆରମ୍ଭ କରିବେ ବୋଲି କମିଶନକୁ ଆଶ୍ୱାସନା ଦେଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ସଂଶୋଧନର ଲକ୍ଷ୍ୟ ହେଉଛି ମୃତ, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ଦୁଇଟି ଆଇଡି ଏବଂ ଅଣ-ନାଗରିକଙ୍କ ନାମ ହଟାଇ ଭୋଟର ତାଲିକାକୁ ଶୁଦ୍ଧ କରିବା ଏବଂ ଯୋଗ୍ୟ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା । ସ୍ଥାନୀୟ ଭାବେ ଗ୍ରହଣୀୟ ପ୍ରମାଣପତ୍ର ଆଧାରରେ ଯାଞ୍ଚ ପ୍ରକ୍ରିୟା ନିର୍ଧାରଣ କରାଯିବ ।

ତେବେ, ବିହାରରେ ଏହି ପ୍ରକ୍ରିୟା ରାଜନୈତିକ ବିବାଦ ସୃଷ୍ଟି କରିଛି । କଂଗ୍ରେସ, ଆରଜେଡି ଓ ତୃଣମୂଳ କଂଗ୍ରେସ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରିଛନ୍ତି, ଯାହା ଏକ ସ୍ୱାତନ୍ତ୍ର ସମ୍ପ୍ରଦାୟର ଭୋଟରଙ୍କୁ ବାଦ ଦେଇପାରେ । କମିଶନ ଏହାକୁ ଭୋଟର ତାଲିକାର ଅଖଣ୍ଡତା ଓ ସଠିକତା ପାଇଁ ଜରୁରୀ ବୋଲି କହିଛି ।

ଫିଚ୍ ରେଟିଂସ୍ ଭାରତର ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ଅର୍ଥନୈତିକ ବୃଦ୍ଧି ପୂର୍ବାନୁମାନକୁ ୬.୫%ରୁ ବୃଦ୍ଧି କରି ୬.୯% କରିଛି । ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ଭାରତର ରିଅଲ୍ ଜିଡିପି ୭.୮% ବୃଦ୍ଧି ପାଇଥିବାରୁ ଏହି ସଂଶୋଧନ କରାଯାଇଛି, ଯାହା ପୂର୍ବ ତ୍ରୈମାସିକର ୭.୪% ତୁଳନାରେ ଅଧିକ ।

ଫିଚ୍ ରିପୋର୍ଟ ଅନୁସାରେ, ଦ୍ୱିତୀୟ ତ୍ରୈମାସିକରେ ସେବା କ୍ଷେତ୍ରର ଦୃଢ଼ ପ୍ରଦର୍ଶନ ଏବଂ ଦେଶୀୟ ଗ୍ରାହକ ଚାହିଦା ଏହି ବୃଦ୍ଧିର ମୁଖ୍ୟ କାରଣ । ଦେଶୀୟ ଚାହିଦା ଉପରେ ନିର୍ଭରଶୀଳ ଭାରତର ଅର୍ଥନୀତି ଉଚ୍ଚ ଆୟ ଗତିଶୀଳତା ଓ ସହଜ ଆର୍ଥିକ ପରିସ୍ଥିତି ଦ୍ୱାରା ସମର୍ଥିତ । ତେବେ, ଆମେରିକାର ୨୫% ଅତିରିକ୍ତ ଶୁଳ୍କ ନୀତି ଯୋଗୁଁ ବୈଶ୍ୱିକ ବାଣିଜ୍ୟ ଅନିଶ୍ଚିତତା ବ୍ୟବସାୟିକ ମନୋବଳ ଓ ନିବେଶ ନିଷ୍ପତ୍ତିକୁ ପ୍ରଭାବିତ କରିପାରେ ବୋଲି ଫିଚ୍ ଚେତାବନୀ ଦେଇଛି ।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ ବୃଦ୍ଧି ୬.୩%କୁ ଏବଂ ଆଗାମୀ ଦୁଇ ବର୍ଷରେ ୬.୨%କୁ ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି । ଏହା ସହିତ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରିଅଲ୍ ଓ ନାମମାତ୍ର ଜିଡିପି ମଧ୍ୟରେ ସଂକୁଚିତ ବ୍ୟବଧାନ ଯୋଗୁଁ ରିଅଲ୍ ଜିଡିପି ପରିବର୍ତ୍ତନ ହୋଇପାରେ ବୋଲି ଫିଚ୍ ସତର୍କ କରିଛି ।

ଜୁଲାଇରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୧.୬%କୁ ହ୍ରାସ ପାଇଥିଲା, ଯାହା ଜୁନ୍ ୨୦୧୭ ପରେ ସର୍ବନିମ୍ନ । ଏହା କମ୍ ଖାଦ୍ୟ ମୂଲ୍ୟ ଓ ଭଲ ମୌସୁମୀ ବର୍ଷା ଯୋଗୁଁ ହୋଇଛି । ଫିଚ୍ ଆଶା କରୁଛି ଯେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଚଳିତ ବର୍ଷ ଶେଷରେ ସୁଧ ହାର ୨୫ ବେସିସ୍ ପଏଣ୍ଟ ହ୍ରାସ କରିବ ଏବଂ ୨୦୨୬ ମସିହା ପର୍ଯ୍ୟନ୍ତ ଏହାକୁ ସ୍ଥିର ରଖିବ । ୨୦୨୭ରୁ ମୁଦ୍ରାସ୍ଫୀତି ଓ ବୃଦ୍ଧି ଆଧାରରେ ନୀତି କଠୋର କରାଯାଇପାରେ ।

GST (ସାମାନ୍ୟ ସାମଗ୍ରୀ ଏବଂ ସେବା ଟିକସ) ରେ ସଂସ୍କାର ପରେ, କେନ୍ଦ୍ର ସରକାର ଏବେ ଆମେରିକାର ନୂଆ ଶୁଳ୍କ ଦ୍ୱାରା ଅସୁବିଧାରେ ପଡ଼ିଥିବା ରପ୍ତାନିକାରୀଙ୍କ ପାଇଁ ଆଶ୍ୱସ୍ତି ଘୋଷଣା କରିବାକୁ ପ୍ରସ୍ତୁତ ହେଉଛନ୍ତି ।

ଏକ ସୂତ୍ରକୁ ଉଦ୍ଧୃତ କରି କୁହାଯାଇଛି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ପ୍ରଭାବିତ ବ୍ୟବସାୟୀମାନଙ୍କୁ, ବିଶେଷକରି ବୟନଶିଳ୍ପ, ମଣି ଏବଂ ଅଳଙ୍କାର ଭଳି କ୍ଷେତ୍ରକୁ ସମର୍ଥନ କରିବା ପାଇଁ ଖୁବ ଶୀଘ୍ର ଅନେକ ଯୋଜନା ପ୍ରଣୟନ କରାଯିବ । ଏହି ପ୍ୟାକେଜ ଛୋଟ ରପ୍ତାନିକାରୀଙ୍କ ଅସୁବିଧା ହ୍ରାସ କରିବାରେ, ଚାକିରି ବଞ୍ଚାଇବା ଏବଂ ନୂତନ ବଜାର ଖୋଜିବାରେ ସାହାଯ୍ୟ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର COVID-19 ସମୟରେ MSME (କ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ) କୁ ଦିଆଯାଇଥିବା ସହାୟତା ପରି ଏହି ଆଶ୍ୱସ୍ତି ପ୍ୟାକେଜ ପ୍ରସ୍ତୁତ କରୁଛନ୍ତି ।

ଏହା ସହିତ, ବଜେଟରେ ଘୋଷିତ ରପ୍ତାନି ପ୍ରୋତ୍ସାହନ ମିଶନକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ପ୍ରୟାସ କରାଯାଉଛି, ଯାହା ଦ୍ୱାରା ଭାରତର ବିଶ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଣିଜ୍ୟ ଆହୁରି ମଜବୁତ ହେବ ।

ଆମେରିକା ସମ୍ପ୍ରତି ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହା ମଧ୍ୟରୁ ୨୫ ପ୍ରତିଶତ ଶୁଳ୍କ ରୁଷିଆରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ ଅଟେ । ଏହି ଶୁଳ୍କ ବୟନଶିଳ୍ପ, ମଣି ଏବଂ ଅଳଙ୍କାର, ଚମଡା, ପାଦୁକା, ରାସାୟନିକ ପଦାର୍ଥ, ଇଞ୍ଜିନିୟରିଂ ସାମଗ୍ରୀ, କୃଷି ଏବଂ ସାମୁଦ୍ରିକ ଉତ୍ପାଦ ଭଳି କ୍ଷେତ୍ରକୁ ପ୍ରଭାବିତ କରିଛି ।

ଏହି ଶିଳ୍ପଗୁଡ଼ିକର ରପ୍ତାନିକାରୀମାନେ ସେମାନଙ୍କର ପ୍ରତିଯୋଗିତାମୂଳକତା ବଜାୟ ରଖିବା ପାଇଁ ସଂଘର୍ଷ କରୁଛନ୍ତି । ସୂତ୍ର ଅନୁସାରେ ସରକାରଙ୍କ ଧ୍ୟାନ କ୍ଷୁଦ୍ର ରପ୍ତାନିକାରୀଙ୍କ ନଗଦ ସଙ୍କଟକୁ ଦୂର କରିବା, ପୁଞ୍ଜି ସମସ୍ୟା ହ୍ରାସ କରିବା ଏବଂ ଚାକିରି ବଞ୍ଚାଇବା ଉପରେ ରହିବ ।

ଏହା ବ୍ୟତୀତ, ନୂତନ ବଜାର ଅନୁସନ୍ଧାନ ଏବଂ ବାଧାହୀନ ଭାବରେ ଉତ୍ପାଦନ ଚଳାଇବା ପାଇଁ ମଧ୍ୟ ଯୋଜନା କରାଯାଉଛି । ଏହି ପ୍ୟାକେଜ କେବଳ ବର୍ତ୍ତମାନର ସମସ୍ୟାର ସମାଧାନ କରିବ ନାହିଁ, ବରଂ ଭବିଷ୍ୟତରେ ବିଶ୍ୱ ବାଣିଜ୍ୟରେ ଭାରତର ସ୍ଥିତିକୁ ମଜବୁତ କରିବାକୁ ମଧ୍ୟ ଚେଷ୍ଟା କରିବ ।

ମୁମ୍ବାଇକୁ ପୁଣି ଥରେ ବୋମା ବିସ୍ଫୋରଣ ଧମକ ମିଳିଛି । ଏଥର ଆତ୍ମଘାତୀ ବିସ୍ଫୋରଣ ଧମକ ପଠାଯାଇଛି । ଏହି ଧମକପୂର୍ଣ୍ଣ ମେସେଜ ମୁମ୍ବାଇ ପୋଲିସର ଟ୍ରାଫିକ ପୋଲିସର ହ୍ୱାଟ୍ସଆପ ନମ୍ବରରେ ପଠାଯାଇଛି । ଅନନ୍ତ ଚତୁର୍ଦ୍ଦଶୀ ଅବସରରେ ଧମକ ପାଇବା ପରେ ପୋଲିସ ସତର୍କ ହୋଇଯାଇଛି ।

ମେସେଜରେ ଦାବି କରାଯାଇଛି ଯେ ୩୪ଟି ଗାଡ଼ିରେ ମାନବ ବୋମା ଲଗାଯାଇଛି ଏବଂ ବିସ୍ଫୋରଣ ପରେ ସମଗ୍ର ମୁମ୍ବାଇ ସହର ଥରି ଉଠିବ । ଧମକରେ 'ଲସ୍କର-ଏ-ଜିହାଦି' ନାମକ ଏକ ସଂଗଠନର ଉଲ୍ଲେଖ ଅଛି । ଏହା ସହିତ, ଏଥିରେ ଦାବି କରାଯାଇଛି ଯେ ୧୪ଜଣ ପାକିସ୍ତାନୀ ଆତଙ୍କବାଦୀ ଭାରତରେ ପ୍ରବେଶ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମେସେଜରେ କୁହାଯାଇଛି ଯେ ୪୦୦ କିଲୋଗ୍ରାମ RDX ବିସ୍ଫୋରଣ ଯୋଗୁ ୧ କୋଟି ଲୋକ ମୃତ୍ୟୁବରଣ କରିବେ । ମୁମ୍ବାଇ ପୋଲିସ ଏହି ଧମକକୁ ନେଇହାଇ ଆଲର୍ଟରେ ଅଛି ।

ଏହା ପ୍ରଥମ ଥର ନୁହେଁ ଯେ ମୁମ୍ବାଇକୁ ଏକ ବଡ଼ ସ୍ତରରେ ବୋମା ବିସ୍ଫୋରଣ ଧମକ ଦିଆଯାଇଛି । ପୂର୍ବରୁ ମଧ୍ୟ, ପୋଲିସ ନିୟନ୍ତ୍ରଣ କକ୍ଷକୁ କଲ କରି କିମ୍ବା ପୋଲିସ ନମ୍ବରରେ ମେସେଜ ମାଧ୍ୟମରେ ଅନେକ ଥର ଏପରି ଧମକ ଦିଆଯାଇଛି । ତଥାପି, ଏଥର ଧମକ ବହୁତ ଗମ୍ଭୀର ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଟାର୍ଗେଟ କରାଯିବ ବୋଲି କୁହାଯାଇଛି ।

ପ୍ରାୟ ଦୁଇ ସପ୍ତାହ ପୂର୍ବରୁ, ୱାର୍ଲିର ଫୋର୍ ସିଜନ୍ସ ହୋଟେଲରେ ବିସ୍ଫୋରଣର ଚେତାବନୀ ଦିଆଯାଇଥିଲା । ପୂର୍ବରୁ ଅଗଷ୍ଟ ୧୪ ତାରିଖରେ ପୋଲିସକୁ ଫୋନ କରି କୁହାଯାଇଥିଲା ଯେ ଏକ ଟ୍ରେନରେ ବିସ୍ଫୋରଣ ହେବାକୁ ଯାଉଛି । କଲର ଏହା କହିବା ପରେ ତୁରନ୍ତ କଲ କାଟି ଦେଇଥିଲେ । ସମୟ କିମ୍ବା ସ୍ଥାନ ବିଷୟରେ କିଛି କୁହାଯାଇ ନଥିଲା । ତଥାପି, ପୋଲିସ ଗମ୍ଭୀରତାର ସହ ତଦନ୍ତ କରିଥିଲା ଏବଂ ସେମାନଙ୍କୁ କିଛି ସନ୍ଦେହଜନକ ତଥ୍ୟ ମିଳିନଥିଲା ।

ମୁମ୍ବାଇକୁ ଥରାଇଦେବା ପାଇଁ ଆଉ ଏକ ଧମକ ଜୁଲାଇ ୨୬ରେ ଆସିଥିଲା, ଯାହା ଏକ ଉତ୍ତେଜନା ସୃଷ୍ଟି କରିଥିଲା । କୁହାଯାଉଥିଲା ଯେ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ (CSMT) କୁ ବୋମାରେ ଉଡ଼ାଇ ଦିଆଯିବ । ଧମକ ଦେଇଥିବା ବ୍ୟକ୍ତି ସ୍ପଷ୍ଟ ଭାବରେ କହିଥିଲେ ଯେ ଷ୍ଟେଶନରେ ଏକ ବୋମା ରଖାଯିବ, ଯାହା ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇପାରେ । ଏହି ସମୟ ମଧ୍ୟରେ ମଧ୍ୟ ପୋଲିସ ତଦନ୍ତରେ କିଛି ସନ୍ଦେହଜନକ ତଥ୍ୟ ପାଇନଥିଲା ।

ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଜଣେ ମହିଳା ଆଇପିଏସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଫିସରଙ୍କ ସହ ସୋଲାପୁରରେ ଅବୈଧ ମାଟି ଖୋଳା ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ତୀବ୍ର ବାକ୍ୟ ବିନିମୟ ହେଉଥିବା ଏକ ଭିଡିଓ ଭାଇରାଲ ହୋଇଛି ।

୩୧ ଅଗଷ୍ଟରେ ଏକ ଦୁଇ ମିନିଟର ଭିଡିଓରେ ପାୱାର ସୋଲାପୁରର କୁର୍ଦୁ ଗାଁରେ ରାସ୍ତା ନିର୍ମାଣ ପାଇଁ ଅବୈଧ ଭାବେ 'ମହରମ' ମାଟି ଖୋଳା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପହଞ୍ଚିଥିବା ସବ-ଡିଭିଜନାଲ ପୋଲିସ ଅଫିସର ଅଞ୍ଜନା କ୍ରିଷ୍ଣାଙ୍କ ସହ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ଜଣେ କର୍ମୀଙ୍କ ଫୋନରେ କଥା ହେଉଥିବା ଶୁଣାଯାଇଛି ।

ଭିଡିଓରେ ପାୱାର କହୁଛନ୍ତି, "ଶୁଣ, ମୁଁ ଉପ-ମୁଖ୍ୟମନ୍ତ୍ରୀ କହୁଛି ଏବଂ ତୁମକୁ ଏହା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଉଛି ।" କିନ୍ତୁ କେରଳର ଅଞ୍ଜନା କ୍ରିଷ୍ଣା, ଯିଏ ନିକଟରେ ମହାରାଷ୍ଟ୍ରରେ ନିଯୁକ୍ତ ହୋଇଛନ୍ତି, ତାଙ୍କ ସ୍ୱର ଜାଣିପାରି ନଥିଲେ ଏବଂ ତାଙ୍କ ମୋବାଇଲରେ କଲ କରିବାକୁ କହିଥିଲେ ।

ଏହାପରେ ପାୱାର କହିଥିଲେ, "ମୁଁ ତୁମ ଉପରେ କାର୍ଯ୍ୟାନୁଷ୍ଠାନ ନେବି । ତୁମେ ମୋତେ ଦେଖିବାକୁ ଚାହୁଁଛ ତ ? ତୁମର ନମ୍ବର ଦିଅ କିମ୍ବା ହ୍ୱାଟସଆପ କଲ କର । ମୋ ମୁହଁ ତୁମେ ଚିହ୍ନିବ ତ ?" ସେ ଆହୁରି କହିଥିଲେ, "ତୁମେ ଏତେ ସାହସ କେମିତି କଲ ?" ପରେ ସେ ଭିଡିଓ କଲ ମାଧ୍ୟମରେ ତାଙ୍କୁ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ କହିଥିବା ଜଣାପଡ଼ିଛି ।

ଏନସିପି ଏମପି ସୁନୀଲ ତାତକାରେ କହିଛନ୍ତି ଯେ ଏହି ଭିଡିଓ ଇଚ୍ଛାକୃତ ଭାବେ ଲିକ କରାଯାଇଛି । ସେ ଦାବି କରିଛନ୍ତି ଯେ ଅଜିତ ପାୱାର କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚାହିଁ ନଥିଲେ, ବରଂ ପାର୍ଟି କର୍ମୀମାନଙ୍କୁ ଶାନ୍ତ କରିବା ପାଇଁ ଅଫିସରଙ୍କୁ ତିରସ୍କାର କରିଥାଇ ପାରନ୍ତି । ସେ କୌଣସି ଅବୈଧ କାର୍ଯ୍ୟକୁ ସମର୍ଥନ କରନ୍ତି ନାହିଁ । ସେ ସମ୍ଭବତଃ ପରିସ୍ଥିତି ଶାନ୍ତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ କିଛି ସମୟ ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଟକାଇବାକୁ ଚାହିଁଥିଲେ ।”

ଦେଶରେ ଶିଶୁ ମୃତ୍ୟୁ ହାର (ଆଇଏମ୍ଆର୍) ୨୦୧୩ରେ ୪୦ ଥିବାବେଳେ ଏବେ ତାହା ୨୫କୁ ହ୍ରାସ ପାଇଛି । ଅର୍ଥାତ୍ ୧୦ ବର୍ଷ ମଧ୍ୟରେ ମୃତ୍ୟୁହାର ୩୭.୫% କମିଛି । ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ଦ୍ୱାରା ଜାରି ୨୦୨୩ର ନମୁନା ପଞ୍ଜୀକରଣ ସିଷ୍ଟମ (ଏସ୍ଆର୍ଏସ୍) ରିପୋର୍ଟରୁ ଏହା ଜଣାପଡ଼ିଛି । ଆଇଏମ୍ଆର୍ ହେଉଛି ୧ ବର୍ଷରୁ କମ୍ ବୟସ ମଧ୍ୟରେ ପ୍ରତି ହଜାରେ ଜନ୍ମିତ ଶିଶୁରେ ମୃତ୍ୟୁମୁଖରେ ପଡୁଥିବା ଶିଶୁ ସଂଖ୍ୟା । ଏହି ସଂଖ୍ୟା କମିବା ଅର୍ଥ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଛି ।

୨୦୨୩ର ତଥ୍ୟ ଆଧାରରେ ଏସ୍ଆର୍ଏସ୍ ରିପୋର୍ଟ ପ୍ରକାଶିତ ହୋଇଛି । ୧୯୭୧ରେ ପ୍ରତି ୧୦୦୦ ପିଲାଙ୍କ ମଧ୍ୟରୁ ୧୨୯ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ସେଥିରେ ୮୦ ପ୍ରତିଶତ ହ୍ରାସ ଘଟିଛି । ଅନ୍ୟପକ୍ଷରେ ରାଜ୍ୟୱାରି ଦେଖିଲେ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରପ୍ରଦେଶରେ ଆଇଏମ୍ଆର୍ ସର୍ବାଧିକ ୩୭ ରହିଥିବାବେଳେ ମଣିପୁରରେ ସର୍ବନିମ୍ନ ୩ ଏବଂ କେରଳରେ ୫ ରହିଛି । ଗତ ୧୦ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ଆଇଏମ୍ଆର୍ ୪୪ରୁ ୨୮କୁ ଖସିଥିବାବେଳେ ସହରାଞ୍ଚଳରେ ୨୭ରୁ ୧୮କୁ ହ୍ରାସ ପାଇଛି । ଅର୍ଥାତ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଶିଶୁ ମୃତ୍ୟୁ ହାରରେ ଯଥାକ୍ରମେ ୩୬ ଓ ୩୩ ପ୍ରତିଶତ ହ୍ରାସ ଘଟିଛି ।

ସର୍ବଭାରତୀୟ ସ୍ତରରେ ଜନ୍ମହାର ଗତ ୫ ଦଶନ୍ଧି ମଧ୍ୟରେ ଯଥେଷ୍ଟ ହ୍ରାସ ପାଇଛି । ୧୯୭୧ରେ ପିଲା ଜନ୍ମହାର ୩୬.୯ ଥିବାବେଳେ ୨୦୨୩ରେ ତାହା ୧୮.୪କୁ ଖସିଛି । ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳ-ସହରାଞ୍ଚଳ ଜନ୍ମହାରରେ ପାର୍ଥକ୍ୟ ମଧ୍ୟ କମିଛି । ତେବେ ଗ୍ରାମାଞ୍ଚଳରେ ଜନ୍ମହାର ସହରାଞ୍ଚଳଠାରୁ ଅଧିକ ରହିଆସିଛି । ୨୦୧୩ରେ ଦେଶରେ ଜନ୍ମହାର ୨୧.୩ ଥିବାବେଳେ ୨୦୨୩ରେ ତାହା ୧୮.୪ ହୋଇଛି, ଅର୍ଥାତ୍ ୧୦ ବର୍ଷରେ ୧୪ ପ୍ରତିଶତ କମିଛି । ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳ ଜନ୍ମହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨୨.୯ରୁ ୨୦.୩କୁ (୧୧%) କମିଥିବାବେଳେ ସହରାଞ୍ଚଳରେ ୧୭.୩ରୁ ୧୪.୯କୁ ଅର୍ଥାତ୍ ୧୪ ପ୍ରତିଶତ ହ୍ରାସ ପାଇଛି । ୨୦୨୩ରେ ବିହାରରେ ଜନ୍ମହାର ସର୍ବାଧିକ ୨୫.୮ ରହିଥିବାବେଳେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସର୍ବନିମ୍ନ ୧୦.୧ ରହିଛି । ମୃତ୍ୟୁହାର ମଧ୍ୟ ଗତ ୫ ଦଶନ୍ଧି ମଧ୍ୟରେ କ୍ରମାଗତ ହ୍ରାସ ପାଇଛି । ୧୯୭୧ରେ ମୃତ୍ୟୁହାର ୧୪.୯ ଥିବାବେଳେ ୨୦୨୩ରେ ତାହା ୬.୪କୁ ଖସିଛି । ଗ୍ରାମାଞ୍ଚଳରେ ମୃତ୍ୟୁହାର ୨୦୨୨ରେ ୭.୨ ଥିବାବେଳେ ୨୦୨୩ରେ ୬.୮କୁ ହ୍ରାସ ପାଇଛି । ସହରାଞ୍ଚଳରେ ଏହି ସମୟ ମଧ୍ୟରେ ମୃତ୍ୟୁହାର ୬.୦ରୁ ୫.୭କୁ ହ୍ରାସ ପାଇଥିବା ଦେଖାଯାଇଛି ।

ସେପ୍ଟେମ୍ବର ୨୨ରୁ ଦେଶରେ ସାମଗ୍ରୀ ଓ ସେବାଗୁଡ଼ିକ ଉପରେ ଦୁଇଟି ଟିକସ ସ୍ଲାବ୍ ଲଗାଯିବ । ନୂଆଦିଲ୍ଲୀରେ ଚାଲିଥିବା ୫୬ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ବୁଧବାର ରାତିରେ ଏ ସମ୍ପର୍କିତ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ତଦନୁସାରେ ପୂର୍ବ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ୫% ଏବଂ ୧୮% ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି । ଏଥିରୁ ଦେଶର ସାଧାରଣ ନାଗରିକ ଲାଭବାନ ହେବେ । କୃଷକଙ୍କଠାରୁ ନେଇ ଶ୍ରମିକଙ୍କ ପର୍ଯ୍ୟନ୍ତ ଧ୍ୟାନରେ ରଖି ସ୍ଲାବ୍‌ରେ ଏପରି ହ୍ରାସ କରାଯାଇଥିବା ସୀତାରାମନ୍ କହିଛନ୍ତି । ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ ସବୁ ରାଜ୍ୟର ଅର୍ଥମନ୍ତ୍ରୀ ସହମତି ପ୍ରକାଶ କରିଥିବା ପ୍ରାୟ ୧୧ ଘଣ୍ଟାର ମାରାଥନ୍ ବୈଠକରୁ ଜଣାପଡ଼ିଛି । ତେବେ ଏଥିଯୋଗୁ ପ୍ରାୟ ୯୩,୦୦୦ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ହୋଇପାରେ । ରାଜ୍ୟଗୁଡ଼ିକ ସହିବାକୁ ଥିବା ରାଜସ୍ୱ କ୍ଷତିର ଭରଣା ଲାଗି କୌଣସି ନିଷ୍ପତ୍ତି ନିଆଯାଇନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଜିଏସ୍‌ଟିରେ ସଂସ୍କାର ଯୋଗୁ ନାଗରିକଙ୍କ ଜୀବନରେ ଉନ୍ନତି ଆସିବା ସହ କ୍ଷୁଦ୍ର ବ୍ୟବସାୟୀ ଓ ବିଜ୍‌ନେସମ୍ୟାନ୍‌ଙ୍କ ବ୍ୟବସାୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହଜତା ଆସିବ । ଏଥିସହ ଦେଶର ଅର୍ଥନୀତି ମଧ୍ୟ ମଜ୍‌ଭୁତ ହେବ ବୋଲି 'X'ରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫୬ତମ ଜିଏସ୍‌ଟି କାଉନ୍‌ସିଲ ଏହା ପୂର୍ବ ବ୍ୟବସ୍ଥା ଅନୁସାରେ ପ୍ରଚଳିତ ୧୨% ଓ ୨୮% ଟିକସକୁ ଉଚ୍ଛେଦ କରି ଦ୍ୱୈତ ଟିକସ ହାର ୫% ଓ ୧୮% ଢାଞ୍ଚା ଆଣିଛି । ଆଗକୁ ପାର୍ବଣ ଋତୁ ଆସୁଥିବାରୁ ନବରାତ୍ରିର ପ୍ରଥମ ଦିନ ଅର୍ଥାତ୍ ଆସନ୍ତା ୨୨ ତାରିଖରୁ ଏହା ଲାଗୁ ହେବ । ଫଳରେ ଗୋଟିଏ ପଟେ ଖାଉଟିଙ୍କୁ ଆଶ୍ୱସ୍ତି ମିଳିବ, ଅନ୍ୟପଟେ ରାଜକୋଷର ୯୩,୦୦୦ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ହେବ । ତେବେ ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ୪୦% ସ୍ଲାବ୍ ଅଣାଯିବା ଦ୍ୱାରା ରାଜକୋଷକୁ ୪୫,୦୦୦ କୋଟି ଟଙ୍କା ଫେରିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି । ନୂଆ ଜିଏସ୍‌ଟି ସ୍ଲାବ୍ ନେଇ ରାଜ୍ୟଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଥିବାରୁ ଏଥିପାଇଁ ଭୋଟିଂର ଆବଶ୍ୟକତା ପଡ଼ିନାହିଁ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧରୀ ସୂଚନା ଦେଇଛନ୍ତି । ବୈଠକରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ କହିଛନ୍ତି, ଜିଏସ୍‌ଟି ହାରରେ ପରିବର୍ତ୍ତନ ଯୋଗୁ ମୋଟ୍ ୪୭,୦୦୦ କୋଟି ଟଙ୍କା କ୍ଷତି ହେବ । ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ ସିଂ ଚୀମା କହିଛନ୍ତି, ୪୦% ସ୍ଲାବ୍ ଉପରେ ଅତିରିକ୍ତ ଟିକସ କଷାଯିବ ନାହିଁ । ତେବେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ । ସେହିପରି ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ରାଧାକ୍ରିଷ୍ଣ କିଶୋର କହିଛନ୍ତି, ଖାଉଟିଙ୍କ ବ୍ୟବହାର ବଢ଼ିଲେ ରାଜସ୍ୱ ନିଅଣ୍ଟରେ ହେବାକୁ ଥିବା କ୍ଷତିର ପରିମାଣ ହ୍ରାସ ପାଇବ । ରାଜ୍ୟଗୁଡ଼ିକ ଏହି କ୍ଷତିର ଭରଣା ପାଇଁ ଦାବି କରିଥିଲେ ହେଁ ଏହା ଉପରେ କୌଣସି ସ୍ୱଚ୍ଛତା ଆସିପାରି ନାହିଁ ।

ପ୍ରକାଶ ଯେ, ପୂର୍ବରୁ ଜିଏସ୍‌ଟିର ୪ଟି ସ୍ଲାବ୍ ପ୍ରଚଳିତ ଥିଲା । ସେଗୁଡ଼ିକ ହେଲା ୫, ୧୨, ୧୮ ଓ ୨୮ ପ୍ରତିଶତ । ପ୍ରଧାନମନ୍ତ୍ରୀ ମୋଦି ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଥିରେ ସଂସ୍କାର ଅଣାଯିବା ନେଇ ସଙ୍କେତ ଦେଇଥିଲେ । ତଦନୁସାରେ ଜିଏସ୍‌ଟି କାଉନ୍‌ସିଲ ବୈଠକ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଚାଲିବାକୁ ଥିଲା । କିନ୍ତୁ ଏହାକୁ ଆଗୁଆ ଶେଷକରି ଦିନକିଆ କାର୍ଯ୍ୟକ୍ରମରେ ସୀମିତ ରଖାଯାଇଛି । ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଜୋତା ଓ ଅନ୍ୟ ପରିଧାନ ଉପରେ ୫% ଟିକସ ଲାଗିବ । ଅଦ୍ୟାବଧି ୧,୦୦୦ ଟଙ୍କାର ଏଭଳି ସାମଗ୍ରୀ ଉପରେ ୫% ଓ ୧,୦୦୦ରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଉପରେ ୧୨% ଟିକସ ଲାଗୁଥିଲା । ସେହିପରି ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟବୀମା ପ୍ରିମିୟମ୍‌ରୁ ଜିଏସ୍‌ଟିକୁ ଛାଡ଼ କରାଯାଇଛି । ମୁଣ୍ଡରେ ଲଗାଇବା ତେଲଠାରୁ କନ୍‌ଫ୍ଲେକ୍ସ, ଟିଭି ଓ ପର୍ସନାଲ ହେଲ୍‌ଥ ତଥା ଜୀବନବୀମା ପଲିସି ଭଳି ସାଧାରଣ ବ୍ୟବହୃତ ଆଇଟମ୍ ଉପରୁ ଜିଏସ୍‌ଟି ଟିକସ ହ୍ରାସ କରାଯାଇଛି । ଅନ୍ୟପକ୍ଷେ କାର୍, ତମାଖୁ ଓ ସିଗାରେଟ୍ ଭଳି କିଛି ଆଇଟମ୍ ଉପରେ ୪୦%ର ଏକ ସ୍ୱତନ୍ତ୍ର ଟିକସ ଲଗାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର (ସେପ୍ଟେମ୍ବର ୨) ବିହାରର ଦରଭଙ୍ଗାରେ କଂଗ୍ରେସ-ଆରଜେଡି ଭୋଟର ଅଧିକାର ରାଲିରେ ତାଙ୍କ ମାଆଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ଉପରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସେ କେବେ କଳ୍ପନା କରିନଥିଲେ ଯେ ବିହାରରେ ଏପରି ପରିସ୍ଥିତି ସୃଷ୍ଟି ହେବ, ଯାହାର ଏକ ସମୃଦ୍ଧ ପରମ୍ପରା ରହିଛି, ଯେଉଁଠାରେ ମାଆଙ୍କ ସମ୍ମାନକୁ ଆଘାତ ଦିଆଯିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି, 'ମା ହେଉଛନ୍ତି ଆମର ବିଶ୍ୱ, ମାଆ ହେଉଛନ୍ତି ଆମର ସଂସ୍କାର । କିଛି ଦିନ ପୂର୍ବରୁ ବିହାରରେ ଯାହା ଘଟିଥିଲା, ତାହା ନା ମୁଁ କଳ୍ପନା କରିଥିଲି, ନା ବିହାରର କୌଣସି ଭାଇ କିମ୍ବା ଭଉଣୀ ଏହା କଳ୍ପନା କରିଥିବେ, ନା ଭାରତର କୌଣସି ନାଗରିକ ଏହା ଭାବିଥିବେ ।'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଆହୁରି କହିଛନ୍ତି ଯେ ବିହାରରେ ଆରଜେଡି-କଂଗ୍ରେସର ମଞ୍ଚରୁ ତାଙ୍କ ମାଆଙ୍କୁ ଦୁର୍ବ୍ୟବହାର କରାଯାଇଥିଲା, ଯାହା କେବଳ ତାଙ୍କ ମାଆଙ୍କ ପ୍ରତି ଅପମାନ ନୁହେଁ ବରଂ ସମଗ୍ର ଦେଶର ମା, ଭଉଣୀ ଏବଂ ଝିଅଙ୍କ ପ୍ରତି ଅପମାନ । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏହି ଅପମାନ କେବଳ ମୋ ମାଆଙ୍କ ପ୍ରତି ଅପମାନ ନୁହେଁ, ବରଂ ଭାରତର ପ୍ରତ୍ୟେକ ମାଆ, ଭଉଣୀ ଏବଂ ଝିଅଙ୍କ ପ୍ରତି ଅପମାନ । ମୁଁ ଜାଣେ ଯେ ମୋ ହୃଦୟରେ ଯେଉଁ ଯନ୍ତ୍ରଣା ଅଛି ତାହା ବିହାରବାସୀଙ୍କ ହୃଦୟରେ ମଧ୍ୟ ଅଛି । ପ୍ରତ୍ୟେକ ମାଆ ଏବଂ ଝିଅଙ୍କ ସମ୍ମାନକୁ ଆଘାତ ଲାଗିଛି ।'

ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ସହ ଏକ ଭାବପ୍ରବଣ ସମ୍ପର୍କ ସ୍ଥାପନ କରି କହିଛନ୍ତି ଯେ ବିହାରର ପରମ୍ପରାରେ ମାଆଙ୍କ ସମ୍ମାନ ସର୍ବୋପରି ଏବଂ ଏପରି ଅପମାନଜନକ ଶବ୍ଦ ଶୁଣି ସମଗ୍ର ଦେଶରେ କ୍ରୋଧ ପ୍ରକାଶ ପାଇଛି । ସେ କହିଛନ୍ତି ଯେ ଭାରତୀୟ ସଂସ୍କୃତିରେ ମାଆଙ୍କୁ ଦେବତାର ମାନ୍ୟତା ଦିଆଯାଇଛି ଏବଂ ଏପରି ଶବ୍ଦ ଆମର ସଭ୍ୟତା ଏବଂ ସଂସ୍କୃତି ଉପରେ ଆକ୍ରମଣ ।

ଉତ୍ତର ପ୍ରଦେଶର ବୁଲନ୍ଦସରସ୍ଥିତ ନୟାଗଞ୍ଜ ଅଞ୍ଚଳରେ ଥିବା ଏକ ଛୋଟ ଗ୍ରୋସେରି ଦୋକାନର ମାଲିକ ସୁଧୀରଙ୍କୁ ଆୟକର ବିଭାଗ ୧୪୧ କୋଟି ଟଙ୍କାର ଟିକସ ନୋଟିସ ପଠାଇଛି । ନିଜ ଛୋଟ ଗ୍ରୋସେରି ଦୋକାନକୁ ଚଳାଇ ପରିବାରର ଭରଣ ପୋଷଣ କରୁଥିବା ସୁଧୀରଙ୍କୁ ଗତ ଜୁଲାଇ ୧୦ରେ ଏହି ନୋଟିସ ଆସିଛି । ସେ ସମୁଦାୟ ୧୪୧ କୋଟି ୩୮ ଲକ୍ଷ ୪୭ ହଜାର ୧୨୬ ଟଙ୍କାର ବ୍ରିକ୍ରୟ କରିଛନ୍ତି ବୋଲି ଆୟକର ବିଭାଗ ପକ୍ଷରୁ ତାଙ୍କୁ ଏକ ଟିକସ ନୋଟିସ ଆସିଥିଲା, ଯାହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

ସାଇବର ଅପରାଧୀମାନେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ କରି ଦିଲ୍ଲୀରେ ୬ କମ୍ପାନୀକୁ ସ୍ଥାପନ କରିଛନ୍ତି । ତେଣୁ ତାଙ୍କୁ ଏପରି ନୋଟିସ ଆସିଥିବା ସୁଧୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଛନ୍ତି । ଏହି କମ୍ପାନୀଗୁଡ଼ିକ ଦ୍ୱାରା ଅନେକ କୋଟି ଟଙ୍କାର ଠକେଇ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି । ୨୦୨୨ରେ ଏ ସଂକ୍ରାନ୍ତରେ ତାଙ୍କୁ ଆୟକର ବିଭାଗ ପକ୍ଷରୁ ଏକ ନୋଟିସ ଆସିଥିଲା, ଯାହାର ଉତ୍ତର ସେ ରଖିଥିଲେ । ତାଙ୍କ ପାନ୍ କାର୍ଡକୁ ବ୍ୟବହାର କରାଯାଇ ଖୋଲାଯାଇଥିବା କମ୍ପାନୀଗୁଡ଼ିକ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ନେଇ ସେତେବେଳେ ସେ ଆୟକର ବିଭାଗକୁ ଜଣାଇଥିଲେ । ଏହା ସତ୍ତ୍ୱେ ମଧ୍ୟ ଆୟକର ବିଭାଗ ତାଙ୍କୁ ୧୪୧ କୋଟି ଟଙ୍କାର ନୋଟିସ ପଠାଇଥିବା ସୁଧୀର କହିଛନ୍ତି । ଉକ୍ତ ନୋଟିସ ଆସିବା ପରେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ ହେଉଥିବା ନେଇ ସେ ସ୍ଥାନୀୟ ଖୁର୍ଜା ଥାନାରେ ଅଭିଯୋଗ କରିଛନ୍ତି । ସୁଧୀରଙ୍କ ପାନ୍ କାର୍ଡକୁ ବ୍ୟବହାର କରି ସ୍ଥାପନ ହୋଇଥିବା କମ୍ପାନୀଗୁଡ଼ିକ ବିରୋଧରେ ଠକେଇ ଏବଂ ଜାଲିଆତି ମାମଲା ରୁଜୁ କରାଯାଇଛି ବୋଲି ପୋଲିସ କହିଛି । ବିଶେଷଜ୍ଞଙ୍କ ଅନୁଯାୟୀ, ପାନ୍ କାର୍ଡ ଜାଲିଆତିରେ ଜଣେ ବ୍ୟକ୍ତି ବେଆଇନ ଭାବରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଶେଲ୍ କମ୍ପାନୀ ସ୍ଥାପନ କରିବା, ଋଣ ପାଇବା କିମ୍ବା ଟିକସ ଫାଙ୍କିବା ଆଦି ପାଇଁ ଅନ୍ୟ ଜଣଙ୍କର ପାନ୍ ବିବରଣୀକୁ ବ୍ୟବହାର କରିଥାନ୍ତି । ସାଧାରଣତଃ ଅପ୍ରତ୍ୟାଶିତ ଭାବେ ଟିକସ ନୋଟିସ ଆସିବା ପରେ ଯାଇ ପୀଡ଼ିତମାନେ ଏପରି ଠକେଇର ସମ୍ମୁଖୀନ ହୋଇଥିବା ନେଇ ଜାଣିପାରିଥାନ୍ତି । ଏପରି ବିପଦକୁ କମ୍ କରିବା ପାଇଁ ନିୟମିତ ଭାବେ କ୍ରେଡିଟ୍ ରିପୋର୍ଟକୁ ଯାଞ୍ଚ୍ କରିବା ଓ ଆଧାର ସହ ପାନ୍ କାର୍ଡକୁ ଲିଙ୍କ୍ କରିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

ଚାଇନାର ତିଆଞ୍ଜିନ୍‌ରେ SCO ସମ୍ମିଳନୀ ଆୟୋଜିତ ହୋଇଛି । ଏହି ମହାସମ୍ମିଳନୀରେ ଏକାଠି ହୋଇଛନ୍ତି ୩ ମହାଶକ୍ତି । ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏକାଠି ହୋଇଛନ୍ତି । ଏହି ୩ ନେତା ପରସ୍ପର ସହ ହାତ ମିଳାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିନନ୍ଦନ ଜଣାଇଛନ୍ତି ।

ଉକ୍ତ ସମ୍ମିଳନୀରେ ପୁଣି ଆତଙ୍କବାଦ ପ୍ରସଙ୍ଗ ଉଠାଇଛନ୍ତି ମୋଦି । ଶାନ୍ତି ପ୍ରତିଷ୍ଠା ଦିଗରେ ଆତଙ୍କବାଦ ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି କହିଛନ୍ତି ମୋଦି । ସୁରକ୍ଷା, ଶାନ୍ତି ଓ ସ୍ଥିରତା ଯେ କୌଣସି ଦେଶର ବିକାଶ ପାଇଁ ଜରୁରୀ । କିନ୍ତୁ ଆତଙ୍କବାଦ ଏସବୁ ପାଇଁ ସବୁଠୁ ବଡ଼ ପ୍ରତିବନ୍ଧକ । ଆତଙ୍କବାଦ ବିରୋଧରେ ଜିରୋ ଟଲେରାନ୍ସ ନୀତି ଆପଣେଇବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି, ଦୀର୍ଘ ଦଶନ୍ଧିରୁ ଭାରତ ଆତଙ୍କବାଦର ପୀଡ଼ା ସହିଛି । ନିକଟରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏହାର ଉଦାହରଣ । ତେଣୁ ସମସ୍ତଙ୍କୁ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ହେବ ।

ପୂର୍ବ ଲଦାଖରେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷର ପ୍ରାୟ ୪ ବର୍ଷ ପରେ ୨୦୨୪ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ରୁଷିଆରେ ପରସ୍ପରକୁ ଭେଟିଥିଲେ । ଏହା ପରେ ରବିବାର ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ସୀମା ବିବାଦ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ସୀମାପାର ଆତଙ୍କବାଦକୁ ନେଇ ରହିଥିବା ଆହ୍ୱାନ ପ୍ରସଙ୍ଗ ଉଠାଇବା ସହ ଭାରତ ଓ ଚାଇନା ଏହାର ମୁକାବିଲା ପାଇଁ ପରସ୍ପରକୁ ସହଯୋଗ କରିବା ଉଚିତ ବୋଲି ମତ ଦେଇଛନ୍ତି । ମୋଦି କହିଛନ୍ତି, ସୀମାପାର ଆତଙ୍କବାଦ ପରିପ୍ରେକ୍ଷୀରେ ବର୍ତ୍ତମାନର ଏସ୍‌ସିଓ ସମିଟ୍ ପରିପ୍ରେକ୍ଷୀରେ ଆମେ ଚାଇନାଠାରୁ ସହଯୋଗ ପାଇଛୁ । ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଉଭୟ ପକ୍ଷଙ୍କ ସିଦ୍ଧାନ୍ତ ଭବିଷ୍ୟତରେ ସହାୟକ ହେବ । ଏହି ସମ୍ପର୍କ ଭାରତ ଓ ଚାଇନାର ୨.୮ ବିଲିୟନ୍ ଲୋକଙ୍କୁ ସୁବିଧା ଦେବ । ଏହି ଅବସରରେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ପର୍କ ବୃଦ୍ଧି ପାଇଁ ୪ଟି ପ୍ରସ୍ତାବ ଦେଇଛନ୍ତି । ସେଗୁଡ଼ିକ ହେଲା ରଣନୈତିକ ଯୋଗାଯୋଗକୁ ସୁଦୃଢ଼ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରସ୍ପରିକ ଆସ୍ଥାକୁ ମଜଭୁତ କରିବା, ପାରସ୍ପରିକ ଲାଭ ହାସଲ ପାଇଁ ବିନିମୟ ଓ ସହଯୋଗକୁ ବିସ୍ତାର କରିବା, ପରସ୍ପରର ଅସୁବିଧା ଦୂରକରିବା ଏବଂ ସମାନ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପାରସ୍ପରିକ ସହଯୋଗକୁ ଆଗକୁ ବଢ଼ାଇବା । ଏହି ସମସ୍ତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ମୋଦି ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି । ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସୀମାରେ ଶାନ୍ତି ଓ ସ୍ଥିରତା ଆଣିବା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

(ଏସସିଓ) ଶିଖର ସମ୍ମିଳନୀରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପ୍ରବେଶ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସ୍ୱାଗତ ପରେ ଏହି ତିନି ନେତା ହାତ ମିଳାଇ ଓ ହସଖୁସିରେ ଦୀର୍ଘ ଆଲୋଚନାରେ ମଗ୍ନ ହୋଇଯାଇଥିଲେ, ଯାହା ପ୍ରାୟ ଦେଢ଼ ମିନିଟ୍ ଧରି ଚାଲିଥିଲା । ଏହି ଦୃଶ୍ୟ ଅନ୍ୟ ନେତାଙ୍କୁ ଅପେକ୍ଷାରେ ରଖିଥିଲା ।

ଏହା ପରେ ଏକାସାଙ୍ଗରେ ଫଟୋ ପାଇଁ ନେତାମାନେ ଧାଡ଼ିରେ ଠିଆ ହେବା ସମୟରେ ମୋଦି ଓ ପୁଟିନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଅଣଦେଖା କରି ଅତିକ୍ରମ କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଗତକାଲିର ଫଟୋ ଓ ଭୋଜିରେ ମଧ୍ୟ ମୋଦି ଓ ଶରିଫ ପରସ୍ପରଠାରୁ ଦୂରରେ ରହିଥିବା ଲକ୍ଷ୍ୟ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ପୁଟିନ ଓ ସିଁଙ୍କ ସହ ଫଟୋ ପୋଷ୍ଟ କରି ଲେଖିଛନ୍ତି, "ତିଆନଜିନରେ ଆଲୋଚନା ଜାରି । ଏସସିଓ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ପୁଟିନ ଓ ସିଙ୍କ ସହ ଦୃଷ୍ଟିକୋଣ ବିନିମୟ କରୁଛି ।" ସେ ଏସସିଓ ସାଧାରଣ ଅଧିବେଶନରେ ଭାରତର ଅଗ୍ରାଧିକାର ବିଷୟରେ ଆଲୋଚନା କରିଥିଲେ, ଯେଉଁଥିରେ ଆଞ୍ଚଳିକ ସୁରକ୍ଷା, ଅର୍ଥନୈତିକ ସହଯୋଗ ଓ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇଥିଲେ ।

ମୋଦି ପୁଟିନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକରେ ମଧ୍ୟ ଅଂଶଗ୍ରହଣ କରିଥିଲେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁଥିରେ ଉଭୟେ ଗାଡ଼ିରେ ଏକାଠି ଯାତ୍ରା କରିଥିଲେ । ଏହା ନୂଆଦିଲ୍ଲୀ ଓ ମସ୍କୋ ମଧ୍ୟରେ ପ୍ରତିରକ୍ଷା, ଶକ୍ତି ଓ ରଣନୀତିକ ସହଯୋଗ ଉପରେ ଘନିଷ୍ଠ ଆଲୋଚନାର ପରମ୍ପରାକୁ ଜାରି ରଖିଥିଲା ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣରେ ସ୍ପଷ୍ଟ କରିଥିଲେ, ଆତଙ୍କବାଦ ବିରୋଧରେ ଦ୍ୱୈତ ମାନଦଣ୍ଡ ଗ୍ରହଣୀୟ ନୁହେଁ । ପହଲଗାମ ଆତଙ୍କବାଦୀ ଆକ୍ରମଣ ମାନବତାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ଦେଶ ପାଇଁ ଏକ ଖୋଲା ଚ୍ୟାଲେଞ୍ଜ । ସେ ୨୦ ସଦସ୍ୟମାନଙ୍କୁ ଆତଙ୍କବାଦ ବିରୋଧରେ ଲଢ଼େଇରେ ଏକତ୍ର ହେବାକୁ ଅନୁରୋଧ କରିଥିଲେ । ସେ ମୃତ ଏବଂ ଆହତଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ, ଏପରି ଆକ୍ରମଣର ଦୋଷୀ, ଆୟୋଜକ ଏବଂ ପ୍ରାୟୋଜକଙ୍କୁ ନ୍ୟାୟ ପ୍ରଦାନ କରାଯିବା ଉଚିତ ।

ସଦସ୍ୟ ଦେଶଗୁଡ଼ିକ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୋଧରେ ଲଢ଼େଇ ପ୍ରତି ସେମାନଙ୍କର ଦୃଢ଼ ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଛନ୍ତି । ସେମାନେ ଭଡ଼ାଟିଆ ଉଦ୍ଦେଶ୍ୟ ପାଇଁ ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକୁ ବ୍ୟବହାର କରିବାର ପ୍ରୟାସର ଅଗ୍ରହଣୀୟତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ସେମାନେ ଆତଙ୍କବାଦୀ ଏବଂ ଉଗ୍ରବାଦୀ ବିପଦର ମୁକାବିଲା କରିବାରେ ସାର୍ବଭୌମ ଦେଶ ଏବଂ ସେମାନଙ୍କର ସକ୍ଷମ କର୍ତ୍ତୃପକ୍ଷଙ୍କ ନେତୃତ୍ୱମୂଳକ ଭୂମିକାକୁ ସ୍ୱୀକାର କରିଛନ୍ତି ।

ଭାରତର ଏହି ପଦକ୍ଷେପଗୁଡ଼ିକୁ ସ୍ୱୀକୃତି ଦିଆଯାଇଛି

ଏକ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ । ବିଷୟବସ୍ତୁ ଘୋଷଣାନାମାରେ ପ୍ରତିଧ୍ୱନିତ ହୋଇଛି ।

ସଦସ୍ୟ ରାଷ୍ଟ୍ରଗୁଡ଼ିକ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ସଫଳତା ଏବଂ ନବସୃଜନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଷେତ୍ରରେ ସହଯୋଗକୁ ଗଭୀର କରିବା ପାଇଁ ୫ମ SCO ଷ୍ଟାର୍ଟଅପ ଫୋରମ (ନୂଆଦିଲ୍ଲୀ, ୩-୫ ଏପ୍ରିଲ ୨୦୨୫)ର ଫଳାଫଳକୁ ସ୍ୱାଗତ କରିଛନ୍ତି ।

ଭାରତ ସାଂସ୍କୃତିକ ଏବଂ ମାନବିକ ଆଦାନପ୍ରଦାନକୁ ସୁଦୃଢ଼ କରିବାରେ ଭାରତୀୟ ବିଶ୍ୱ ବ୍ୟାପାର ପରିଷଦ (ICWA)ରେ SCO ଅଧ୍ୟୟନ କେନ୍ଦ୍ରର ଅବଦାନ ବିଷୟରେ ମଧ୍ୟ ଉଲ୍ଲେଖ କରିଛି ।

ଉତ୍ତର ପ୍ରଦେଶର ହରଦୋଇ ଜିଲାରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଏଠାରେ ଜଣେ ମହିଳା ସୋସିଆଲ ମିଡିଆରେ ରିଲ୍ସ ଦେଖି ୭ ବର୍ଷ ଧରି ନିଖୋଜ ତାଙ୍କ ସ୍ୱାମୀଙ୍କ ବିଷୟରେ ଜାଣିବାକୁ ପାଇଛନ୍ତି । ତାଙ୍କ ସ୍ୱାମୀ ଅନ୍ୟ ମହିଳାଙ୍କ ସହିତ ରିଲ କରୁଥିବାବେଳେ ଏଠାରେ ମହିଳା ଜଣକ ଗତ ୭ ବର୍ଷ ଧରି ତାଙ୍କ ସ୍ୱାମୀଙ୍କୁ ମନେ ପକାଇ ଲୁହ ଗଡ଼ାଉଛନ୍ତି ।

ସ୍ୱାମୀ ନିଖୋଜ ହେବା ପରେ ତଙ୍କ ପରିବାର ଲୋକ ସ୍ତ୍ରୀଙ୍କ ନାଁରେ ହତ୍ୟା କରିଥିବା ଅଭିଯୋଗ ଆଣିଥିଲେ । ସେବେଠାରୁ ସ୍ତ୍ରୀ ତାଙ୍କ ପୁଅ ସହିତ ଦାରିଦ୍ର୍ୟରେ ଜୀବନ କାଟୁଛନ୍ତି । ଏବେ ଅନ୍ୟ ମହିଳାଙ୍କ ସହ ସ୍ୱାମୀଙ୍କୁ ରିଲ ତିଆରି କରୁଥିବା ଦେଖିବା ପରେ, ସ୍ତ୍ରୀ ଏହି ପ୍ରତାରଣାର ପ୍ରତିଶୋଧ ନେବାକୁ ନିଷ୍ପତ୍ତି ନେଇଛନ୍ତି । ମହିଳା କହିଛନ୍ତି, ଏବେ ସେ ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକଙ୍କୁ ଶିକ୍ଷା ଦେବେ ।

ସୂଚନା ଅନୁସାରେ, ହରଦୋଇର ସାଣ୍ଡିଲା କୋତଓ୍ୱାଲି ଅଞ୍ଚଳର ମୁରାର ନଗର ଗାଁର ପୀଡିତା ସ୍ତ୍ରୀ ଶୀଲୁ କହିଛନ୍ତି, ତାଙ୍କର ବିବାହ ୨୦୧୭ ମସିହାରେ ଆଟାମୌ ଗ୍ରାମର ଜିତେନ୍ଦ୍ର ଓରଫ ବବଲୁଙ୍କ ସହ ହୋଇଥିଲା । ୨୦୧୮ ମସିହାରେ ସ୍ୱାମୀ ଜିତେନ୍ଦ୍ର ହଠାତ୍ ପୁଅ ଆଉ ମୋତେ ଛାଡି ନିଖୋଜ ହୋଇଯାଇଥିଲେ । ନିଖୋଜ ରିପୋର୍ଟ ବବଲୁଙ୍କ ବାପା ହାବିଲଦାର ଥାନାରେ ଦାୟର କରିଥିଲେ । ସେ ସ୍ତ୍ରୀଙ୍କ ସମ୍ପର୍କୀୟମାନଙ୍କୁ ତାଙ୍କୁ ହତ୍ୟା କରି ମୃତଦେହ ଗାଏବ କରିଥିବା ଅଭିଯୋଗ ମଧ୍ୟ କରିଥିଲେ । ପୀଡିତା ଏବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାପ ଘରେ ତାଙ୍କ ପୁଅ ସହିତ ରହୁଛନ୍ତି ।

ଶୀଲୁ କହିଛନ୍ତି, ସେ ତାଙ୍କ ସ୍ୱାମୀଙ୍କ ଫେରିବା ପାଇଁ ସମସ୍ତ ଆଶା ଛାଡି ଦେଇଥିଲେ । କିନ୍ତୁ ଗୋଟିଏ ଦିନ ମୋବାଇଲରେ ରିଲ ଦେଖୁଥିବା ସମୟରେ ତାଙ୍କ ପାଦ ତଳୁ ମାଟି ଖସିଗଲା । ବବଲୁଙ୍କୁ ଅନ୍ୟ ଜଣେ ମହିଳାଙ୍କ ସହିତ ଦେଖିଥିଲେ । ସେ ଆମ ସମସ୍ତଙ୍କୁ ବୋକା ବନାଇ ଲୁଧିଆନାରେ ଅନ୍ୟ ଜଣେ ମହିଳାଙ୍କ ସହିତ ଭଲ ଜୀବନ ବିତାଉଛନ୍ତି ।

ଆଜିକାଲି ସବୁଠି କୃତ୍ରିମ ବୁଦ୍ଧିମତ୍ତା(AI)ର ପ୍ରଶଂସା କରାଯାଉଛି । କାରଣ ଏହା ସାହାଯ୍ୟରେ ଘଣ୍ଟା ଘଣ୍ଟା କାମ ଏକ ମୁହୂର୍ତ୍ତରେ ସମାପ୍ତ ହୁଏ । କିନ୍ତୁ AI ମାନବଜାତି ପାଇଁ ଯେତିକି ସୁବିଧାଜନକ ପ୍ରମାଣିତ ହୋଇପାରେ, ସେତିକି କ୍ଷତିକାରକ ମଧ୍ୟ ହୋଇପାରେ । ନିକଟରେ ChatGPT ଯୋଗୁ ଜଣେ ୧୬ ବର୍ଷର ପିଲା ଆତ୍ମହତ୍ୟା କରିଥିଲେ । ଜଣେ ପୁଅ AI ଟୁଲ୍ ପ୍ରଭାବରେ ତାଙ୍କ ମା'ଙ୍କୁ ହତ୍ୟା କରିଥିଲେ ।

ଏହି ମାମଲାଗୁଡ଼ିକ ସାମ୍ନାକୁ ଆସିବା ପରେ, କିଛି ଦିନ ହେବ AI ଟୁଲ୍ସ ଯୋଗୁ ଲୋକଙ୍କ ମଧ୍ୟରେ ଚିନ୍ତାର ବାତାବରଣ ସୃଷ୍ଟି ହୋଇଛି । ଏବେ AI ଗଡଫାଦର ଜେଫ୍ରି ହିଣ୍ଟନ ମଧ୍ୟ AI ର ସମ୍ଭାବ୍ୟ କ୍ଷତି ବିଷୟରେ ଚେତାବନୀ ଦେଇଛନ୍ତି ।

ଜେଫ୍ରି ହିଣ୍ଟନ ଏହାର ଭବିଷ୍ୟତ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି, AI ମାନବଜାତି ପାଇଁ ଏକ ବିପଦ । ଏହି ପ୍ରଯୁକ୍ତିବିଦ୍ୟା ଯେକୌଣସି ବ୍ୟକ୍ତିଙ୍କୁ ପରମାଣୁ ବୋମା ତିଆରି କରିବାରେ ସାହାଯ୍ୟ କରିପାରିବ । AI ସାହାଯ୍ୟରେ, ଜଣେ ସାଧାରଣ ବ୍ୟକ୍ତି ଶୀଘ୍ର ଜୈବିକ ଅସ୍ତ୍ର ତିଆରି କରିପାରିବ ଏବଂ ଏହା ବହୁତ ବିପଜ୍ଜନକ । ଏହା ବଡ଼ ପରିମାଣରେ ବିପଦକୁ ବୃଦ୍ଧି କରିପାରେ । AIର ଅଭିଜ୍ଞତା ମଣିଷର ଅଭିଜ୍ଞତାଠାରୁ ବହୁତ ଭିନ୍ନ ନୁହେଁ । ତଥାପି, ସମସ୍ତେ AI ସହିତ ଜଡିତ ବିପଦ ବିଷୟରେ ଜେଫ୍ରି ହିଣ୍ଟନଙ୍କ ମତାମତ ସହିତ ସହମତ ନୁହଁନ୍ତି । ତାଙ୍କର ପୂର୍ବତନ ସହଯୋଗୀ ୟାନ ଲେକନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(ବର୍ତ୍ତମାନ ମେଟାର ମୁଖ୍ୟ AI ବୈଜ୍ଞାନିକ) କୁହନ୍ତି ଯେ, ବଡ଼ ଭାଷା ମଡେଲଗୁଡ଼ିକ ସୀମିତ ଏବଂ ଏହା ବିଶ୍ୱ ସହିତ ଅର୍ଥପୂର୍ଣ୍ଣ ଭାବରେ ଯୋଗାଯୋଗ କରିବାକୁ ସକ୍ଷମ ନୁହେଁ ।

ବିଶ୍ୱ ଦେଖ ମଧୁମୟ ରେ ଜୀବନ... ଲେଖିଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର । ସତରେ ଏହି ବିଶ୍ୱ କେତେ ବୈଚିତ୍ର୍ୟମୟ । ଦିନକୁ ଦିନ କେତେ ନୂଆ ନୂଆ ଜିନିଷ ଦେଖିବାକୁ ମିଳୁଛି । ସଦ୍ୟ ଆସିଥିବା ଏଆଇ ବା କୃତ୍ରିମ ବୁଦ୍ଧିମତାର ବ୍ୟବହାର କରି ଆମେ କ୍ଷଣକରେ ଅନେକ ଅବିଶ୍ୱସନୀୟ କାର୍ଯ୍ୟ କରି ପାରୁଛେ । ଏହାର ବ୍ୟବହାର ଆମେ ସାହିତ୍ୟ ପାଇଁ ମଧ୍ୟ କରି ପାରିବା ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ଆଶା କରୁଛି ଭବିଷ୍ୟତରେ ଆମେ ଓଡ଼ିଆ ସାହିତ୍ୟକୁ ଆହୁରି ବୁଦ୍ଧିମନ୍ତ କରିବା ଏବଂ ଏହାର ପ୍ରସାର ହେତୁ ଏଆଇ ର ବ୍ୟବହାର କରିବା । ଏଥିସହିତ ଚଳିତ ସଂସ୍କରଣର ଆହ୍ୱାନ ଇ -ପତ୍ରିକା ଆପଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନେକ କଳାଛାଇ - ୩୧

ଅଶୋକ ବିଶ୍ୱାଳ



## ସବୁଜ ଦିଗବଳୟର ଲାଲ ସୂର୍ଯ୍ୟ-୧

ତୁମେ ଆଉ ଦଳେ ଲୋକଙ୍କୁ ଦେଖିନିଅ । ଏପଟକୁ ନଆସିଥିବା ଲୋକେ । ଅଜଣା ମଣିଷଟିଏ ପାଇଯିବ ।- ଅବିନାଶକୁ ଏକ ବହିର ଫର୍ଦ୍ଦ ଭିତରୁ ମୁହଁଟିଏ ଯେମିତି କହୁଥିଲା । ବହି ଭିତରେ ଅଜସ୍ର ମୁହଁ ଥାଏ । ଫର୍ଦ୍ଦ ଓଲଟାଇଲେ ନୂଆ ନୂଆ ମୁହଁ ବାହାରିଆସେ ଆଉ ନିଜ ହିସାବରେ ଦୁନିଆର କଥା କୁହେ । ତେଣୁ ନୂଆ ଅଜଣା ଲୋକଟିକୁ ଖୋଜିବାପାଇଁ ଅବିନାଶ ଅତି ଧ୍ୟାନରେ ବହିର ପୃଷ୍ଠା ଓଲଟାଇ ଚାଲୁଥିଲା ।

ଅବିନାଶ ତା’ ପୂର୍ବରୁ ପାହାଡର ଉପରେ ଲୁଚାଇ ଲଗାଯାଇଥିବା ଆଣ୍ଟି ଏଆରକ୍ରାଫ୍ଟ ଗନ ଦେଖିନେଇ ଜାପାନୀମାନେ ଭଲ ଯୋଦ୍ଧା ବୋଲି ଭାବିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏ ଗନର ମାରକ କ୍ଷମତା ବହୁ ଅଧିକ ଥିବ, ଏକ ବଡ଼ ଅଞ୍ଚଳକୁ ଏହି ଗୁଳି ନିଜ ବଳୟକୁ ନେଇଯାଇ ପାରୁଥିବ । ଦିଗ ବୁଲାଇବା ପାଇଁ ଏହାକୁ ଏକ ମାଉଣ୍ଟ ଉପରେ ରଖିଦିଆଯାଏ ଆଉ ସହଜରେ ଉଡାଜାହାଜର ଦିଗକୁ ସହଜରେ ଗନର ମୁହଁ ବୁଲିଯାଇପାରେ । ଏତେ ବର୍ଷ ପରେ ଗନର ମାଉଣ୍ଟ ଆଉ ଗନ, ଉଭୟେ କାର୍ଯ୍ୟକାରୀ ଅବସ୍ଥାରେ ଥିଲା ପରି ଲାଗୁଥିଲା । ପାହାଡ ଉପରେ, କିନ୍ତୁ ପ୍ରାୟ ଡାଳ ପତ୍ର ଘୋଡାଇ ହୋଇଯାଇଥିବା ଅଞ୍ଚଳରେ ଥିବାରୁ ଏହାର ଉପସ୍ଥିତି ସହଜରେ ଉପରୁ ଲକ୍ଷ୍ୟ କରାଯାଇ ପାରିବନି । ଜାପାନୀମାନେ ଚାଲାକ ନିଶ୍ଚୟ । ଭଲ ଆମ୍ବୁଶ ପ୍ରିଡେଟର ।

ଜାପାନିଜ ବଙ୍କରରେ, ଜାପାନିଜ ଆଣ୍ଟି ଏଆରକ୍ରାଫ୍ଟ ଗନର ସ୍ପର୍ଶରେ, ଜାପାନିଜ କମାଣର ଛୁଆଁରେ, ତୁମକୁ ସାମୁରାଇ ଯୋଦ୍ଧାର ସ୍ପର୍ଶ ମିଳିବ ।- କିଏ ଜଣେ କହୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛି ଦର୍ଶକ ଏପଟ ସେପଟ ବୁଲି ଫେରିଯାଉଥିଲେ । ବଙ୍କରମାନଙ୍କୁ ଦେଖିବାକୁ ଲୋକମାନେ ଆସୁଛନ୍ତି । ମଜବୁତ ଭାବରେ ବଙ୍କରକୁ ତିଆରି କରାଯାଇଛି । ଭିତରେ ଥିବା ଲୋକ ସୁରକ୍ଷିତ ମନେ କରିବ ଆଉ ପାଖରେ ଅଳ୍ପ ଅସ୍ତ୍ର ଥିଲେ ତ ନିଜକୁ ବଡ଼ ଯୋଦ୍ଧା ଭଳି ମନେକରିବେ । କେହି କେହି ଦର୍ଶକ ଏମିତି ନିଜ ନିଜ ଭିତରେ କଥା ହେଉଥିଲେ ।

ନ୍ୟାୟ ପାଇଁ ଖଡଗ ଉତ୍ତୋଳନ, ସଚ୍ଚରିତ୍ର, ବୀରୋଚିତ ସାହାସ, କରୁଣା, ଅନୁକମ୍ପା, ସମ୍ମାନ ପାଇଁ ସଦା ପ୍ରଚେଷ୍ଟିତ, ଅନ୍ତରିକତା, ଶ୍ରଦ୍ଧା, ଭକ୍ତି, ନିଷ୍ଠା ଆଉ ଆନୁଗତ୍ୟ ହେଉଛି ସମୁରାଇର ଯୋଦ୍ଧାର ଲକ୍ଷଣ ।- ଆଉ ଜଣେ କିଏ କହିଲେ । ଅବିନାଶ ବଙ୍କରକୁ ଦେଖୁଦେଖୁ ସେମାନଙ୍କ ଭିତରେ ହେଉଥିବା କଥାକୁ କାନେଇଥିଲା । କିଏ କହୁଛି ଜାଣିବାକୁ ବୁଲି ଅନାଇଲାନି ।

ଜାଣିଛ ସାମୁରାଇ ଏତେ ଅଜୟୀ ବୀର କେମିତି ? ପ୍ରତିଦିନ ସକାଳେ ସାମୁରାଇ ନିଜକୁ ମୃତ୍ୟୁକୁ ସମର୍ପଣ କରେ । ସକାଳ ଧ୍ୟାନରେ ଅନୁଭବ କରେ ଯେମିତି ସେ ବାରବାର ମରିବାକୁ ଯାଉଛି, ସହସ୍ର ତୀର ତା଼ ଶରୀରରେ ବଦ୍ଧ ହେଉଛି, ଖଣ୍ଡା ଆଉ ବର୍ଚ୍ଛାରେ ତା଼କୁ ଖଣ୍ଡ ଖଣ୍ଡ କରି କାଟିଦଆଯାଉଛି । ଉତ୍ତୁଙ୍ଗ ସମୁଦ୍ର ଲହଡିରେ ସେ ଭାସିଯାଉଛି, ପ୍ରବଳ ଅଗ୍ନିରେ ଦଗ୍ଧୀଭୂତ ହେଉଛି, ବଜ୍ରାଘାତ ତା଼କୁ ହେଉଛି, ସେ ଭୂକମ୍ପରେ ପୋତି ହୋଇ ପ୍ରାଣ ହରାଉଛି, ସୁଉଚ୍ଚରୁ ପତିତ ହୋଇ ପ୍ରାଣ ଦେଉଛି ବା ରୋଗ ଯନ୍ତ୍ରଣାରେ ତା଼ର ପ୍ରାଣହାନୀ ଘଟୁଛି । ମୃତ୍ୟୁ ଯେମିତି ସାମୁରାଇକୁ ହରାଇ ଫେରି ଚାଲିଯାଉଛି । ସେଇଟା ହେଉଛି ସାମୁରାଇର ହୃଦୟାଧିପତି ଆତ୍ମାର ବିଶ୍ୱାସ । ତେଣୁ ଜାପାନିଜଙ୍କୁ ବୁଝିବାକୁ ହେଲେ ତୁମକୁ କିଛି ସେମାନଙ୍କ ହିସାବରେ ତ କିଛି ଭାବିବାକୁ ପଡ଼ିବ ।–ଏ ସ୍ୱର ତ ତା଼ର ଏପର୍ଯ୍ୟନ୍ତ ଶୁଣା ସ୍ୱରଠାରୁ ଭିନ୍ନ ଥିଲା । ତଥାପି ନିଜ ମୁଣ୍ଡକୁ ବୁଲାଇ କହୁଥିବା ଲୋକକୁ ଦେଖିବାକୁ ଇଚ୍ଛା ଥିଲେ ବି ନିଜକୁ ଅଟାକାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଲା । ସେମାନେ ସେମାନଙ୍କ ଭିତରେ କଥା ହୁଅନ୍ତ ଆଉ ସେ ଶୁଣୁଥାଉ । କଥା ଶୁଣିବାକୁ ଏମିତି ଭଲ ଲାଗୁଛି ।

ଅବିନାଶ କିନ୍ତୁ ଭିତରେ ଟିକେ ଥରିଗଲା । ଏମିତି ଭାବିବା ! କାହିଁ ଜୀବନରୁ ଆରମ୍ଭରୁ ସେ ମୃତ୍ୟୁ କଥା ତ ଭାବିନି । ତା' ବିଶ୍ୱାସରେ କେବଳ ନିଜକୁ ଇଶ୍ୱରଙ୍କ ପାଖରେ ସମର୍ପଣ । ଇଶ୍ୱରଙ୍କ ପାଖରୁ ଦୟା ଓ କରୁଣାର ଭିକ୍ଷା । କିନ୍ତୁ ଯୁଦ୍ଧ ଓ ମୃତ୍ୟୁ, ମୃତ୍ୟୁରୁ ବିଜୟଲାଭ, ଏ ପ୍ରକାର ଶିକ୍ଷା ତା'ର କେବେ ହୋଇନି । ତେଣୁ ମୃତ୍ୟୁ ଆଉ ଜୀବନର ତଡିତ୍ ତା' ଭିତରେ କେମିତି ବେଗରେ ଛୁଟିନି । ସବୁବେଳେ କେଉଁଠି ବିଶ୍ୱାସ ଜମିଯାଇଛି ଏକ ଅତ୍ମାଧିପତି ଐକେଶ୍ୱର ପାଖରେ । ସେଠି କେବଳ ସମର୍ପଣ । ତେଣୁ ସବୁକଥାରେ ଚକଚକ କରୁଥିବା ଶାଣିତ ଖଡଗ୍ର କଥା ଅବିନାଶ ଭାବିପାରିନି । ତା'କୁ ମୃତ୍ୟୁପାଇଁ ସଦା ପ୍ରସ୍ତୁତ ରହୁଥିବା ବୀରମାନଙ୍କ କଥା ଶୁଣି ରୋମାଞ୍ଚ ଆସୁଥିଲା ।

ଜାପାନିଜ ସୈନ୍ୟବାହିନୀ ତାହାହେଲେ ସାମୁରାଇର ବୀରତ୍ୱରେ ଅନୁପ୍ରାଣିତ ।- ସେ କାନ ପାଖରେ ଆଉ ଏକ ସ୍ୱର ଶୁଣିଲା ।

ସେଇଟା ଆବଶ୍ୟକ ।- ପ୍ରଥମ ସ୍ୱର କହିଲା । ସେ ଏତେ ଗମ୍ଭୀର ସ୍ୱରରେ ଆଉ ବିଶ୍ୱାସରେ କହୁଥିଲେ ଯେମିତି ଲାଗୁଥିଲା ସେ ଜଣେ ଜାପାନୀ ହୋଇଥିବେ । ଆଉ ବୋଧହୁଏ ନିଜେ ସାମୁରାଇ ବୀରତ୍ୱରେ ଅନୁପ୍ରାଣିତ ହୋଇଥିବେ । ସେ ବହୁ ଧିରେ ବୁଲି ପଡିଲା, ଯେମିତି ଲାଗିବ ଯେ ସେ ଆଉ କିଛି ଦେଖିବାକୁ ବୁଲିପଡିଛି ଆଉ କଥା ହେଉଥିବା ଲୋକମାନେ ତା' ବୁଲିବାରେ ଅଶ୍ୱସ୍ତି ଅନୁଭବ କରୁନାହାନ୍ତି ।

ସେ ଆଶ୍ଚର୍ଯ୍ୟ ହୋଇଗଲା । ସୈନ୍ୟ ପୋଷାକ ପିନ୍ଧିଥିବା ଏକ ଜାପାନିଜ କ୍ୟାପଟେନ ବଙ୍କରର ଏକ କୋଣରେ ଠିଆ ହୋଇ ତା'କୁ ଅନାଇଥିଲେ । ସେ ଏମିତି ଠିଆ ହୋଇଥିଲେ ଯେମିତି ପଥର ଦେହରୁ ବାହାରି ଆସୁଛନ୍ତି । ବୟସ ତରୁଣର ଆଗକୁ ସାମାନ୍ୟ ଗଡି ଯାଇଛି । ତାଙ୍କର ପୋଷାକ ବେଶ ପରିଷ୍କାର ଆଉ ଶରୀର ସିଧା, ଉନ୍ନତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

। ଅଣ୍ଟାରେ ଏକ ଲମ୍ବା ଖଣ୍ଡା ଅଛି ଆଉ ହାତରେ ଏକ ପିସ୍ତଲ । ଆଙ୍ଗୁଠିଟା ଯେମିତି ଟ୍ରିଗାର ଉପରେ ଦବି ରହିଛି । ଆଉ ଟିକେ ଦବିଗଲେ ପିସ୍ତଲରୁ ଗୁଳି ବାହାରି ଆସିବ । ମୁହଁରେ ତେଜ । କେହି ଜାପାନିଜ ଆର୍ମିର ଲୋକ ବଙ୍କର ଦେଖିବାକୁ ଆସିଥିବେ ଭାବି ଅବିନାଶ ତାଙ୍କ ଆଡକୁ ବେଶି ଦୃଷ୍ଟି ଦେଲାନି । କିନ୍ତୁ ମନରେ ସେମାନଙ୍କ କଥା ଶୁଣିବାକୁ ଇଚ୍ଛା ଥିଲା । କିନ୍ତୁ କ'ଣପାଇଁ ଏମିତି ବହୁରୂପୀ ପୋଷାକ ପିନ୍ଧିଛନ୍ତି କେଜାଣି ?

ବଙ୍କରରେ ଲମ୍ବା ସ୍କାଇଲାଇଟ ପରିମାପର ଏକ ଖୋଲା ଜାଗା ଥିଲା । ଛାତର ଠିକ ତଳେ । ବଙ୍କର ଏକ ମୋଟା ଇଟାରେ ତିଆରି କୋଠା । ରାଇଫଲର ଗୁଳି ଭେଦିବନି ଆଉ ଯଦିବି ତୋପର ଗୋଳା ପଡେ ତଥାପି ସହଜରେ ଭାଙ୍ଗି ଯିବନି । ଏକ ଯୁଦ୍ଧପୋତରୁ ଗୋଳା ପଡ଼ିବା ଆଗରୁ ଜାପାନିଜମାନେ ତା'କୁ ନିଜ ନିଜ ବଙ୍କରରୁ ଦେଖିନେବେ ଆଉ ଉପଯୁକ୍ତ ପରିମାପରେ ସଂଘଟିତ ହୋଇ ପ୍ରତ୍ୟାକ୍ରମଣ କରିପାରିବେ । ଆକାଶରୁ ଅବଶ୍ୟ ବୋମାମାଡ ହୋଇପାରେ । ଏକଦମ ନିର୍ଦ୍ଦିଷ୍ଟ ନହେଲେ ଏ ବଙ୍କରମାନ ସହଜରେ ଧ୍ୱଂସ ହେବନାହିଁ । ଆଉ ହାତାହାତି ଯୁଦ୍ଧ ହେବାର ସମ୍ଭାବନା କମ । ଇଂରେଜମାନେ ସମ୍ମୁଖ ଯୁଦ୍ଧରେ ଜାପାନୀଜମାନଙ୍କ ବୀରତ୍ୱ ଦେଖି ପଛଘୁଞ୍ଚା ଦେଇଛନ୍ତି । ତେଣୁ ଯୁଦ୍ଧପାଇଁ ଜାପାନୀମାନେ ସବୁବେଳେ ଉପଯୁକ୍ତ ପରିମାଣରେ ପ୍ରସ୍ତୁତ ଥିଲାପରି ଲାଗୁଥିଲା । ଏମିତି ବଙ୍କରମାନ ଅବିନାଶ ଆଣ୍ଡାମାନରେ ଦେଖିସାରିଲାଣି ।

ପ୍ରତିରକ୍ଷା ପ୍ରସ୍ତୁତି ଭଲ ଅଛି ।- ଅବିନାଶ ପୁଣି ଏକ ସ୍ୱର ଶୁଣିଲା । ସେ ସ୍ୱର କ୍ୟାପଟେନଙ୍କ ଥିଲା ଭଳି ଲାଗୁଥିଲା ।

ସବୁ ପ୍ରକାର ପ୍ରସ୍ତୁତି ପାଇଁ ବିଚାର ବିମର୍ଷ ବହୁ ଆଗରୁ ଚାଲେ । ଆକ୍ରମଣ କୁହ ବା ପ୍ରତିରକ୍ଷା କୁହ ।– ତା'କୁ ଏକ ଜାପାନିଜ କ୍ୟାପଟେନ କହୁଥିବା ଭଳି ଲାଗିଲା । ଅବିନାଶ ବୁଲି ପଡିଲା । ପାଖରେ ଆଉ କେଉଁ ଦର୍ଶକ ନଥିଲେ । କ୍ୟାପଟେନ ବଙ୍କରର ଏକ କୋଣରେ ତା' ଆଡକୁ ମୁହଁ କରି ଠିଆ ହୋଇଥିଲେ । ଭିତରକୁ ଏକ ସୁଡଙ୍ଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲମ୍ବିଯାଇଥିଲା । ବଙ୍କା ଟଙ୍କା ହୋଇ କୁଆଡେ ଯାଇଥିବ । ଏ ଭିତରେ ପ୍ରତିରକ୍ଷା କରୁଥିବା ସୈନ୍ୟମାନେ ରହି ଆକ୍ରମଣ କରୁଥିବା ସୈନ୍ୟମାନଙ୍କୁ ସହଜରେ ମୁକାବିଲା କରିପାରିବେ । ଆଣ୍ଡମାନରେ ବ୍ରିଟିଶ ବଙ୍କର କାହିଁ କେଉଁଠି ଦେଖିଲା ଭଳିଆ ଅବିନାଶର ମନେ ପଡୁନଥିଲା । କିନ୍ତୁ ଅନେକ ଜାପାନିଜ ବଙ୍କର ତ ଅଛି ।

ଯୁଦ୍ଧ ସହଜ କଥା ନୁହେଁ । ସେଥିପାଇଁ ବହୁ ପ୍ରସ୍ତୁତି, ସୈନ୍ୟବଳ ଆଉ ସାଜସଂରଜାମର ଆବଶ୍ୟକତା ଥାଏ । ଏକ ନୂଆ ରାଜ୍ୟ ଅକ୍ତିଆର କର ନିଜ ଅଧିନରେ ରଖିବା ପାଇଁ ଜାଗା ବିଷୟରେ ଜ୍ଞାନ ମଧ୍ୟ ଆବଶ୍ୟକ । ଆମେମାନେ ନିଜ ପ୍ରସ୍ତୁତି ବହୁ ଆଗରୁ ଆରମ୍ଭ କରିଦେଇଥିଲୁ ।- ସେହି ସ୍ୱର ଥିଲା ।

ବୁ-ଉ-ଉ-ମ । ଆଉ ଅଗ୍ନିର ବିରାଟ ଗୋଲକ । ତାହା ଆମେ ଆଶଙ୍କା କରିଥିଲୁ । ବୋମାର ଶବ୍ଦ ଶୁଣିଛ । ବୋମାଟା ଆକାଶରୁ ଦୂରରୁ କିଏ ଫିଙ୍ଗିଦିଏ ।- ସ୍ୱରଟା ସୁଡଙ୍ଗ ଭିତରୁ ଆସୁଥିଲା ପରି ଲାଗିଲା ।

ଅବିନାଶ ବଙ୍କର ଭିତରୁ ବାହାରକୁ ଅନାଇଲା । ଆଗରେ ସମୁଦ୍ର । କୂଳ ସ୍ୱଷ୍ଟ ଦେଖାଯାଉଛି । ଏ କୂଳରେ ସହଜରେ କେଉଁ ଲ୍ୟାଣ୍ଡିଙ୍ଗ କ୍ରାଫ୍ଟ ପହଞ୍ଚି ପାରିବ ନାହିଁ । ଅସୁବିଧା ହେବ । ଆଉ ତାହା ଡିଫେନ୍ସ ବା ପ୍ରତିରକ୍ଷାର କାମ କରିବ । ଫାଙ୍କ ଦେଇ ନିଜର ବନ୍ଧୁକକୁ ବାହାର କରିଦିଅ ଆଉ ସିଧା ଆସୁଥିବା ଶତ୍ରୁ ସୈନ୍ୟଙ୍କ ଉପରକୁ ଫାୟାର କର । ଛୋଟ କୋଠରୀଟା ବାରୁଦ ଗନ୍ଧରେ ଭରିଯିବ । ବାରୁଦ ଗନ୍ଧ ତ ସୈନ୍ୟଙ୍କୁ ପରଫ୍ୟୁମର ସୁଗନ୍ଧଠାରୁ ଭଲଲାଗେ । ସେପଟୁ କେତେ କେତେ ଶହ ଗୁଳି ଛୁଟିଆସିବ କିନ୍ତୁ ଏପଟ ଗୁଳି ଅବ୍ୟର୍ଥ ଥିବ । ଶତ୍ରୁ ସୈନ୍ୟମାନେ ଟଳିପଡୁଥିବେ, କୁକୁର ପରି ଚିତ୍କାର କରୁଥିବେ ।

ସବୁ ପାଇଁ ପ୍ରସ୍ତୁତି । ଆଟାକ ଆଉ ଡିଫେନ୍ସ ପାଇଁ ପ୍ରସ୍ତୁତି ଆଉ ଭଲ ପ୍ଲାନିଙ୍ଗ ଦରକାର । ସରପ୍ରାଇଜ ଆଟାକ ବା ଆକସ୍ମିକ ଆକ୍ରମଣ ପାଇଁ ଜାପାନିଜମାନେ ପ୍ରସିଦ୍ଧ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲେ । ଆମେ ଶତ୍ରୁର ଶକ୍ତିର ପକ୍କା ଆକଳନ କରିନେଉଥିଲୁ ।- ଜାପାନିଜ କ୍ୟାପଟେନ ଯେମିତି କହୁଥିଲେ ।

କୁଖ୍ୟାତ ।- ଆଉ ସ୍ୱର କହିଲା ।

ବୁଦ୍ଧିମତା ଆଉ ସାହାସ । ସେଇଟା ପ୍ରସିଦ୍ଧି ଆଉ କାହାପାଇଁ ଅପଖ୍ୟାତି ।- କ୍ୟାପଟେନ କହୁଥିଲେ ।

ଆପଣ କିଏ ? ଏମିତି ପୋଷାକ ପିନ୍ଧିଛନ୍ତି ଯେ ?- ଅବିନାଶ କ୍ୟାପଟେନଙ୍କୁ ଅନାଇ କହୁଥିଲା । ଏ ଜାଗାରେ ଆଜି କେଉଁ ପୁରୁଣା ଜାପାନିଜ କ୍ୟାପଟେନ ଥିବେ ବୋଲି ସେ ଭାବୁନଥିଲା । ଜାପାନୀମାନେ କେବେଠାରୁ ଆଣ୍ଡାମାନ ଛାଡି ଚାଲିଗଲେଣି । ସେମାନଙ୍କର ସୁକୀର୍ତ୍ତୀ କୁହ, ବା ଦୁଷ୍କୃତି କୁହ ଅନେକ କୀର୍ତ୍ତୀରାଜି, ଅନେକ କାହଣୀ ଆଣ୍ଡାମାନରେ ସେମିତି ରହିଯାଇଛି । କିଛି କାହାଣୀ ଲୋମହର୍ଷଣକାରୀ ନିଶ୍ଚୟ ।

ଆପଣ ଏ ପୋଷାକ ଦେଖି ମୋତେ ଅନ୍ୟ କିଛି ଭାବିଥିଲେ ।

ମୁଁ ତ ଭାବିଥିଲି ଆପଣ ଏକ ଜାପାନିଜ କ୍ୟାପଟେନ ।

ନାଁ, ପ୍ରକୃତରେ ମୁଁ ଏକ ଲାଇଭ ଲାଇଟ ଆଣ୍ଡ ସାଉଣ୍ଡ ଶୋର ମ୍ୟାନେଜର ।

କିନ୍ତୁ ଏମିତିଆ ପୋଷାକ କ'ଣପାଇଁ ପିନ୍ଧିଲେ ?

ଆମ ଶୋର ଏଇ ତ ଆକର୍ଷଣ ।

ମାନେ ?

ଆପଣ ଲାଇଟ ଆଉ ସାଉଣ୍ଡ ଶୋ ଦେଖିଥିବେ । ସେଥିରେ ଦର୍ଶକମାନେ ବସିବେ ଆଉ ଇତିହାସର କେଉଁ ଏକ ସ୍ମାରକୀ ଉପରେ ଆଲୋକ ପଡ଼ିବ, ବା ସେଇଠି କିଛି ଆଲୋକ ଜଳି ଉଠିବ । ତା'ପରେ ସେ ଜାଗାରୁ କିଛି ଶବ୍ଦ ଭାସିଆସିବ । ଆପଣ ଉପସ୍ଥାପକର ଆଗରୁ ରେକର୍ଡିଙ୍ଗ ହୋଇଥିବା ସ୍ୱର ଶୁଣିବେ । କିନ୍ତୁ ଆମ ସୋ ଅଲଗା ।

ସେମିତି ତ ଲାଗୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଶୋରେ ସେ ସବୁ ଜାଗାରେ ଆଲୋକ ପଡ଼ିବ, କିନ୍ତୁ ଆପଣ ଆଖିରେ ଆମ ଦିଆ ଏକ ଗ୍ଲାସ ଲଗାଇବେ । ଥ୍ରୀଡି ଇଫେକ୍ଟ । ତା'ପରେ ଆପଣଙ୍କୁ ଲାଗିବ ସେ ଜାଗାରେ ଯେମିତି ଆପଣ ଅଛନ୍ତି । ମୋ ଭଳି କିଛି ପ୍ରକୃତ ଲୋକ ଆପଣଙ୍କ ସହ କଥାବାର୍ତ୍ତା କରିବେ । ଆପଣଙ୍କୁ ଲାଗିବ ସତେ ଯେମିତି ସେ ଘଟଣାର ପାତ୍ର ସହ ଆପଣ ପ୍ରକୃତରେ ସେହି ଜାଗାରେ କଥାବାର୍ତ୍ତା କରୁଛନ୍ତି । ସେଇଥିପାଇଁ ତ ଆମ ଶୋ ଅଲଗା ।

ଅବିନାଶ ବହୁତ ଖୁସି ହୋଇଗଲା । କୁଆଡେ ନିଜେ ବୁଲି, କେଉଁ କେଉଁ ଜାଗା ଖୋଜିଥାନ୍ତା । ସବୁଠାରୁ ଭଲ ହେଉଛୁ ଏକ ଉପସ୍ଥାପକ ଖୋଜିନିଅ, ଆଉ ସେ ତା' ହିସାବରେ ପୁରୁଣା କଥା କହୁ । ସେ ନିଜର କିଛି ପାରିଶ୍ରମିକ ନେବ । ତା' ଗୁଜୁରାଣ ମେଣ୍ଟିବ । କିନ୍ତୁ ବହୁ କଥା ଜାଣିତ ହେବ ।

ଆମ ଶୋକୁ ଆସନ୍ତୁ ।- ଏତିକି କହି ସେ ଅବିନାଶକୁ ସେହି ବଙ୍କର ଭିତରେ ଆଗକୁ ନେଇଗଲେ । ଅବିନାଶ ଭାବିନଥିଲା ଯେ ବଙ୍କର ଭିତରେ ଆଉ କିଛି ଥିବ, ତା' ପୁଣି କେଉଁ ଷ୍ଟେଜ । ଏକଦମ ନୂଆ ଅଭିଜ୍ଞତା । ସେ ଟିକିଏ ଅନ୍ଧାର ଭିତରେ ଚାଲିଲା । ଯେମିତି ପୁରୁଣାକାଳିଆ ବଙ୍କର ହୋଇଥାଏ ସେମିତି ବଙ୍କର । ପ୍ରାୟ ୫୦-୧୦୦ ଖୋଜ ପରେ ଏକ ବଡ଼ ଖାଲି ଜାଗା ଆସିଗଲା ଏବଂ ସେଠାରେ ଗୋଲ ହୋଇ ଚେଆର ପଡିଥିଲା, ଉପରଟା ଖୋଲା ଥିଲା କି ନାହିଁ ଜାଣି ହେଉନଥିଲା । କାରଣ ଉପରେ ବେଶ ହାଲକା ଆଲୋକ ଦେଉଥିବା ବଲବ୍ ଥିଲା । ଏକ ସାମାନ୍ୟ ପ୍ରକାଶ । ସମସ୍ତଙ୍କ ମୁହଁ ଅନ୍ଧାରିଆ ଲାଗୁଥିଲା । ଜାପାନୀ କ୍ୟାପଟେନ ଏହାକୁ ଏକ ପୂର୍ବର ଅଣ୍ଡରଗ୍ରାଉଣ୍ଡ ଆମୁନେସନ ଡିପୋ ବୋଲି ଜଣାଇଦେଲେ । ମିତ୍ରଶକ୍ତିର ଆକ୍ରମଣରୁ ବର୍ତ୍ତିବାପାଇଁ ବେଶ ଏକ ବଡ଼ ଡିପୋ ତା'ହେଲେ ତିଆରି କରାଯାଇଥିଲା । ସବୁ ମିଲିଟାରୀର ଏକ ପୁରୁଣା ପ୍ରତିରକ୍ଷା ପଦ୍ଧତି । ନିଜର ଶ୍ରେଷ୍ଠ ହାର୍ଡଓୟାର ବା ଗୁଳିଗୋଳା ସୁରକ୍ଷିତ ରହୁ । ତା'ପରେ ଅବିନାଶ ଏକ ସିଟରେ ବସିଗଲା । ପାଖରେ କିଏ ବସିଛନ୍ତି କି ନାହିଁ ଜାଣିଲା ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା'କୁ ଏକ ଗଗଲସ ଦିଆଗଲା । ସେ ଗଗଲସ ପିନ୍ଧିନେଲା ଆଉ ତା'କୁ ଦୁନିଆ ହଠାତ୍ ଅଲଗା ଲାଗିଲା । ତା'ପରେ ଗଗଲସ ଖୋଲି କ'ଣ କୁହାଯାଉଛି ଶୁଣିବାକୁ ଲାଗିଲା ।

ଆପଣମାନେ ଏକ ଭରଟୁଆଲ ଟୁର ପ୍ରଥମେ କରିବେ । ଭରଟୁଆଲ ଟୁର ସହ ଆପଣମାନେ କିଛି ଲାଇଭ ଡିସକସନ ବା ପ୍ରକୃତ ଆଲୋଚନା ଦେଖିବେ । ଆପଣଙ୍କୁ ଗଗଲସ ପିନ୍ଧିବାରେ ଲାଗିବ ଯେ ଭରଟୁଆଲ ଟୁରରେ ଆପଣ ଏକ ଜାପାନିଜ ସୈନିକ ଭଳି ଆଣ୍ଡାମାନ ଆଉ ଅନ୍ୟ ଜାଗା ଦେଖୁଛନ୍ତି । ଏ ଫିଲିଙ୍ଗ ଆପଣମାନଙ୍କୁ ଆଉ କେଉଁଠାରେ ମିଳିବ ନାହିଁ ।

ମୋତେ କ୍ୟାପଟେନ ବୋଲି ଡାକନ୍ତୁ ।- ଅବିନାଶକୁ ନେଇ ଆସିଥିବା ବ୍ୟକ୍ତି ନିଜକୁ ଜାପାନିଜ କ୍ୟାପଟେନ ଭାବରେ ଷ୍ଟେଜରୁ ପରିଚୟ ଦେଲେ ।

ଜାପାନୀ କ୍ୟାପଟେନ । ଭଲ ନାଁ । କିଛି ତ ନାଁ ଦେଲେ ଭଲ ହୁଅନ୍ତା । କିନ୍ତୁ କେଉଁ ନାଁ ଦେବ ? କିଛି ମନେ ପଡିଗଲେ, ସେହି ନାଁ ଦେବ ।- ଅବିନାଶ ଭାବିଲା

ହଁ, ଶୋକୁ ବୁଝିବାକୁ ହେଲେ କିଛି ଐତିହାସିକ ତଥ୍ୟ ଜାଣିବା ଆଉ ତା' ବିଷୟରେ ଆଲୋଚନାର ସାମାନ୍ୟ ଆବଶ୍ୟକତା ଅଛି । ଆମ କମ୍ପାନୀ ତରଫରୁ ଏକ ମାଗଣା ପୁସ୍ତକ ମିଳିବ ।– ଏତିକି କହି ଜାପାନୀ କ୍ୟାପଟେନ ପୋଷାକ ପିନ୍ଧିଥିବା ମ୍ୟାନେଜର ଅବିନାଶକୁ ଏକ ବ୍ରୋସିଅର ଦେଲା । ଭଲ ଗ୍ଲସି ପେପର । ଫଟୋ ସବୁ ଭଲ ଭାବରେ ଆସିଛି । ଜାପାନୀମାନଙ୍କ ଆଣ୍ଡାମାନ ଅଧିକାର ଉପରେ ବହୁ ତଥ୍ୟ ଲେଖା ଅଛି । ସେମାନଙ୍କର ପ୍ରଥମ ପ୍ଲାନିଙ୍ଗ, ଲୋକମାନଙ୍କ ଦୁର୍ଦ୍ଦଶା, ଅଧିକାର ଆଉ ଅତ୍ୟାଚାର ଉପରେ ଲେଖାଥିଲା । ଅବିନାଶ କିଛି ପଢିନେଲା । ଆଣ୍ଡାମାନକୁ ଜାଣିବାକୁ କିଛି ବହିର ଦରକାର ଅଛି । ବହିରେ ଜାପାନୀମାନଙ୍କ ଭିନ୍ନ ଭିନ୍ନ କାମର ଭଲ ତର୍ଜ୍ଜମା ହୋଇଥିଲା । ଦୁଇ ତରଫରୁ ଲେଖା ହୋଇଛି, ଏକ ବିଜୟୀ ଆଉ ପରାଜିତ ଭିତରେ ସମ୍ବନ୍ଧ ତଥା କିଛି ଲୋକଙ୍କ ଇଂରେଜମାନଙ୍କ ପ୍ରତି ଅନ୍ଧ ଆନୁଗତ୍ୟର କଥା ମଧ୍ୟ ଲେଖାଥିଲା । ସେ ମଧ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଭିତରେ ତା'ର ପ୍ରତି ଦ୍ୱନ୍ଦର ଉତ୍ତର ଖୋଜୁଥିଲା । ନିଜ ଭିତରଟା ପ୍ରଶ୍ନ ଆଉ ଉତ୍ତରର ଗନ୍ତାଘର । ଭରଚୁଆଲ ଟୁର ସହ ବହି ନିଶ୍ଚେ ଭଲ କାମ ଦେବ ।

ବିନା ଗୁଳିରେ ଜାପାନିଜମାନେ ଏ ଦ୍ୱୀପକୁ ଅଧିକାର କରିନେଲେ । ଏ ଦ୍ୱୀପକୁ ସେମାନେ ପ୍ରଥମରୁ ଆକଳନ କରିନେଇଥିଲେ ।- ଏକ ଧାଡି ମଞ୍ଚ ଉପରେ ଲାଗିଥିବା ସ୍କ୍ରିନରେ ଭାସିଉଠିଲା ।

ଦର୍ଶକ ମଣ୍ଡଳୀରେ ସେତେବେଳକୁ କିଛି ଲୋକ ବସିଗଲେଣି । ସେମାନେ ନିଜ ନିଜ ଭିତରେ କଥା ହେଉଥିଲେ ଆଉ ସେଥିରୁ କିଛି ଅବିନାଶ ଶୁଣୁଥିଲା । ତା' ଛଡା ଉପର ମଞ୍ଚରେ ତିନିଜଣ ଲୋକ ବସି ଜାପାନିଜମାନଙ୍କ ଆଣ୍ଡାମାନ ଅଧିକାରର ପ୍ରତିଟି ଘଟଣାକୁ ତର୍ଜ୍ଜମା କରୁଥିଲେ । ସେ ଭିତରେ ଜଣେ ଜାପାନିଜ କ୍ୟାପଟେନ ଥିଲେ, ଜଣେ ପୋର୍ଟବ୍ଲେଆର ବାସିନ୍ଦା ଥିଲେ, ଓ ଶେଷ ଜଣଙ୍କ ପରିଚୟ ଲେଖାଯାଇନଥିଲା, ତାଙ୍କର ମୁହଁ ମଧ୍ୟ ଅସ୍ୱଷ୍ଟ ଥିଲା । ଭରଚୁଆଲ ଟୁର ସହ ସେମାନଙ୍କର କଥାବାର୍ତ୍ତା ଲାଇଭ ହେବ । ଅତୀତ ସହ ବର୍ତ୍ତମାନକୁ ଯୋଡିବାର ପ୍ରୟାସ କରାଯାଇଛି । ଏକ ନୂଆ ପ୍ରକାରର ପ୍ରଚେଷ୍ଟା । ଜାପାନିଜ କ୍ୟାପଟେନ ଜାପାନୀମାନଙ୍କ ତରଫରୁ କହିବେ, ପୋର୍ଟବ୍ଲେଆର ବାସିନ୍ଦା ସେ ସମୟର ପୋର୍ଟବ୍ଲେଆର ବାସିନ୍ଦାମାନଙ୍କ ହିସାବରେ କହିବେ ଆଉ ତୃତୀୟ ବ୍ୟକ୍ତି ଏବେକାର କେହି ଜଣେ, ଏମିତିକି ଦର୍ଶକ ବି ହୋଇପାରେ, ସେ ଏବେକା ହିସାବରେ ଭାବି ପ୍ରଶ୍ନ କରିବେ ବା ଉତ୍ତର ମଧ୍ୟ ଦେଇପାରିବେ । ଏହି ଜାଗା ଏକ ପ୍ଲାନେଟୋରିଅମ ବା ନକ୍ଷତ୍ରାଗାରର ଢାଞ୍ଚା କୁହାଯାଇପାରେ । ନକ୍ଷତ୍ରାଗାରରେ ଜଣେ ପ୍ରାୟ ଶୋଇବା ଅବସ୍ଥାରେ ବସି କେବଳ ଦେଖିପାରେ । କିନ୍ତୁ ଏ କ୍ଷେତ୍ରରେ ଜଣେ ବସି ଶୋ ଉପଭୋଗ କରିବା ସହ, ଶୋରେ ଭାଗ ମଧ୍ୟ ନେଇପାରେ । ସେତେବେଳେ ମୁହଁ ଦେଖାଯାଉନଥିବା ଚେହେରାରେ ସେହି ଲୋକର ମୁହଁ ଦେଖାଯିବ । ଟେଲିପୋର୍ଟେସନ ବା ଟେଲିଭିଜନ ସିଗନାଲ ଭଳି ଏମିତି କିଛି କୁହାଯାଇପାରିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ଶୋରେ ଆପଣମାନେ ବସି ଘଟଣାର କିଛି ଚିତ୍ର ଦେଖିବେ, କିଛି ବର୍ଣ୍ଣନା ହେବ, କିଛି ଡାୟାସ ଉପରେ ବସିଥିବା ଲୋକମାନେ ଆଲୋଚନା କରିବେ । ଏବେ ଗଗଲସ ପିନ୍ଧନ୍ତୁ । ଗଗଲସ ପିନ୍ଧିବା ସମୟରେ ସଂମ୍ପୂର୍ଣ ପ୍ରକ୍ଷାଳୟ ଏକ ପ୍ରକୃତ ସ୍କ୍ରିନ ଭଳି ଲାଗିବ ।– ଏ ଘୋଷଣା ଆସିଗଲା ।

ଭରଚୁଆଲ ଟୁର ଆରମ୍ଭ ହୋଇଗଲା । ଜାପାନିଜମାନେ ଆଣ୍ଡାମାନ ଆକ୍ରମଣର ଯୋଜନା କରୁଛନ୍ତି । ତା' ପୂର୍ବରୁ ସମଗ୍ର ଏସିଆକୁ କେମିତି କବଜା କରିବେ ସେ ପ୍ଲାନ ମିଲିଟାରୀ ହେଡକ୍ୱାର୍ଟର୍ସରେ ହେଉଥିଲା । ସମ୍ରାଟଙ୍କ ଅନୁମତି ମଧ୍ୟ ନିଆଗଲା । ସମସ୍ତେ ସାମୁରାଇ ଭଳି ଶପଥ ନେଉଥିଲେ । ଦେହର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଲଢାଇ କରିବେ । ବିଜୟ ନହେଲେ ମୃତ୍ୟୁ । ସବୁ ସୈନିକ ଦୃଢ ଆଉ ବଳିଷ୍ଠ ଆଉ ଉଜ୍ଜ୍ୱଳ ଲାଗୁଥିଲେ, କାହା ମୁହଁରେ ଶଙ୍କା ବା ଯନ୍ତ୍ରଣାର ଚିହ୍ନ ନଥିଲା । ସେମାନେ ବେଶ ଦମ୍ଭର ସହ ମାର୍ଚ୍ଚ କରୁଥିଲେ ।

ଦ୍ୱିତୀୟ ଯୁଦ୍ଧ ହେବାର ବହୁ ପୂର୍ବରୁ ଦୁଇଜଣ ଜାପାନିଜ ନିଜ ସ୍ତ୍ରୀମାନଙ୍କ ସହ ଏଠାରେ ଫଟୋଗ୍ରାଫର ହିସାବରେ ଦଶ ବର୍ଷ ରହିଲେ । ସେମାନେ ପୋର୍ଟବ୍ଲେଆର ଆଉ ଆଖପାଖ ଅଞ୍ଚଳର ଫଟୋ ଉଠାଉଥିଲେ । ସେହି ଫଟୋ ସେମାନେ ସାଧାରଣ ଲୋକଙ୍କୁ ଦେଉଥିଲେ । ସେମାଙ୍କର ପୋର୍ଟବ୍ଲେଆରର ସବୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ ସଂମ୍ପର୍କ ଥିଲା । ପ୍ରକୃତରେ ସେମାନେ ଗୁପ୍ତଚର ଥିଲେ । ସେମାନେ ସବୁ ମୁଖ୍ୟ ସ୍ଥାନର ଫଟୋ ଉଠାଇ ନେଇଥିଲେ । ଆଉ ଏହାଛଡା ଏକ ଜାପାନିଜ ଡେଣ୍ଟିଷ୍ଟ ମଧ୍ୟ ଥିଲେ । ସେମାନେ ପୋର୍ଟବ୍ଲେଆରର ସବୁ ରାସ୍ତାଘାଟ, ସବୁ ପ୍ରମୁଖ ବ୍ୟକ୍ତଙ୍କର ନାମ ଆଉ ଅଫିସରମାନଙ୍କ ଠିକଣା ଜାଣିଥିଲେ, ସେମାନେ କିଛିଙ୍କର ବନ୍ଧୁ ମଧ୍ୟ ଥିଲେ । ସେଇ ଆଗରୁ ଜାଣିବା ତଥା ପରିଚୟ ସେମାନଙ୍କୁ ବହୁତ ସାହାର୍ଯ୍ୟ କଲା ।

ଏ ଭରଚୁଆଲ ଟୁର ସମୟରେ ତା' ପାଖରେ ବସିଥିବା କିଛି ବ୍ୟକ୍ତି ନିଜ ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ହେଉଥିଲେ । ସେ କଥା ମଧ୍ୟ ତା'କୁ ଘଟଣା ବିଷୟରେ ଭଲଭାବେ ଜାଣିବାକୁ ସାହାର୍ଯ୍ୟ କରୁଥିଲା । ଅବିନାଶ ସେମାନଙ୍କ କଥା ଶୁଣୁଥିଲା ଆଉ ସ୍କ୍ରିନକୁ ଅନାଉଥିଲା । ସେମାନଙ୍କ କଥା ଶୁଣି ସେ ନିଜର ଜଣା କଥାର ବିଶ୍ଲେଷଣ ବି କରିନେଉଥିଲା ଆଉ କିଛି ନିଷ୍କର୍ଷରେ ମଧ୍ୟ ପହଞ୍ଚୁଥିଲା ।

ଏକ ଯୁଦ୍ଧର ପ୍ଲାନିଙ୍ଗ ବା ଯୋଜନା ତାହାହେଲେ ବହୁ ଆଗରୁ ଚାଲେ । ଆଉ ଏଠି ପ୍ରସ୍ତୁତି ତ ଦଶବର୍ଷ ଆଗରୁ । ତା'ର ଆଗରୁ ପ୍ଲାନିଙ୍ଗ ଥିବ ।

ବହୁ ଆଗରୁ, ବର୍ଷ ବର୍ଷ ଧରି ଆଗରୁ ।

ତୁମେ ତାହାହେଲେ ଏମାନଙ୍କୁ ଭବିଷ୍ୟତ ବକ୍ତାମାନଙ୍କ କଥା କହୁଛ ?

ଆମ ଭିତରେ ନକ୍ଷତ୍ର, ତା'ର ଆଉ ଜହ୍ନ ନଦେଖି ଭବିଷ୍ୟତ ଦେଖୁଥିବା ମଣିଷମାନଙ୍କ କଥା କହୁଛି । ନକ୍ଷତ୍ର ତାରା ଦେଖି କିଏ ଏକ ମଣିଷର କଥା କହିପାରେ, କିନ୍ତୁ ସୂର୍ଯ୍ୟକୁ ଦେଖି କିଏ କିଏ ନିଜ ଜାତି କଥା ଭାବିପାରେ । ଦିନରେ ସୂର୍ଯ୍ୟ କିରଣରେ ଠିଆହେବା ଆବଶ୍ୟକ ଅଛି, ଆଉ ବହୁ ଆଗକୁ ଭାବିବାର ଆବଶ୍ୟକ ଅଛି । ଜାପାନିଜମାନେ ସେମିତି ବହୁ ଆଗୁଆ କଥା ଭାବୁଥିଲେ ।- ଏମିତି କିଛି କଥାବାର୍ତ୍ତା ତା' ପାଖରେ ବସିଥିବା ଲୋକମାନେ କରୁଥିଲେ । ତା'ପରେ ହଠାତ୍ ଷ୍ଟେଜ ଅନ୍ଧାର ହୋଇଗଲା ।

"ଏସିଆ ଫର ଦ ଏସିଆନସ୍ ।" ।- ଏହା ସ୍କ୍ରିନରେ ଲେଖାହେଲା ଆଉ ଜାପାନିଜମାନଙ୍କ ସହ ଏସିଆରେ ଭିନ୍ନ ଭିନ୍ନ ଦେଶର ଲୋକେ ସେହି ଧାଡି ଉଚ୍ଚାରଣ କରୁଥିଲେ । ସେମାନେ ଜାପାନୀ ସୈନ୍ୟଙ୍କ ସହ ମିଶି ମାର୍ଚ୍ଚ କରୁଥିଲେ । 'ଏସିଆ ଫର ଦି ଏସିଆନସ୍' କହିଲାବେଳେକୁ ସମସ୍ତଙ୍କ ହାତ ଉପରକୁ ହୋଇଯାଉଥିଲା । ସେ ମାର୍ଚ୍ଚରେ କିଛି ଭାରତୀୟ ମଧ୍ୟ ଥିଲେ । ତା'ପରେ ଆଣ୍ଡାମାନର ଚିତ୍ର ଦେଖାଗଲା । ଜାପାନୀମାନଙ୍କ ସେହି ବାକ୍ୟକୁ ଆଣ୍ଡାମାନରେ କେହି ଦୋହରାଇ ଚାଲୁଥିଲା ପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣାଯାଉଥିଲା । କିନ୍ତୁ ତା' ମୁହଁ ଦେଖାଯାଉନଥିଲା । ଆଣ୍ଡାମାନର ଅଧିକାଂଶ ଲୋକେ ସେ ବାକ୍ୟ ଉଚ୍ଚାରଣ ମଧ୍ୟ କରୁନଥିଲେ । ଭରଚୁଆଲ ଟୁରରେ କିଛି ସମୟ ଜାପାନିଜଙ୍କର ସାମରିକ ଅଭିଯାନ ଦେଖାଗଲା । ଜାପାନୀମାନେ ଆଗେଇ ଚାଲିଛନ୍ତି ।

ଆଣ୍ଡାମାନ ଆକ୍ରମଣର ପ୍ରସ୍ତୁତି ।- ତା' ପାଖ ଚେଆରରୁ କିଏ କହୁଥିଲେ ।

ଅବିନାଶ ଚିତ୍ରରେ ଦେଖିଲା ଯେ ଲମ୍ବା ସମୟଧରି ଅଧିକାର କରିଥିବା ହେତୁ ୟୁରୋପୀୟମାନଙ୍କ ଅକ୍ତିଆରରେ ଥିବା ରାଜ୍ୟର ଲୋକେ ସେମାନଙ୍କୁ ଘୃଣା କରିବା ଆରମ୍ଭ କରିଦେଇଛନ୍ତି । ସେମାନେ କେହି କେହି ଅସ୍ତ୍ର ଉଠାଉଛନ୍ତି, ଯିଏ ବି ହେଉ ନିଜ ଉପାୟରେ ଅମାନ୍ୟ କରିବାକୁ ଚେଷ୍ଟା କରୁଛି । ସବୁ ପରାଧୀନ ଦେଶର ନାଗରିକମାନେ ନିଜ ନିଜ ହିସାବରେ ଅମାନ୍ୟ କରିଚାଲିଛନ୍ତି । ୟୁରୋପିଆନମାନଙ୍କୁ ଆଉ ସ୍ୱତଃପ୍ରବୃତ ସହଯୋଗ ମିଳୁନି ।

ଅବିନାଶ ଭାବିଲା ପରାଧିନ ହେବାକୁ କେହି ନିଜ ମନରୁ ଚାହେନି । କିନ୍ତୁ ପରାଧିନତା ଆପେ ନିଜ ଅସହାୟତା ହେତୁ ଆସିଯାଏ । ତେଣୁ ଏ ଧାଡିଟି ଏସିଆନଙ୍କ ପାଇଁ ମ୍ୟାଜିକ ଥିଲା । ଜାପାନିଜମାନେ ୟୁରୋପୀୟ ଅଧିକାରରୁ ମୁକ୍ତି ଦେଉଛନ୍ତି ।

ଏହା ତୁମେ ଚାଲାକି କହିବ ନା ସଦିଚ୍ଛା କହିବ? ନା ଅପରଚୁନିଷ୍ଟ ବା ସୁବିଧାବାଦୀର କଥା ଭାବିବ ?- ତା' ପାଇଁ ପାଖ ବ୍ୟକ୍ତିର ସ୍ୱର କିଛି ଦ୍ୱିଧା ନେଇଆସୁଥିଲା ।

ଜାପାନିଜ ଯୁଦ୍ଧତରୀମାନ ମହାସାଗରରେ ରାଜୁତି କରିବା ଆରମ୍ଭ କଲା । ଆଣ୍ଡାମାନରେ ଭୟ ଆଉ ଆଶଙ୍କାର ବାତାବରଣ ଘେରିଥିଲା ।- କ୍ୟାପଟେନ ଷ୍ଟେଜରୁ କହିଲେ । ଆଉ ଭରଚୁଆଲ ଟୁରରେ ଅବିନାଶ ଏକ ଜାପାନିଜ ନୌଭେଲା ଦେଖିପାରିଲା ଆଉ ଘଟଣାମାନ ଆପେ ଜାଣିପାରିଲା । ସ୍କ୍ରିନରେ ଜାପାନୀ ନୌଭେଲା ଆଉ ଜାପାନୀଜ ସୈନ୍ୟମାନଙ୍କ ସଫଳତା ଦେଖାଯାଉଥିଲା । ସିଙ୍ଗାପୁରକୁ ଜାପାନିଜମାନେ ଅଧିକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲେ । ଜାପାନୀ ବୋମାବର୍ଷୀ ଉଡାଜାହାଜମାନ ଆଣ୍ଡାମାନର ଆକାଶରେ ଚକ୍କର ମାରିଲା ଆଉ ପ୍ରଥମ ବୋମାବର୍ଷଣ ଫେବୃୟାରୀ ୧ ତାରିଖରେ ଆରମ୍ଭ ହୋଇଗଲା । ଏକ ବିରାଟ ବୁମ୍, ପୋର୍ଟବ୍ଲେଆରରେ ଦୌଡାଦୌଡି ଲାଗିଗଲା । ପୋର୍ଟବ୍ଲେଆରକୁ ଜଲଦି ଖାଲି କରିବାକୁ ପଡ଼ିବ । ଜାପାନୀ ଯୁଦ୍ଧପୋତରେ ସୈନିକମାନେ ଅତି ବ୍ୟସ୍ତ ଦେଖାଯାଉଥିଲେ । ଜାହାଜର କ୍ୟାପଟେନ ଆଦେଶ ପରେ ଆଦେଶ ଦେଇଚାଲୁଥିଲେ । ୧୯୪୨ ମସିହା ଜାନୁଆରୀର ପ୍ରଥମ ସପ୍ତାହ । ଜାପାନୀ ବୁଡାଜାହାଜମାନ ସେତେବେଳକୁ ଆଣ୍ଡାମାନ ସମୁଦ୍ରରେ ପଇଁତରା ମାରିବା ଆରମ୍ଭ କରିଦେଲେ । ଜାପାନୀମାନେ ଦକ୍ଷିଣ ଏସିଆର ସବୁ ସମରକ୍ଷେତ୍ରରେ ବିଜୟୀ ହେଉଥାଆନ୍ତି । ବହୁ ଇଂରେଜ ଉପନିବେଶମାନ ସେମାନଙ୍କ ଅଧିନକୁ ଆସିସାରିଥାଏ । ଆଣ୍ଡାମାନରେ ଲୋକଙ୍କ ଭିତରେ ଭୟ ଥାଏ, ଆଉ ଇଂରେଜ ଅଧିକାରୀମାନେ ନିଶ୍ଚିତ ପରାଜୟର ଆଶଙ୍କାରେ ଥାଆନ୍ତି । ବ୍ରିଟିଶ ଯାତ୍ରୀବାହୀ ଜାହାଜ ଏସ ଏସ ମହାରାଜା ଜାହାଜ ଚାଥାମ ଜେଟିରୁ ମୁଖ୍ୟଭୂମି ପାଇଁ ଜାନୁଆରୀ ୨ ତାରିଖରେ ଛାଡିଦେଲା । କିନ୍ତୁ ବହୁ ଆଶାୟୀ ଲୋକ ଯାଇ ପାରିଲେନି । ସେତେବେଳକୁ ଡର ସବୁଆଡେ, ଜାପାନୀମାନେ ମାଡି ଆସୁଛନ୍ତି ବୋଲି ଡାକ ପଡୁଥାଏ । ତା'ପରେ ନୌବାହିନୀର ତରୀ ଆଲାଙ୍ଗା ମଧ୍ୟ ଆଣ୍ଡାମାନରୁ ଆଉ କିଛି ଲୋକଙ୍କୁ ନେଇ ଚାଲିଗଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱୀକୃତିର ଅଗଣିତ ସ୍ୱୀକାରୋକ୍ତି-ଗୁରୁ

ଡା ଉଷାରାଣୀ ଦାଶ୍



ଭାଦ୍ରବର ରୂପେଲି ସକାଳ । ମେଘ ଡମ୍ବରୁ ତାଳେ ତାଳେ ମହ୍ଲାର ତୋଳି ମନଲୋଭା ସଙ୍ଗୀତରେ ମୁଖରିତ ଧରଣୀ । ଅଭ୍ୟାସବଶତଃ ପ୍ରାତଃ ଭ୍ରମଣରେ ବାହାରିଯାଇଥିଲେ ଅନ୍ନପୂର୍ଣ୍ଣା ଦେବୀ । ବର୍ଷା ପୂର୍ବରୁ ଫେରି ପାରିଲେନି, ପୁରାପୁରି ଭିଜିଗଲେ ରାସ୍ତାରେ । ଟାଉଏଲଟିଏ ଧରି ମୁଣ୍ଡଟାକୁ ପୋଛି ପକାଇଲେ । ନହେଲେ ଥଣ୍ଡା ଧରିଯିବ । ଆଜିକାଲି ବର୍ଷା କାକର ଦେହରେ ଯାଉନି । ବୟସ ବା କଉ ବସିଛି, ଅଶି ଧରିବାକୁ ବସିଲାଣି । ଉତ୍ତୀର୍ଣ୍ଣ ବୟସରେ ସଚଳ ରହିବାର ସୂତ୍ରକୁ ନେଇ ଚାଲିବାର କଥା । ଅଚଳର ଅଲୋଡା ଜୀବନକୁ ନେଇ ଜୀଇଁବାକୁ ଭାରି ଭୟ ତାଙ୍କର । ସଚଳ ରହିବାର ସଙ୍କଳ୍ପରେ ଭୋର ପାଞ୍ଚଟାରୁ ଶେଯ ଛାଡି ପ୍ରାତଃଭ୍ରମଣ କରନ୍ତି ଓ ପରେ ଗାଧୁଆପାଧୁଆ ସାରି ନାତିନାତୁଣୀ ସ୍କୁଲକୁ  ବାହାରିବା ପୂର୍ବରୁ ଟିଫିନ ବକ୍ସ ସଜାଡିବା ସହିତ ସେମାନଙ୍କୁ କିଛି ଖୁଆଇ ନଦେଲେ ତାଙ୍କ ମନ ବୁଝେନି । ତାପରେ ଆରମ୍ଭ ହୁଏ ତାଙ୍କର ପୂଜାପାଠ ଆଦି ଦୈନନ୍ଦିନ ଜୀବନଚର୍ଯ୍ୟା । ଗୀତା, ଭାଗବତ, ପୁରାଣରୁ ଅଧ୍ୟାୟେ ଲେଖାଏ ପଢିବା ସହିତ ଅବସର ସମୟରେ ପତ୍ରପତ୍ରିକା ପଢିବା ରୁଚି ତାଙ୍କର ଆଜିଯାଏ ରହିଛି । ସମୟେ ସମୟେ ଗୀତ କି କବିତାଟେ ଗାଉଇ ବି ପକାନ୍ତି ସେ ।

"ଜେଜେମା' କୋଉଠି ଅଛ ? ମୋ ପାଇଁ ସବୁ ସଜାଡି ଦିଅ, ମୁଁ ମା'ମ୍‌ଙ୍କ ଘରକୁ ଯିବି, ମୋ ସାଙ୍ଗମାନେ ଆସିଗଲେଣି ।" ସାନ ନାତିର ବରାଦ ମୁତାବକ ସବୁ ସଜାଡି ଦେଇ ଆସିଲେ ସେ । ମୁଣ୍ଡଟାକୁ ଖୋଲି ଫ୍ୟାନ ତଳେ ବସିଗଲେ । ସ୍ମୃତିସବୁ ପରସ୍ତ ପରସ୍ତ ହୋଇ ଖୋଲି ଯାଉଥିଲା ତାଙ୍କ ମାନସପଟ୍ଟରେ । ନିଜ ଜୀବନର ଫର୍ଦ୍ଦଗୁଡିକ ଓଲଟାଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲେ । ଗୁରୁଦିବସ ପୂର୍ବଦିନରୁ ଭାଷଣ ଲେଖି ପୁଅଝିଅମାନଙ୍କୁ ପ୍ରସ୍ତୁତ କରାଇବା ସହିତ ସେଦିନ ସକାଳୁ ସକାଳୁ ଗୁରୁପୂଜା ପାଇଁ ଫୁଲ ତୋଳି ହାର ଗୁନ୍ଥି ଦେଉଥିଲେ । ତାଙ୍କ ପିଲା ଦିନେ ଗୁରୁଦିବସ କ'ଣ ଜଣା ନଥିଲା, ମାତ୍ର ଛାତ୍ରଛାତ୍ରୀମାନଙ୍କର ପାଠରେ ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଦିଗଦର୍ଶନ ଦେବାରେ ଶିକ୍ଷକଙ୍କ ଅବଦାନ ଥିଲା ଅନସ୍ୱୀକାର୍ଯ୍ୟ । ସପ୍ତମଶ୍ରେଣୀ ପରେ ଗାଁରେ ହାଇସ୍କୁଲ ନଥିବାରୁ ତାଙ୍କର ପାଠପଢ଼ା ବନ୍ଦହେବା କଥା ଶୁଣି ଆଖିରୁ ଦୁଇଧାର ଲୁହ ବୋହିଆସିଥିଲା । ପୀତାମ୍ବର ସାର ତା'ଙ୍କ ମନକଥା ବୁଝିପାରି ମୁଣ୍ଡକୁ ଆଉଁସି ଦେଇ କହିଥିଲେ, "ତୁ ଯେତିକି ପାଠ ପଢ଼ିଛୁ ସେଥିଲେ ଆଉ କାହାକୁ ଶିକ୍ଷିତ କରି ଦେଇପାରିବୁ, ଚିନ୍ତା କରନା ମା' ।" ବାପା ତାଙ୍କର ଆଶ୍ୱସ୍ତ ଥିଲେ ମୋ ଝିଅ ଭଲମନ୍ଦ ଖବର ଦ୍ୱିପଦ ଚିଠିରେ ଲେଖି ଜଣାଇପାରିବ, ଆଉ କ'ଣ ଲୋଡ଼ା । ଜଣେ ମେଧାବୀ ଛାତ୍ରୀର ଆଶା ଆକାଂକ୍ଷା, ମନର ଇଛା ପରିବାରର ରକ୍ଷଣଶୀଳ ମାନସିକତାର ରାହୁଛାୟାରେ ଅବଦମିତ ରହିଗଲା ।

ବିବାହ ପରେ ସନ୍ତାନ ଓ ପରିବାରର ଦାୟିତ୍ୱରେ ବୁଡି ରହିଲେ ସେ । ପିଲାମାନଙ୍କର ପାଠପଢ଼ା ବୟସ ଆରମ୍ଭ ହେବା ପରେ ଚୁଲିମୁଣ୍ଡରେ ତାଙ୍କୁ ଘେରି ବସିଯାଉଥିଲେ ସେମାନେ । ଡାଲି ତରକାରୀରେ ଛୁଙ୍କ ଦେବାରେ ନିମଗ୍ନ ମନଟା ବାଣ୍ଟି ହୋଇଯାଉଥିଲା ଗଣିତ ବିଜ୍ଞାନର ସୂତ୍ରକୁ ସରଳ ଭାବରେ ସମାଧାନ କରିବାରେ । କି ଶୀତ କି ଗ୍ରୀଷ୍ମ ଡିବିରି ନିଆଁରେ ଆଲୋକିତ ତାଙ୍କ ପିଲାଙ୍କ ଚାଟଶାଳୀ ତାଙ୍କର ସବୁଠାରୁ ପ୍ରିୟ ସ୍ଥାନ ଥିଲା ।  ସ୍ୱାମୀଙ୍କ ନିକଟକୁ ପଢିବାକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାମୀଙ୍କର ଅସୁସ୍ଥତା ସମୟରେ କେବେକେବେ ଘଡିଏ ଦ୍ୱିଘଡି ବସାଇ ପଢାଇବାରେ ତାଙ୍କୁ ଅଫୁରନ୍ତ ଆନନ୍ଦ ମିଳୁଥିଲା । ନିଜ ଭିତରର ଅଭାବବୋଧରେ ମୁହୂର୍ତ୍ତକ ପାଇଁ ହେଉ ପଛେ ଆଶ୍ୱସ୍ତିର ଚନ୍ଦ୍ରାତପ ଟାଣି ହେଉଥିଲା ।

ପରୀକ୍ଷାରେ ପିଲାମାନଙ୍କର ସଫଳତା ଦେଖି ଶଶୁର ଆତ୍ମତୃପ୍ତିର ହସଟିଏ ମୁହଁରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖେଳାଇ ମୁଣ୍ଡରେ ସ୍ନେହରେ ହାତ ବୁଲାଇ ଆଣି କହିଥିଲେ "ସାବାସ୍ ଅନୁମା, ତୁମେ ମୋ ନାତିନାତୁଣୀଙ୍କର ପାଠପଢାରେ ଯେପରି ଯତ୍ନ ନେଉଛ କେଉଁ ଟିଉସନ ସାରଙ୍କୁ ମୋଟା ଅଙ୍କର ଦରମା ଦେଇଥିଲେ ବି ସେ ଏମିତି କରିପାରି ନଥାନ୍ତେ ।" ଶାଶୁ ଶଶୁର ଯିବାପରେ ଆଉ ପିଲାମାନଙ୍କର ସ୍କୁଲ ପାଠ ସରିବା ପରେ ଘରକାମରୁ ପୁରୁସତ୍ ମିଳିଲେ ଆଖପାଖର ନିରକ୍ଷର ପିଲା ଓ ଅଶିକ୍ଷିତ ମହିଳାମାନଙ୍କୁ ଲେଖିବା ପଢିବା ଶିଖାଇବା ତାଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ ହୋଇଯାଇଥିଲା । ନିଜ ଜୀବନଜ୍ୟୋତିର ବିକିରଣରେ ଅଜ୍ଞାନ ଅନ୍ଧକାରକୁ ଅପସାରଣ କରିବାର ସଙ୍କଳ୍ପ ନେଇ ସେ ଆଗକୁ ବଢୁଥିଲେ ।

ପତ୍ନୀ ଅନ୍ନପୂର୍ଣ୍ଣାଙ୍କର ଶିକ୍ଷାମନସ୍କତା ସ୍ୱାମୀ ଅମର ବାବୁଙ୍କୁ ଖୁବ୍ ଅଭିଭୂତ କରିଥିଲା, କିନ୍ତୁ ସେ କେବେ ମୁହଁ ଖୋଲି କିଛି କହନ୍ତି ନାହିଁ । ସେଦିନ ଥାଏ ଗୁରୁଦିବସ । ବିଦ୍ୟାଳୟରେ ଉତ୍ସବ ପାଳନ ପରେ ସ୍ୱାମୀ ଘରେ ପହଞ୍ଚିଲେ, ହାତରେ ଥିଲା ସାଲ୍ ଓ ଫୁଲତୋଡା । ଦରଜା ବନ୍ଦ କରୁକରୁ କିଛି ବୁଝିବା ଆଗରୁ ସାଲ୍ ଟିକୁ ତାଙ୍କ ବେକରେ ପକାଇଦେଲେ ସ୍ୱାମୀ । ବୁଲିପଡିଲା ବେଳକୁ ହାତରେ ଧରାଇ ଦେଲେ ଫୁଲତୋଡାଟି ।

"ଏ ସବୁ ମୋତେ କାହିଁକି ଦେଉଛ ?" - ଅନ୍ନପୂର୍ଣ୍ଣା ଦେବୀଙ୍କ ଆଶ୍ଚର୍ଯ୍ୟ ଭରା କଣ୍ଠସ୍ୱର ।

"ଏସବୁର ଅସଲ ହକଦାର୍ ତ ତୁମେ । ମୋ ପିଲାମାନଙ୍କର ଆଦ୍ୟ ଓ ପ୍ରକୃତ ଗୁରୁ ତୁମେ । ତୁମର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସେମାନେ ସମସ୍ତେ ଆଜି ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ । ତୁମର ତ୍ୟାଗ , କର୍ତ୍ତବ୍ୟ ନିଷ୍ଠା, ଧୈର୍ଯ୍ୟ, ସହନଶୀଳତା ପାଇଁ ଆଜି ମୁଁ ଜଣେ ସଫଳ ଶିକ୍ଷକ, ସଫଳ ମଣିଷ ହୋଇପାରିଛି । ସତ କହିବାକୁ ଗଲେ ତୁମର ଏହି ଗୁଣ ସବୁ ମତେ କେବଳ ପ୍ରଭାବିତ କରିନାହିଁ, ତୁମ ଅଜାଣତରେ ମୁଁ କିଛି କିଛି ଶିଖିବାକୁ ବି ଚେଷ୍ଟା କରିଛି । ଆଜି ଦିନରେ ଏ କିଛି ନୁହେଁ, ଏହାଠାରୁ ଅଧିକ ତୁମର ପ୍ରାପ୍ୟ"।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପଲକ ନୟନରେ ଚାହିଁ ରହିଥାନ୍ତି ସେ ସ୍ୱାମୀଙ୍କ ମୁହଁକୁ । ବିରଳ ଏ ଉପଲବ୍ଧି । ଭାବ ଭାବନାର ଫେଣ୍ଟାଫେଣ୍ଟି ଅନୁଭବ। ଏହି ଦୁର୍ଲ୍ଲଭ ମୁହୂର୍ତ୍ତର ପ୍ରତ୍ୟେକ କ୍ଷଣକୁ ସେ ନିଜର ପ୍ରତ୍ୟେକଟି ସ୍ନାୟୁରେ ଅନୁଭବ କରୁଥିଲେ । ମୁଖମଣ୍ଡଳରେ ତାଙ୍କର ପ୍ରତିଫଳିତ ହେଉଥିଲା ଆତ୍ମାର ଉଲ୍ଲାସ । ଆଜି ସ୍ୱାମୀଙ୍କର ହୋଇଛି କ'ଣ? ତାଙ୍କ ମଧୁର ଭାବନାରେ ଖିଅ ଯୋଡି ପ୍ରଗଳ୍ଭ ଭାବରେ ଅମରବାବୁ କହୁଥିଲେ "ଶିକ୍ଷାଦାନ ପାଇଁ ତୁମକୁ କୌଣସି ଅନୁଷ୍ଠାନ ଲୋଡା ନାହିଁ ଅନୁ, ତୁମେ ତ ନିଜେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ, ଯାହାର ପ୍ରତିଟି ଶିରାପ୍ରଶିରାରେ ପ୍ରବାହିତ ହେଉଛି ଶିକ୍ଷାଦାନର ଅମୀୟ ଧାରା, ପ୍ରତିଟି କୋଣ ଅନୁକୋଣରେ ଲିପିବଦ୍ଧ ହୋଇଛି ସଫଳତାର ଦିଗନ୍ତ ବିସ୍ତାରୀ କାହାଣୀମାଳା, ଯାହାର ବକ୍ଷରେ ସ୍ୱାକ୍ଷରିତ ହୋଇଛି ସ୍ୱୀକୃତିର ଅଗଣିତ ସ୍ୱୀକାରୋକ୍ତି ।"

ଗୋଟାପଣେ ସେ ହଜି ଯାଉଥିଲେ ଆନନ୍ଦ ସାଗରର ବେଳାଭୂମିରେ, ଭିଜି ଯାଉଥିଲେ ସୁମଧୁର ବାଣୀମୃତ ସିଞ୍ଚନରେ । ହୃଦୟରେ ସୃଷ୍ଟି ହେଉଥିଲା ଏକ ଅଭିନ୍ନ କମ୍ପନ , ଭରି ଯାଉଥିଲା ଏକ ଅବର୍ଣ୍ଣନୀୟ ଆନନ୍ଦ ଓ ପରିପୂର୍ଣ୍ଣତା ।

ପ୍ରତିବର୍ଷ ଗୁରୁଦିବସରେ ସ୍ୱାମୀଙ୍କର ଏହି ସ୍ୱୀକୃତି, ଆଉ କିଛି ନୂତନ କାର୍ଯ୍ୟକ୍ରମ ଆୟୋଜନ ଅନ୍ନପୂର୍ଣ୍ଣା ଦେବୀଙ୍କୁ ଶିହରିତ କରୁଥିଲା । ସେ ମନେ କରୁଥିଲେ ତାଙ୍କର ଏ ମଧୁର ଜୀବନଯାତ୍ରାର ଅନ୍ତ ନଥାନ୍ତା କି! ଅସରନ୍ତି ପଥ ସେମାନେ ଏମିତି ଅତିକ୍ରମ କରୁଥାନ୍ତେ ପରସ୍ପର ସହିତ ଏକାତ୍ମ ହୋଇ । ସ୍ମୃତିଚାରଣ କରୁ କରୁ ତାଙ୍କର ଆଖିରେ ଦୁଇବୁନ୍ଦା ଲୁହ ଜକେଇ ଆସିଲା । ସ୍ୱାମୀ ଯିବାର ଯା' ଭିତରେ ଦୁଇବର୍ଷ ବିତି ଗଲାଣି । ଦାମ୍ପତ୍ୟ ଜୀବନର ଖଟାମିଠା ସ୍ମୃତିକୁ ପାଥେୟ କରି ଅବଶିଷ୍ଟ ଜୀବନର ଯାତ୍ରା ତାଙ୍କର ।

ହଠାତ ତାଙ୍କ ବେକରେ ସାଲଟିଏ ପଡିବାର ଅନୁଭବ କଲେ ସେ । ଚମକି ପଡି ପଛକୁ ବୁଲି ଚାହିଁଲେ । ପଛରେ ଠିଆ ହୋଇଥିଲା ସିପୁନ, ତାଙ୍କର ସବୁଠାରୁ ଗେହ୍ଲା ନାତି, ହାତରେ ତା'ର ପୂଜାଥାଳୀ । ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଲେ ସେ । ମୁରୁକି ହସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୂଜାଥାଳୀଟି ଧରି ସମ୍ମୁଖ ଭାଗକୁ ଚାଲି ଆସିଲା ସିପୁନ । ଥାଳୀଟାକୁ ତଳେ ଥୋଇ ଦେଇ ଅନାମିକା ଆଙ୍ଗୁଳିରେ ଚନ୍ଦନ ଆଣି ଜେଜେମାର ମୁଣ୍ଡରେ ଲଗାଇ ଦେଲା ।

"ଆରେ ଏ କ'ଣ କରୁଛୁ ? ତୁ ମା'ମ୍ ଙ୍କ ଘରକୁ ଯାଇନୁ କି, ଏ ପର୍ଯ୍ୟନ୍ତ ?"

ଜେଜେମା ପ୍ରଶ୍ନର ଉତ୍ତର ନ ଦେଇ ତା'ର କୁନି କୁନି ଆଙ୍ଗୁଳିରେ ଅରୁଆ ଚାଉଳ ଓ ଫୁଲ ଜେଜେମାର ମୁଣ୍ଡଉପରେ ବିଞ୍ଚି ଦେଇ ବନ୍ଦାଇବାକୁ ଲାଗିଲା । ଶେଷରେ ଆଣ୍ଠୁମାଡି ପ୍ରଣାମ କଲା ।

ଅନ୍ନପୂର୍ଣ୍ଣା ଦେବୀ ସିପୁନର ହଠାତ ଏପରି ଆଚରଣରେ କିଛି ବୁଝିପାରୁ ନଥିଲେ । ତାକୁ ଭୂଇଁରୁ ଉଠାଇ ଆଣି କୋଳରେ ଜାକି ଧରିଲେ । ସିପୁନ କହୁଥିଲା "ଜେଜେମା ତୁମର ମନେ ଅଛି, ଗଣେଶ ପୂଜାଦିନ ତୁମେ ମତେ କୋଳରେ ବସାଇ ଖଡି ଛୁଆଇଁ ଥିଲ । ଓଡିଆ, ଇଂରାଜୀ ଓ ହିନ୍ଦୀ ବର୍ଣ୍ଣମାଳା ତୁମେ ମତେ ଶିଖାଇଥିଲ । ରାମାୟଣ, ମାହାଭାରତ ପୁରାଣର କାହାଣୀଗୁଡିକ ମୁଁ ତୁମଠାରୁ ଶୁଣିଛି, ଶିଖିଛି । ଆଚରଣ, ବ୍ୟବହାର ଭଲମନ୍ଦ ବିଚାର, ଜୀବନ ଶୈଳୀ, ସବୁକିଛି ତ ତୁମେ ମତେ ଶିଖାଇଛ । କହିଲ ଦେଖି, ତୁମେ ମୋର ପ୍ରଥମ ଗୁରୁ କି ନୁହେଁ ? ମୁଁ ଆଜି ତୁମକୁ ଟିକେ ଶ୍ରଦ୍ଧା ସମ୍ମାନ ଦେଇ କିଛି ଭୁଲ କରିଛି କି ?"

ଅନ୍ନପୂର୍ଣ୍ଣା ଦେବୀ ହତବାକ୍ ହୋଇଯାଉଥିଲେ । ଏଡିକି ଟିକିଏ ପିଲା, ଏତେ ବୁଦ୍ଧି ଆସିଲା କେଉଁଠୁ ? ତା' ମୁଣ୍ଡକୁ ସ୍ନେହରେ ଆଉଁସି ଦେଲେ । ବାଷ୍ପାକୁଳ କଣ୍ଠରେ କହିଲେ, "ତୋ ଭଳି ସଂସ୍କାରୀ ପିଲାଟିଏ ତିଆରି କରି ମୋ ଜୀବନ ଆଜି ଧନ୍ୟ ହୋଇଯାଇଛି । ତୋର ଚିନ୍ତାଧାରା ସବୁରି ମନରେ ଉଙ୍କିମାରୁ, ମୋ ଭଳି ସବୁ ଜେଜେମାଙ୍କର ସ୍ନେହରେ ପୁରିଉଠୁ ସବୁ ପରିବାର, ଉଜ୍ଜୀବିତ ହେଉ ସମାଜରେ ଲୁପ୍ତ ଯୌଥ ପରିବାର, ଗଢିବାକୁ ସଂସ୍କାରୀ, ସମ୍ବେଦନଶୀଳ, ହୃଦୟବାନ ଭବିଷ୍ୟତ ।" ଆଖିରୁ ତାଙ୍କର ଝରି ପଡୁଥିଲା କେଇବୁନ୍ଦା ଆନନ୍ଦାଶ୍ରୁ ।

ଏମ୍‌ସ, ଭୁବନେଶ୍ୱର, ୯୪୩୮୦୩୩୬୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୁଣ

ଅବନୀନ୍ଦ୍ର ଓଝା

ଶବବାହନ ଗାଡି ଛେଣ୍ଡ କଲୋନୀରୁ ବାହାରି ବେଦବ୍ୟାସ ଅଭିମୁଖେ ବାହାରେ । ଗାଡ଼ିରେ ଗୋଲକବାବୁ ତାଙ୍କ ମୃତ ଧର୍ମପତ୍ନୀଙ୍କ ମୁଣ୍ଡ ପାଖରେ ବସିଥାଆନ୍ତି । ବଡପୁଅ ଗାଡିର ଦ୍ୱାର ମୁହଁରେ ବସି ରାସ୍ତାରେ ଖଇ କଉଡ଼ି ପକାଉଥାଏ । ଆଉ ସାନ ପୁଅ ମଧ୍ୟ ପାଖରେ ବସି କାନ୍ଦି ଚାଲିଥାଏ । ଧର୍ମପତ୍ନୀଙ୍କ ହଳଦୀ ବୋଳା ମୁହଁକୁ ଦେଖି ଗୋଲକବାବୁଙ୍କ ଆଖିରୁ ଲୁହ ଗଡି ଚାଲିଥାଏ । ଏତେବଡ ଦୁନିଆରେ ବିବାହର ୫୦ବର୍ଷ ପରେ ଗୋଲକବାବୁଙ୍କୁ ଏକା କରି ତାଙ୍କ ଜୀବନସାଥି ଗତକାଲି ରାତିରେ ବିଦାୟ ନିଅନ୍ତି ।

ଗୋଲକବାବୁ ଆଉ ତାଙ୍କ ଧର୍ମପତ୍ନୀଙ୍କ ୫୦ତମ ବିବାହ ବାର୍ଷିକୀ ପାଳନ ହଉଥାଏ । ଘରକୁ ଆସିଥିବା ଅତିଥିମାନଙ୍କ ମଧ୍ୟରୁ କେହି ଜଣେ ପଚାରେ, ମାନିବାକୁ ପଡିବ ମଉସା ଆଉ ମାଉସୀ ଆପଣ ଦୁଇଜଣଙ୍କୁ, ଆଜି କାଲିର ଦୁନିଆରେ ଯେଉଁଠି ବାହାଘରକୁ ୫/୭ ବର୍ଷ ହୋଇଗଲେ ଅଣନିଶ୍ୱାସୀ ପରି ଲାଗୁଛି, ଆପଣମାନେ ସେଠି ୫୦ବର୍ଷ କେମିତି ସମ୍ଭାଳିଲେ ? "ପରସ୍ପରକୁ ବୁଝିପାରିଲେ ସବୁ ସମ୍ଭବ ବୋଲି" ତତକ୍ଷଣାତ ଗୋଲକବାବୁ ଉତ୍ତର ଦିଅନ୍ତି । କିନ୍ତୁ ଉତ୍ତରଟି କାହାର ମଧ୍ୟ ହଜମ ହୁଏନାହିଁ । ସମସ୍ତଙ୍କ ମୁହଁରେ ପ୍ରଶ୍ନବାଚକ ଅଭିବ୍ୟକ୍ତିକୁ ଦେଖି ଗୋଲକବାବୁଙ୍କ ସହଧର୍ମିଣୀ ଏଥର ଉତ୍ତର ରଖନ୍ତି ।

ଆଜକୁ ୫୦ ବର୍ଷ ତଳେ ତମ ମଉସା ତାଙ୍କ ପରିବାର ସହ ମତେ ଦେଖିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଥାଆନ୍ତି । ଆଉ ମତେ ବରାଦ ହୋଇଥାଏ ରୋଷେଇ କରିବା ପାଇଁ । ଭାତ, ଡାଲିକୁ ଆମର ଛାଡି ଦେଲେ ୮/୯ ପ୍ରକାରର ତରକାରୀ ପତ୍ର ହୋଇଥାଏ । ମୁଁ କେବଳ ସେତେବେଳେ ତିନୋଟି କି ଚାରୋଟି ତିଆରି କରିଥିବି । ବାକି ସବୁ ମୋ ମା' ଆଉ ମୋ ବଡ଼ଭଉଣୀ କରିଥାନ୍ତି । ମୁଁ ରାନ୍ଧିଥିବା ତରକାରୀ ସବୁରେ ଟିକେ ଲୁଣ ଅଧିକା ପଡି ଯାଇଥାଏ । ତେଣୁ ମୋ ତରକାରୀକୁ ଛାଡି ବାକି ସବୁ ତରକାରୀ ସମସ୍ତେ ଖାଆନ୍ତି । କେବଳ ତମ ମଉସା ମୁଁ ରାନ୍ଧିଥିବା ତରକାରୀକୁ ଖାଆନ୍ତି । ତମ ମଉସାଙ୍କୁ ନେଇ ଆମ ଘରେ ସମସ୍ତେ ରାଜି ଥାଆନ୍ତି, କାରଣ ସେତେବେଳ ଆମ ବ୍ଲକର ତମ ମଉସା ହଉଛନ୍ତି ଗୋଟେ ବୋଲି ସରକାରୀ ଜ୍ୱାଇଁ । ହେଲେ, ତରକାରୀରେ ମୁଁ ଲୁଣ ଅଧିକ ପକେଇଥିବାରୁ ଏମାନଙ୍କ ପରିବାର ମନା କରିଦେବେ ବୋଲି ଆମ ଘରଲୋକ ଡରି ଯାଇଥିଲେ । ହେଲା ମଧ୍ୟ ସେଇଆ । କିନ୍ତୁ ତମ ମଉସା ତାଙ୍କ ବଡ ଭାଉଜଙ୍କୁ କହି ବୁଲେଇ ଘରଲୋକଙ୍କୁ ସବୁ ରାଜି କରେଇ ଦେଇଥିଲେ । ଯେତେବେଳେ ବାହାଘର ମାସେ ପରେ ତମ ମଉସାଙ୍କୁ ସେଦିନର ଘଟଣା ବିଷୟରେ ପଚାରିଲି ସେତେବେଳେ ସେ କ'ଣ ଉତ୍ତର ଦେଲେ ଜାଣିଛ ?

ସମସ୍ତେ ଗୋଲକବାବୁଙ୍କ ସ୍ତ୍ରୀଙ୍କ ମୁହଁକୁ ଉତ୍ତର ଲାଗି ଅନେଇଥାନ୍ତି । ହେଲେ ଉତ୍ତର ତାଙ୍କ ସ୍ତ୍ରୀ ନୁହେଁ ନିଜେ ଗୋଲକବାବୁ ଦିଅନ୍ତି,

ତମର ଅଧିକ ଲୁଣ ଖାଇବାର ଅଭ୍ୟାସ । ଆଉ ତମ ସ୍ୱାମୀ ହବାକୁ ହେଲେ ମତେ ଜୀବନ ସାରା ଅଧିକ ଲୁଣର ତରକାରୀ ଖାଇବାକୁ ପଡିବ । ତମ ଫୋଟୋ ଯେଉଁଦିନ ପ୍ରଥମେ ଦେଖିଥିଲି ସେଦିନ ହିଁ ନିଷ୍ପତି ନେଇଥିଲି ବାହାହେବି ଯଦି ଏଇ ଝିଅକୁ । ଅନ୍ୟକୁ ପରିବର୍ତ୍ତନ କରି ଭଲପାଇବା ଅପେକ୍ଷା ନିଜ ମନରୁ ଟିକେ ଅହଂକାରକୁ କାଢି ତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଙ୍ଗରେ ନିଜକୁ ରଙ୍ଗାୟିତ କଲେ ପ୍ରେମର ରଙ୍ଗ ଅଧିକ ଗାଢ଼ ହୋଇଯାଏ । ସେଥିପାଇଁ ସେଦିନ ତମ ଘରେ ତମ ହାତ ରନ୍ଧା ଟିକେ ଲୁଣ ଅଧିକ ତରକାରୀକୁ ଖାଇବା ଅଭ୍ୟାସ ଆରମ୍ଭ କରିଦେଇଥିଲି ।

ଶବଦାହ ଗାଡି ବେଦବ୍ୟାସରେ ପହଂଚି ଯାଇଥାଏ । ପିଲାମାନେ ମା'ଙ୍କୁ କାନ୍ଧରେ ବୋହି ନିଅନ୍ତି ଯୁଇ ନିକଟକୁ । ବଡପୁଅ ମୁଖାଗ୍ନି ଦିଏ । ଗୋଲକବାବୁ ସମସ୍ତଙ୍କଠୁ ଲୁଚାଇ ଆଖିରୁ ଝରି ଯାଉଥିବା ଲୁହକୁ ଗାମୁଛାରେ ପୋଛୁଥାଆନ୍ତି । ବହୁତ କମ ସମୟରେ ଯୁଇଟି ଜଳିଯାଏ । ହଠାତ ଏହା ଦେଖି ଗୋଲକବାବୁଙ୍କ ଗୋଟେ କଥା ମନେପଡିଯାଏ ଯାହା ତାଙ୍କ ସ୍ତ୍ରୀ ତାଙ୍କୁ ଦିନେ କହିଥାଆନ୍ତି, ମୁଁ ଏତେ ଲୁଣ ଖାଉଛି ନା ! ଦେଖିବ ମତେ ଜାଳିଲା ବେଳକୁ କାଠ ବେଶୀ ଦରକାର ପଡ଼ିବନାହିଁ । ମୁଁ ଶୀଘ୍ର ଜଳିଯିବି ।

ଠିକଣା; ଏଫଏଲ -୨୧୮,ବାସନ୍ତୀକଲୋନୀ
ରାଉରକେଲା, ସୁନ୍ଦରଗଡ
ଓଡିଶା,୭୬୯୦୧୨
ଦୂରଭାଷ; +୯୧-୬୩୭୧୨୭୩୮୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାଉଁଜି ଚିହ୍ନ

ଆଶୁତୋଷ ମେହେର



ପଶ୍ଚିମ ଓଡିଶାର ଗୋଟାଏ ଛୋଟ ଗାଁରେ ରହୁଥିଲା ମାଖନୁ, ବିଚାରା ଜଣେ ଗରିବ ଚାଷୀ । ସାଥୀରେ ରହୁଥିଲେ ତା'ର ପତ୍ନୀ ଗୀତା ଓ ପୁଅ ଶ୍ରବଣ । ମାଖନୁ ଥିଲା ବଡ ପରିଶ୍ରମୀ, ନିଜ ଜମିରେ ଦିନରାତି ଖଟୁଥିଲା, କିନ୍ତୁ ଅଭାବ କେବେ ବି ତା ପିଛା ଛାଡୁ ନଥିଲା । ଉପରେ ପୁଅ ଶ୍ରବଣର ହାଇସ୍କୁଲର ପାଠପଢା ଖର୍ଚ୍ଚ । ଦିନେ ଦିନେ ତ ଖାଇବାକୁ ଦୁଇ ମୁଠା ଅନ୍ନ ମିଳୁନଥିଲା । ତଥାପି ସାହସ ଭିଡି ମାଖନୁ ତା ପୁଅକୁ ପାଠପଢାଉଥିଲା ଏକ ସୁନାର ଭବିଷ୍ୟତ ଆଶାରେ । ଶ୍ରବଣ ଭଲ ପଢୁଥିଲା ଓ ଶ୍ରେଣୀରେ ବରାବର ପ୍ରଥମ ହେଉଥିଲା ।

ପରିବାର କଷ୍ଟ ଦେଖି ଗୀତା, ତା'ର ମାଁ ଦେଇଥିବା ସୁନା ପାଉଁଜି ବିକିବାକୁ ମନସ୍ଥ କଲା, ଯାହା ତାକୁ ବିବାହ ସମୟରେ ଉପହାର ମିଳିଥିଲା । ସେ ମାଖନୁକୁ କିଛି ନ ଜଣାଇ ବଜାରକୁ ଗଲା ଓ ପାଉଁଜିଟିକୁ ଜଣେ ସୁନାରୀଙ୍କୁ ଦେଖାଇଲା । ସୁନାରୀ କହିଲା, "ଏ ତ ଏକଦମ୍ ଅସଲି ସୁନାର, କିନ୍ତୁ ତୁମେ ଏହାକୁ ବିକୁଛ କାହିଁକି ?" ସୀତା ପାଉଁଜିର କଥା କହିଲା ଓ ନିଜ ଦାରିଦ୍ର୍ୟର କାହାଣୀ କହି କାନ୍ଦି ପକାଇଲା ।

ସୁନାରୀର ହୃଦୟ ତରଳିଗଲା । ସେ ପାଉଁଜିଟି ନେଇ ତା' ବଦଳରେ କିଛି ଟଙ୍କା ଓ ଗୋଟାଏ ବସ୍ତା ଚାଉଳ ମଧ୍ୟ ଦେଲା ଓ କହିଲା, "ଏ ପାଉଁଜି ତୁମ ମାଆଙ୍କ ଆଶୀର୍ବାଦ, ସ୍ମୃତିର ଚିହ୍ନ । ଏହାକୁ ମୁଁ ଏମିତି ସାଇତି ରଖିଥିବି । ତୁ ଏହାକୁ ଫେରାଇ ନେବାକୁ ଯେମିତି ହେଲେ ବ୍ୟବସ୍ଥା କରି ଆସିବୁ ।" ସୀତା ହଁ କହି, ଘରକୁ ଫେରିଲା । ତା ସାଥୀରେ ଆଣିଥିବା ଟଙ୍କା ଓ ଚାଉଳ ଦେଖି ମାଖନୁ ଆଶ୍ଚର୍ଯ୍ୟ ହେଲା । ସେମାନେ ଏମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖ କଷ୍ଟରେ ଆଗକୁ ବଢୁଥିଲେ । କିନ୍ତୁ ଗୀତାର ମନରେ ପାଉଁଜିର ଅଭାବ ସବୁବେଳେ ଘାରୁଥିଲା । ମାଖନୁ ମଧ୍ୟ ତାକୁ ପ୍ରବୋଧ ଦେଉଥିଲା ସେ ନିଶ୍ଚିତ କିଛି ବ୍ୟବସ୍ଥା କରିବ ଏ ବାବଦରେ ।

ଏ ଭିତରେ ଶ୍ରବଣର ସପ୍ତମ ଶ୍ରେଣୀର ବାର୍ଷିକ ବୃତ୍ତି ପରୀକ୍ଷା ଆସିଗଲା । ମାଖନୁ ତାକୁ ପରୀକ୍ଷା ଦିନଯାକ ସାଇକେଲରେ ବସାଇ ନେଇ ପାଖ ସହରର ହାଇସ୍କୁଲକୁ ଯାଉଥିଲା ବୃତ୍ତି ପରୀକ୍ଷା ପାଇଁ । ଶିକ୍ଷକ କହୁଥିଲେ ଶ୍ରବଣ ନିଶ୍ଚିତ ମେଧାବୃତ୍ତି ପାଇବ ଏଥରକ ।

ମାସକ ପରେ ଶିକ୍ଷକ ମାଖନୁର ଘରକୁ ଆସି ଖୁସି ଖବର ଦେଲେ ଯେ ଶ୍ରବଣ ବୃତ୍ତି ପରୀକ୍ଷାରେ ପାସ୍ କରିଛି । ତାକୁ ସରକାରଙ୍କ ତରଫରୁ ତିନିହଜାର ଟଙ୍କା ମିଳିବ ।

ମାଖନୁ ଓ ଗୀତାଙ୍କ ଖୁସି କହିଲେ ନ ସରେ !!

ବୃତ୍ତିଟଙ୍କା ପାଇଲା ପରେ, ହଜାରେ ଟଙ୍କା ଧରି ମାଖନୁ ଓ ଗୀତା, ସୁନାରୀ ପାଖକୁ ଯାଇ, ପାଉଁଜି ଫେରାଇ ଆଣିଲେ । ଗୀତାର ଆଖିରେ ଲୁହ ଆସିଗଲା । ଘରକୁ ଫେରି ସେ ଶ୍ରବଣକୁ ଜାବୁଡ଼ି କହିଲା, “ପୁଅ, ତୁ ମୋର ସବୁଠୁ ବଡ ସୁନାର ମୁଣ୍ଡାଟେ ! ଏ ପାଉଁଜି ରହିଲା, ଯେବେ ତୋର ବାହାଘର ହୋଇ ବୋହୁଟିଏ ଆସିବ ତାକୁ ମୁଁ ଏହାକୁ ଉପହାର ଦେବି ସ୍ମୃତିର ଚିହ୍ନ ଭାବେ ।"

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବୁଢ଼ା ନାଉରୀ

ଅଭୟ କୁଣ୍ଡ



ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନ ଦେବି ପାଦ ନ ଧୋଇ ନାବ ।

ଏହା ଭଗବାନ ରାମ, ଲକ୍ଷ୍ମଣ ଓ ସୀତାଙ୍କ ଗଙ୍ଗା ନଦୀ ପାର ହେବା କଥା ରାମାୟଣ ବର୍ଣ୍ଣିତ । ନଦୀ ପାର ହେବା ପାଇଁ ଡଙ୍ଗା ଏକ ମାତ୍ର ଭରସା ଥିଲା । ସେଥିପାଇଁ ନଦୀମାନଙ୍କରେ ଡଙ୍ଗା ଘାଟ ଥାଏ । ସେଠାରେ ଡଙ୍ଗା ବନ୍ଧା ହୁଏ । କୈବର୍ତ୍ତ ଜାତିର ଲୋକେ ଡଙ୍ଗା ବାହନ୍ତି । ତାଙ୍କୁ ନାଉରୀ କୁହନ୍ତି । କଟକ ସହର । ହଜାରେ ବର୍ଷର ପ୍ରାଚୀନ ସହର । ସହରକୁ ମହାନଦୀ କାଠଯୋଡି ବିରୂପା ତିନି ଦିଗରୁ ଘେରି ରହିଛି । ଏକାଧିକ ଡଙ୍ଗା ଘାଟ ଥିଲା । ସେଠାରେ ଲୋକେ ପଇସା ଦେଇ ଡଙ୍ଗାରେ ନଦୀ ପାର ହେଉଥିଲେ । କଟକର ଉତ୍ତର ଦିଗରେ ବିଡାନାସୀ ଚହଟା ଘାଟ । ବେଶ୍ ପୁରୁଣା ଓ ପ୍ରସିଦ୍ଧ ମଧ୍ୟ । ପୁରୁଣା କଟକ ସମ୍ବଲପୁର ରାସ୍ତା ବିପରୀତ ଦିଗରେ ନୁଆପାଟଣାରେ ଶେଷ । ସ୍ୱାଧୀନତା ପୂର୍ବ ଓ ପର ପ୍ରାୟ ୧୯୬୦ ମସିହା ପର୍ଯ୍ୟନ୍ତ ସେହି ଘାଟରେ ଛୋଟ ଚାରି ଚକିଆ ଗାଡ଼ି, ଘୋଡ଼ା, ମଣିଷ ପାରି ହୋଇ କଟକ ଯାଉଥିଲେ । ୧୯୬୦ ମସିହା ପରେ କେବଳ ଲୋକ, ସାଇକେଲ, ବାଇକ୍ ସହ ପାରି ହେଉଥିଲେ । ସେଠା ଘାଟବାଲା ନାଉରୀ ମାନଙ୍କର ଭାରି ଖାତିର ଥିଲା । ନାଉରୀ ମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ନାଉରୀ ଥିଲେ ନବ । ସେ ସମସ୍ତଙ୍କର ପ୍ରିୟ ମଉସା ଥିଲେ । ଡଙ୍ଗା ବାହିଲା ବେଳେ ମଉସା କଣ୍ଠରୁ ଭାସି ଆସେ ରାମାୟଣର ମଧୁର ସଙ୍ଗୀତ -

ବଢାଇ ଦେଲେ ପୟର, ଭାବଗ୍ରାହୀ ରଘୁବୀର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡଙ୍ଗାରେ ବସିଥିବା ବୟସ୍କ କେତେଜଣ ପାଳି ଧରୁଥିଲେ । ଏକ ପ୍ରକାର ସଙ୍ଗୀତ ଆସର ଜମୁଥିଲା । ବେଳେବେଳେ ଭାଙ୍ଗ ଗଞ୍ଜାଇର ବ୍ୟବହାର ମଧ୍ୟ ହେଉଥିଲା ପରସ୍ପର ମଧ୍ୟରେ । ନବ ମଉସା ଦେଶ ସ୍ୱାଧୀନ ହେବା ବେଳକୁ ବିବାହ କରି ସାରିଥିଲେ । ଦେଖିବାକୁ ପାଞ୍ଚ ହାତିଆ ମରଦ । ବଳିଷ୍ଠ ଶରୀର । ପ୍ରଜାପତିଆ ନିଶ ଭୟଙ୍କର ଚେହେରା । ମାତ୍ର ସ୍ୱଭାବ ସାଧୁ ପ୍ରକୃତିର ।

ବାପା ଅଜା ଡଙ୍ଗା ଚଳାଇ ମାଛ ମାରି ବିକି ଚଳୁଥିଲେ । ନବ ମଧ୍ୟ ଘାଟ ଡଙ୍ଗା ଚଲାଏ । ଦୀର୍ଘ ଦିନ ଯାଏଁ ନବ ବାପା ହୋଇପାରିଲା ନାହିଁ । ସ୍ତ୍ରୀ କେତେ ଓଷା ବ୍ରତ ମାନସିକ କଲା ହେଲେ କପାଳରେ ନାହିଁ ମା ଡାକ ଶୁଣିବାକୁ । ମନସ୍ତାପରେ ଦିନ ଗଡୁଥାଏ । ବୟସ ପଚାଶ ଟପି ଯାଇଥାଏ । ଏ ଅଞ୍ଚଳରେ କଲେରା ବ୍ୟାପିଲା । ନଦୀ ପାଣି ଦୂଷିତ ହେତୁ ମଡକ ପଡ଼ିଲା । ଆଉ ନବ ମଉସା ବିପତ୍ନିକ ହେଲେ । ଘର ଛାଡ଼ି ଡଙ୍ଗା ଘାଟ କୁଡ଼ିଆରେ ରହିଲେ । ଡଙ୍ଗା ଚଳାଇ ପେଟ ପୋଷିଲେ । ଶୁଣା ହେଲା କଟକ ଆହୁରି ବଡ ହେବ । ନଦୀ ପଠା ପୋତା ହେବ । ବଡ ରିଂ ବନ୍ଧ ପଡ଼ିବ । କେତେ କଣ ବିକାଶ ହେବ । ନବ ମଉସା ଖୁସି ହେଲେ । ଦିନେ ମାଇକ୍ ବାଜିଲା ପ୍ରଚାର ହେଲା । ମନ୍ତ୍ରୀ ଆସି ଶୁଭ ଦେଲେ କାମ ଦ୍ରୁତ ବେଗରେ ଚାଲିଲା । ମର୍କତ କେଶରୀଙ୍କ ପଥର ବନ୍ଧ ଠୁ ଏ ବନ୍ଧ ବଳିଗଲା । ତଣ୍ଡିବଣ, ଗୋଚର, ବାଲି ବନ୍ଧ ପୋତା ହେଲା କୋଠାବାଡି ଆକାଶ ଛୁଇଁଲା । ଗାଡିମଟର ଦୋକାନ ବଜାର ବସିଲା, ଅନ୍ଧାର ହଜିଗଲା, ଦିନରାତି ସମାନ । ନବ ମଉସା ସଜଳ ଆଖିରେ ନଦୀଘାଟରୁ ଦେଖି ଖୁସି ହୁଏ । କଟକର ଏ ବର୍ଦ୍ଧିତ ଅଞ୍ଚଳକୁ ସି ଡ଼ି ଏ କୁହାଗଲା । ଡଙ୍ଗା ଘାଟରେ ଭିଡ ବଢିଲା । କେତେ ଦିନ ଖୁସିରେ କଟିଗଲା । ପୁଣି ଶୁଣାହେଲା କଟକ, ଚୌଦ୍ୱାର, ଭୁବନେଶ୍ୱର ମିଶି ଗୋଟିଏ ହେବ । ପୁଣି ଭିଡ଼ ବଢିବ । ବେପାର ବଢିବ । ମଉସାଙ୍କ ବୟସ ସତୁରୀ ଟପିଲା । ଯୁବକମାନେ ଡଙ୍ଗା ବାହିଲେ ଆଉ ମଉସା ମାହାସୁଲ ଆଦାୟ କାମ କଲେ, ରୋଷେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମ କଲେ ଓ ବନସି ପକାଇ ମାଛ ମାରିଲେ । ରାତି ହେଲେ ଦୁଇ ଚାରିଜଣଙ୍କ ସହ ମିଶି ଗଞ୍ଜାଇ ଦି ଦମ୍ ଟାଣି ମନବୋଧ ଚଉତିଶା ଦି ପଦ ଗାଇ ନିଦ୍ରାଯାଏ । କିଛି ଦିନ ପରେ ପୁଣି ପ୍ରଚାର ହେଲା ମହାନଦୀ ଚହଟା ଘାଟ ନିକଟରେ ଏକ ସେତୁ ହେବ । ଗାଡ଼ି ସଂଖ୍ୟା ବହୁତ୍ ବଢ଼ି ଗଲାଣି । ସେ ଶୁଭ ଦିନ ଆସିଗଲା । ମୁଖ୍ୟମନ୍ତ୍ରୀ ହେଲିକାପ୍ଟରରେ ଆସି ସେତୁ ଶୁଭ ଦେଲେ । କାମ ଦ୍ରୁତ ଗତିରେ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ଚାଲିଲା । ନିର୍ବାଚନ ଛଅ ମାସ ପୂର୍ବରୁ କାମ ସରିଲା, ବିଶାଳ ସଭା ହେଲା । ମୁଖ୍ୟମନ୍ତ୍ରୀ ସେତୁ ଉଦ୍ଘାଟନ କଲେ । ମାଟି ପାଣି ପବନ ପ୍ରକମ୍ପିତ ହେଲା । ଗାଡ଼ି ଧାଡ଼ି ଲମ୍ବିଲା ପୁରା ସି ଡି ଏ ରୁ ନୂଆପାଟଣା ଯାଏ । ଆଲୋକ ଜଳିଲା, ଦୋକାନ ବସିଲା ଜନଗହଳି ବଢିଲା ହେଲେ ଘାଟରେ କାଉ ଉଡ଼ିଲେ । ଡଙ୍ଗା ଆଉ ଫିଟିଲାନି । ଯୁବକ ନାଉରୀ ସବୁ ମୂଲ ମଜୁରୀ କଲେ, ମାଛ ଶୁଖୁଆ ବିକି ପେଟ ପୋଷିଲେ । ନବ ମଉସା ଭୋକ ଉପାସରେ ଦିନ କାଟିଲା । ଦୁର୍ବଳ ଶରୀରରେ ସେତୁ ମୁଣ୍ଡରେ ବସି ଭିକ ମାଗିଲା । ଜଣେ କୁଜି ନେତା ଦୟା କଲେ । ମଉସାଙ୍କର ବାର୍ଦ୍ଧକ୍ୟ ଭତ୍ତା କରାଇଦେଲେ । ସେହି ଅର୍ଥରେ ମଉସା ଘାଟ କୁଡ଼ିଆରେ ପଡ଼ି ରହିଲେ । ରାସ୍ତାରେ ଲୋକ ହାଉଜାଉ ହେଲେ ମଉସାଙ୍କୁ କେହି ଆଡ ଆଖିରେ ଚାହାନ୍ତିନି । ହଠାତ୍ ଦିନେ ଦେଖାଗଲା ଘାଟ କୁଡ଼ିଆ ଫାଙ୍କା ପଡ଼ିଛି । କେତେଜଣ ନବ ମଉସାଙ୍କୁ ଖୋଜିଲେ । ମାତ୍ର ତାଙ୍କର ପତ୍ତା ନାହିଁ । ସକାଳ ଯାଇ ସଞ୍ଜ ହେଲା କୁଆଡେ ଗଲେ ମଉସା । କେହି ଜଣେ ଖବର ଦେଲା ମଉସାଙ୍କ ବଙ୍କୁଲି ବାଡ଼ି, ଗାମୁଛା, ଚପଲ ନଦୀ କୂଳ ପାହାଚରେ ଥୁଆ ହୋଇଛି ସେ କିନ୍ତୁ ନାହାନ୍ତି । ଅନେକ ଖୋଜାଖୋଜି କଲେ ମିଳିଲାନି ଖୋଜ୍ ଖବର । ଶେଷରେ ସ୍ଥାନୀୟ ଥାନାରେ ଏକ ମିଶିଙ୍ଗ କେସ୍ ରୁଜୁ ହେଲା ନବ ମଉସା ନିଖୋଜ ।

ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ, ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତୀ ଆଉ କୁକୁଡ଼ା ଚିଆଁ କଥା

ଅନ୍ତର୍ଯ୍ୟାମୀ ସରଘରିଆ



ଗାଁ ଚଉପାଢୀରେ ବିଚାର ବସିଛି । ଭାରି ବିଚିତ୍ର କାହାଣୀ ଏଇଟା, ସରପଞ୍ଚଙ୍କ ମୁଣ୍ଡ କାମ କରୁନି, କେମିତି ଏ କଥାର ସମାଧାନ ହେବ ? ବେଣୁ ପଧାନର ଆଳୁ ବିଲ ଉଜୁଡି ଯାଇଛି, ସେ ଅଡି ବସିଛି ତାର କ୍ଷତି ପୂରଣ ଦରକାର । ସତୀ କହୁଛି ବେଣୁ ତା' କୁକୁଡାର ଗୋଡ ଭାଙ୍ଗିଛି, ତାର ବି ବେଣୁ ଠୁ କ୍ଷତି ପୂରଣ ଦରକାର । ମତେ ରାଜ୍ୟ ସରକାର ପୁରସ୍କୃତ କରୁଛନ୍ତି କଣ ପାଇଁ? ଏ ଖଣ୍ଡମଣ୍ଡଳ ଲୋକେ ମତେ ଚାଷୀଙ୍କର ମଉଡମଣୀ କହୁଛନ୍ତି କଣ ପାଇଁ? ଚାଷ ମୋ ଜୀବନ, ଗଛମାନେ ମୋ ପୁଅ ଝିଅ । ମୋ ଗଛରୁ ଡାଳଟେ ଭାଙ୍ଗିଲେ ମୋତେ ଲାଗେ ମୋ ହାତଟେ ଭାଙ୍ଗିଗଲା ଭଳି । ଆଉ ଏ ସତୀ ମୋ କଥାକୁ ଡ୍ୟାସ ବୋଲି ମାନୁନି, ମୋ ଆଳୁ ବିଲକୁ ତା କୁକୁଡାମାନେ ଛାରଖାର କରି ସାରିଲେଣି । ମୋ ଆଖିରୁ ଆଜ୍ଞା ଲୁହ ନୁହେଁ ଲହୁ ଝରିଲାଣି, ଆଉ ଇଏ କହୁଛି ମୁଁ ତା କୁକୁଡାର ଗୋଡ ଭାଙ୍ଗି ଦେଇଛି ? ଆଜି ଏ କଥାର ସମାଧାନ ନ ହେଲେ ମୁଁ ଶପଥ କରୁଛି ମୁଁ ବିଷ ଦେଇ ତା କୁକୁଡାଙ୍କ ବଂଶ ବୁଡାଇ ଦେବି । ସତୀ କାନ୍ଦ କାନ୍ଦ ହୋଇ ଅଭିଯୋଗ କଲା ଏ ଲୋକଟାକୁ ମୁଁ କେମିତି ବୁଝାଇବି କହିଲେ ଆଜ୍ଞା ମୋ ମା କେତେ ଶ୍ରଦ୍ଧାରେ ମୋତେ ଗଞ୍ଜା ଆଉ ମାଈ କୁକୁଡା ଯୋଡେ ଦେଇଥିଲା । ଏଥର ମାଈ କୁକୁଡା ବାରଟି ଚିଆଁ ଫୁଟାଇଛି । ଚିଆଁ ଗୁଡାକ ମାସକର ଛୁଆ, ଚରୁ ଚରୁ ବେଳେ ବେଳେ ତା ଆଳୁ ବିଲକୁ ଚାଲି ଯାଉଛନ୍ତି, ଆଳୁ ବିଲକୁ ତାଙ୍କର ଟିକି ଟିକି ଗୋଡରେ ଟିକେ ଘାଣ୍ଟୁ ଛନ୍ତି ନ ହେଲେ ଗୋଟେ ଦିଟା ପତ୍ର ଛିଣ୍ଡାଇ ଖାଉଛନ୍ତି, ଏଇଥିରେ ଏ ବୁଢାର ଆଳୁ ବିଲ ନଷ୍ଟ ହୋଇ ଗଲା ? ଦେଖୁଛ ସରପଞ୍ଚ ବାବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯ୍ୟା ବହପକୁ, ମୋତେ ଇଏ ବୁଢା କହିଲାଣି ?

ସରପଞ୍ଚ ବାବୁ କଥାରେ ବ୍ରେକ ମାଇଲେ, ରୁହ ଏଇଟା ଗାଁ ପଞ୍ଚ, ଏଠି ତୁମର ଏ କଳି ଝଗଡା ଚଳିବନି । ତୁମ ଦୁହିଁଙ୍କର କଥା ଶୁଣିଲୁ ଏବେ ଆମ କଥା ଶୁଣ । ବେଣୁ କଥାରେ ଦମ ଅଛି, ସେ ଯାହା କହୁଛି ଠିକ । ସେ ଆମ ଖଣ୍ଡ ମଣ୍ଡଳର ସବୁଠୁ ଭଲ ଚାଷୀ, ସେ ଆମ ପଞ୍ଚାୟତ କଣ ରାଜ୍ୟର ଗର୍ବ । ସବୁ ବର୍ଷ ତା' କୃଷି ରାଜ୍ୟ ସରକାରଙ୍କ କୃଷି ପ୍ରଦର୍ଶନୀରେ ପୁରସ୍କୃତ ହେଉଛି, ଚାଷ ତାର ଜୀବନ, ଆଉ ତୁମେ ତାଙ୍କ ଚାଷ ଉଜାଡି ଦେଉଛ । ଏ କଥା ହୋଇ ପାରିବନି, ତୁମେ ତୁମ କୁକୁଡାଙ୍କୁ ଘରେ ପୁରାଇ ରଖ, ନ ହେଲେ ହାଟରେ ନେଇ ବିକି ଦିଅ । ଏଇଟା ଗାଁ ପଞ୍ଚଙ୍କ ଫଇସଲା ଏ କଥା ଅମାନ୍ୟ ହେଲେ ତୁମକୁ ନିଆଁ ପାଣି ବନ୍ଦ ହେବ । ଉଠ, ପଞ୍ଚ ଭଙ୍ଗ ହେଲା । ସମସ୍ତେ ଘରକୁ ଚାଲିଲେ ।

ଏ ସତୀ ଏଠି ଖୁଣ୍ଟଟା ହୋଇ ବସିଲୁ କଣ, ଚାଲ ଘରକୁ ଚାଲ । ତତେ ମୁଁ କେବେରୁ ବୁଝାଉଛି, ହେଲେ ତୁ କଣ ବୁଝିଲୁ ? ମୋର ଆଉ କଣ ଉପାୟ ଥିଲା କହିଲୁ ? ଶେଷରେ ତୁମେ ଏଇଆ କଲ ? ମତେ ଗାଁ ସଭାରେ ହଟହଟା କଲ ? ପଞ୍ଚଙ୍କ ଡାକରା ପାଇ ମୁଁ ତ ପୁରା ତାଟକା ହୋଇଗଲି । ସତୀ କାନ୍ଦିବାକୁ ଲାଗିଲା । ମୁଁ କଣ ଜାଣିଥିଲି ତୁମେ ସତରେ ମୋ କୁକୁଡା ପାଇଁ ଏମିତି କଷ୍ଟ ପାଉଛ ବୋଲି ? ମୁଁ ତ ଭାବିଥିଲି ତୁମେ ମୋତେ ଏମିତି ଚିଡାଉଚ ବୋଲି । ଆଲୋ ଚୁପ ହ ଏମିତି ଛୁଆଙ୍କ ଭଳି କାନ୍ଦୁଛୁ କାହିଁକି ? ତୁ ତ ଜାଣିଛୁ ମୁଁ ମୋ ଗଛ ଲଟାକୁ କେତେ ଭଲପାଏ, ତୁ ମୋ କଥାକୁ ଟାପରା ବୋଲି ଭାବିଲୁ କେମିତି ? ଛାଡ ଯାହାତ ହେବାର ହେଲା ଚାଲ ଘରକୁ ଚାଲ । ରନ୍ଧା ବଢା ସରିଛି ନା ନାହିଁ ମୋତେ ଖୁବ ଭୋକ ହେଲାଣି । ପଞ୍ଚ କଣ କହିଲେ ଶୁଣିଲନି କି ? ମୋତେ ନିଆଁ ପାଣି ବନ୍ଦ ହେବ, ଆଉ ତୁମକୁ ରାନ୍ଧି ବାଢି ଖାଇବାକୁ ଦେବି କେମିତି ? ଆଲୋ ହେ ତୁ ଏମିତି କଣ କହୁଛୁ ? ତୁ କଣ ପଞ୍ଚଙ୍କ କଥା ମାନିବୁନି ନା କଣ ? ତୁମେ ଯେମିତି ତୁମ ଗଛ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲତାକୁ ଭଲ ପାଅ ମୁଁ ବି ମୋ କୁକୁଡା ଛୁଆଙ୍କୁ ସେମିତି ଭଲପାଏ । ମୋ କୁକୁଡା ଛୁଆର ଗୋଡ ଭାଙ୍ଗିଲେ ମୋତେ ବି କଷ୍ଟ ହୁଏ । ଏତେ କଥା ପରେ ବି ତୁ ତୋ ସ୍ୱାମୀର ଦୁଃଖକୁ ବୁଝି ପାରିଲୁନି । ହଉ ଘରକୁ ଚାଲ ଯାହା ତୋ' ଇଚ୍ଛା ତୁ କର । ମୁଁ ଗାଁ ପଞ୍ଚରୁ ମୋ କଥା ଉଠାଇ ନେବି, କହିଦେବି ମୋ ସ୍ତ୍ରୀ କୁକୁଡା ରଖିବ, ମୁଁ ଆଉ ଚାଷ କରିବିନି । କଣ ହେଲା ଚାଷ କରିବନି ? ତାହେଲେ ଏ ଘର ଚଳିବ କେମିତି ? କାହିଁକି ... କୁକୁଡା ଅଣ୍ଡା ବିକି ଘର ଚଳିବ । ଆଉ ଦୁହିଁଙ୍କର କଥାବାର୍ତ୍ତା ନାହିଁ । ସତୀ ଭାତ ବାଢି ଦେଲା, ବେଣୁ ଖାଇ ପିଇ, ଆଳୁ ବିଲକୁ ପାଣି ମଡାଇବାକୁ ଚାଲିଲା ।

ସଞ୍ଜରେ ସତୀ କୁକୁଡା ଛୁଆଙ୍କୁ କୁକୁଡା ଘରେ ପୁରଉ ଥାଏ, ବେଣୁ ବାରଣ୍ଡାରେ ବସି ମୁଢି ଚୋବାଉଥାଏ । ସତୀ କୁକୁଡାଙ୍କୁ କେଡେ ଶ୍ରଦ୍ଧାରେ ନା ଧରି ଡାକୁ ଥାଏ ନାଲି, ଝାଞ୍ଜି, ଖଡି, ଡେଙ୍ଗେଇ, ଗେଡି .... ଏମିତି କେତେ କଣ ? ଆଲୋ ତୋ କୁକୁଡା ଛୁଆଙ୍କୁ ନାଁ ଧରି ଡାକିଲେ ସେମାନେ କଣ ବୁଝି ପାରୁଛନ୍ତି ? ବୁଝନ୍ତୁ ନ ବୁଝନ୍ତୁ ସେଥିରୁ ତୁମର କଣ ଗଲା ? କାଲି ତ ତାଙ୍କୁ ହାଟକୁ ନେଇ ବିକି ଦେଇ ଆସିଲେ କଥା ସରିବ । ଶୁଣ ମୋ କୁକୁଡା ଛୁଆଙ୍କୁ ସାଇକେଲ ଆଗରେ ତଳ ମୁଣ୍ଡିଆ କରି ଟାଙ୍ଗିକି ନେବନି, ଏ ଝୁଡି ନିଅ, ଏଇ ଝୁଡିରେ କୁକୁଡା ଛୁଆଙ୍କୁ ପୁରାଇ ସାଇକେଲ କାରିୟରରେ ନେବ, ତାଙ୍କୁ ଶେଷ ବେଳଟାରେ କଷ୍ଟ ଦେବନି । ଶେଷ କଥା ପଦକ କହିଲା ବେଳକୁ ସତୀର ମୁଁହଟା କାନ୍ଦୁରା କାନ୍ଦୁରା ଲାଗୁଥିଲା ।

ରାତି ଯାକ ସତୀକୁ ନିଦ ହେଲାନି ସକାଳୁ ସକାଳୁ ଆଖିକୁ ନିଦ ମାଡି ଆସିଲା । ଆଖି ଖୋଲିଲା ବେଳକୁ ଦିନ ନଅଟା । ସତୀ ଚମକିକି ଉଠି ପଡିଲା, ସିଧା ଧାଇଁଲା ତା' କୁକୁଡା ଘର ପାଖକୁ । କୁକୁଡା ଘର ଖାଲି । ସତୀର କଣ୍ଠ ରୁଦ୍ଧ ହୋଇ ଆସିଲା, କଷ୍ଟରେ ଡାକିଲା ନାଲି, ଝାଞ୍ଜି, ଖଡି, ଡେଙ୍ଗେଇ, ଗେଡି ..... ଚାରି ଆଡେ ସୁନସାନ । ଘର ପଛକୁ ଦଉଡି ଗଲା, ଆଳୁ ବିଲରେ କୁକୁଡା ପଲ ଆନନ୍ଦରେ ଚରି ବୁଲୁଛନ୍ତି, ବେଣୁ ଆଳୁ ବିଲରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖଣ୍ଡେ ଦୂରରେ ଜମି ସଫା କରି ଖୁଣ୍ଟ ପୋତୁଛି, ସତୀ ବେଣୁ ପାଖକୁ ଗଲା । କଣ କୁକୁଡାଙ୍କୁ ନେଇ ହାଟକୁ ଯିବନି ? ନା ଯିବିନି । ଏଠି କଣ କରୁଛ ? ତୋ କୁକୁଡାଙ୍କ ପାଇଁ ବଡ କରି ଜାଲି ବାଲା ଘରଟେ କରି ଦେବି, ସେମାନେ ତାରି ଭିତରେ ରହିବେ, ତାହାରି ଭିତରେ ଖାଇ ପିଇକରି ଚରିବେ, ଆଉ ବଡ ହୋଇ ଅଣ୍ଡା ଦେବେ । ଆଲୋ ତୋ କୁକୁଡା ଅଣ୍ଡା ଦେଲେ ମୋତେ ଖାଇବାକୁ ଦେବୁତ ? ସତୀ ଆଖିରୁ ଝରି ଆସୁଥିଲା ଦୁଇ ଟୋପା ଲୁହ, ସତୀ ଆଖି ପୋଛିଲା ଆଉ ଚାରି ଆଡକୁ କନ କନ କରି ଅନେଇଲା । ସତୀ ବେଣୁ ପାଖାକୁ ଆସି ବେଣୁ ଗାଲରେ ଚୁମାଟେ ଦେଇ ଏକ ମୁଁହା ହୋଇ ହସ ହସ ମୁଁହରେ ଘର ଭିତରକୁ ଚାଲିଗଲା । ପଛରୁ  ବେଣୁ ଡାକୁଥିଲା ଆଲୋ ଏ ସତୀ ....  ଶୁଣ .... ଆଲୋ ଟିକେ ଶୁଣିଯା .... ମୋ ଭାଗ ତ ଦେଇଦେଲୁ, ତୋ ଭାଗଟା ନେଇ କି ଯାଆ ।

୯୪୩୭୩୧୪୨୩୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେ ଅଭୁଲା ରାତି

ଭବାନୀ ଶଙ୍କର ଦାଶ



ପାର୍ବଣ ଋତୁର ଆରମ୍ଭ ହୋଇ ଗଲାଣି, ମୃଣ୍ମୟୀ ମାତା ସିଂହବାହିନୀ, ଦୂର୍ଗତିନାସିନି, ମାତା ଦୁର୍ଗାର ଆଗମନ ହେଲାଣି, ଚତଃପାଶ୍ୱର୍ରେ ଗଙ୍ଗସିଉଳି ଫୁଲର ବାସନାରେ ଲୋକମାନଙ୍କର ମନରଖୁସି ଆଭାସ ହଉଛି । ମନ ଲୋଭା ତ୍ୱରଣରେ  ଭିନ୍ନ ଭିନ୍ନ ଆଲୋକ ସମସ୍ତଙ୍କର ମନରେ ଉତ୍ସାହ ଆଣି ଦେଇଛି ।

ଦୋକାନ ବଜାରର ଭିଡ଼ କହିଲେ ମୁଣ୍ଡବ୍ୟଥା ହୋଇଯାଉଛି । ରାସ୍ତାଘାଟ ଭରପୁର, ସନ୍ଧ୍ୟା ସମୟରେ ବୁଲିଯିବା ପାଇଁ ସମସ୍ତଙ୍କର ଭାରି ଇଚ୍ଛା, ଭିନ୍ନ ଭିନ୍ନ ଜାଗାରେ ଚାଟ ଗୁପଚୁପ ର ମଜା ନେବାପାଇଁ ସମସ୍ତେ ଭାରି  ଉଛନ୍ନ ସହରି ଲୋକମାନଙ୍କର ।

ଗ୍ରାମମାନଙ୍କରେ ମଧ୍ୟ ଗ୍ରାମବାସୀ ଭାରି ଖୁସି ମାତାଙ୍କର ପର୍ବ ପାଳିତ କରିବା ପାଇଁ । କିଛି ଘରେ ମାତା ଠାକୁରାଣୀ ପୂଜା ପାଉଛନ୍ତି । ସେଠି ପୁଜା ପାଇଁ ପ୍ରସ୍ତୁତି ଆରମ୍ଭ ହେଇଗଲାଣି । କିଛି ଲୋକମାନେ ସହରରେ ବାସ କରନ୍ତି, ମହାଳୟା ଶ୍ରାଦ୍ଧ ଠାରୁ ସେଇମାନେ ଗ୍ରାମକୁ ଆସି ଗଲେଣି, ପିତୃ ଶ୍ରାଦ୍ଧ ସାରି କୁମାର ପୂର୍ଣ୍ଣିମା ସାରି ପୁଣି ଫେରିଯିବେ ।

ଠିକ୍ ୫ ଦିନ ଆଗରୁ ଖବର କାଗଜ, ନିଉଜରେ ଆସିଲା ବାତ୍ୟା ଆସୁଛି । ଏ କଥା ଶୁଣି ସମସ୍ତଙ୍କର ମନରେ ଏକ ପ୍ରକାରର କୌତୁହଳ ସୃଷ୍ଟି ହେଲା । ସହରର ଗଳିକନ୍ଦି ମଧ୍ୟରେ, ବଜାରରେ ଲୋକ ମାନଙ୍କ ମଧ୍ୟରେ କୌତୁହଳର ପରିବେଶ ସୃଷ୍ଟି ହେଲା, ଗାଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗହଳିର ମଣ୍ଡପରେ, ଦାଣ୍ଡରେ, ପ୍ରତ୍ୟେକ ଜାଗାରେ ସେଇ କଥାବାର୍ତ୍ତା ହସ ମଜା ବାତ୍ୟା ଆସିବ । ଲୋକମାନଙ୍କର ହସମଜା ଏକପ୍ରକାର ସ୍ୱାଭାବିକ କାରଣ ଭାରତୀୟ ପାଣିପାଗ ସୂଚନା ସେ ଯାଏଁ କେବେବି ସତ ହେଉନାହିଁ । ଆମ ଜେଜେ ମାନଙ୍କୁ ବି ପଚାରି ବୁଝିଚୁ ଏଇ ପ୍ରକାର ବାତ୍ୟା କେବେ ହେଉଛି କି ନାହିଁ, ସେମାନେ ବି ମରିବାକୁ ପାଖେଇଲେଣି କେବେବି ଶୁଣୁନାହାନ୍ତି, ହଁ  ସୂର୍ଯ୍ୟ ପରାଗ ଦେଖିଛନ୍ତି, ୫ ରୁ ୭ ମିନଟ ପାଇଁ କିନ୍ତୁ ବାତ୍ୟା କେବେ ଜାଣିନୁ ।

ଏମିତି ହେଇ ୨ ଦିନ ଗଡ଼ିଗଲା, ତୃତୀୟ ଦିନ ମେଘ ଆରମ୍ଭ ହେଲା ପ୍ରଚଣ୍ଡ ଭାବରେ, ଚତୁର୍ଥ ଦିନ ବି ପ୍ରଚଣ୍ଡ ବର୍ଷା ସହିତ ପବନ ବହିବାର ଆରମ୍ଭ ହେଇଗଲା ।

ଏଇ ପରି ବର୍ଷା ଆଗରୁ ଲୋକମାନେ ଜାଣିଛନ୍ତି । ଚାରିଆଡେ ଚାଳ ଛପର ଘର, କାହିଁ ଭାଇଁ  କୋଠାଘର ନଥିଲା, ଟିନ, ଆଜବେଷ୍ଟସ ଘର । କୋଉ ଲୋକମାନେ ନିଜକୁ ପ୍ରସ୍ତୁତ କରି ନଥିଲେ । ସରକାରଙ୍କ ତରଫରୁ ସମୁଦ୍ର କୁଳରେ ହିଁ ସାଧାରଣ ପ୍ରସ୍ତୁତି କରାଯାଇଥିଲା ।

ଶେଷରେ ସେ ରାତି ପହଞ୍ଚି ଗଲା, ସେ ଦିନ ଥିଲା ସଙ୍କରାନ୍ତି ତା ସହିତ ମହାଷ୍ଟମୀ ଏଇ ରାତିରେ ଏତେ ପରିଣାମ ବର୍ଷା ସହିତ ପବନ, ପୂଜା ହେବାର ଆଭାସ ଲୋକେ ପାଉନାହାନ୍ତି ପୀଠ ମାନଙ୍କରେ, ନା ଘର ମାନଙ୍କରେ, ଶୁକ୍ଳପକ୍ଷ ଥିଲେବି ଅନ୍ଧାର ମାଡି ବସିଛି, କିଏ ହେଲେ ଘରୁ ବାହାରିବା ପାଇଁ ସାହସ କରୁନାହାନ୍ତି । ଏମିତି ହଉ ହଉ ରାତ୍ର ୧୧ ବାଜିଗଲା ପବନର ବେଗ ବଢ଼ି ଚାଲିଲା କାରଣ  ନିକଟସ୍ଥ ଗୋପାଳପୁରରେ ବାତ୍ୟା ସ୍ଥଳ ଭାଗ ଛୁଇଁ ସାରି ଆଗକୁ ଆଗକୁ ବଢ଼ି ଚାଲିଥିଲା ।

ସୁଇଁ ସୁଁ ର ଶବ୍ଦ ଘର ଭିତରେ ଭୟ ଖେଳି ଯାଇଥିଲା । ନଡ଼ିଆ ଗଛ ମାନଙ୍କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୋଳି ଖେଳିବା ଦୃଶ୍ୟ, ଉଚ୍ଚ ଉଚ୍ଚ ଗଛ ଗୁଡାକ ପବନର ବେଗରେ ଘରର ଚାଳ, ଛାତକୁ ଛୁଇଁ ଚାଲି ଯାଉଥିଲା । ପବନର ବେଗରେ ବର୍ଷା କ୍ଷୀପ୍ର ହେଉଥିଲା, ଘରର ଚାଳରେ ପାଣି ପଶି ଘର ଭିତରେ ମାଡି ଚାଲିଥିଲା । କରେଣ୍ଟର ଅଭାବ ଯୋଗୁଁ ଲଣ୍ଠନ ଲଗାଇ ରଖିଥିବା ଲୋକ ମାନଙ୍କର କାଚ ସବୁ ଭାଙ୍ଗି ଯାଇଥିଲା । ନଡ଼ିଆ ଗଛ ମାନଙ୍କର ସବୁ ନଡ଼ିଆ ରାସ୍ତା ଉପରେ ଶେଯ ବିଛି ହେଲା ପରି ପଡ଼ିଥାଏ । କାହାର ସାହସ ନାହିଁ ଯାଇ ନିଜ ନଡ଼ିଆ ଘରକୁ ଆଣିବା ପାଇଁ, ପାଣି କବାଟ ଦେଇ ପଶିଯିବା ଯୋଗୁ ବାଲ୍ଟିରେ ପାଣିକୁ କାଢ଼ିବାକୁ ପଡୁଥିଲା ଚିରା ଫଟା ଲୁଗାରେ ଚାପେଇକରି । ଏ ପ୍ରକାର ଯିଏ କରିଛି କେମିତି କଷ୍ଟ ସିଏ ନିଜେ ଜାଣିଛି ।

ମନର ଡର କଚା ଘରର କାନ୍ଥ କାଳେ ପଡ଼ିଯିବକି । ଆମର ଏଇ ଦୟନୀୟ ଦେଖି ପଡିଶା ଘର ଭାଇନା ଆସି ଡାକିଲେ ଘର ଛାଡ଼ି ଆସେ ଆମ ଘରକୁ ପଳେଇ ଆସେ କାରଣ ଗୋଟେ ନଡ଼ିଆ ଗଛ ଲଇଁ ଆସି ତାଙ୍କ ଛାତରେ ମାଡିବସିଥିଲା, ତାର ପତ୍ର ପବନର ବେଗରେ ଆମର ଚାଳରୁ ସବୁ ଛପର ଉଡେଇ ଦେଇଥିଲା ।

କବାଟ ଖୋଲି ବାହାରକୁ ଦେଖିବାକୁ କାହାର ସାହସ ନଥିଲା, ଯଦି ଥରେ କବାଟ ଫିଟେଇ ଦେଲେ ବନ୍ଦ କରିବା ବହୁତ କଷ୍ଟ ହେଉଥିଲା । ସମୟ ଗଡି ଚାଲିଲା ଡର ଭୟରେ, ଶେଷରେ ଡରର ଅନ୍ତ ହେବାକୁ ଲାଗିଲା ପବନ ବେଗ କମିବାରେ ଲାଗିଲା, ବର୍ଷା କମିବାରେ ଲାଗିଲା, ଧୀରେ ଧୀରେ ଆଲୁଅ ଆସି ନୂତନ ସକାଳର ଦର୍ଶନ ହେବାକୁ ଲାଗିଲା, ଲୋକମାନେ ବାହାରକୁ ଆସିଲେ ଦେଖିଲେ କେମିତି ଏକ ନୂତନ ସକାଳ ହେଇଛି, ଚାରିଆଡେ ଖାଲି ଖାଲି ଲାଗୁଛି, କାହାର ଆଜବେଷ୍ଟସ ଭାଙ୍ଗି ଯାଇଛି, କାହାର ଟିଣ ଉଡ଼ିଯାଇଚି, କାହାର ଚାଳ ଛପର ଉଡିଯାଇଚି, କାହାର କାନ୍ଥ ଭାଙ୍ଗିଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହାର ଗୁହାଳ କାନ୍ଥ ଭାଙ୍ଗି ତାର ଗାଇ ମାନେ ଫିଟି ଯାଇ କୁଆଡେ ପଳେଇ ଯାଇଛନ୍ତି । କେତେ ଜାଗାରେ ଶୁଣିବାକୁ ମିଳିଲାଯେ କିଛି ଲୋକ ମାନଙ୍କର ମୃତ୍ୟୁ ହେଇଛି ତା ସହିତ ଗୃହପାଳିତ ପଶୁ ମାନଙ୍କର ବି ମୃତ୍ୟୁ ହେଇଛି ।

ସତରେ ସେଇ ରାତିର କଷ୍ଟ ଗୋଟେ ଚାଳ ଛପର, ମାଟି ଝାଟୀ ଘରେ ବାସ କରୁଥିବା ଲୋକ ହିଁ ବୁଝିପାରିବ, ସେଇ ପବନର ସୁଁ ସୁଁ ଶବଦ କେତେ ଭୟଦାୟକ ।

ଗୁଡ଼ାଏ ଲୋକଙ୍କର ମୃତ୍ୟୁ ହେଇଛି ହେଲେ ଆଜି ଇତିହାସ ପୃଷ୍ଠାରେ ଏଇ ବାତ୍ୟା ଲିଭିଯାଇଚି, କେଉଁଠି ବର୍ଣ୍ଣନା କରାଯାଇନାହିଁ କାରଣ ଠିକ୍ ୧୦ ଦିନ ପରେ ପୁଣି ଏକ ବାତ୍ୟା ପାରାଦୀପ ରେ ହେଲା ଯାହା ଲୋକ ମାନଙ୍କୁ ସ୍ତବ୍ଧ କରିଦେଲା, ଗୋଟିଏ ବ୍ଲକ ସେଥିରେ ବୁଡିଗଲା, ହଜାର ହଜାର ଲୋକ ସେଠି ପ୍ରାଣ ହରାଇଲେ । ଯିଏ ସେଠୁ ବଞ୍ଚିଗଲା ତା ପାଇଁ ଅଭୁଲା ରାତି ହେଇଗଲା ।

ଆଜି ଓଡ଼ିଶାରେ କେତେ ବାତ୍ୟା ହେଲାଣି ହେଲେ ଲୋକମାନଙ୍କ ପାଇଁ, ଗଞ୍ଜାମ ବାତ୍ୟା ଯେଉଁଟା ଓଡ଼ିଶାବାସୀଙ୍କ ପାଇଁ ପ୍ରଥମ ବାତ୍ୟା ହେଇଥିଲା ଇତିହାସ ପୃଷ୍ଠାରେ ହଜିଗଲା ଏବଂ ଗଞ୍ଜାମ ବାସୀଙ୍କ ପାଇଁ ଅଭୁଲା ରାତି ହେଇ ରହିଗଲା ।

ଗୌରାଦେଇପୁର, କୋଦଳା, ଗଞ୍ଜାମ, ଓଡିଶା, ୭୬୧୦୩୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାହାଘର ପ୍ରସ୍ତାବ

ସୌମ୍ୟରଞ୍ଜନ ପାଢ଼ୀ



ଟେବୁଲ୍ ଉପରେ ଥୁଆ ହୋଇଥିବା ମୋବାଇଲ୍ ଫୋନ୍ ଟି ହଠାତ୍ ରିଙ୍ଗ ହୋଇ ବାଜି ଉଠିଲା, ଅନିମା ଦେଖେତ ଭାଇର କଲ । ଅନିମା ଫୋନ ଉଠାଇଲା, ହଁ ଭାଇ କହ । ଆରେ ଅନି, ତୋତେ ଗୋଟେ ଜରୁରୀ କଥା କହିବାର ଅଛି । ହଁ କହ ଭାଇ । ଅନି ତୋ ବାହାଘର ବିଷୟରେ କହିଥାନ୍ତି । କଣ କହୁଥିଲି କି, ଏଇ କିଛି ସମୟ ତଳେ ମା'ର ମୋର ତୋ ବିଷୟରେ ଆଲୋଚନା କରୁଥିଲୁ । ଅନେକ ପ୍ରସ୍ତାବ ଆସୁଛି, ଏଥର ଗୋଟେ ଭଲ ପ୍ରସ୍ତାବ ଆସିଛି, ପୁଅଟା ସରକାରୀ ଚାକିରି କରିଛି ଭଲ ଦରମା ଗଣ୍ଡାକ ବି ପାଉଛି । ବାସ୍ ତୋ ନିଷ୍ପତ୍ତିକୁ ଅପେକ୍ଷା । ତୁ କଣ କହୁଛୁ ? ଅସ୍ୱାଭାବିକ ଅନୁଭବ ହେଲା ଅନିମାକୁ ଏକଥା ଶୁଣି, ଜାଣିକରି ଫୋନ ରଖିଦେଲା ।

ବାପା ଚାଲିଗଲା ପରେ; ମା', ଭାଇ, ଦୁଇ ଭଉଣୀକୁ ନେଇ ଅନିମାର ପରିବାର । ଭାଇ ଗାଁ ହାଇସ୍କୁଲର ବିଜ୍ଞାନ ଶିକ୍ଷକ । ବଡ ଭଉଣୀ ବି ଡାକ୍ତର ଚାକିରି କରିଛି, ଏବେ ବିବାହ କରି ଭଲରେ ଅବସ୍ଥାପିତ । ଅନିମା ବି ନିଜକୁ ଭଲ ସ୍ଥିତିରେ ଆଣିବାକୁ ସଂଘର୍ଷ କରୁଛି । ଭୁବନେଶ୍ୱରରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛି । କିଛି ନମ୍ବର ବ୍ୟବଧାନ ପାଇଁ ବିଫଳ ହେଉଛି । ଏଇ କିଛିଦିନ ତଳ ମା' ଫୋନ କରି ଅନିମାକୁ ଅନେକ କଥା ଶୁଣାଇ କହିଗଲା । ଦେଖ ମା, ତୋ ବାପା ଥିଲେ ମୋ ବଳ ଥିଲା । ବାପା ଚାଲିଗଲା ପରେ ମୁଁ ତୁମମାନଙ୍କୁ ବହୁ କଷ୍ଟରେ ପାଠ ପଢାଇଛି । ଦୁଇ ଭାଇଭଉଣୀଙ୍କୁ କୂଳରେ ଲଗାଇଛି । ତୋ କଥା ମୋର ବେଶୀ ଚିନ୍ତା । ଆଜି ମୁଁ ଅଛି କାଲି ନଥିବି । ତୋ ବାହାଘରଟା ସାରି ଦେଇଥିଲେ ମୁଁ ଟିକେ ନିଶ୍ଚିତରେ ରୁହନ୍ତି । ତୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ ତୋ ଭାଇଟାର ବି ବାହାଘର ସାରି ଦିଅନ୍ତି । ତୁ ତ ଜାଣୁ ମା ଘରେ ବଢ଼ିଲା ଝିଅ ରହିଲେ ଦୁନିଆ ଲୋକଙ୍କର ଦୁନିଆ କଥା, ବନ୍ଧୁବାନ୍ଧବ ବି ଅନେକ ଥର କହିଲେଣି ।

ପୁଣି ବାଜି ଉଠିଲା ଫୋନ, ଭାବନା ରାଇଜରୁ ବାହାରି ଆସିଲା ଅନିମା ଦେଖେତ ଭାଇର କଲ୍ । ଅନି, ନେଟୱର୍କ ପାଇଁ ବୋଧହୁଏ ଫୋନ କଟିଗଲା । ତୋ ନିଷ୍ପତ୍ତି ଟା କଣ କହ ! ଚୁପ୍ ଥିବା ଅନିମା ଗମ୍ଭୀର ସ୍ୱରରେ କହିଲା । ଦେଖ ଭାଇ ମୋତେ ଏଇ ବର୍ଷଟାକ ସମୟ ଦେ । ଦେଖିବୁ ମୁଁ ଏଇଥର ନିଶ୍ଚୟ ସଫଳ ହେବି, ଭଲ ଚାକିରି ଖଣ୍ଡିଏ କରିବି, ନିଜ ଗୋଡରେ ନିଜେ ଠିଆ ହେବି । ମୋ ସ୍ୱପ୍ନକୁ ମାରି ଦେଏନି । ମୋତେ ଏଇ ଶେଷଥର ପାଇଁ ସୁଯୋଗ ଦେ । ଅନି, ମା' ମୋତେ ଅସ୍ତବ୍ୟସ୍ତ କର ପକାଉଛି ତୋ ବାହାଘର ପାଇଁ, ମୋର ବି ଇଚ୍ଛା ତୁ ପାଠ ପଢ଼େ, ହେଲେ ମୁଁ ନିରୂପାୟ । ମୁଁ ଏଇ ବର୍ଷଟାକ ସମୟ ଦେଉଛି, ଆରବର୍ଷକୁ ଯେମିତି ମନା ନକରୁ, ମାଆକୁ ମୁଁ ବୁଝାଇ ଦେବି କହି ଫୋନ ରଖିଦେଲା ଭାଇ ।

ଅନିମା ଆଖିରେ ଆଖିଏ ସ୍ୱପ୍ନ । ସେ ବି ନିଜ ଗୋଡରେ ଠିଆ ହେବ, ତା ପାଇଁ ବିବାହ ବାଧ୍ୟତାମୂଳକ ହୋଇନପାରେ କିନ୍ତୁ କ୍ୟାରିୟର ଗୁରୁତ୍ୱପୂର୍ଣ୍ଣ । ଏକଥା କେହି ବୁଝିବାକୁ ନାରାଜ । କେମିତି ବି ବୁଝାଇବ ପରିବାରକୁ, ଏ ସମାଜକୁ । ଝିଅଟିଏ ବି ଲଢ଼େ ପ୍ରତିଦିନ ନିଜ ପାଇଁ, ପରିବାର ପାଇଁ, ସମାଜ ପାଇଁ । କାହିଁକି କେଜାଣି ଏ ବାହାଘର ଜୀବନରେ ଆସେ କଣ ସ୍ୱପ୍ନ ସବୁକୁ ମାରିବା ପାଇଁ । ଏମିତି ଭାବି ଆଖିର ଲୁହ ଗୁଡାକ ବି କେତେବେଳେ ଓଠ ସ୍ପର୍ଶ କଲାଣି ଜାଣିପାରୁ ନଥାଏ ଅନିମା ତଥାପି ନିଜ ବ୍ୟାଗ୍‌କୁ ପ୍ରସ୍ତୁତ କରୁଥାଏ ଲାଇବ୍ରେରୀ ଯିବାକୁ......।

ବିଲବାମନବିନ୍ଧା, ସାହାପୁର, ପୀରହାଟ, ଭଦ୍ରକ

ମୋ-୬୩୭୦୫୫୮୦୦୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମ ବିଦ୍ୟାଳୟର ଦେବଦାରୁ...

ସ୍ନିଗ୍ଧା ପଟ୍ଟନାୟକ

ବେଳେବେଳେ ଅକସ୍ମାତ୍ ଘଟିଯାଉଥିବା କିଛି ଘଟଣା, ଅତୀତର ସ୍ମୃତି ଗୁଡ଼ିକୁ ରୋମନ୍ଥନ କରିବାକୁ ବାଧ୍ୟ କରିଦିଏ । ମୂହୁର୍ତ୍ତକ ପାଇଁ ଫେରାଇ ନିଏ ବର୍ତ୍ତମାନର ପରିଚୟରୁ ସେହି ବିଗତ ଦିନର ଖୁସିଭରା ଦୁନିଆକୁ । ଲାଗେ ସତେ ଯେପରି 'ମୁଁ' ବର୍ତ୍ତମାନର ନୁହେଁ, ଅତୀତର ସ୍ମୃତିପଟର ଅଙ୍କିତ "ମୁଁ" ।

ଏପରି କିଛି ଘଟିଥିଲା ସେଦିନ । ନୟାଗଡ଼ର ରକ୍ଷାକର୍ତ୍ତୀ ମା' ଦକ୍ଷିଣ କାଳୀଙ୍କୁ ପ୍ରଣାମଟିଏ କରିଲି । ସାଇକେଲଟି ଧରି, ସଙ୍ଗୀତର ସ୍ୱରକୁ ଓଠରେ ଧାରଣ କରି ଯାଉଥାଏ । ରାସ୍ତାର ପାର୍ଶ୍ୱସ୍ଥିତ ବୃକ୍ଷରୁ କିଛି ଶୁଖିଲା ପତ୍ର ଧରାଶାୟୀ ହେଉଥା'ନ୍ତି । ସେଥି ମଧ୍ୟରୁ କିଛି ପତ୍ର ମୋତେ ସ୍ପର୍ଶ କରିଲା । ଦେଖିଲି ସେସବୁ ଥିଲା ଦେବଦାରୁ ବୃକ୍ଷର ପତ୍ର । ଏହାପରେ ପ୍ରତିଫଳିତ ହୋଇଗଲା କିଛି ପୁରୁଣା ସ୍ମୃତି, ମୋର ଲକ୍ଷ୍ୟ ସ୍ଥଳସ୍ଥ ସମୟ ପର୍ଯ୍ୟନ୍ତ । ସମୟ ଟାଣି ନେଇଗଲା ମୋତେ ମୋର ଶୈଶବାବସ୍ଥାକୁ । 'ମୋ ସ୍କୁଲ', ନାଁ ଶୁଣିବା ମାତ୍ରେ ଏକ ଖୁସିର ଧାରାଟିଏ ମୁହଁରେ ଖେଳିଯାଏ । ମୋ ଗାଁ ରାଇପୁର ଠାରୁ ବିଦ୍ୟାଳୟର ଦୂରତା ପାଖାପାଖି ୧ କି.ମି.ର ବାଟ । ନୂଆ ନୂଆ ଗାଁ ଅଙ୍ଗନବାଡ଼ିରୁ ମୁଁ ସେଠାକୁ ସ୍ଥାନାନ୍ତରିତ ହେଲି । ବାବାଙ୍କର ସାଇକେଲ ନଚେତ୍ ଭାଇର ହାତ ଧରି ଚାଲିବା ଥିଲା ମୋର ବିଦ୍ୟାଳୟ ଯିବାର ମାଧ୍ୟମ ।

ବିଦ୍ୟାଳୟକୁ ପ୍ରବେଶ କରୁ କରୁ, ଦୁଇ ପାର୍ଶ୍ୱରେ ଦଣ୍ଡାୟମାନ ୬ ଗୋଟି ନଭଶ୍ଚୁମ୍ବୀ ପରି ପ୍ରତୀୟମାନ ବିଶାଳକାୟ ଦେବଦାରୁ ଗଛ । ପ୍ରଧାନ ଶିକ୍ଷକ କୁହନ୍ତି, ବିଦ୍ୟାଳୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଷ୍ଠା ବର୍ଷ ଠାରୁ ଏଗୁଡ଼ିକୁ ରୋପଣ କରାଯାଇଛି । ବୋଧହୁଏ ତାହାର ସ୍ୱାକ୍ଷର ବହନ କରି ଆଗନ୍ତୁକ ମାନଙ୍କୁ ସ୍ୱାଗତ କରିବାକୁ ସେମାନେ ଦଣ୍ଡାୟମାନ ହୋଇଛନ୍ତି ।

ଆମ ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶ୍ରେଣୀ, ବାମ ଭାଗରେ ପ୍ରଥମରୁ ସପ୍ତମ ଓ ଦକ୍ଷିଣ ଭାଗରେ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ । ବିଦ୍ୟାଳୟ ପରିବେଶକୁ ଆଚ୍ଛାଦିତ କରି ରହିଛନ୍ତି ସର୍ବମୋଟ ୧୫-୨୦ଟି ଦେବଦାରୁ ଗଛ । ଶୀତର ଶେଷାର୍ଦ୍ଧ ବେଳକୁ ସେମାନଙ୍କର ପତ୍ରଝଡ଼ା ଆରମ୍ଭ ହୋଇଯାଏ । ଅବଶ୍ୟ ସାଧାରଣ ଦୃଷ୍ଟିରେ ସେଗୁଡ଼ିକୁ ଅଳିଆର ଆଖ୍ୟାନ ମିଳେ, କିନ୍ତୁ ଆମ ପାଇଁ ସେସବୁ ଖେଳର ଏକ ସର୍ବୋତ୍ତମ ମାଧ୍ୟମ । ବିଦ୍ୟାଳୟର ଦକ୍ଷିଣ ପାର୍ଶ୍ୱରେ ଏକ ପେଣ୍ଡାଲ ରହିଛି । ତା' ଉପରେ ପଡୁଥିବା ପତ୍ର ଗୁଡ଼ିକ ବିଶେଷ ଧୂଳିଯୁକ୍ତ ହୋଇ ନଥା'ନ୍ତି । ତେଣୁ ଖେଳ ପିରିୟଡ଼ରେ ସାଙ୍ଗମାନେ ସେ ସବୁକୁ ଏକତ୍ର କରୁ, ହାତରେ ମେଞ୍ଚାଏ ନେଇ ଅନ୍ୟ ଉପରକୁ ପକାଇ ଆନନ୍ଦ ନେବା ଥିଲା ଆମ ମାନଙ୍କର ନିତିଦିନିଆ କାମ । ଅବଶ୍ୟ ସାରଙ୍କ ପାଖରୁ ଗାଳି ଶୁଣିବାକୁ ପଡ଼େ ଏଥିପାଇଁ, ହେଲେ ବାରଣ କରା ଯାଇଥିବା କାର୍ଯ୍ୟକୁ ବାରମ୍ବାର କରିବା ଭଳି ଆମେ ବି ଆମ କାର୍ଯ୍ୟରେ ଲାଗିପଡୁ । ରଜ ପରେ ପରେ ବିଦ୍ୟାଳୟ ଖୋଲିବା ବେଳକୁ ବୃକ୍ଷ ଗୁଡ଼ିକ ସବୁଜ ରଙ୍ଗର ଓଢ଼ଣୀ ଢାଙ୍କି ହୋଇ ଯାଇଥା'ନ୍ତି । ସଦ୍ୟ କଅଁଳ ପତ୍ର ଗୁଡ଼ିକୁ ଦୁଇ ହାତରେ ଧରି ପେଁ ପେଁ ଶବ୍ଦ ସୃଷ୍ଟି କରିବା ଥିଲା ଆମର ଅନନ୍ୟ କଳା । ପ୍ରଥମ ଶ୍ରେଣୀରେ ପଢ଼ିବା ସମୟରେ ଗଣନ କାର୍ଯ୍ୟ କରିବା ପାଇଁ ଦେବଦାରୁ ଗଛର ମଞ୍ଜି ଆମକୁ ଯଥେଷ୍ଟ ସାହାଯ୍ୟ କରେ । ଏଥିପାଇଁ ପରସ୍ପର ପ୍ରତିଦ୍ୱନ୍ଦୀ ସାଜି ମଞ୍ଜି ସଂଗ୍ରହ କରୁଥିଲୁ ସାଙ୍ଗମାନେ ।

ଏସବୁ ମନେ ପଡ଼ିଗଲେ କେବଳ ଗୋଟିଏ କଥା ମନରେ ଆସେ "ସେ ଦିନ ସବୁ ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଉଁ ଭଳି ଦିନ ଥିଲା ।" ଏହା ଭିତରେ ଅନେକ ବର୍ଷ ବିତି ଗଲାଣି ବିଦ୍ୟାଳୟ ଛାଡ଼ିବାର, ତଥାପି ମାନସପଟରୁ ଲିଭିନାହିଁ ସେସବୁ ସମୟ । ବିଦ୍ୟାଳୟର ସର୍ବ ପୁରାତନ ପ୍ରାକୃତିକ ସମ୍ପଦ ମଧ୍ୟରେ, ଦେବଦାରୁ ବୃକ୍ଷମାନ ଅଗ୍ରଗଣ୍ୟ । ଅନେକ ବର୍ଷର ସ୍ମୃତିକୁ ନିଜର ପାଖରେ ରଖିଛନ୍ତି ସେମାନେ । ବାସ୍ ଏତିକି ଇଚ୍ଛା, ଏମିତି ସଦା ସର୍ବଦା ଆମ ବିଦ୍ୟାଳୟ ପରିବେଶର ଶୋଭାବର୍ଦ୍ଧନକାରୀ ଅଙ୍ଗ ହୋଇ ରହିଥାଉ ।

ରାଇପୁର, ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପିଲାଏ ବୁଝିଯିବେ

ଅଶୋକ ବିଶ୍ୱାଳ



ଅନୁବାଦ ଗଳ୍ପ

ମୂଳ ତାମିଲ୍- ଚକ୍ରବର୍ତ୍ତୀ ରାଜଗପାଳଚାରୀ

ଅନୁସୃଜନ- ସୁଧାଂଶୁ ଶେଖର ଦ୍ୱିବେଦୀ

ଦେବଲୋକର ପ୍ରକୃତ ଭାଷା ସଂସ୍କୃତ । ଦିନେ ଶାସ୍ତ୍ରୀଜୀ ଘୋଷଣା କଲେ । ତାଙ୍କ ଘୋଷଣାନାମା ଶୁଣି ଉପସ୍ଥିତ ମହୋଦୟଙ୍କ ମଧ୍ୟରୁ କେହି ଜଣେ କହିଲେ, “ପ୍ରଭୁ ତ ତାମିଲ୍ ଭାଷାରେ ବି କଥାବାର୍ତ୍ତା ହୁଅନ୍ତି ।”

ତର୍କ-ବିତର୍କ ଆରମ୍ଭ ହେବା ପୂର୍ବରୁ ଉତ୍ତର ଭାରତର ଜଣେ ସଜ୍ଜନ ବ୍ୟକ୍ତି କହିଲେ, “ଉଁ- ହୁଁ- ପ୍ରଭୁ କେବଳ ହିନ୍ଦୀ ଭାଷା ହିଁ ବୋଲିଥା'ନ୍ତି । ହିନ୍ଦୀ ସବୁଠୁ ସରଳ, ସୁଗମ ଭାଷା । ଯାହା ସାଧାରଣ ଜନତାଙ୍କ ପାଇଁ ବୋଧଗମ୍ୟ ହୋଇଥାଏ ।”

ଏହା ଶୁଣି ଚାରି ପାଞ୍ଚ ଜଣ ବଙ୍ଗାଳି ବାବୁ ମନେ ମନେ ମୁରୁକୁନ୍ଦିଆ ହସ ହସି ଚୁପ୍ ରହିଲେ ।

ଅସମ୍ଭବ ! ବାସ୍ତବତାକୁ ବୁଝିଲେ ଜଣାଯାଏ ଈଶ୍ୱରଙ୍କ ଭାଷା ମରାଠୀ ଭାଷା । ଅନ୍ୟମାନଙ୍କୁ ଅସ୍ୱୀକାର କରି ମରାଠୀମାନେ ତେଜସ୍କ୍ରିୟ ମୁଦ୍ରା ଧାରଣ କରିନେଲେ ।

ଇଂରାଜୀ ପାଦ୍ରୀ ଆଉ ଥୟ ଧରି ରହିପାରିଲେ ନାହିଁ । ଇଂରାଜୀରେ ବଖାଣିଲେ- ୟସ୍ ଗଡ଼ସ୍ ଲାଙ୍ଗୁଏଜ୍ ଓନଲି ଇଂଲିଶ୍ । ଓନଲି ଇଂଲିଶ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଙ୍ଗ୍ ! ଅବ୍‌ସୁଲ୍ୟୁଟଲି ରଙ୍ଗ୍ ! ଲାଟିନ୍ ଭାଷାରେ ଗଡ଼ କଥା ହୁଅନ୍ତି । ଯାହା ମୁଁ ନିଜେ ଶୁଣିଛି । କିନ୍ତୁ ତା'ର ବ୍ୟବହାର ଏବେ ଆଉ କେହି କରୁ ନାହାନ୍ତି । ଏଭଳି ମର୍ମସ୍ପର୍ଶୀ ଶବ୍ଦ ଜଣେ ପାଦରୀଙ୍କର ଥାଏ ।

ହେଲେ ସତ୍ୟତା କିଛି ଅନ୍ୟ ପ୍ରକାର । ଆଲ୍ଲା ତ ଆରବୀ ଭାଷାରେ କଥାବାର୍ତ୍ତା ହୁଅନ୍ତି । ଅନ୍ୟ କୌଣସି ଭାଷାରେ କଥା ହେବା କାହିଁ ମୁଁ କେବେ ଶୁଣିନାହିଁ । ଆଚ୍ଛା ସମସ୍ତଙ୍କୁ ଗୋଟେ ପ୍ରଶ୍ନ ପଚାରୁଛି, "କୋରାନ୍ କେଉଁ ଭାଷାରେ ଲେଖାହୋଇଛି ? ଆରବୀ ଭାଷାରେ ନା ? ତାହେଲେ ସମସ୍ତଙ୍କ ମନରେ ସଂଶୟ କଣପାଇଁ ? ଖୁଦାଙ୍କ ଭାଷା ନିଶ୍ଚୟ ଆରବୀ ଅଟେ ।"

ଏହି ଭାଷା ସମ୍ବନ୍ଧିତ ତର୍କ-ବିତର୍କରେ ଭାଗ ନେବାପାଇଁ ଆଉ କେତେକ ଜନତା ପହଞ୍ଚିଗଲେ । କୋଳାହଳରେ ପରିବେଶ କମ୍ପୁଥାଏ । କୌଣସି ପ୍ରକାରେ ସଠିକ୍ ବୁଝମଣା ହୋଇପାରୁ ନଥାଏ । ଶେଷରେ ସମସ୍ତେ ପ୍ରଭୁଙ୍କ ନିକଟକୁ ଯାଇ ମାମଲା ସମ୍ପନ୍ନ କରିବାକୁ ନିର୍ଣ୍ଣୟ ନେଲେ ।

ଭାଷା ସଂକ୍ରାନ୍ତରେ ପ୍ରଭୁଙ୍କ ସହିତ ଆଲୋଚନା ସାରି ସମସ୍ତେ ତଳକୁ ଓହ୍ଲାଉଥାନ୍ତି ସେମାନଙ୍କ ମଧ୍ୟରୁ ଉତ୍ତର ଭାରତୀୟ ସଜ୍ଜନ କହିଲେ, "ଭାଇମାନେ ! ସମସ୍ତେ ଶୁଣିପାରିଲେ ତ.. ! ଭଗବାନ କେମିତି ଶୁଦ୍ଧ ହିନ୍ଦୀରେ କଥା ହେଉଥିଲେ ।"

"ଆରେ ଭାଇମାନେ... ! କି ଆଶ୍ଚର୍ଯ୍ୟ କଥା କହୁଛନ୍ତି ? ପରମେଶ୍ୱରଙ୍କ ମୁହଁରୁ ମରାଠୀ ଭାଷା ଶୁଣି ପାରିଲେନି କି ?" ମରାଠୀ ବନ୍ଧୁମାନେ କହି ଉଠିଲେ । ମରାଠୀ ବନ୍ଧୁଙ୍କ କଥା ସରିଛି କି ନାହିଁ ହଠାତ୍ ଚାରି ପାଞ୍ଚ ଜଣ ବଙ୍ଗୀୟ ବାବୁ ନିଜ ଭାଷରେ ପ୍ରତିବାଦ ଜଣାଇଲେ, "ଠାକୁରେର ପ୍ରତିଟି ଶବ୍ଦ ବାଙ୍ଗଲା ଭାଷା ଛିଲୋ । ବାଙ୍ଗଲାର୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଷା ଆମାର ଦେବଭାଷା ।”

ସେହିପରି ଆରବୀ, ଇଂରାଜୀ, ଫ୍ରାନ୍‌ସ, ରୁଷ୍, ଚୀନ୍, ସ୍ପେନ୍ ଆଦି ଭାଷାର ବ୍ୟକ୍ତିବିଶେଷ ସେମାନଙ୍କର ଭାଷା ଈଶ୍ୱରଙ୍କର ଭାଷା ବୋଲି ପ୍ରମାଣ କରିବାକୁ ପ୍ରୟାସ ଜାରି ରଖିଥାନ୍ତି ।

ଅନତି ଦୂରରେ କିଛି ପକ୍ଷୀ ବୃକ୍ଷ ଉପରେ ବସି ଏମାନଙ୍କର ବାଦ-ବିବାଦକୁ ତର୍ଜମା କରୁଥାନ୍ତି । ସେମାନେ ବି ନିଜ ନିଜ ଭିତରେ କହିହେଲେ, “ଏମାନେ ସମସ୍ତେ ବଡ଼ ବିଚିତ୍ର କଥା କହୁଛନ୍ତି । ମାନବଜାତି ସୁଦ୍ ବୋକା । ଆରେ ଈଶ୍ୱର ତ ସବୁବେଳେ ଆମ ଭାଷାରେ ବାର୍ତ୍ତାଳାପ କରନ୍ତି ।”

ପକ୍ଷୀଙ୍କର କଥା ଶୁଣି ଗୋଟେ ହାତୀ ବୃକ୍ଷ ତଳେ ଥାଇ ଶୁଣ୍ଢ ହଲେଇ କହିଲା, “ହେତ୍ !...ଈଶ୍ୱରଙ୍କ ଶୁଣ୍ଢ ତୁମେମାନେ ଦେଖି ପାରିଲନି କିରେ... ?”

ମୁଁ ତ ବୃକ୍ଷ ଆଢୁଆଳରେ ରହି ଈଶ୍ୱରଙ୍କ ଦାନ୍ତ ବି ଦେଖିଛି । କେତେ ବଡ଼ ବଡ଼ ମୁନିଆ ଦାନ୍ତ । ସେଇବେଳେ ଗୋଟେ ମହାବଳ ବାଘ ଗର୍ଜନ କରି ଉଠିଲା ।

ପରେ ପରେ ଜଣେ ତପସ୍ୱୀ ନିଜ ତପ ଭଙ୍ଗ କରି କହିଉଠିଲେ, “ଆ-ହା-ହା- ଈଶ୍ୱରଙ୍କର କେଡେ ସୁନ୍ଦର ମୂର୍ତ୍ତି !”

ଆକସ୍ମିକ ଜଣେ ସଙ୍ଗୀତଜ୍ଞ ତମ୍ବୁରାରେ ତାଳ ଲଗେଇ କହିଲେ, “ପ୍ରଭୁଙ୍କ ଠାରୁ ସୁମଧୁର ସଙ୍ଗୀତ ଶୁଣିବା ପରେ ଅନ୍ୟ କୌଣସି ଗୀତର ଆବଶ୍ୟକତା ନାହିଁ ।”

ଏମାନଙ୍କର ଅସମାଧାନ ବିଷୟରେ ଏକ ମସ୍ତିଷ୍କ ନିଜ ଅଭିପ୍ରାୟ ପ୍ରକଟ କଲା- ବିଭିନ୍ନ ସମ୍ପ୍ରଦାୟର ମନୁଷ୍ୟଙ୍କ ମଧ୍ୟରେ ଅଭିନ୍ନ ମନେ ହେଉଥିବା ଯୁକ୍ତି-ତର୍କ ଯଥାର୍ଥ ନୁହେଁ । ସମସ୍ତେ ଜଣେ ଜଣେ ମିଥ୍ୟାବାଦୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନା ନା ମିଥ୍ୟା ନୁହେଁ । ହଠାତ୍ ତାମିଲ୍ ପଣ୍ଡିତଙ୍କର ଚିତ୍କାର ଶୁଭିଲା, "ମାୟା ! ଯାହା ପୂରା ଏକ ଅବ୍ୟକ୍ତ ଆଧାର ଅଟେ । ସମସ୍ତଙ୍କ ଉର୍ଦ୍ଧ୍ୱରେ ଅବସ୍ଥିତ ।"

ଅନ୍ୟ ଏକ ମସ୍ତିଷ୍କ କହିଲା, "ଆରେ...ଏଠି ଅଯଥା ଏଭଳି ଯୁକ୍ତି-ତର୍କ କଲେ କଣ ହେବ ! ଆସନ୍ତୁ ଆମେ ସମସ୍ତେ ନଦୀ କୂଳରେ ବିସି ଶୀତଳ ପବନର ଆନନ୍ଦ ଉଠେଇବା ।"

ଶ୍ରୀ ଗଣେଶ ଅଦୃଶ୍ୟରେ ରହି ସବୁ ଶୁଣୁଥାନ୍ତି । ନିଜ ଅଭିପ୍ରାୟ ବଖାଣିଲେ, "ଏସବୁ ତର୍କ ବିତର୍କକୁ ପିଲାଙ୍କୁ ଶୁଣେଇଦେବା ଉଚିତ୍ ହେବ ।" ପିଲେ ବୁଝିଯିବେ ଈଶ୍ୱରଙ୍କ ଭାଷା କେତେ ପ୍ରକାର । ଗଣେଶ ମହାପ୍ରଭୁଙ୍କ ସ୍ୱର ଶୁଣି ସଭିଙ୍କ ମନରେ ସଂଶୟ ହେଉଥାଏ ।

ବିସି-୭୪,ସଲ୍ଟ ଲେକ୍,କଲକତା-୭୦୦୦୬୪

ମୋ-୯୮୩୧୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯୌବନ

ଶୋଭାମୟୀ ପତ୍ରୀ



ସ୍କେଚ ଏକ ----

କୋଳରେ ବର୍ଷକର ଝୁଅଛୁଆଟା ଆଉ ପୁଳାଏ ଆଶା, ସପନ, ତାଗିଦ୍, ଥୋଇ ଦେଇ ଗଉରା ଚାଲିଗଲା ଖାଇବା ଯୋଗାଡ଼ରେ ଦୂର ଦେଶ ଚକରା ସାହବ ସାଙ୍ଗରେ ଦାଦନ ଖଟି । କି ରୋଜଗାର କଲା କେତେ ପଇସା ପାଇଲା ଗୁରେଇ ଜାଣିବା ଆଗରୁ ତା ମଲା ଖବର ତା କାନରେ ପହଁଚି ଯାଇଥିଲା । ବିଚାରି କାହା ଆଗରେ କାନ୍ଦିବ, କୋଉଠି ଗୁହାରୀ କରିବ, କେମିତି ଫେରାଇ ଆଣିବ ତା ବରର ନିସ୍ତେଜିଆ ଦେହଟାକୁ, କେମିତି କରିବ ତା ଶୁଦ୍ଧକ୍ରିୟା, ଏତେ ସବୁ କରିବା ପାଇଁ ତା ଦେହରେ ବଳ କୋଉଠୁ ଆଣିବ ? ଗେରସ୍ତ ଗଲା ଦିନରୁ ତା ମୁଗୁନି କଳା, ହାଡ଼ ବଲବଲ ଟାଉଁସିଆ ଦେହକୁ ଲୁଚେଇ ଚାଲିଆ ତାଟି ଘେରେଇ ମାଟି କାମୁଡି ପଡିଛି, କ୍ଷୀରଖିଆ ଛୁଆଟା ଝୁଣି ଝୁଣି ଅଧାମରା କଲାଣି, ଚାଉଳ ବସ୍ତାଏ, ଚୁଡା, ମୁଢି, ଗୁଡ଼ କେତେ ଦିନ ବଞ୍ଚେଇ ରଖିବ ତାକୁ । ଭୋକ ସହି ନପାରି ତାଟି ଆଡେଇଲେ ଗୁରେଇ । ତାକୁ ଦିଶି ଯାଉଥିଲା ତା ଚାରିପଟେ ଦାଉ ଦାଉ ହେଇ ଜଳୁଛି ମାଉଁସ ଝୁଣା ଗଜା ଠୁଁ ପାକଲା ବିଲୁଆଗୁଡ଼ାଙ୍କ ନିଆଁ ଜଳା ଆଖି ଆଉ କକୁରଗୁଡା ଜିଭ ଲହ ଲହ କରି ଥପ ଥପ ଗାଳୁଥିବା ନାଳ । ସେ ଚମକି ପଡ଼ି ଝୁଅଟାକୁ ଝାମ୍ପି କାଖରେ ଜାକି ଧଡ଼ କିନା ଧଡା ଟାଣି ନଡ଼ିଆ କତା ରସି ଭିଡି ଦେଲା । ତା ଆଖି ଆଗରେ ନାଚି ଯାଉଥିଲା ଗଲାବେଳେ ଗେରସ୍ତର କାନ୍ଦ କାନ୍ଦ ମୁହଁ, ମାଆ ଝୁଅଙ୍କୁ ଜାବୁଡି ଧରି କେତେ ଗେଲ କରୁଥିଲା । ବାରମ୍ବାର ଚାଳିରୁ ବାହାରିବାକୁ ବାରଣ କରି ତା ମୁଣ୍ଡକୁ ନିଜ ଛାତିରେ ଜାକି ନେଇ କହୁଥିଲା, "ଆଲୋ କାହାରିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରତେ ଯିବୁ ନେଇଁ, ଏ ମଣିଷ ଜାତିଟା ବଡ଼ ବେଇମାନ........, ଏମାନେ ଭୂଲ୍ ଠିକ୍ ପସନ୍ଦ ଅପସନ୍ଦର ବିଚାର କରନ୍ତିନି ଲୋ.....ମନେ ରଖିବୁ ଯୌବନ ବେଳେ କୁତ୍ତି ବି ସୁନ୍ଦରୀ ।"

ସ୍କେଚ -- ଦୁଇ

ଯୌବନ ଛୁଇଁଲା ଦିନୁ ମିଞ୍ଚିର ଗୋଡ ତଳେ ଲାଗୁ ନଥିଲା, ସଂସାରର ସେହି ସମସ୍ତ ଜିନିଷ ଯାହା ସହିତ ତେର ବର୍ଷ ହେଲା ଚଳି ଆସୁଥିଲା ସେ ସବୁ ତାକୁ ପ୍ରଥମ ଥର ଦେଖିଲା ଭଳି ଖୁସି ଦେଉଥିଲା । ଏଇ ଯେମିତି ତା ଗାଁ ପାହାଡ଼, ଝରଣା, ଆକାଶ, ପବନ, ଗଛ ଫୁଲ ଇତ୍ୟାଦି ଇତ୍ୟାଦି....। ମିଞ୍ଚିର ଚାଲି ବଦଳି ଯାଇଥିଲା । ମିଞ୍ଚିର ପଥର ଉପରେ ବସି ଚହଲା ପାଣିରେ ଗୋଡ଼ ହଲେଇବା, ଟିକେ ଖୁଡ଼ ଖାଡ଼ ହେଲେ ଚମକି ଉଠିବା, ଗୋଡ଼ ଅଙ୍ଗୁଟିରେ ଭୂଇଁରେ ଗାର କାଟିବା, କଥା କଥାକେ ହସିବା, ଚାଲୁ ଚାଲୁ ଝୁଣ୍ଟିବା, ସବୁବେଳେ ଗୁଣୁଗୁଣୁ ହୋଇ ଗୀତ ଗାଇବା, ଆଇନା ଆଗରେ ଠିଆ ହୋଇ ନିଜ ସହ କଥାହେବା, ଦେହ ସଜେଇ ହବା, ଯୁବାନ ଭେଣ୍ଡାଙ୍କୁ ଦେଖି ଲାଜେଇ ଯିବା ଆଦି ନୂଆ ନୂଆ ଆଦରିଥିବା ଅଭିଲା ଗୁଣଗୁଡା ତା ଜେଜୀକୁ ଜମା ପସନ୍ଦ ହେଉ ନଥିଲା । ସେ, ତାର ଏଭଳି ରଙ୍ଗଢଙ୍ଗ ଛାଡିବା ପାଇଁ ତାଗିଦ କରୁଥିଲା । ମିଞ୍ଚି ଜେଜୀର ଶଙ୍ଖାକଟାକୁ ଖାତିର ନ କରି ଦିନେ ତା ଦେଶର ସୁନ୍ଦର ବାତାବରଣକୁ ଉପଭୋଗ କରିବାକୁ ଆସୁଥିବା ବିଦେଶୀ ପକ୍ଷୀର ପ୍ରଲୋଭନରେ ତା ଡେଣାରେ ଡେଣା ମିଶେଇ କାହିଁ କୋଉ ଦୂର ଦେଶକୁ ଉଡିଗଲା ଯେ ତା ପତ୍ତା କେହି ପାଇଲେ ନାହିଁ । ଦୀର୍ଘ ଛ ମାସ ପରେ ଖବର କାଗଜର ପ୍ରଥମ ପାହିଆରେ ଝାପ୍ସା ଝିଲି ମିଲିଆ ଛପାରେ ସ୍ପଷ୍ଟ ଦୁଶି ଯାଉଥିଲା, ବିଦେଶୀ ପକ୍ଷୀ ଗୁଡାଙ୍କ ପଞ୍ଝାର ତୀକ୍ଷ୍ଣ ନଖ ଚଞ୍ଚୁ ଆଘାତରେ କ୍ଷତାକ୍ତ ରକ୍ତାକ୍ତ ଧୀଅଟାକୁ ଭିଡି ମୋଡି ପାହାଡ଼ ତଳ ଝାଟି ବୁଦା ମୂଳେ ପଡିଥିବା ମିଞ୍ଚିର ଧ୍ୱସ୍ତବିଧ୍ୱସ୍ତ ଯୌବନ ॥

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଙ୍ଗଶିଉଳି

ଶିବନାରାୟଣ ଦାସ



ଗଙ୍ଗଶିଉଳି ଶରତ ଋତୁରେ ଫୁଟୁଥିବା ଏକ ସୁଗନ୍ଧି ପୁଷ୍ପ ଯାହାକି ରାତିରେ ଫୁଟି ସୂର୍ଯ୍ୟୋଦୟ ହେବା ଆଗରୁ ଆଦ୍ୟ ପ୍ରଭାତରେ ଝରିପଡିଥାଏ । ଏହି ଫୁଲଟିର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ହେଉଛି "ଆସ୍ପୃହା" । ଠିକ ସେହିପରି ମଣିଷ ଭିତରେ ଈଶ୍ୱରଙ୍କ ପ୍ରତି ଏକ ତୀବ୍ର ଆସ୍ପୃହା ଜାଗୃତ ହେଲେ, ମଣିଷ ଦିନେ ତାର ନିଶ୍ଚେତିତ ଏବଂ ଅନ୍ଧକାର ମରଣଶୀଳ ସତ୍ତା ଭିତରେ ସେହି ଦିବ୍ୟତାକୁ ଉପଲବ୍ଧି କରିବା ସଂଗେ ସଂଗେ ଅମୃତତ୍ୱର ଅଧିକାରୀ ହୋଇପାରିବ ।

ପ୍ରିୟତମ ତୁମେ ଆସିବା ଆଗରୁ ଜୀବନେ
　　ମୁଁ ଗୋ ଧୂସର ଧରାରେ ପଡୁଥିଲି ନୀତି ଝାଉଁଳି,
କେବେ ଦେଖିବା ଆଗରୁ ସୂର୍ଯ୍ୟୋଦୟର ସପନ
　　ନିତି ଆଦ୍ୟ ଉଷାରେ ଯାଉଥିଲି ଝରି ମଉଳି ।

ଅମା-ଅନ୍ଧାର ଘୋର ରାତ୍ରି ଗରଭେ ବିକଶି
　　ପୁଣି ଅନ୍ଧାର ତଳେ ଯାଉଥିଲି ମୁଁ ଗୋ ମିଳାଇ,
ଶତ ସ୍ନିଗ୍ଧ ଏ ମୋର ତନୁର ସୁରଭି ଆହୁରି
　　କେତେ ଅଯତନେ ପୁଣି ପଡୁଥିଲା ସତେ ଘୁମାଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିନ୍ମୟୀ ତୁମେ ଦେଲ ଚିନ୍ମୟ ଆଶିଷ
　　ଦେଲ ସୁପ୍ତ ନୟନେ ମୁକ୍ତ ଅଶାର ସପନ,
ତୋଳି 'ଆସ୍ପୃହା' ମୋର ମୃଣ୍ମୟ ଏହି ତନୁରେ
　　ତୁମେ ଗଭୀର ପ୍ରୀତିରେ କରିଲ ଗୋ ମୋତେ ଚୟନ ।

ତୁମେ ଦିବ୍ୟ କରୁଣା ଝରାଇଲ ମୋର ବୁକୁରେ
　　ମୁଁ ଯେ ହଜିଗଲି ଦୀନ ଜୀର୍ଣ୍ଣ ଗଙ୍ଗଶିଉଳି,
ପୁଣି ଜନମିଲି ହୋଇ 'ଆସ୍ପୃହା' ତବ ଚରଣେ
　　ଏବେ ଆସ୍ପୃହା ମୋର ତୁମ ପାଇଁ ଉଠେ ଉଜଳି ।

ଜନ୍ମଦିନର ମର୍ମ ନଥିଲି ଜାଣି ମୁଁ
　　ଯେଣୁ ଜନ୍ମିବା ଆଗୁ ମୃତ୍ୟୁ ଗରଭେ ଝରିଲି,
ଏବେ ପାଇ ଅମୃତ ସ୍ପର୍ଶ ତୁମର ଏ ଦେହେ
　　ମୁଁ ଗୋ ନବଜନ୍ମର ମୃତ୍ୟୁଞ୍ଜୟୀ ସାଜିଲି ।

ଆସିବନି ଆଉ ମୃତ୍ୟୁ ଏ ମୋର ଜୀବନେ
　　ଏବେ ନିତ୍ୟ ଜନ୍ମଦିନେ ମୁଁ ହୋଇବି ବିଭୋର,
ତୁମେ ସଞ୍ଚରିଅଛ ଏ ମୋର ଅଯୁତ ଶିରାରେ
　　କିଏ ରୋଧିବ ପଥ ମୁଁ ଲଘିଂବି ଗିରି ସାଗର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗୋ ସୁନ୍ଦର ଚିର-ସୁନ୍ଦର ମୋର ଦୟିତ
ନିଅ ଛନ୍ଦା ଚରଣେ ବନ୍ଧାଇ ମୋର ଜୀବନ,
ଅରବିନ୍ଦ-ପଦେ ମୁଁ ବନ୍ଧା ଜନମ ଜନମ
ତୁମେ ଈଶ୍ୱର ମୋର ପୂର୍ଣ୍ଣ ପ୍ରାଣର ଶରଣ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ

ବିନୟ କୁମାର ମିଶ୍ର



ଲୋଭ ଆସିଗଲେ ମୋହ ଜାତ ହୁଏ ଆଶା ବଢ଼େ ପ୍ରାପ୍ତି ପାଇଁ,
ପ୍ରାପ୍ତି ଇଛା କଲେ ଭ୍ରମରେ ମଣିଷ ପଡିଯାଏ ବାଧ୍ୟ ହୋଇ,
ବାଧକ ସେ ପଥେ ଯିଏ,
ହଟାଇଦେବାକୁ ବାଧା ଉପୁଯାଏ ମନେ କ୍ରୋଧ ଜାତ ହୁଏ ।

କ୍ରୋଧ ଆସିଗଲେ ମନ ତାତିଯାଏ ବିବେକଟି ହଜିଯାଏ,
ମନ ସଂଘର୍ଷକୁ ଲୋଡିଥାଏ ପରା
ଇଜ୍ଜତ ମହତ ଯାଏ,
ମନ ଲଢ଼ିବାକୁ ନାହିଁ,
ପ୍ରତିଶୋଧ ପଛେ ମଣିଷ ସେପାଇଁ ଧାଇଁଥାଏ ନେବା ପାଇଁ ।

ମଣିଷ ଭିତରେ
ମଣିଷ ପଣିଆ
କାହିଁ ଅଛି କେ ଦେଖିଚି,
ସ୍ୱାର୍ଥ ଅର୍ଥ ଦେହ
କ୍ଷଣିକ ସୁଖକୁ
ମଣିଷ ବଡ଼ ଭାବୁଛି,

Listen to Odia Podcast Original at https://youtube.com/@drjyotiprasad

ସେଥିପାଇଁକି ଲଢୁଛି,
ହତ୍ୟା ଆତ୍ମହତ୍ୟା
ପୋଡା ଜଳା କରେ ମିଛକୁ ସତ ଭାବୁଛି ।

ମଣିଷ  ସହିତ
ଲଢ଼ିବାକୁ ନୁହେଁ
ବରଂ ବନ୍ଧୁତ୍ୱ ଜମାଇଁ,
ସମସ୍ୟା ଆସିଲେ ସମାଧାନ ପାଇଁ
ବାଟ ଖୋଜେ ଯଦି କେହି,
ସମୟର ସ୍ଥିତି ନାହିଁ,
କେ ଅଛି ଜଗତେ ପାରିବାର ଜଣେ ସମୟକୁ ପାରି ଥାଇ ?

ମଲ୍ଲୀପୁର ନିଆଳ ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେଡ଼େ ସୁନ୍ଦର ମୋ ଗାଁ

ରାମଚନ୍ଦ୍ର ପ୍ରଧାନ



କେଡେ ସୁନ୍ଦରମୋ ଛୋଟିଆ ଗାଆଁଟି
ସାନ୍ତରାପଲ୍ଲୀ ତା' ନାଆଁ
ତା' ପାଣି ପବନ ପଲ୍ଲୀ ପରିବେଶ
ସବୁରି ହୃଦୟ ଛୁଆଁ...
ଗାଆଁର ପୂରୁବେ ବାଘୁଆ ନଈଟି
କୁଳୁ କୁଳୁ ନାଦେ ବହେ
ପଶ୍ଚିମରେ ଶିବ ରାଧାକୃଷ୍ଣ ପୀଠ
ଆଧ୍ୟାତ୍ମିକ କଥା କହେ...
ଗାଁ ମଝିରେ ପ୍ରଭୁ ଶନିଶ୍ଚର ପୀଠ
ଦକ୍ଷିଣେ ମାଁ ଠାକୁରାଣୀ
ଉତ୍ତରେ ମଙ୍ଗଳା ଗାଆଁ ବନ୍ଧ ନାମେ
ରହିଛି କେତେ କାହାଣୀ...

ଭାଇଚାରା ପଣ ପ୍ରତିବେଶୀ ଶ୍ରଦ୍ଧା
ଲାଗେ ମୋତେ ଭଲ ଏଠି
ଆପଣାପଣର ନିଆରା ବାସନା
ବାରି ହୁଅଇ ସବୁଠି...
ଗାଆଁଠାରୁ ଯେତେ ଦୂରରେ ଥିଲେ ବି
ମଣେନା ମୁଁ ପରବାସୀ
ମନ କାଗଜରେ ତା ' ସୁନ୍ଦର ଛବି
ନିତି ଆଙ୍କୁ ଥାଏ ବସି...
ବରଷକୁ ଥରେ ହୁଏ ଦୋଳ ଯାତ
ସର୍ବେ ହୁଅନ୍ତି ଏକାଠି
ରଜଦୋଳି ଖେଳ ସାଙ୍ଗସାଥି ମେଳ
ଭାରି ମଜାଲାଗେ ଏଠି...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ ଜାତିଭେଦ ଅବା ହିଂସାବାଦ
କେହି ନୁହେଁ ବଡସାନ
ବିକାଶ ପଥରେ ଏବେ ସେ ଆଗରେ
କଳହର ନାହିଁ ଚିହ୍ନ...
ମାଆ ଠୁ ସେନେହି ଅଟେ ସେ ନିଜର
ତା' ପରିକା କେହି ନାହିଁ
ମୋ ପ୍ରିୟ ଗାଆଁର ସ୍ୱାଭିମାନ ପାଇଁ
ଏ ଜୀବନ ଦେବି ମୁହିଁ...

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ :୯୮୭୧୬୩୮୭୩୬
ଗ୍ରାମ - ସାନ୍ତରାପଲ୍ଲୀ, ପୋଷ୍ଟ - କନିଆରୀ
ଭାୟା - ନୁଆଁ ଗାଁ, ଥାନା - କବିସୂର୍ଯ୍ୟ ନଗର
ଜିଲ୍ଲା - ଗଞ୍ଜାମ, ୭୬୧୧୧୧, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଗ୍ୟ ଯଦି ହେବ ଅନୁକୂଳ

ନିରଞ୍ଜନ ସାହୁ



ପରିସ୍ଥିତି ଆଉ ପରିବେଶ ଯଦି
ଭାଗ୍ୟ ଅନୁକୂଳ ହେବ
ତେବେ ସିନା ଆମ ଜୀବନ ତରୀକୁ
ସହଜରେ ବାହି ନେବ ।

ଜୀବନର ପଥ ଭାରି ଅଙ୍କାବଙ୍କା
କେତେ ଖାଲଢିପ ପୁଣି
ବାଟ ଚାଲୁଥିବ ବାଟୋଇ ସାଜିକି
ଅନେକ ଟିପ୍ପଣୀ ଶୁଣି
କିଏ କାହାପାଇଁ ଅଟକିବ କୁହ
କାହିଁକି ସମୟ ଦେବ ?

ସମୟ କାହାକୁ କେଉଁଠି ରଖିଛି
ସେକଥା ତାହାକୁ ଜଣା
ସଠିକ ରାସ୍ତାରେ ଚାଲିଚାଲି କିଏ
ହୁଏ ପୁଣି ବାଟବଣା
ଅନେକ କହନ୍ତି ଭାଗ୍ୟ ବଦଳିବ
ଈଶ୍ୱରଙ୍କ ପାଦ ସେବ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବନ୍ୟା

ହରିହର ବଳବନ୍ତରାୟ

ତୁମେ ଗୋ ବନ୍ୟା
ଆଷାଢ଼ୀ କନ୍ୟା
ସବୁଠୁ ଅନନ୍ୟା
ଏତେ ଦୁର୍ଦ୍ଦଶା କେଉଁଠୁ ଆଣି
ଅଜାଡି ଦିଅ ।
ସହିବାର ଧର୍ଯ୍ୟଚ୍ୟୁତ ହୁଏ
ଧନଜୀବନ ସବୁକୁ ହରାଇ
ନିସ୍ୱ ଶିଶୁଙ୍କୁ ମା ଛେଉଣ୍ଡ କରାଇ,
ବୃଦ୍ଧ, ଜରା  ମହିଳାଙ୍କୁ
ବଡ଼ଦାଣ୍ଡରେ ବସାଇ ।
ବାସଗୃହ ଭସାଇ ନିଅ
କି ଲାଭ ପାଅ ସେତିରେ  ?
ପକ୍ୱ ଶଷ୍ୟ କ୍ଷେତ୍ର ଉଜୁଡ଼ାଇ
ବାଢ଼ିବା ଖାଦ୍ୟରେ ଧୂଳି ଦେଉଛି
କେଉଁ ଖୁସିରେ  ?

ଉଚ୍ଛଳା ନଦୀର ଉତ୍‌କ୍ଷିପ୍ତ ଯୌବନ
କ୍ଷଣିକେ ହା ଅର୍ଣ୍ଣ କରିଦିଏ
ସାରା ନଦୀତଟବାସୀ ଙ୍କୁ ।
ଲୋ ବନ୍ୟା ଲୋ ନଦୀ ଲୋ ପାଣି
ଜୀବେ ଦୟାକର
ନିୟନ୍ତ୍ରଣ କର ତୋ ଲେଲିହାନ ଜିହ୍ୱାକୁ
ଏବେ କିନ୍ତୁ ତୁମେ ପାରିବନି
ଆମେ ସବୁ ପୂର୍ବ ପ୍ରସ୍ତୁତ
ବେଳହୁଁ ସାବଧାନ ଅଛୁ
ପ୍ରକୃତି ସହିତ ଲଢ଼ିବାକୁ
ଜିତିବାକୁ ଆଉ ଜିତେଇବାକୁ  ।

ଗଡ଼ମୋଟରୀ,ଡେଲାଙ୍ଗ, ପୁରୀ
ଭ୍ରା.ଭା.-୯୯୩୭୪୮୬୪୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନକୁ କର ଆୟତ୍ତ

ଅଲେଖ ମେହେର୍



ମଦନ ସମରେ ବିହ୍ୱଳ ମାତଙ୍ଗ
ଦାସତ୍ୱ କରେ ସ୍ୱୀକାର,
ପାରୀ ଅଟବୀରେ ସ୍ୱାଚ୍ଛନ୍ଦ୍ୟରେ ଭ୍ରମେ
ଧରି ରାଜଦଣ୍ଡ ଭାର ।
ଯେଣୁ ସେ ଇନ୍ଦ୍ରିୟ ଆୟତ୍ତେ ରଖଇ
ସାଜେ ମହା ବଳବାନ,
ଅମାପ ଶକ୍ତିର ଅଧିକାରୀ ଗଜ
ଦେଖି ଦିଏ ନାହିଁ ଧ୍ୟାନ ।
ଚଞ୍ଚରୀକ ଭାବ  କୁଳୀଶ ସମାନ
ଉର ଦିଏ ଯେବେ ଫାଡ଼ି,
ବାଚାଳତା ଆସି  କୋମଳ ସ୍ୱଭାବ
ଶାବଳରେ ନିଏ ତାଡ଼ି ।

ଧନି ସରସିଜ ବିଲୋକିଲେ ମାରେ
ଈଶ ରୀପୁ  ପଞ୍ଚ ଶର,
ହଜି ଯାଏ ଭୋକ  ଇକ୍ଷଣରୁ ନିଦ
ଜ୍ଞାନ ବୁଡେ ଅତୀତର ।
ସ୍ମରଣ ଶକତି   ହରଇ ସମ୍ଭୋଗ
କାଢି ନିଏ ସରସତା,
ଅଧ୍ୟୟନ କାଳେ ବ୍ରହ୍ମଚର୍ଯ୍ୟ ବ୍ରତ
ଦିଏ ମୋଦ ସଫଳତା ।
ନଈ କି ପଚାରେ ଉଦଧି ଠିକଣା
ପକ୍ଷୀ ହୁଡଇ କି ବାଟ,
ମନକୁ ଆୟତ୍ତ କରିଦେଲେ ସିନା
ଜଗତେ ହୋଇବ ଚାଟ ।

ବରଗଡ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମର ଭଗ୍ନାଂଶ

ବିଶ୍ୱନାଥ କର



ସାଗରଟା ନୀଳ ଆଉ ଆକାଶଟା ନୀଳ
ପ୍ରେମୀ ମୋର ନୀଳଜହ୍ନ ନୀଳକଇଁ ଫଗୁଣ ସକାଳ
ସଙ୍କୀର୍ଣ୍ଣ ମୋ ପରିଚିତି ପ୍ରତୀକ୍ଷାର ପରିଚିତ ହାଟ
ଆଖିବୁଜି ଠିଆ ହୋଇ ନିରବ ନିଶ୍ଚଳ
ନିର୍ଦ୍ଧୟ ପ୍ରଶ୍ନକୁ ବାଢେ ତମର ସେ ମିଠା ମିଠା ଓଠ ।

ପ୍ରତୀକ୍ଷାଟା ମିଠା ବୋଲି ଫଗୁଣର ଫୁଙ୍ଗୁଳା ଡେଣାରେ
ବିବସ୍ତ୍ର ମୋ ଇଚ୍ଛାମାନେ ଠିଆ ହୁଅନ୍ତି କାଠଗଡା  ଧାରେ
ଅସ୍ଥିର ବାସ୍ତବତାକୁ ଜେରା କରି ଖୋଲା ପଡିଆରେ
ତମେ ଖାଲି ଠିଆ ହୁଅ ମୁହଁ ପୋଛି ନୀଳ ପଣତରେ
ତମ ନୀଳ ପଣତରେ ବାନ୍ଧି ତତଲା ବାଲିର ବାମ୍ଫ
ଭରା ବୈଶାଖର ।

ଦେହରେ ମୋ ବଢିଯାଏ ବିରହର ଖଇଫୁଟା ଜର
କଡ ଲେଉଟାଣି ରାତିର ଅନ୍ତିମ ପ୍ରହରେ
ଉଡି ଯାଉଥିବା କୋଇଲିର ପରରେ ପରରେ
ସ୍ୱପ୍ନକୁ ସାଉଁଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିତୁଆ ରାତିର ଶୀତଳ ନିଆଁରେ
ଜଳେ ମୋର ପ୍ରୀତିର ଚୌହଦୀ ।

ପ୍ରତୀକ୍ଷାଟା ମିଠା ଜ୍ୱୋଲି
ନିର୍ଲଜ ଆଖି ଦିଇଟା ମୋର ପତା ଟେକେ
ରାତି ପାହିଯିବ ବୋଲି ସ୍ୱପ୍ନ ସବୁ ଚେଇଁ ଚେଇଁ ଦେଖେ
ଆଲୋକ ଓ ଅନ୍ଧାରର ଅନ୍ତର ରେଖାରେ
ନିତି ତମ ପ୍ରତିବିମ୍ବ ଖୋଜେ ।

କନକ ଗୋରୀଟା ମୋର ଝରା ପୁଉଁଥାଏ ଫୁଙ୍ଗୁଳା ପିଠିରେ
ପଉଷର ଶୀତଳ ନିଆଁରେ
ଦିନ ରତ ରତ ହେଉହେଉ  ଗୋଧୂଳି  ଛାଇରେ
ମୋ ପ୍ରେମର ଭଗ୍ନାଂଶ ସବୁ
ନିଦ ମାଗୁଥିଜ୍ଞେ ପୁନେଇଁ ଜହ୍ନକୁ
ଅବେଳେ ଅକାଳେ ।


ସାଇ କଲୋନୀ, ଦେଉଳ ସାହି, ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ : ୯୭୭୬୩୩୨୬୩୯
ମେଲ୍ biswanathkar1956@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖୋଲା ବହି

ବିନୟ ମହାପାତ୍ର



ଜୀବନଟା, ଖାଲି କହିବାକୁ,
ଖୋଲା ବହି ଟିଏ,
ହେଲେ, ସତରେ କଣ
ଜୀବନଟା ଖୋଲା ବହି ଥାଏ ?
କେଜାଣି ହୋଇ ଥିବ,
ମୋର କିନ୍ତୁ ବିଶ୍ୱାସ ହୁଏନା ।
ଚକ୍ ମକ୍ ରଙ୍ଗିନ ମଲାଟ ତଳେ,
ଜୀବନର କେତେ ଯେ ଅବୁଝା ପୃଷ୍ଠା,
କେତେ ଯେ କାହାଣୀ
କେତେ ହସ, କେତେ ଲୁହ,
ରଙ୍ଗିନ ମଲାଟ ପଛରେ
ମୁହଁ ମାଡି ପଡି ଥାଏ,
ଜୀବନର ଖୋଲା ବହି,
ସବୁ ଦିନ ବନ୍ଦ ରହି ଯାଏ ।

ଏଇମିତି ରାସ୍ତା କଡ ଷ୍ଟଲରେ
ଝୁଲୁ ଥାଏ, ଧୁ ଧୁ ବୈଶାଖୀ ଖରାରେ
ମଲାଟର ରଙ୍ଗ ବି ଫିକା ହୋଇ ଯାଏ,
ପୃଷ୍ଠା ପରେ ପୃଷ୍ଠା ସେତା ପଡି ଯାଏ ।
ହେଲେ, ଗୋଟି ଗୋଟି ଅନ୍ତରର କଥା
ସେଇମିତି ଜୁଳୁ ଜୁଳୁ ଚାହିଁ ରହେ,
କେହି ତ ଦିନେ ଆସିବ,
ଜତନରେ ସାଉଟି ନେବ,
ପୃଷ୍ଠା ପରେ ପୃଷ୍ଠା ପଢି ନେବ,
ପଢୁ ପଢୁ କେବେ ହସି ଦେବ,
କେବେ ରୋମାଞ୍ଚିତ ହୋଇ ଯିବ,
କେତୋଟି ମୁହୂର୍ତ୍ତ ପାଇଁ,
ଅନୁଭବି ଜୀବନର ବ୍ୟଥା
ଆଖି ତାର ଜକେଇ ଆସିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ କେହି ତ ଆସେନି,

କେବେ ବା କେମିତି କିଏ

ବହିଟିକୁ ହାତକୁ ନିଏ,

ମଲାଟରୁ ଧୂଳି ଝାଡେ,

ଛବିକୁ ଦେଖେ,

ଛବିର ତାରିଫ୍ କରେ,

ହେଲେ ପୃଷ୍ଠାଟିଏ ଲେଉଟାଏ ନାହିଁ ।

ଜୀବନ ତ ଏଇମିତି,

ଅଲୋଡା ବହି ଟିଏ ସତେ,

ସମସ୍ତେ ଖାଲି ମଲାଟ ଦେଖନ୍ତି,

ରଙ୍ଗିନ ଚିତ୍ରରୁ ଅନୁମାନ ଲଗାନ୍ତି,

ବହିଟିର, କାହାଣୀର, ଜୀବନର,

ସୁଖର ଦୁଃଖର, ଚିତ୍ର ଆଉ ଚରିତ୍ରର

ଆଲୋଚନା, ସମାଲୋଚନା କରନ୍ତି ।

ହେଲେ, ଅନୁମାନ କେବେ କଣ

ସତ ହୋଇ ଯାଏ ?

ଜୀବନର ଖୋଲା ବହି

ସବୁ ଦିନ ଏଇମିତି ବନ୍ଦ ପଡି ଥାଏ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପହିଲି ଦେଖାରେ

ହରେରାମ ପଣ୍ଡା



କେବେ ମୋ ମନର ଅବୁଝା ଗଳିରେ
ଥିଲି ମୁହିଁ ଏକା ଏକା ,
ଜାଣେନା କେମିତି ତୋ ସାଥିରେ ମୋର
ହେଇ ଯାଇଥିଲା ଦେଖା ।
ଝିପିଝିପି ବର୍ଷା, ଶୀତୁଆ ପବନ
ନୀଳ ନଈରେ ତୋ ଛାଇ ,
ପାଖକୁ ଗଲେ ତୁ ଘୁଞ୍ଚି ଯାଉଥିଲୁ
ରହୁଥିଲୁ ଦୂରେ ଯାଇ ।
ଖୋସାର ଗଜରା,କାନର ଝୁମୁକା
କହୁଥିଲେ କିଛି ମତେ ,
ଫେରି ଚାହୁଁଥିଲୁ ପଛକୁ କାହିଁକି
କାରଣଟା ଜଣା ତତେ ।

ତୋ ଆଖିରେ ଆଖି ମିଶିଗଲା ପରେ
ଲାଗିଲୁ ତୁ ଆପଣାର ,
ମାନିଲାନି ମନ ସୀମା ସରହଦ
ହେବାକୁ ତୋର ନିଜର ।
ଆଖିରେ ଆଖିରେ କହୁଥିଲୁ ଯାହା
ମୋ ପାଇଁ ଅବୁଝା ଥିଲା ,
କେମିତି ସେଦିନ ପହିଲି ଦେଖାରେ
ଭାବ ମୋର ହେଇଥିଲା ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ଦୂରଭାଷ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୁହଭରା ଆଖି ମୋର

ପ୍ରଶାନ୍ତ କୁମାର ଦାଶ

ମଉଳିଲା ବାସଫୁଲ
ମଉଳିଲା ଜହ୍ନ
ଅର୍ଜିତ ସୁଖ ସବୁ ସରିଗଲା
ଛଟପଟ ଅମାନିଆ ମନ ।।

ସରିଗଲା ଜହ୍ନର ଜୋଛନା
ରାତିର ଅଭିନୟ ଶେଷ
ଆଖିରୁ ହଟିଗଲା
ମିଠା ମିଠା ସ୍ୱପ୍ନ
ପ୍ରିୟତମାର ଠିକଣା ଖୋଜୁ ଖୋଜୁ
ବଢ଼ିଗଲା ଅବସୋସ ।।

ପକ୍ଷୀଟିଏ ଉଡିଗଲା
ଲମ୍ବିଥିବା ଆକାଶର ଛାତିକୁ
ଲୁହ ଆଉ କୋହକୁ
ଆପଣାର କରି
ଝୁରିହେଲି ମୋ ସାଥୀକୁ ।।

ବନ୍ଦ କୋଠରୀର
ଅନ୍ଧାର ଉପତ୍ୟକାରେ
ଏକାନ୍ତ ଅସହାୟ ହେଇ
ଦେଖିଲି ପ୍ରିୟାର ଚାରୁ ଚିତ୍ରପଟ
ଦୁଇ ନୟନରେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକାଶତ ହସି ଉଠିଲାଣି
ସୂର୍ଯ୍ୟଉଇଁ ଢାଳିଲାଣି ଖରା
ଭସାମେଘର ଆଖିରୁ
ଝରିପଡୁଥିବାପରି
ଆଖି ମୋ ହେଲାଣି ଲୁହଭରା ।।

ସେଦିନର ସଜଳ ସ୍ମୃତି ସବୁ
ଲିଭିବାକୁ ବସିଲାଣି
ଯେମିତି ଲୁଚିଯାଆନ୍ତି
ରାତି ଶେଷେ ଆକାଶରୁ ତାରା
ଆଉ ସହିହବାକୁ ଦିଅ ନାହିଁ ପ୍ରିୟା
ବିରହ ଓ ବିଚ୍ଛେଦର କାରା ।।


କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋବାଇଲ -୯୭୬୮୮୨୨୧୯୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୁଏ ନାରୀ ଅତ୍ୟାଚାର

ଦଶରଥ ମାଝୀ



ଚେହେରା ଦେଖିକି ମନ ଛନ ଛନ
ପ୍ରେମ ଚାଲେ ନିରନ୍ତର
ସେହି ପ୍ରେମ ପଥେ ବାଧା ସୃଷ୍ଟିହେଲେ
ହୁଏ ନାରୀ ଅତ୍ୟାଚାର (୧)

ବିବାହ ନାରୀର ପରକୀୟା ପ୍ରୀତି
ନିତି ହେଉଥିଲେ ଘାରି
ପୁରୁଷ ଲୋକଟି ଦାନବ ସାଜିକି
ନାରୀକୁ ଦେଉଛି ମାରି (୨)

ଅଧିକାଂଶ ଲୋକ ନିଶା ଦ୍ରବ୍ୟ ଖାଇ
ନିଜକୁ ଭାବନ୍ତି ବଡ଼
ମଦ ପିଇ କରି ଝଗଡା କରିକି
ନାରୀଙ୍କୁ ମାରନ୍ତି ମାଡ଼ (୩)

ଯୌତୁକ ପାଇଁକି ଚାଲେ ଅତ୍ୟାଚାର
ମାରନ୍ତି କବାଟ କିଳି
ଦ୍ୱିତୀୟ ବିବାହ କରନ୍ତି ପୁରୁଷ
ପ୍ରଥମ ନାରୀକୁ ଭୁଲି (୪)

ଯୌବନ ବୟସେ ଉଛୁଳି ପଡୁଛି
ସତେ ରସକିଆ ପ୍ରେମ
ପ୍ରେମ ମନଟିଏ ଭାଙ୍ଗି ଗଲେ ଥରେ
ଲୋକଟି ସାଜଇ ଯମ (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ : ୮୨୪୯୨୧୨୪୭୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମଶାଣି ପଥ

ମନୋରଞ୍ଜନ ସୁରୁଜାଳ



ଡାକେ ସେହି ପଥ    ଆ ଆ ରେ ମଣିଷ
ଆୟୁଷ ଗଲାଣି ସରି
ଟାକିଛି ଟାକିବି    ଯାବତ ଜୀବନ
ଶେଷ ପଥ ଅନୁସରି ॥
ସୃଷ୍ଟି ଆରମ୍ଭରୁ    ଆମରି ସମ୍ପର୍କ
କେତେ ଯେ ନିବିଡ଼ତର
ଜୀବନର ସତ୍ୟ    ଶେଷ ପରିଣତି
ଏଇ ତୋ ମାଟିର ଘର ॥
ଏଘର ସେ ଘର    ଫରକ କେତେକି
ତୋ' ପାଇଁକି ବରଦାନ
ସେ ଘରେ ପୂର୍ଣ୍ଣତା    ଏଠି ଫାଙ୍କା ଏକା
ଆସିବା ବେଳକୁ ଶୂନ ॥
କେତେଯେ ମୁଁ କାର    ଗର୍ବ ଅହଂକାର
ମାନ ସନମାନ ଘୃଣା
ପରଶ୍ରୀକାତର    ଛନ୍ଦ କପଟତା
ସେ ଘରେ ହେଉଛୁ ବଣା ॥

ପୋତା ହୁଏ ଯିଏ    ହାଡ଼ କେଇ ଖଣ୍ଡ
ପୋଡା ହେଲେ କ୍ଷାର ମୁଠେ
ଏ ଶରୀର ମୂଳ    ଏତିକି ଗଣିତ
ଏତକ ଅନ୍ତିମ ପାଠେ ॥
କି ବାଛ ବିଚାର    ମୁନିବ ଚାକର
କଳା ଗୋରା ଧନୀ ଜ୍ଞାନୀ
ରାଜା ହେଉ ରଙ୍କ ଜାତି ଧର୍ମ ବର୍ଣ୍ଣ
ଶମସାନେ ସମ ଜାଣି ॥
ସମସ୍ତେ ଆସନ୍ତି    ଏଇ ପଥ ଦେଇ
ବିଶ୍ରାମର ହସ ତୋଳି
ତୋ ବାହୁଡ଼ା ଯାତ    ସଜା ହୁଏ ରଥ
ମହାନନ୍ଦେ ଦୀପ ଜାଳି ॥

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ହଳଦୀ ପାଣିରେ   ମହା ସ୍ନାନ ତୋର
ଶୁଭ୍ର ତନୁ ତୁଳା ଖଇ
ସେ ମହାଯାତ୍ରାରେ   ଛୁଟେ ପଟୁଆର
ତୋ ଶେଷ ଦର୍ଶନ ପାଇଁ ॥

ରାମ ନାମ ସତ୍ୟ   ହରି ନାମ ସତ୍ୟ
ଶୁଭେ କଂସାଳ ମୃଦଙ୍ଗ
ମରଣର କତି   ସେ ଅମୃତ ଗତି
କରୁନୁ ଚେତନା ଭଙ୍ଗ ॥

ଜୀବନର ଶେଷ   ବିନ୍ଦୁ ମୁଁ ମଶାଣି
ଏଇ ତୋ ଅମର ଧାମ
ଏ ଅନ୍ତିମ ସତ୍ୟ   ଗ୍ରହଣ  କରି'ଯା
ତୁଟାଇ  ମନୁ ଭରମ ॥

ଗାଆଁ ଦୋ' ବଟି ରେ   ଚାହିଁବୁ ପଛକୁ
ମମତା ମହିମା ରୋଲ
ସେ ଶେଷ ଦର୍ଶନ   ମାଟି ସମର୍ପଣ
ସରିବ ସେନେହ ଗେଲ ॥

ପ୍ରତୟ୍ୟ ମେଣ୍ଟିବ   ହେବୁ ଭୋଳାନାଥ
ଭୁଲିବେ ଜଗତ ଜନ
ନିଦ୍ରିତ ପଲକ   ଚିର ପ୍ରଶାନ୍ତିରେ
ଶ୍ମଶାନରେ ଶେଷ ସ୍ଥାନ ॥

କାଠ ଘିଅ ଝୁଣା   ଲୁଣ ନିଆଁ ଫୁଲ
ତୋ ଶେଷ ଯାତରେ ଯେତେ
ଶୁଭ ପରିବେଶ   ଶୁଭ୍ର ପରିଧାନ
ତିଳକ ସିନ୍ଦୁର ମାଥେ ॥

ଏ ଅନ୍ତିମ କ୍ଷଣ   ସବୁରି ଜୀବନେ
ହାବୁଡ଼ି ଆସିବ ବେଗେ
ହୁଅ ସାବଧାନ   ନିଶ୍ଚିତ ମରଣ
ଯବନିକା ଶେଷ ଭାଗେ ॥

ମୁଁ ତୋର ଜନନୀ ଆବୋରି ନେବିରେ
ମୋ କୋଳେ ସରଗ ସୁଖ
କ୍ଷଣିକ ମାତର   ସାଂସାରିକ ମୋହ
ତଡିଦେ ମରଣ ଦୁଃଖ ॥

ଏ ପଥର ଯାତ୍ରା   ଲାଗିରହି ଥିବ
ଦେଖି କି ଅଜଣା କିଆଁ
ଏ ମାୟା ସଂସାର  ମିଛ ଖେଳଘର
ଚାରିଆଡ଼େ ଭଷ୍ମ ଧୂଆଁ ॥

ଶୂନ୍ୟରୁ ଆସିଛୁ   ଶୂନ୍ୟରେ ମିଶିବୁ
ଶୂନ୍ୟରେ ମହାମିଳନ
ଯାତ୍ରା ଅଛି ବାକି   କାଳ ଲଗ୍ନ ଟାକି
ପାଇବୁ ମୋର ସନ୍ଧାନ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଞ୍ଚିବାର ନାଆଁ ନେଇ

ତାରା ପ୍ରସାଦ ଜେନା



ବଞ୍ଚିବାର ନାଆଁ ନେଇ ଗାଆଁ ମୋର ହଜିଗଲା
ହସିବାର ଓଠ ବନ୍ଦ
ଲୁହ ପାଦ ଛୁଇଁଗଲା
.....ବଞ୍ଚିବାର ନାଆଁ ନେଇ..... ! ୦ !

ଆପଣାର ଭାବ ନୁହେଁ ମନେହେଲା ସାତପର
ପ୍ରେମ ଆଜି ପ୍ରତାରଣା କରିଦେଲା ନାରଖାର,
ଅଭିନୟ ପରିଚୟ
ଦୁନିଆଟା ଜାଣିଗଲା
.....ବଞ୍ଚିବାର ନାଆଁ ନେଇ..... ! ୧ !

ମିଛ ମୁଖା ସତ ମୁହଁ କରୁଥିଲା ଅନୁଧ୍ୟାନ
ବାହାନାର ଖେଳଘରୁ ହଟିଗଲା ଅନୁମାନ,
ଦରଦକୁ ଦରଜଟା
ବହୁମାତ୍ରା ବଳିଗଲା
.....ବଞ୍ଚିବାର ନାଆଁ ନେଇ..... ! ୨ !

ରାଜରଣପୁର, ଜିଲ୍ଲା-ନୟାଗଡ଼, ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

# ଭଲ କବିତା

ନୀଳମଣି ଚାନ୍ଦ



ଭଲ ଶବ୍ଦ ଯୋଡ଼ି ଦେଲେ
କବିତା ହୁଏନା
ଭାବ ତହିଁ ନ ରହିଲେ
ମନକୁ ଛୁଏଁନା ।
ଭଲ କବିତାଟି ଆପେ
ଲେଖି ହୋଇଯାଏ
ତେଣୁ ପାଠକ ମନକୁ
ସିଏ ଛୁଉଁଥାଏ ।
କେବେ ନିରୋଳାରେ ଥିଲେ
ଭାବନାଟି ଆସେ
ରୂପାନ୍ତରରେ କବିତା
ହୁଏ କବି ପାଶେ ।
ସବୁଠାରେ କବିତାର
ଅବାଧ ପ୍ରବେଶ
ମୂର୍ଖ ରାଜ୍ୟେ ଗମିବାକୁ
ଭୀତ ସେ ଅବଶ୍ୟ ।
କବିତାକୁ ପଢ଼ି କରେ
ଜ୍ଞାନୀଟି ବିଚାର
ପାଠୋତ୍ସବରେ ହୁଅଇ
ଯାହାର ପ୍ରଚାର ।
ପାଠକ ବିନା କବିତା
ବଞ୍ଚି ନ ପାରଇ
ସିଏ ଖୁସି, ଜ୍ଞାନ ଆଣି
ମନରେ ଭରଇ ।
ସାହିତ୍ୟ ନଭେ ଦେଖୁରେ
ଯେବେରେ କବିତା
ଭାବୁ ସେ ମହାର୍ଘ ଯଥା
ଦିବସ ସବିତା ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,ମୋ:୯୪୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

# ସବୁ ସ୍ୱପ୍ନ କଣ ସାର୍ଥକ ହୁଏ

## ଗୋଲୋକବିହାରୀ ବେହେରା



ସୁଖରେ ଶାନ୍ତିରେ ବଂଚିବାକୁ ହେଲେ
ନିଖୁଣ ସୌନ୍ଦର୍ଯ୍ୟ କିଛି
ଚିନ୍ତା କରିବାକୁ ହେବ,
ଯେମିତି ମାୟାବିନୀ ଜହ୍ନ ରାତି
ସ୍ୱଚ୍ଛ ସଲିଳା ପ୍ରବାହିତା ନଦୀ
ବର୍ଷା ସ୍ନାତ ସଜଳ ପୁଷ୍ପ ଗୁଚ୍ଛ
ଅବା କ୍ରୀଡ଼ାରତା ସୁନ୍ଦରୀ ନାରୀ ।
ଏପରି ଦୃଶ୍ୟ ଦେଖିବାରେ
ଆଖି କଣ କ୍ଲାନ୍ତ ହୋଇପାରେ ?

ଧେତ, ଏବେ ଖାଲି ଦୁଃଖ ଓ ଦୁଃଖ
ବଢିଲା ନଈର ଉଜାଣି ସୁଅରେ
ଭାସିଯାଏ ଦୁଃଖର କାଗଜ ଡଙ୍ଗା ।
ଏ ଦେହ ସତେ ଯେମିତି
ରକ୍ତହୀନତା ରୋଗ ଭୋଗୁଛି ।

ମନର ସବୁଜ ବାନାନୀରେ
ଧୂଆଁ କୁହୁଳି ଉଠେ,
ସବୁ ଚିଠିର ଉତ୍ତର ଦେଇ ହୁଏନି
ସବୁ କାଗଜରେ କ'ଣ
କାଗଜ ଡଙ୍ଗା ଗଢ଼ି ହୁଏ ?
ପଥର ଥିଲେ କୋଣାର୍କ ଗଢ଼ା ହୁଏନି
ଯଦିଓ କୋଣାର୍କ ପଥରରେ ଗଢ଼ା,
ଆଖିଥିଲେ ରଙ୍ଗୀନ ସ୍ୱପ୍ନ ଦେଖିହୁଏ,
ତେବେ ସବୁ ସ୍ୱପ୍ନ କ'ଣ ସାର୍ଥକ ହୁଏ !!

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଳନ ମଗ୍ନା

ବେଣୁଧର ସୂତାର



ବିମୋହିନୀ ସ୍ରୋତସ୍ୱିନୀ
ଉଚ୍ଛୁଳା କୂଳ ପ୍ଲାବିନୀ
ପ୍ରେମେ ଲହରିମାଳା
ଖେଳେ ପୁଲକେ
ମିଳନ ପିଆସୀ ଲଗ୍ନ
ମଦନ ଶୃଙ୍ଗାରେ ମଗ୍ନ
ପ୍ରୀତି ଚପଳା ତୁମେ
ପଲ ପଲକେ ।।

ବତାସୀ ବରଷା ରାତି
ମନହୁଏ ବେଗମତୀ
ପୀରତିର ଭାଷା ଲେଖେ
ଚାରୁ ହସ୍ତାକ୍ଷରେ
କାମନାର ସାତ ସୁରେ
ଉଚ୍ଛୁଳା ତା ମନ ତୀରେ
ଚମକ ତୃପ୍ତିର ଧାରା
ନିର୍ଲିପ୍ତ ଅନ୍ତରେ ।।

ପୀରତିର ଆଶା ଜାଗେ
ମିଳନ ମଦିରା ରାଗେ
ପ୍ରାବୃଟର ସୁଧା ମୟ
ସଲିଳ ପରଶେ
ଡେଇଁ ଯାଏ ସୀମାରେଖା
ଭେଟିବାକୁ ପ୍ରିୟ ସଖା
ରୋମାଞ୍ଚିତ ତନୁ ମନ
ନବ ଉଦ୍ ଭାସେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳନର ଅଙ୍ଗୀକାରେ
ନୈସର୍ଗିକ ସୁଖ ସାରେ
ଛାଡିଯାଏ  କୂଳେ କୂଳେ
ମୃଦୁ ପାଦ ଚିହ୍ନ
ସାଉଣ୍ଟି ଆପଣା ପଣ
ସର୍ତ୍ତ ହୀନ ସମର୍ପଣ
ମିଳନର ଯାତ୍ରା ତାର
ଚିର ଚିରନ୍ତନ    ।।

ସାତ୍ତ୍ୱିକ ପ୍ରେମର ଧାରା
ମନ କରେ ଆତ୍ମହରା
ଛୁଇଁ ଯାଏ ମେଘ ମାଳା
ଭରି ସମ୍ଭାବନା
ଆବେଗର  ଉନ୍ମାଦନା
ଛଳଛଳ  ବିଭାବନା
ରଚିଯାଏ ମିଳନର
ମଧୁର ମୂର୍ଚ୍ଛନା   ।।

ପ୍ରେମ ପ୍ରୀତି ସୁଧା ଛଳେ
ଅବଶେଷେ ଅବହେଳେ
ଲଭେ ଏଇ ଜୀବନର
ପରିପୂର୍ଣ୍ଣ ତୃପ୍ତି
ମିଳନ ମାଙ୍ଗ୍ଳିକ ଧାରା
ଯୁଗ ଯୁଗାନ୍ତର ଭରା
ଦୃଢ଼ ନିଷ୍ଠା  ସ୍ଥିର ଲକ୍ଷ୍ୟେ
ସାଗର ସଂପ୍ରତି   ।।

କେଶଦୁରାପାଳ  କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାଜିଲ ଯେ ନବବଧୂ

ସ୍ମୃତିରଞ୍ଜନ ମିଶ୍ର

ତୁମେ ସାଜିଲ ଯେ ନବ ବଧୂ ବେଷ
ନୂଆ ରାଜ ଉଆସରେ.
ମୁଁ ହେଇଗଲି ଶେଫାଳି ସଦୃଶ୍ୟ
ତୁମ ମନ ଅଗଣାରେ ।

ନବୀନ ବନର ନବ ରାଜା ମନେ
ଫୁଟି ଯେ ବାସିଲ  ତମେ
ଫୁଟିବି ଅଫୁଟା ହୋଇ ମୁଁ ରହିଲି
ଅଚିହ୍ନା ଗହନ ବନେ ।

ନାଲି ଓଠ ଧାରେ ସ୍ମିତ ହାସ୍ୟ ତୁମେ
ହସୁଛ ଯେ କାହା ପାଇଁ
(ଏ) ବିରହୀ ପ୍ରେମିକ ନୀତି ଜଳୁଅଛି
ପୂର୍ବ ସ୍ମୃତି ମନେ ଧ୍ୟାୟି ।

ସିନ୍ଥୀରେ ତୁମର ସିନ୍ଦୁର ନାଇଲ
ବଧୂ ବେସେ ହେଲ ସଜ

ସିନ୍ଦୁର ନାଇବା ପର ଠାରୁ ତୁମେ
ମୋ କୋକେଇ କରିଛ ସଜ ।

ଅପେକ୍ଷା କରିଛି ତୁମସାଥେ କେଢ଼େ
ହୋଇଗଲେ ମୋର ଦେଖା
ପାଦ ଧୋଇଦେବି ଶେଷ ଅଶ୍ରୁ ଧାରେ
ବହୁ ଦୁରେ ଥିବି ଏକା ।

ତୁମେ ସାଜିଲ ଯେ ନବ ବଧୂ ବେଷ
ନୂଆ ରାଜ ଉଆସରେ
ଅପେକ୍ଷା କରିଛି ମୋ ସ୍ମୃତିକୁ ନେଇ
ପଥ ପ୍ରାନ୍ତ ଶ୍ମଶାନରେ ।

ରାଇଗୁରୁପୁରୁ , ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବାଟ

ପ୍ରଭାତ କୁମାର ଆଚାର୍ଯ୍ୟ



ମୁଁ ସେମିତି ଛିଡ଼ା ହୋଇଛି

ଛିଡ଼ା ହୋଇଥିବି

କେଉଁ ଅନନ୍ତ ଯୁଗରୁ ଅନାଗତ ଯୁଗ ଯାଏ

କେବଳ ଅପେକ୍ଷା

ଆଗନ୍ତୁକଙ୍କ ଆଗମନ ପାଇଁ ।

କିଏ ସେ ଚୋରେଇ ନେଲା

ମୋ ଚିରହରିତ୍ ଯୌବନ

ଚିରଞ୍ଜିବୀ କରି ସଜେଇଦେଲା

ମୋ ଦେହର ଟିକିନିଖି ନିଥରକୁ ।

ମୁଁ ଲୋଡା ହେଲି

ଅଙ୍ଗସୌଷ୍ଠବକୁ ଘୋଡ଼ାଇବା ପାଇଁ ତ

କାହା ଅହଙ୍କାର ହୋଇ ।

ମୁଁ ପ୍ରତିରୋଧ କରିଛି

ଦୁର୍ଦ୍ଧର୍ଷ ଶତ୍ରୁଙ୍କର, ପୁଣି ମୂକ ପାଲଟିଛି

କିଂକର୍ତ୍ତବ୍ୟବିମୂଢ଼ ହୋଇ ।

ଦେଖିଛି କେତେ

ଦୁର୍ବଳାଙ୍କ ପ୍ରତି ଅତ୍ୟାଚାର

କେତେ ଘୃଣ୍ୟ ବ୍ୟଭିଚାର

କରିବାର କିଛି ନାହିଁ ବୋଲି

ପଥର ପରି ଚାହିଁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ଯନ୍ତ୍ରଣାକାତର ହାତ

ମୋ ଦେହକୁ ଛୁଇଁଛି

କେତେ ଅଭିସାରିକାର

ମୃଦୁ କରାଘାତ ମୋ ଶିକୁଳି ପାଇଛି ।

ମୁଁ ନୁହେଁ ତ ସ୍ୱାଧୀନ

କାହାର ଇଛାରେ ମୁଁ ହୁଏ ମୁକ୍ତ ଆଉ ରୁଦ୍ଧ

ଲୋଡ଼ନ୍ତିନି ମୋତେ ସିଦ୍ଧ

ମୁଁ କିନ୍ତୁ ସଭିଙ୍କର ଅତି ବିଶ୍ୱାସୀ

ଭୟାଶ୍ରିତ ଜନେ ଦିଏ ମୁଁ ଆଶ୍ୱାସୀ

କେବେ ମୋ ରୂପ ହୁଏ ଐଶ୍ୱର୍ଯ୍ୟମଣ୍ଡିତ

କେବେ ପୁଣି ଭଙ୍ଗା ଫଟା

ମୋ ଛାତିରେ ବିଦ୍ଧ ହୁଏ ଶହଶହ କଣ୍ଟା

ମୁଁ ଘରର ସମ୍ମୁଖ କବାଟ

ମୁଁ ପରମ ଆଶ୍ୱାସନା କ୍ଷଣିକ ଆକଟ ।

(ଭୋଗରାଇ, ବାଲେଶ୍ୱର

ସିଦ୍ଧେଶ୍ୱର କଲୋନୀ, ଗଣେଶ୍ୱରପୁର, ରେମୁଣା

ଗୋଲେଇ, ବାଲେଶ୍ୱର)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନ ସାଥୀ

ଆଶିଷ କୁମାର ସାହୁ



ହାତରେ ହାତ ଦେଇ
ଚାଲୁଥିବି ସାଥି ହେଇ,
ଜିଇଁଥିବି ଯେତେ ଦିନ
ଥିବି ତୋର ପାଖେ ମୁହିଁ,
ସୁଖ ହେଉ କି ଦୁଃଖ ଥାଉ
ଛାଡିବିନି ତତେ କେବେ,
ଭଲପାଇବା କମିବନି
ସମୟ୍ ସହ ବଢିବ ସତେ,
ତୋ ହସରେ ମୋ ଖୁସି ଖୋଜିବି
ଲୁହ ସବୁ ମୁଁ ନେଇଯିବି,
ଦୁଃଖ ବେଳେ ଆଗେ ତୋର
କବଚ ପରି ଠିଆ ହେବି,
ଭୁଲିବିନି ଗୋଟେ ମୁହୂର୍ତ୍ତ ବି
ସାଥିରେ ତୋ ରହିଥିବି,
ଅନ୍ଧାର ଦୁନିଆରେ ତୋର
ଆଲୋକ ଦୀପ ମୁଁ ହେବି,
ତୋ ଓଠର ହସ ପାଇଁ
ଦୁନିଆ ସହ ଲଢ଼ିଯିବି,
ଦୁଃଖ କଷ୍ଟ ଛୁଇଁବା ଆଗରୁ
ଆଗରେ ତୋ ମୁଁ ଥିବି,
ଜୀବନ ଥିବା ଯାଏ ମୋର
ପୂଜା ତତେ କରୁଥିବି,
ପ୍ରେମ ଦୁନିଆରେ ଗୋଟେ
ନୂଆ ଅଧ୍ୟାୟମୁଁ ଲେଖିବି,
ପ୍ରେମିକା ମୁଁ ତୁମର
ସାରାଜୀବନ ପ୍ରେମ କରିବି,
ରହିଛି ରହିବି ରହିଥିବି
ମୁଁ ତୋର ଜୀବନସାଥୀ ହେବି ।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧମକ ଆଧୁନିକତାର

ବିଶ୍ୱଜିତ୍ ବାରିକ



ବୁଲୁଛି ପ୍ରଚାର ଗାଡ଼ି
ଦୁନିଆ ଦାଣ୍ଡରେ ଗର୍ଜନ କରୁଛି
ମରିଯାଅ ମରିଯାଅ ମରିଯାଅ.........
ଛାଡି ଚାଲିଯାଅ ମଣିଷ ଭିତରୁ
ନହେଲେ ମରିବ ସେ ମଣିଷ
ଏବଂ ମରିବ ତୁମେମାନେ
ନା ଥିବ ବାଉଁଶ, ନା ବାଜିବ ବଇଁଶୀ

ସମୟ୍ ଆସିସାରିଛି
ଶେଷ ହେବ ଏ ସଭ୍ୟତା
ଲୋପ ପାଇବ ମଣିଷ ଜାତି
ବସିଥିବା ଜାଗାରୁ ଚାରିଆଡକୁ ଦେଖ
ସମସ୍ତେ ମୋ କବଳରେ
ମୋ ଇଶାରାରେ ବସ୍ ଉଠ

ହେ ମଣିଷର ଧର୍ମ ........
ମରିବାକୁ ହେବ ତୋତେ
ସରିବାକୁ ହେବ ତୋତେ
ମାଟିରେ ମିଶିବାକୁ ହେବ
କର୍ପୂର ଉଡ଼ିସାରିଛି
ତୁ ଛାର କନା ଖଣ୍ଡେ
ନିଜେ ଜଳି ଦିଗବାରେଣୀ ସାଜୁଛୁ
କେତେଦିନ ଜଳିବୁ ..... ? ? ?
ହାତଗଣତି କେଇ ଗୋଟି ଦୀପ
ପାରିବେ ଅନ୍ଧାରରେ ବାଟ ଦେଖେଇ ? ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛାଡିଦେ ସ୍ୱପ୍ନ ଦେଖିବା

ସତ୍ୟ, ତ୍ରେତୟା, ଦ୍ୱାପର ନୁହେଁ

ଏ ହେଉଛି କଳି......

ଏଠି ଜିତିବି ମୁଁ...... କେବଳ ମୁଁ

ହଁ.. ଏ ମୋର ଧମକ

ଏ ଆଧୁନିକତାର ଧମକ

ବାସୁଦେବପୁର,ଭଦ୍ରକ


ମୋ : ୭୨୦୫୭୭୫୪୭୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅସ୍ମିତା ହଜିଗଲା ପରେ

ମହେନ୍ଦ୍ର ପ୍ରସାଦ ଦାସ



ଭାରି ବିରକ୍ତି ଲାଗୁଥିଲା ସମସ୍ତଙ୍କୁ
ତାଙ୍କର ଆକଟ
ତାଙ୍କର ଭଲ କଥାବି ଖରାପ ଲାଗୁଥିଲା
କାହାପାଇଁ ପିତା ତ କା, ପାଇଁ ଅସୁୟା
ଅବାଟରେ ଯିବାକୁ ଦେଉ ନଥିଲେ ।

ଆଜି ସେ ଶୋଇ ପଡିଛନ୍ତି
ଏତେ ନିଦ ତାଙ୍କୁ ଯେ'
କିଛିବି ହଲଚଲ ନାହିଁ
ଡକା ଡକି ହୋଇ ସମସ୍ତେ ଆସି
ଚେତା କରେଇ ଲେ
ସବୁ ବିଫଳ ସେ ଉଠୁ ନାହାନ୍ତି
ଆଉ ଉଠିବେନି କାହିଁକି ? ?

ଆଜି ସମସ୍ତ ଗୃହ ପରିବେଶ ନିରବ
ଅଲଗା ଅଲଗା ବସି
ସମସ୍ତେ ପଚାରୁଛନ୍ତି ନିଜକୁ
ଆକଟ କରିବାକୁ ସେ ନାହାନ୍ତି !

ସମସ୍ତଙ୍କ ଆଖିର କଳେବର ଫୁଲିଚି
ଆଉ ଜଣକୁ ଅନେଇ ହଉନି
ତାର ସମସ୍ତ ରାଗ ଶେଷ ହୋଇଚି
କପାଳ ଶୂନ୍ୟ ପଡିଚି
ଗଙ୍ଗା ଯମୁନା ଦୁଇ ଧାରା ଶୁଖିଲା
ଜଣକୁ ଶୀତଳ ସ୍ପର୍ଶ
ହଜେଇ ଦେଇଛି
ସମସ୍ତଙ୍କର ଅସ୍ମିତା
ଚିର ନିଦ୍ରାରେ ସେ ଆକଟ କାରକ
ଅଫେରା ରାଇଜରେ
ସେ କରୁଥବେକି ? ? ରାଜତ୍ୱ !

ବୈପାରିଗୁଡା, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାଇ ମୋ ଜୀବନ

ସିନ୍ଧୁ ନନ୍ଦିନୀ



ଦୁଃଖ ବେଳେ ସାଇ ତୁମେ ହିଁ ନିଜର
ଆଶ୍ୱାସନା ଦେଇଥାଅ
ଶୟନେ ସପନେ ଅବା ଜାଗରଣ
ଉପସ୍ଥିତ ହୋଇଯାଅ

ସଂସାର ଜଞ୍ଜାଳ ମାୟା ଜାଲେ ପଡ଼ି
ଆଖି ଥାଇକି ବି ଅନ୍ଧ
ହୃଦୟ ବେଦନା ଉପଶମ ହୁଏ
ଦେଖିଲେ ତବ ଶ୍ରୀମୁଖ

ଦୀନବନ୍ଧୁ ତୁମ ବନ୍ଧୁପଣ ଥାଉ
ଜନମ ରୁ ମୃତ୍ୟୁ ଯାଏଁ
ମନ ମୋ ମଗନ ହେଉ ତୁମ ଠାରେ
ସକାଳରୁ ସଞ୍ଜ ଯାଏଁ

ନିଜ ଠୁ ନିଜର ପ୍ରଭୁ ତୁମେ ମୋର
ଆଶ୍ୱାସନା ସଦା ଥାଉ

ଆଶା ଆକାଂକ୍ଷା ସାହା ଭରସାରେ
ଊଣା କରିବନି ଆଉ

ଜୀବନ ନାଟକେ ଅଭିନୟ ପାଇଁ
ମଞ୍ଚେ ସର୍ବେ ଉପସ୍ଥିତ
ରଚନା ତୁମର ନାଟକ ତୁମର
ସାଇ ତୁମେ ନିର୍ଦ୍ଦେଶକ

ମଞ୍ଚ ଅଭିନୟ ନିଖୁଣ ହୋଇବ
ସାଇ  ଯଦି ପାଖେ ଥିବ
ରୋଗରେ ଶୋକରେ ଅବା ଅନ୍ଧକାରେ
ଆଶ୍ୱାସନା ଦେଉଥିବ

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଗ୍ନ କୋଣାର୍କ

ଚନ୍ଦ୍ରକଳା ଦେବୀ



ଶଙ୍ଖ ଚକ୍ର ଗଦା  ପଦ୍ମଧାରି  ହରି
ଶ୍ରୀକ୍ଷେତ୍ରର ଅଧିକାରୀ
ସପ୍ତାଶ୍ଚର୍ଯ୍ୟ କୋଣରକ ପଦ୍ମକ୍ଷେତ୍ର
ଆଉ ଶିଳା ପଦ୍ମଧାରି ।
ସମୁଦ୍ର କୂଳରେ ଚନ୍ଦ୍ରଭାଗା ତୀରେ
ବରଶହ   କାରିଗର
ବାର ବର୍ଷ ଧରି  ଲହୁ ଲୁହ ଢାଳି
ନିର୍ମାଣିଲେ ସେ ମନ୍ଦିର ।
ନରସିଂହ ଦେବ  ବିଶୁ ମହାରଣା
ଧରମାର ବଳିଦାନ
ପ୍ରସ୍ତର ଦେହରେ ନିହାଣ ମୁନରେ
ଶିଳ୍ପୀଙ୍କ ଭାସ୍କର୍ଯ୍ୟ ପୁଣ ।
ମନ୍ଦିରଟି ଗଢ଼ା   ରଥ  ଆକୃତିର
ସାତଗୋଟି ଘୋଡା ଯୋଖା
ରୂପସୀ  ନର୍ତ୍ତକୀ  ଅର୍ଦ୍ଧନଗ୍ନ ମୂର୍ତ୍ତି
ହାତୀ ଘୋଡା ଯୁଦ୍ଧ ଯୋଦ୍ଧା ।
ଦେବଦେବୀ ଜୀବଜନ୍ତୁ ନିର୍ଝରିଣୀ
ବୃକ୍ଷଲତା ଫୁଲଫଳ
ସାମାଜିକ  ଦୃଶ୍ୟ  ରାଜ ଦରବାର
ଆଉ ଯୁଦ୍ଧ ଫଳାଫଳ ।
ତ୍ରୟୋଦଶ ଶତାବ୍ଦୀରେ ନିର୍ମିତଯେ
ରହିଛି ଚବିଶି ଚକ
ବାରଗୋଟି ଅଖ  ବାର ମାସ ଜାଣ
ବର୍ଷର ଅଟେ ପ୍ରତୀକ ।
ସିଂହାସନ  ମଧ୍ୟେ  ଝୁଲନ୍ତା ବିଗ୍ରହ
ରବି କିରଣେ ଝଲସେ
ସପ୍ତାଶ୍ଚର୍ଯ୍ୟ ମଧ୍ୟେ ଅନ୍ୟତମ ସ୍ଥାନ
ସ୍ୱତନ୍ତ୍ର ସ୍ଥାନଯେ ବିଶ୍ୱେ ।
ପୂର୍ବ ଦିଗୁ ସୂର୍ଯ୍ୟ ଉଦିତ ହୋଇଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପହିଲି ସୂର୍ଯ୍ୟ କିରଣ
ସୂର୍ଯ୍ୟ ପ୍ରତିମାରେ  ପଡ଼ି ପ୍ରତିଭାତ
ହୁଅଇ ପ୍ରତିଫଳନ ।
କୋଣାର୍କ ଅଟଇ କଳା ନୈପୂଣ୍ୟର
ଅନ୍ୟତମ   ପ୍ରତିଛବି
କବି ଓ  ଭାବୁକ ତା  ରୂପକୁ ଦେଖି
ଭାବନାରେ ଯାନ୍ତି ଡୁବି ।
ପର୍ଯ୍ୟଟନ ସ୍ଥଳୀ  ଆମ ଅର୍କକ୍ଷେତ୍ର
ଉତ୍କୃଷ୍ଟ କଳାର ପାଇଁ
ଦେଶ ବିଦେଶରୁ  ପର୍ଯ୍ୟଟକ ଗଣ
ଆସନ୍ତି ଦେଖିବା ପାଇଁ ।
ନିହାଣ ମୁନରେ  ସୂକ୍ଷ୍ମ କଳାକୃତି
ଦେଖଣାହାରିଙ୍କୁ ମୋହେ
ଅପଲକ ନେତ୍ର  ଚାହିଁ ରହିଥାଏ
ହତଜ୍ଞାକ ହୋଇଯାଏ ।
ଚୁମ୍ବକରେ ଝୁଲା  ଦଧି  ନଉତିଟି
ଥିଲା ମୁଖ୍ୟ ଆକର୍ଷଣ
କାଳର କରାଳ ଗର୍ଭେ ଆଜି ଭଗ୍ନ
ତଥାପି ସେ ଗରୀୟାନ ।
ବିଶୁ  ମହାରଣା  ପୁତ୍ର  ଧର୍ମପଦ
ବାର ବର୍ଷର ବାଳକ
କୋଣାର୍କ ମନ୍ଦିର ମୁଣ୍ଡିସେ ମାରିଲା
ରଖିଲା ଜାତିର ଟେକ ।
ସୂର୍ଯ୍ୟପୁତ୍ର ଶାମ୍ବ କୁଷ୍ଠ ରୋଗୁ ମୁକ୍ତି
କରି ସୂର୍ଯ୍ୟ ଉପାସନା
ମାଘ ସପ୍ତମୀରେ ଯିଏ ବୁଡ଼ ଦିଏ
ଭକତଙ୍କ ମଧ୍ୟେ ଗଣା ।
କୋଣାର୍କ ଅଟଇ  ଆମ ଉତ୍କଳର
ଗର୍ବ ଆଉ ଗଉରବ
ବ୍ଲାକ ପାଗୋଡା ଅର୍କକ୍ଷେତ୍ର ନାମେ
କଳା ସଂସ୍କୃତି ବିଭବ ।

ବନ୍ଧୁଗାଁ,କୋରାପୁଟ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭଗ୍ନ କୋଣାର୍କ

ଲକ୍ଷ୍ମୀ ବିଶ୍ୱାଳ



ବେଶି ପଢ଼ି ନାହିଁ ଜ୍ଞାନ ମୋର ବେଶିନାହି
ଯାହା ମନେ ଅଛି ତାହା ଲେଖୁ ଅଛି ମୁହିଁ
ସାହିତ୍ୟ ର ମୁଁ ଭାବୁକ
ଅନୁଭୂତିରୁ ଲେଖଇ ମୁଁ ଭଗ୍ନ କୋଣାର୍କ ।

ଇତିହାସରେ ରହିଛି କଳପଟା ହୋଇ
କିଏ କେଉଁ ପ୍ରକାରେ ଲେଖିବେ କବି ଭାଇ
ସାହସିକ ଧରମାର
ହୋଇଅଛି ଲିପିବଦ୍ଧ କୋଣାର୍କ ମନ୍ଦିର ।।

ରାଜା ଲାଙ୍ଗୁଳା ନରସିଂହଦେବ ସଂସ୍କୃତି
ସାରା ଭାରତ ଦେଶରେ ରହିଅଛି ଖ୍ୟାତି
ସୂର୍ଯ୍ୟଦେବଙ୍କ ମୁରତି
ଯୁଗ ଯୁଗ ଧରି ନାମ ରହିଲା ଯେ ସ୍ମୃତି ।।

ସୂର୍ଯ୍ୟ ମନ୍ଦିର କରିବାକୁ ବଳାଇଲେ ମନ
ମନ୍ତ୍ରୀ କଟୁଆଳ ଡ଼ାକି କଲେ ନିମନ୍ତ୍ରଣ
ସଭାରେ କଲେ ବିଚାର
କିଏ ସେ ସ୍ଥାପନ କରିବ ଏହି ମନ୍ଦିର ।।

ତୋଳାଇଲେ ମନ୍ଦିର ଚନ୍ଦ୍ରଭାଗା କୂଳରେ
ବାରଶହ ବଢ଼େଇଙ୍କୁ ଡାକି  ଆନନ୍ଦରେ
ସୁନ୍ଦର କାରୁ କାର୍ଯ୍ୟରେ
ବିଶୁ ମହାରଣା ଶ୍ରେଷ୍ଠ ବଢ଼େଇ ମଧ୍ୟରେ ।।

ବାରଶହ ବଢ଼େଇ ଗଢ଼ିଲେ ବାର ବର୍ଷ
ନ ମାରି ପାରିଲେ ଯେ ଚୂଳ ହେଲେ ନିରାଶ
କିପରି ହେବ ମନ୍ଦିର
ବୁଦ୍ଧି ଯେ ନ ଦିଶିଲା ବିଶୁ ମହାରଣାର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶୁ ଆସିବାର ଧରମା ଥିଲା ଗର୍ଭର
ପିତାଙ୍କୁ ଦେଖିବାକୁ ଧରମା ଯେ ଅସ୍ଥିର
ପିତା ଯେ ଚିହ୍ନିବେ ମତେ
ବାଡ଼ି ବରକୋଳି ବଳିଆ କୁକୁର ସାଥେ ।

ପୃତ୍ର କୁ ଦେଖୀ ପିତା ଆନନ୍ଦ ଲୁହ ବୋହି
ବାର ବର୍ଷ  ସୁଖ ଦୁଃଖ ହେଲେ କୁହା କୁହି
ଭାବି ରାଜାଙ୍କର ଆଜ୍ଞା
କହେ ମୁଁ ମାରିବି ଚୂଳି କରୁଛି ପ୍ରତିଜ୍ଞା ।

ପିତାଙ୍କର ପୋଥି ପଢ଼ି କରିଥିଲା ଶିକ୍ଷା
ସଙ୍ଗେ ସଙ୍ଗେ କୋଣାର୍କର ଲଗାଇଲା ଶିଖା
ବାରଶହ ବଢ଼େଇଙ୍କୁ
ରକ୍ଷାକରି ଦେଇ ଦେଲେ ନିଜ ଜୀବନକୁ ।

ବାରଶ ବଢ଼େଇଙ୍କ ସୂର୍ଯ୍ୟ ମନ୍ଦିରେ ମୂର୍ତ୍ତୀ
ରାଜା ନରସିଂହଦେବଙ୍କ ରହିଲା କୀର୍ତ୍ତି
ଯୁଗ ଯୁଗରେ କୋଣାର୍କ
ଇତିହାସ ପୃଷ୍ଠାର ଯେ ଧରମାର ଟେକ ।

ସୋର,ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ଦେବେନ୍ଦ୍ର ନାୟକ



ଈଶ୍ୱରଙ୍କ ପାଶେ କରୁଛି ଗୁହାରି
କାଳୀୟ ନାଗଟି କେତେ
ଜାତ ମୋର ସର୍ପ କୁଳରେ ହୋଇଛି
ଦୁଷ୍ଟ ସ୍ୱଭାବଟି ସତେ ।
ବଞ୍ଚିବା ବଢ଼ିବା ଆତ୍ମ ସୁରକ୍ଷାର
ପାଇଁ ଦେଇଛ ଦଂଶନ
ଜାଣି ପାରେ ନାହିଁ ଭଲ ମନ୍ଦ କିଛି
ନିଏ ମୁଁ କେତେ ଜୀବନ ।
ଶୁଣି ପାରେ ନାହିଁ ପଡେ ଯାର ଛାଇ
ନିଜର ସୁରକ୍ଷା ପାଇଁ
ଗର୍ଜନ ଛାଡେ ମୁଁ ଶତ୍ରୁ ଡରି ଯିବେ
ଆନନ୍ଦେ ରହିବି ମୁହିଁ ।

ଯିଏ ତ ଦେଖିଲା ସିଏ ତ ଡରିଲା
ମୋର ଛୋଟ କାୟା ଦେଖି
କିଏ ଧାଇଁ ଯାଏ କିଏ ତ ବାଡାଏ
କିଛି ନ ପାରେ ପରଖି ।
ହାତ ଗୋଡ଼ ନାହିଁ ଏ କଥାଟି ସତ୍ୟ
ରହିଛି ମୋ ଦେହେ ବିଷ
ଛୋଟ ବଡ଼ କିଛି ନାହିଁ ଭେଦଭାବ
ଦଂଶନରେ କରେ ଶେଷ ।
ସର୍ପ ଜନମ ତ ଦେଇଅଛୁ ମୋତେ
ଅଟେ ମୋ ସ୍ୱଭାବ ଦୁଷ୍ଟ
ଜାତି ଧର୍ମ ବର୍ଣ୍ଣ ପଶୁ ପକ୍ଷୀ ସର୍ବେ
ମୋ ସ୍ୱଭାବେ ପାଆନ୍ତି କଷ୍ଟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହାର ସ୍ୱଭାବ ଯାହା ରହିଥାଏ

ସହଜେ ବଦଳେ ନାହିଁ

ଜୀବନର ଅନ୍ତଃ କାଳେ ଶେଷ ହୁଏ

ଏ କଥା ସତ୍ୟ ଅଟଇ ।

ମଣିଷ ହେଉ କି ପଶୁ ପକ୍ଷୀ ହେଉ

ସବୁ ଈଶ୍ୱରଙ୍କ ଦାନ

ଜନ୍ମ ଜନ୍ମାନ୍ତର ବାଦର ଏ କଥା

ଦାତା ଏକ ଭଗବାନ ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ସଂଯୁକ୍ତା ସାହୁ



ଅମୀୟ ବାଣୀ ଲେଖା ଅଛି ଆମ
ଭାଗବତ ପୁରାଣରେ
ଏ ଅମୂଲ୍ୟ ପୁସ୍ତକ ନୀତି ଶିକ୍ଷା ମାନ
ଦରକାର ଜୀବନରେ ।
ପ୍ରତି ପାଦେ ପାଦେ ସେ ସବୁ କଥା
ଆମ ଜୀବନ ଚର୍ଯ୍ୟାରେ
ଦେଖାଏ ସୁଗମ ପଥ, ଉଚିତ୍ ମାର୍ଗ
ପ୍ରଭୁଙ୍କ ନିର୍ଦ୍ଦେଶରେ ।
ସର୍ପ ଯେ ଅଟେ ବିଷଧର ଜନ୍ତୁଟିଏ
ତା ଚୋଟ ଜୀବନ ନିଏ
ସେହିପରି ମଣିଷର ମନରେ ବିଷ
ଗୁଣ ଭରି ରହିଥାଏ ।
ଏମିତି କଥା କୁହେ ସାପ ଦଂଶିବା
ଭଳି ବାଧେ ମନକୁ
ତା ଉଦ୍ଦେଶ୍ୟ ଆଉ ଖରାପ ପ୍ରକୃତି
ଢ଼ାଳି ଦେଉଥାଏ ବିଷକୁ ।

ଏଇ ସ୍ୱଭାବ ରହିଅଛି ତ ଅନେକ
ମଣିଷଙ୍କ ପ୍ରକୃତିରେ
ଗର୍ବ ଦର୍ପ ଅହଙ୍କାର ମୁଁତ୍ୱ ଗୁଣକୁ
ନେଇ ଚାଲେ ସାଥିରେ ।
ସେଇ ସର୍ପ ଭଳି ମନକୁ ଭିଜେଇ
କଥାରେ ଚୋଟ ମାରେ
ତାହାର ଜନ୍ମଗତ ପ୍ରକୃତି ଅଟେ
ସ୍ୱଭାବ ତ ବିଷ ଭରାରେ ।

ରାହାମା
ଜଗତସିଂହପୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ବାସନ୍ତୀ ଲତା ଜେନା



ସୁନ୍ଦର ଧରା ତୋ ଜଗତେ
ବିଭିନ୍ନ ଜୀବ ଆତଯାତେ
ସର୍ପ ଜନମ ଦେଲୁ ମୋତେ
ସରୀସୃପ ନାମ ଜଗତେ । ୦।

ନ କରେ ପର ଉପକାର
ମୋତେ ଡରିଣ ଥାନ୍ତି ନର
ଜୀବ ଦେଖିଲେ ଫ ଅଁ କରେ
ଗୋଡ଼ାଇ ଆଘାତ ଯେ କରେ
ସ୍ୱଭାବ ହିଂସା ଆଚରଣ
ଭୟ ଆଶଙ୍କା ପ୍ରାଣୀ ଯେତେ
ସର୍ପ ଜନମ ଦେଲୁ..... ।୧।

ସ୍ୱାର୍ଥର ବଶବତୀ ନର
ସର୍ପର ଯଥା ନାମ ତାର
ପଶୁ ପକ୍ଷୀ ଯେତେକ ଜୀବ
ସମସ୍ତେ ଆଦର ପାଇବ
ମୋ ମନ ହୁଅଇ ବିରତେ
ସ୍ୱଭାବ ନ ଛାଡେ ମୁଁ ସତେ.... ।୨।

ଜନ୍ମ ଗତ ଗୁଣ ଯେ ମୋର
ଷଡ଼ ରିପୁ କରେ ଛାରଖାର
ସର୍ପକୁ ପିଆଇଲେ କ୍ଷୀର
ନ ହୁଏ ସେ କେବେ ନିଜର
ଖଳୁଆ ପ୍ରକୃତି ଯାହାର
ହତାଦର ପାଏ ଏ ଜଗତେ
ସର୍ପ ଜନମ ଦେଲୁ ମୋତେ..... ।୩।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ରୀତାରାଣୀ ଦାଶ



ସର୍ପ ରୂପରେ ଜନମିଲି
ସ୍ୱଭାବ ଛାଡ଼ିବି କିଭଳି ?
ବିଷର ଜ୍ୱାଳା ମୋ ପ୍ରକୃତି
ମୃତ୍ୟୁ ପଥର ଯାତ୍ରୀ ହୁନ୍ତି ।
କେମିତି ଛାଡ଼ିବି ଏହାକୁ
ନିଜସ୍ୱ ସ୍ଥିତି ମଣି ୟାକୁ ।
ମନରେ ଉଙ୍କି ମାରେ ପ୍ରଶ୍ନ
ବ୍ୟକ୍ତିଗତ ସଂଘର୍ଷେ ପ୍ରାଣ ।
ଅନ୍ତର୍ନିହିତ ଆଚରଣ
ନକାରାତ୍ମକ ସ୍ଥିତି ମନ ।
ସର୍ପ ଜଡିତ ଛଳନାରେ
ମାର୍ମିକ ଅର୍ଥରେ ନ ନେଲେ ।
ପ୍ରକୃତି ଅବା ତ୍ରୁଟି ସତ୍ତ୍ୱେ
ସଦ୍ଭାବ ବୃଦ୍ଧି ନାନା କ୍ଷେତ୍ରେ ।

ସ୍ୱଗୁଣ କଲେ ନିୟନ୍ତ୍ରଣ
ଦଂଶନ ନୁହେଁ ଶାନ୍ତି ମନ ।
ନିଜର କାମ, କ୍ରୋଧ, ହିଂସା
ପଞ୍ଚ ଇନ୍ଦ୍ରିୟ ସଂଯମିବା ।
ଆତ୍ମ ବିଶ୍ୱାସ ବଳେ ସିନା
ଜଟିଳତା ସ୍ୱୀକାର ମନା ।
ଚେଷ୍ଟାରେ ସାଧ୍ୟ ସବୁ କିଛି
ସ୍ୱର୍ଗକୁ ନିଶୁଣି ମନାସି ।
ଜୀବନ ସୌନ୍ଦର୍ଯ୍ୟ ଦୃଷ୍ଟିରେ
ପ୍ରଶଂସା ପ୍ରୋତ୍ସାହିତ କରେ ।
ଆତ୍ମଉନ୍ନତି ପଦକ୍ଷେପ
ବଞ୍ଚିବା ରାହା ଦେଖାଇବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆତ୍ମସ୍ୱୀକୃତି ବିକାଶରେ

ସ୍ୱଭାବେ ଜିଣ ସମ୍ପର୍କରେ ।

ସର୍ପ ହେଲେ ବି ଅଛି ଗୁଣ

ଜୀବନେ ବଢ଼ିବାକୁ ଜାଣ ।

ଜନ୍ମଗତ ଯେ ପ୍ରବୃତ୍ତିରେ

ପ୍ରୟାସ ଉଚିତ ବୋଧରେ ।

ଜାରି ରଖିଲେ ସତକର୍ମ

ପୂରଣ ହେବ ମନସ୍କାମ ।

ଯେଉଁ କୁଳରେ ଜନ୍ମ ହେଲେ

କର୍ତ୍ତବ୍ୟ ସମ୍ପାଦନ କଲେ ।

ବିଜୟ ହେବ ଏ ସଂସାରେ

ଆସିବ ପର ଉପକାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

କାର୍ତ୍ତିକ ଚନ୍ଦ୍ର ପଣ୍ଡା



ରାଗ-ଭାଗବତ ବାଣୀ

ଯାହାର ସ୍ୱଭାବ ଯେପରି   କରଇ କାର୍ଯ୍ୟ ସେହିପରି

ଅନେକ ପ୍ରାଣୀ ଏ ସଂସାରେ  ଜନ୍ମ ସ୍ୱଭାବେ କାର୍ଯ୍ୟ କରେ

ପଶୁ ଯୋନିରେ ଜନ୍ମ ହୋଇ  ପଶୁର କାର୍ଯ୍ୟ କରିଥାଇ

ମଣିଷ ରୂପେ ଯାର ଜନ୍ମ   କରେ ସେ ମଣିଷ କରମ

ପ୍ରତ୍ୟେକ ପ୍ରାଣୀ ଙ୍କ ସ୍ୱଭାବ  କାର୍ଯ୍ୟ କରନ୍ତି ସେହି ଭାବ

ସର୍ପର ସ୍ୱଭାବ ହିଁ ହିଂସ୍ର   ତେଣୁ ସେ କରେ ପ୍ରାଣୀ ନାଶ

ଯେଉଁ ଯୋନିରେ ଯାର ଜାତ  ସ୍ୱଭାବ ତାହାର ତେମନ୍ତ

କ୍ରୁର ର ସ୍ୱଭାବ ନିଷ୍ଠୁର   ଅନ୍ୟକୁ କରେ ସେ ଆହାର

ସ୍ୱଭାବ ଛାଡ଼ିପାରେ ନାହିଁ   ଯେତେ ବି ଚେଷ୍ଟା କରି ଥାଇ

କହୁଛି ଶୁଣ ଯେ କାହାଣୀ   ପୁରାଣ ଶାସ୍ତ୍ରର ଏ ବାଣୀ

ସରୋବର ରେ ସର୍ପ ଥିଲା   ଏକଇ ଭେକ ଗିଳିଥିଲା

ବେଙ୍ଗ ଚିନ୍ତିଲା ନାରାୟଣ   କେଶବ ମିଳିଲେ ତକ୍ଷଣ

ସର୍ପକୁ କରିବାକୁ ବଧ    ସହସା ହୁଅନ୍ତେ ଉଦ୍ୟତ

ସର୍ପ ପ୍ରଭୁଙ୍କ ପାଦେ ପଡ଼ି   ପୁଚ୍ଛା କରଇ କର ଯୋଡ଼ି

ହେ ପ୍ରଭୁ କିବା ମୋର ଦୋଷ କାହିଁକି କରୁଅଛ ନାଶ

କ୍ଷୁଦାରେ ହୋଇଣ ଆତୁର   ବେଙ୍ଗକୁ କରୁଛି ଆହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ପ ରେ ଜାତ କଲୁ ମୋତେ   ସ୍ୱଭାବ ଛାଡ଼ିବି କେମନ୍ତେ
ତୁମେ ଅନାଦି ନାରାୟଣ   ଅନ୍ତର କଥା ତୁମେ ଜାଣ
ସର୍ପ ର ସ୍ୱଭାବ ତ କ୍ରୁର   ସେ କୁଳେ ଜନମ ଆମର
ଛାଡ଼ିବା ସମ୍ଭବ ନୁହଇ   ଏହାହିଁ କରମ ଅଟଇ
ତୋଷ ହୋଇଲେ ନାରାୟଣ   ସବୁ ତ ତାଙ୍କରି ଭିଆଣ
ସୃଷ୍ଟିରେ ଛନ୍ତି ଯେତେ ପ୍ରାଣୀ   ନିଜ ସ୍ୱଭାବେ ବଶ ପୁଣି
ଛାଡ଼ିବା ନୁହଇ ସହଜ   ଏହାକୁ ଗୁଣୀ ଜନେ ହେଜ
ସର୍ପ ର ସ୍ୱଭାବ କୁ ନେଇ   ଅନେକ ନର ଛନ୍ତି ରହି
ନିଷ୍ଠୁର ସ୍ୱଭାବ ତାଙ୍କର   ଅତ୍ୟନ୍ତ ହିଂସ୍ର ପୁଣି କ୍ରୁର
ହତ୍ୟା ଲୁଣ୍ଠନ ରକ୍ତ ପାତ   ଧର୍ଷଣ ଅତ୍ୟାଚାରେ ମତ୍ତ
ଅନେକ ବାର ଜେଲ ଯାଇ   କେତେ ଯେ ଦଣ୍ଡ ପାଉ ଥାଇ
ପୁଣି କରନ୍ତି ସେହି କାର୍ଯ୍ୟ   ମୁଖେ ନ ଥାଏ ତାଙ୍କ ଲାଜ
ସ୍ୱଭାବ ଛାଡ଼ି ନ ପାରନ୍ତି   ସମାଜେ ଘୃଣିତ ହୁଅନ୍ତି
ଆଜିର ଶୀର୍ଷକ ଭିତ୍ତିରେ   ଆସିଲା ମୋହରି ମନରେ
ଲେଖିଲି କବିତା ରୂପରେ   ଦୋଷ କ୍ଷମିବ ମୋର ଧୀରେ

ବନ୍ତ, ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ନଳିନୀ ପ୍ରଭା ମିଶ୍ର



ନିଜ ଜନ୍ମଗତ ପ୍ରବୃତ୍ତିକୁ
ନେଇ ଜନମ ଧରାରେ ମୋର
ଏହି ହୃଦୟରେ ଭରି ରହିଅଛି
ଷଡ ରିପୁର ବିକାର ।
ସର୍ପ ପରି କରି ଫୁତ୍କାର ଅହଂ
ବଳେ ଦଂଶନ ସ୍ୱଭାବ
ମୁଁ କାର ରୂପକ ଗୁଣରେ
ନିଜର ଦେଖାଏ ପରମ ଗର୍ବ ।
ଶତ ଧୌତ କଲେ ଅଙ୍ଗାର କି
କେବେ ଧବଳ ବର୍ଣ୍ଣ ଧାରଣ
କ୍ଷୀରରେ ଧୋଇଲେ ନିମ୍ବ
କି ମଧୁର କରିବା ବେଳେ ଭୋଜନ ।
ସ୍ୱଭାବ ବୈରୀ ମଣିଷ ପଣିଆ
କରିଦିଏ ଛାରଖାର
ସର୍ପ ଜନମ ତ ! ଦଂଶନ କରିବା
ପରିବର୍ତ୍ତ କି ! ତାହାର ।
ଶ୍ରେଷ୍ଠ ବୋଲି କହି ଦେଲୁ
ଜନମଟେ ସର୍ପ ସମ ଭରି ଭାବ
ପ୍ରକୃତି ନୈବ ମୁଚ୍ୟତେ ନୀତିରେ
ଚାଳିତ ଜଗତ ସର୍ବ ।
ମଣିଷ ଜନମ ନେଇଛି ସଂସାରେ
ଯେପରି ଗୁଣକୁ ବହି
ଶତ ଚେଷ୍ଟା ସୁଦ୍ଧା କରିଲେ
ହେଁ କେବେ ପରିବର୍ତ୍ତିତ ନୁହଇ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ରମେଶ ଟାକ୍ରୀ



ଜନ୍ମଗତ ଗୁଣ କରିଛି ଧାରଣ
ସର୍ପ ଜନମ ଦେଲୁ ମୋତେ
ବଦଳାଇବା ତ ସହଜ ନୁହଁଇ
ସ୍ୱଭାବ ଛାଡ଼ିବି କେମନ୍ତେ ।୦।

ସ୍ୱଭାବ ଯାହାର ରହିଛି ଯେମିତି
ସେ ନିଜେ ହୁଅଇ ସେମିତି
ହେଉ ସେ ସରଳ ଅଥବା କଠୋର
ଆଚରଣ ଦେଖି ଜାଣନ୍ତି ,

ଯାହାକୁ ଯେମନ୍ତେ ଗଢ଼ିଛି ଦଇବ
ଅନ୍ୟଥା ହୋଇବ କେମନ୍ତେ ।୧।

ପଶୁ ପକ୍ଷୀ ନର ଭିନ୍ନ ପ୍ରକାରର
ଆଚରଣ ମାନ କରନ୍ତି
ସରିସୃପ କୀଟ ପତଙ୍ଗ ସେମିତି
ଭିନ୍ନ ବ୍ୟବହାର ଦେଖାନ୍ତି ,

ଜନ୍ମଗତ କେତେ ଗୁଣ ଧରି ସାଥେ
ରହନ୍ତି ପ୍ରାଣୀ ଜଗତେ ।୨।

ମଣିଷ ସ୍ୱତନ୍ତ୍ର ନୁହେଁ ଜନ୍ମଗତ
ସ୍ୱଭାବ ପ୍ରକୃତି ସୁଗୁଣ
ଆଚରଣଗତ ଅଭ୍ୟାସରେ ହୁଏ
ସୁଗୁଣ ଚରିତ୍ର ନିର୍ମାଣ ,

ଏ ମଣିଷ ଜାତି ନିରିଦୟ ଅତି
ବଞ୍ଚିଛି ସ୍ୱାର୍ଥର ସହିତେ

ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂର୍ଯ୍ୟ ଏଠି ଉଇଁବାକୁ ଡେରି

କାହ୍ନୁ ଚରଣ ପାଣିଗ୍ରାହୀ



ସ୍ୱଭାବ ସ୍ୱଗୁଣ ଈଶ୍ୱରଙ୍କ ଦାନ
ନଭୁଲିବା ତାକୁ ମନୁ
ସ୍ୱଭାବ ତେଜିଲେ ମହକ ହଜିବ
କେତେ କାହାଣୀ ଶୁଣୁ

ସାମାଜିକ ସ୍ଥିତି ବିଗିଡି ଯାଅଇ
ଅସ୍ଥିର ହୁଏ ଜୀବନ
ସୁଖ ଶାନ୍ତି ହଜିଯାଏ ଯେବେ
ବ୍ୟାକୁଳ ହୁଅଇ ମନ

ନୀଳବର୍ଣ୍ଣ ଶୃଗାଳ କଥା ମନେଅଛି
ଲୋଭେ ସ୍ୱଭାବ ତେଜି
ରାଜା ହେବାକୁ ମନେ ଯେବେ ଇଚ୍ଛା
ଦଣ୍ଡ ଭୋଗେ କର୍ମକୁ ହେଜି

ମହୁର ସ୍ୱଗୁଣ ଅଟଇ ମଧୁର
ଲିମ୍ବର ସ୍ୱଗୁଣ ପିତା
ସମୁଦ୍ରର ଜଳ ଲୁଣିଆ ଲାଗଇ
ତେନ୍ତୁଳି ସ୍ୱଗୁଣ ଖଟା

ପୁଷ୍ପର ସ୍ୱଗୁଣ ସୁବାସ ବାଣ୍ଟିବା
ଲଜ୍ଜା ନାରୀର ଭୂଷଣ
ଋତୁ ଅନୁସାରେ ରୂପ ବଦଳିବା
ଅଟେ ପ୍ରକୃତିର ଗୁଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜ୍ଞାନୀଙ୍କର ଗୁଣ ନମ୍ରତାରେ ଥାଏ
ମୂର୍ଖ ମନେ ଇର୍ଷା ବୋଧ
ଅହଂକାରୀ ଅହଂ ସଦା ରହେ ମନେ
ଅହଂ ଭାବରେ ସିଏ ଅନ୍ଧ

ସାପ ବିଷଧର ନୁହନ୍ତି ବିଶ୍ୱାସୀ
ହେବା ତାକୁ ସାବଧାନ
ସୁଯୋଗ ପାଇଲେ କରିବେ ଦଂଶନ
ସ୍ୱଭାବ କୁ ସଚେତନ

ଲିମ୍ବ ଗଛ ମୂଳେ ଶର୍କରା ଢାଳିଲେ
ଲିମ୍ବ କି ମଧୁର ହୋଇବ
ହିଂସ୍ର ପଶୁପକ୍ଷୀଙ୍କୁ ଆଦର କରିଲେ
ପଶୁ ପ୍ରକୃତି କି ତେଜିବ

ପୁରାଣ ଶାସ୍ତ୍ର ବେଦ ଉପନିଷଦ
ଜଗାଇ ଦିଏ ଚେତନା
ସ୍ୱଧର୍ମ ଶ୍ରେଷ୍ଠ ପରଧର୍ମ ବିଷମୟ
ନିଜ ସ୍ୱଭାବରେ ଭାବନା

କୁକୁର ପ୍ରକୃତି ଛାଡିବକି କେବେ
ଦୁଧଭାତ ଦେଲେ ଖୋଇ
ସ୍ୱଭାବ ତେଜିବା ସହଜ ନୁହଁଇ
ଆତୁରେ ବିକଳ ହୋଇ

ଚନ୍ଦ୍ର କି ତେଜିପାରିବ ଶୀତଳତା
ରାତ୍ରିର ଅନ୍ଧକାର
ପଶୁ ପକ୍ଷୀ ତରୁ ଲତା କୀଟ ପତଙ୍ଗ
ସଭିଏଁ ନିଜ ସ୍ୱଭାବର

ସତ୍ୟବିହାର ରସୁଲଗଡ଼,ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ବିନୋଦିନୀ ଦାଶ



ପ୍ରକୃତି ଅଧୀନ ସରବ ଜୀବନ
ଯେ ଜନ୍ମିଛି ମହୀ ତଳେ
ନିଜ କୁଳ ଧର୍ମ କରଇ ପ୍ରକାଶ
ଆଘାତ ପ୍ରତିଘାତରେ ।

ଛାଡ଼ି ନ ପାରଇ ଦଂଶନ ସ୍ୱଭାବ
ସର୍ପଟିଏ ସେଥିପାଇଁ
ଜନମୁ ଚରିତ୍ର ଯାହାର ବିକୃତ
ସର୍ପ ତୁଲ୍ୟ କି ନୁହଁଇ ?

ଚେତନରେ ଗଣା ନାହିଁ ଚିନ୍ତାଶକ୍ତି
କି ଭଲମନ୍ଦ ବିଚାର
କେଉଁଠି କଅଣ ବୋଲିବାକୁ ହୁଏ
କରି ନ ପାରଇ ସ୍ଥିର ।

କର୍ମ ବି ସେପରି ଅବଗୁଣଯୁକ୍ତ
ସର୍ପଠୁ ବି ଭୟଙ୍କର

ଏ ପରି ମାନବ ଥିଲେ ନିଶ୍ଚେ ମର୍ତ୍ତ୍ୟେ
ଅବକ୍ଷୟ ସମାଜର ।

ବଦଳିଲେ ଯେତେ ବି ଶିକ୍ଷା ସଂସ୍କାର
ତା'ର ସହଜାତ ଗୁଣ
ଭୁଲି କି ପାରଇ କେହି ଅଛି ଦେହୀ
ଏହି ମରତେ ପ୍ରମାଣ ।

ସ୍ୱଭାବ ବଶରେ ଯଥା ସମୟରେ
ଉଦ୍ଘାରେ ଗୁଣକୁ ତା'ର
ଭୁଲଇ ନମ୍ରତା ବିନୟ ସାଜକୁ
ସେତେବେଳେ ସେହି ନର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିହ୍ନା ପଡ଼ିଥାଏ ସମାଜ ଆଖିରେ
ଯେତେ ବି ସଫେଇ ଦେଲେ
ଅବିଶ୍ୱାସନୀୟ ସବୁରି ପାଖରେ
ରହଇ ସେ ସଦା କାଳେ ।

ନିଜର ସ୍ୱଭାବ ନିଜକୁ ବି କଷ୍ଟ
ଦେଇଥାଏ ବେଳେବେଳେ
ଅନୁଶୋଚନାରେ ହୁଏ ଦଗ୍ଧୀଭୂତ
ଅନ୍ତରରେ ସେତେବେଳେ ।

ନିଜଠି ବିଶ୍ୱାସ ଭରସା ହରାଏ
ସହଜାତ ଗୁଣ ପାଇଁ
ତଥାପି ଚେଷ୍ଟାରେ ଯେ ଲାଗି ପଡ଼ଇ
ନିରାଶ ସେ ହୁଏ ନାହିଁ ।

ଅନନ୍ତ ପରି କେ ସାଧନା ବଳରେ
ଯେବେ ଲଭେ ବିଭୁ କୃପା
ଜନମ ସ୍ୱଭାବ ଛାଡ଼ି ଊର୍ଦ୍ଧ୍ୱରେତା
ହୃଦୟ ବିଶୁଦ୍ଧ ତୋଫା ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସର୍ପ ଜନମ ଦେଲୁ ମୋତେ

ଭାସ୍କର ରାଉତ



ଭାଗବତ ବାଣୀ ଅମୀୟ କାହାଣୀ
ଶିକ୍ଷା ଦିଏ ଆତ୍ମଜ୍ଞାନ
ଅଧମ ମାନବ ନବୁଝି ଏଭାବ
ସାଜିଛି ଆଜି ଅଜ୍ଞାନ ।।୦।।
ବରଜି ସ୍ୱଧର୍ମ କରଇ କୁ କର୍ମ
ଦେଖାଇ ବଡ଼ିମା ପଣ,
ସାମାଜିକ ସ୍ଥିତି ବିଗିଡ଼ଇ ନିତି
ଅସ୍ଥିର ହୁଏ ଜୀବନ ।
ଶାନ୍ତି ନାହିଁ କାହିଁ ଟିକେ ଶାନ୍ତି ପାଇଁ
ବ୍ୟାକୁଳ ହୁଅଇ ମନ ।।
ଭଉତିକ ସୁଖ ଦେଇଚାଲେ ଦୁଃଖ
ହୋଇଯାଏ ହୀନିମାନ,
ଯେତେ ଉପାର୍ଜନ ହୁଅଇ ନିଉନ
ଲଭୁଥାଏ ସେ କଷଣ ।
ସ୍ୱଧର୍ମ ବରଜି ଆନ ଧର୍ମ ଭଜି
ଗଢ଼ନ୍ତି ନିଜ ଜୀବନ ।।

ସର୍ପ ଜନ୍ମ ପାଇ ସ୍ୱଭାବକୁ ସେହି
ନଛାଡ଼ଇ କଦାଚନ,
ଫଅଁ ଫଅଁ ହୋଇ ଗର୍ଜନ କରଇ
ବଞ୍ଚାଇବାକୁ ଜୀବନ ।
ତଥାପି ମାନବ ହଜାଇ ସ୍ୱଭାବ
ବଞ୍ଚାଏ ନିଜ ଜୀବନ ।।

ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂର୍ଯ୍ୟ ଏଠି ଉଇଁବାକୁ ଡେରି

ନୂତନ କୁମାର ବେହେରା



ରାଗ – ଗୁର୍ଜ୍ଜରୀ

ସୃଷ୍ଟିରେ ଯେତେକ ଜୀବ, ଜନମି ଆସିଛନ୍ତି ଭବ ।
ସଭିଙ୍କ ପ୍ରାଣଦାତା ପ୍ରଭୁ, ପାଳନ୍ତି ଜୀବଜନ୍ତୁ ସବୁ ।
କର୍ମ ନେଇ ଦିଅନ୍ତି ଫଳ, ତାଙ୍କ ଇଙ୍ଗିତେ ଚାଲେ କାଳ ।।
ବିଧିର ବିଧାନ ଅଟଳ, ସେ ମତେ ଚାଲେ ଭୂମଣ୍ଡଳ ।
ଜୀବର ସ୍ୱଭାବଟି ମୂଳ, ସେ ଭାବେ କରଇ ସେ ଖେଳ ।
ଜୀବନ ଲାଗି ପଥ ଦୁଇ, ଜୀବ ଚାଲେ ତା' ଇଚ୍ଛା ନେଇ ।
ଗୋଟିଏ ଆଲୋକର ବାଟ, ଅନ୍ୟଟି ଅନ୍ଧାର ସଂକଟ ।
ସତ୍ୟ ଜ୍ଞାନ ଦିଏ ଆଲୋକ, ଅଜ୍ଞାନେ ଅନ୍ଧାର ମୂଳକ ।
କରେ ଯେ ହିତକର କାର୍ଯ୍ୟ, ତା' ପାଇଁ ଭଲ ହୁଏ ଧାର୍ଯ୍ୟ ।
କରେ ଯେ ଅନ୍ୟାୟ ଅନୀତି, ହୁଅଇ ତାର ଅଧୋଗତି ।
ଜ୍ଞାନେ ଚାଲନ୍ତି ଜ୍ଞାନୀ ଗୁଣୀ, ପ୍ରକୃତିର ନିୟମ ମାନି ।
ପ୍ରଥମେ ହୋଇଲେ ବି କଷ୍ଟ , କର୍ମେ ଦୂରାଏ ତାର ରିଷ୍ଟ ।
ସହଜ ହୁଅଇ ସେ ପଥ, ପୂର୍ଣ୍ଣ କରଇ ମନୋରଥ ।
ଅଜ୍ଞାନେ ହୁଏ ଯିଏ ଦୁଷ୍ଟ , କରଇ ଅନ୍ୟର ଅନିଷ୍ଟ ।
ତା ପାଇଁ ମାଡ଼ି ଆସେ ଦୁଃଖ, ସଂସାରେ ହୁଏ ସେ ବିମୁଖ ।
ପାଏନା ଶାନ୍ତି କି ସନ୍ତୋଷ, ରୁହଇ ସର୍ବଦା ଉଦାସ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଗ୍ୟକୁ ଦିଅଇ ଯେ ଦୋଷ, ରଖେନା ସେ ଆତ୍ମବିଶ୍ୱାସ ।
ଦେଖେ ନାହିଁ ନିଜର ତ୍ରୁଟି, ଯାଏନା ବିପଥରୁ ହଟି ।
ଦେଖାଉ ଥାଏ ତା ବଡ଼ିମା, ଲଙ୍ଘଇ ଶୃଙ୍ଖଳାର ସୀମା ।
ମାନେନା ସତ୍ୟ କଥା ଜମା, ପରିଣାମେ ପାଏନା କ୍ଷମା ।
ଜୀବନେ କରେ ଖାଲି ଆଶା, ଘାରେ ତାକୁ ମୋହର ନିଶା ।
ଦେଲେ କେ ତାକୁ ଉପଦେଶ, କରେ ତାହାକୁ ଉପହାସ ।
ନିଜକୁ ଭାବି ସେ ଚତୁର, କରୁଥାଏ ମନ୍ଦ ବିଚାର ।
କରି ଯେ ଗର୍ବ ଅହଙ୍କାର, ବୋଲାଏ ସେ ମହା ବୀର ।
ନ ସୁଧୁରି ଜୀବନେ କେବେ, ରହିଥାଏ ସେ ଏଇ ଭବେ ।
ବିପଦ ପଡ଼େ ଯେବେ ତାର, ହୁଅଇ ଭାରି ହରବର ।
ଭୋଗୀ ସେ ତାର ଦୁରବସ୍ଥା, ହରାଇ ବସେ ନିଜ ଆସ୍ଥା ।
କହିଲେ କେ ତା' କର୍ମ ପାଇଁ, ଜମାରୁ ସେ ବୁଝଇ ନାହିଁ ।
ରଖିବାକୁ ନିଜର ମାନ, କୁହଇ ହୋଇ ଅପ୍ରସନ୍ନ ।
ସର୍ପ ଜନମ ଦେଲୁ ମୋତେ, ସ୍ୱଭାବ ଛାଡ଼ିବି କେମନ୍ତେ ।
ଭଗବାନଙ୍କୁ ଦିଏ ଦୋଷ,ଅଯଥା କରି ସିଏ ରୋଷ ।
ପୁନଶ୍ଚ ଅନ୍ୟମାନେ ଶୁଣି, କୁହନ୍ତି ଭାଗବତ ବାଣୀ ।
ସର୍ପ ଜନମ ଦେଲୁ ମୋତେ, ସ୍ୱଭାବ ଛାଡ଼ିବି କେମନ୍ତେ ।
ଦେଲେ ବି ତାକୁ ଏ ଦୃଷ୍ଟାନ୍ତ, ଦୁଷ୍ଟ ହୁଏନା କେବେ ଶାନ୍ତ ।
କର୍ମକୁ ନେଇ ମିଳେ ଫଳ, ଏ ସତ୍ୟ ଅଛି କାଳ କାଳ ।
ଚାଲଇ ଯିଏ ସତ୍ୟପଥେ, ପ୍ରଭୁ ଥାଆନ୍ତି ତାର ସାଥେ ।
ହୁଅଇ ଯିଏ ସତ୍ୟନିଷ୍ଠ , ତାଙ୍କ କୃପାରୁ ହୁଏ ଶ୍ରେଷ୍ଠ ।

କୋହି,ବାରିପଦା,ମୟୂରଭଞ୍ଜ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଣିଷ ଗଛ ଲଗେଇବୁ ଯଦି

ଡଃ ନାରାୟଣ ଚନ୍ଦ୍ର ସେନାପତି



ମଣିଷ ଗଛ ଲଗେଇବୁ ଯଦି
ଲଗାରେ ଭାଇ
ବଡ କଲେ ବି ଛାଇ ଟିକିଏ
ପାଇବୁ ନାହିଁ ।

ନିଜ କାନ୍ଧକୁ ହାତ ପାଇଲେ
ସେ ନୁହଁ କାହାର
ସ୍ୱାର୍ଥରେ ଟିକେ ଆଘାତ ହେଲେ
ଦେବ ଜହର ।

କାମ ଥିଲେ ତୋ ଗୋଡ଼ ହାତକୁ
ଦେବ ଆଉଁସି
କାମ ସରିଲେ ସୁଯୋଗ ଦେଖି
ଦେବ ସେ ଭୁଷି ।

କଅଁଳ ପତ୍ର ପରିକା ତାର
କଅଁଳ କଥା
ଟିକିଏ ଯଦି ପାକଳ ହୁଏ
ଦେବ ହିଁ ବ୍ୟଥା ।

ଉପରେ କେତେ ଚିକ୍କଣ ତାର
ରୂପ ଆଚାର
ଭିତର ପୃଷ୍ଠା ଖୋଲି ପଢ଼ିଲେ
କି ଅହଙ୍କାର ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବିବୁ ଦିନେ ଦରକାରରେ
କାମେ ଆସିବ
ତୋ ଅସୁବିଧା ଜାଣିଲେ ଲୁଚି
ଆଳ କରିବ ।

ଦୁଃଖରେ ଥିଲେ ଦେବ ସାହସ
ପୋଛିବ ଲୁହ
ପାଇବୁ ନାହିଁ ଏସବୁ ଧନ
ନ ରଖ ମୋହ ।

ପାରିବ ନାହିଁ ସହି ତୋହର
ଭଲ ସଫଳ
ପାଖରେ ରହି ଛକ କପଟେ
ହୋଇବ କାଳ ।

ଉପରେ ହସି ଭିତରେ ଜଳି
ଶତ୍ରୁ ସାଜିବ
ଗଛେ ଚଢାଇ  ମୂଳକୁ କାଟି
ଯନ୍ତ୍ରଣା ଦେବ ।

ପାଟିରେ ହରି ପେଟରେ ଛୁରୀ
କାଟିବ ମଥା
ଦୁଃଖେ ପଡିଲେ ମୁରୁକି ହସି
କାଟିବ ଫିତା ।

ପାନରୁ ଚୂନ ଖସିଲେ ବନ୍ଧୁ
(ସେ) ନୁହଁ ତୋହର
ସୁଯୋଗ ଉଣ୍ଡି ଜାଳି ଦେବ ତୋ
ସରଗ ପୁର ।

ଜଡ଼ା ଲୋ ହୁଁ ଜାଡ଼ି ଲୋ ହୁଁ
ତେବେ ତୁ ଭଲ
ଯଦି କହିଲୁ ସତ୍ୟ ବଚନ
ହେଲୁ ତୁ ଭେଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋ ପାଖେ ଥିଲେ କାମ ତାହାର
(ତା) କଥା ଲହୁଣୀ
କଥାରୁ ତା'ର ଦୁରେ ରହିଲେ
(ସେ) କଞ୍ଚା ଡାହାଣୀ ।

ଭାଷଣ ତାର ସ୍ୱାମୀଜୀ ପରି
କାମ ଓଲଟା
ଭାବିବୁ ଓଠେ ଅଛି ତା ମହୁ
ତୁଚ୍ଛା ଟା ଖଟା ।

ମଣିଷ ଗଛ ଲଗାଇବୁ ଯଦି
ପାଇବୁ ନିନ୍ଦା
ସେଇ ନିନ୍ଦାରେ ପୁରି ରହିଛି
ନୀତିର ଖନ୍ଦା ।

ଉଦ୍ଭିଦ ଗଛ ଲଗାଇବା ଚାଲ
ହୋଇବ ପୁଣ୍ୟ
ମଣିଷ ଗଛ ଲଗାଇଲେ ବାବୁ
ଜୀବ ତୋ ପ୍ରାଣ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ମାତୃଭାଷା ମୋ ଜୀବନ

ଶାନ୍ତିଲତା ରଣା

ମାତୃଭାଷା ଅଟେ ମୋ ମାଆ ଭାଷା
ମାଆ ଠାରୁ ମୁଁ ଶିଖିଛି
ସେଇ ଭାଷା ଅଟେ ମୋ ଓଡିଆ ଭାଷା
ତାକୁ ମୁଁ ଭଲ ପାଇଛି ।

ମୋ ମାତୃଭାଷା ମୋହର ଜୀବନ
ସେଇ ମୋର ପରିଚୟ
ସଗର୍ବେ କହିବି ଓଡିଆ ମୋ ଭାଷା
ଗାଇବି ତାହାରି ଜୟ ।

ଓଡିଆ କହିବି ଓଡିଆ ଲେଖିବି
ଓଡିଶାରେ ମୋର ଘର
ମୋ ମାତୃଭାଷାରେ ରହିଛି ମମତା
ଅଟେ ମୋର ସେ ନିଜର ।

ମୋ ଭାଷା ଓଡିଆ ଲାଗେ ତ ବଢିଆ
ଚମ୍ପୁ ଛାନ୍ଦ ଚଉପଦୀ
ଜଣାଣ ଭଜନ ଗୀତା ଭାଗବତ
ଆଦର କରେ ମୁଁ ଅତି ।

ଓଡିଆ ଭାଷା ଷଷ୍ଠ ରାଷ୍ଟ୍ରୀୟ ଭାଷା
ମାନ୍ୟତା ଯେ ପାଇଅଛି
ଅନ୍ୟ ଭାଷା ସହ ମୋ ଭାଷା ସମାନ
ଗରବରେ କହୁଅଛି ।

ଯେତେ ଦୂରେ ଥିଲେ କରିବାନି କେବେ
ଭାଷାକୁ ତ ଅଣଦେଖା
ଭାଷା ତ ନିଃଶ୍ୱାସ ଭାଷା ତ ପ୍ରଶ୍ୱାସ
ରକତେ ରହିଛି ଲେଖା ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଗ ବ୍ରହ୍ମ ଚଣ୍ଡାଳ

ଏଲିଜା ଜେନା



ରାଗ ନାହିଁ ରାଗ ନାହିଁ
ରାଗ ନାହିଁ ଭାଇ
ରାଗଠାରୁ ବ୍ରହ୍ମ ଚଣ୍ଡାଳ
ଆଉ କିଛି ନାହିଁ ।

ରାଗିଗଲେ ମଣିଷର
ବୁଦ୍ଧି ଯାଏ ହଜି
ସୁନ୍ଦର ମଣିଷ ଗୋଟେ
ଦିଶେ ଖାଲି ପାଜି ।

ଆଖି ଦିଶେ ରଡ ନିଆଁ
ଦାନ୍ତ କଡମଡ
ସୁନ୍ଦର ମୁହଁଟି ଫୁଲି
ହୋଇଯାଏ ବଡ ।

ଆଉ ହଁ ହସ ନଥିଲେ
ମଣିଷ ମୁଣ୍ଡେ ମାଡି ବସିବ
ଚିନ୍ତା,କଥା କଥାକେ ମନକୁ
ଖାଲି ଲାଗିବ ସବୁ ପିତା ।

ପାଟି ଆଉ ଭଲ କଥା
କହି ପାରେ ନାହିଁ
ଭୁଲିଯାଏ କିଏ ବନ୍ଧୁ
କିଏ ପୁଣି ଭାଇ ।

ରାଗିବା ଠାରୁ ହସିବା ଭଲ
ଦେହ ପାଇଁକି ହିତ
ହସିଲେ ଦେହ ଖୁସି ରହିବ
ସାଧୁସନ୍ଥଙ୍କ ମତ ।


ସବୁଠାରୁ ଭଲ କଥା
ଟିକେ ଦେବା ହସି
ଯେତେ ଅଛି ରାଗ ରୁଷା
ସବୁଯାଉ ଭାସି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହଁ ମୁଁ ସୌମ୍ୟାଶ୍ରୀ କହୁଛି

ପ୍ରଦୀପ ମହାନ୍ତ



ବ୍ୟାସେ....

ସେ ଦିନ ପାଟପୁର ଗାଁରେ'...

ଜଳିଥିବା ରେବତୀ' ପାଇଁ ଲେଖିଥିଲ  !

ଅଜି ମୁଁ' ପଳାଶିଆ ଗାଁରୁ କହୁଛି'...

ତୁମ ଜନ୍ମ ମାଟିରେ ଜଳୁଛି  !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୧

ପରିବାର, ନିଜର ସ୍ୱପ୍ନକୁ ସତ କରିବାକୁ ଆସିଥିଲି..

ଆଜି ବିରୋହ ନିଆଁରେ ଜଳୁଛି  !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୨

ମୁଁ ନ' ଥିଲି ଅବେଳା ଦୁର୍ବଳା ନାରୀ...

ମୁଁ ଜୀବନରେ ସଙ୍ଘର୍ଷ କରିଛି...

ମୋ ଜୀବନ, ଇଜ୍ଜତ ପାଇଁ ...

ବହୁ......ନେହୁରା ହୋଇଛି  !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାତମାସ ଧରି ଦୁଃଖ ଯନ୍ତ୍ରଣାରେ ଦିନ କାଟିଛି...

ଗଛର ଶୁଖିଲା ପତ୍ରପରି ଏପଟେ ସେପଟେ ଘାଣ୍ଟି ଚକଟି ହୋଇଛି !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୪

ମହାବିଦ୍ୟାଳୟ୍ରେ ହେଉଥିବା ମୋ ଠାରେ ଅତ୍ୟାଚାର ପାଇଁ ...

ମୁଖ୍ୟ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମସ୍ତଙ୍କ ପାଖକୁ ଲେଖିଛି !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୫

ପଞ୍ଚୁପାଣ୍ଡବ ପରି ଅନେକ ସରକାରଙ୍କ...

ଅଧିକାର ଥିବା ଅଧିକାରୀଙ୍କୁ ଲେଖିଛି !

ସାତମାସ ଧରି ମାନସିକ ଆଘାତରେ ଜଳି ଜଳି ଜୀବନ କାଟିଛି...

ଶେଷରେ ନିଜକୁ ଜାଳିବାର ଉପାୟ୍ ବାଛି ନେଇଛି ।

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୬

ସରକାରଙ୍କ ଅବହେଳା ଏବଂ ମହାଳୟ୍ର ନିର୍ଯାତନା ପାଇଁ...

ଆଜି ମୋର ଜୀବନ ଯାଇଛି !

ହଁ ମୁଁ ସେହି ହତଭାଗି.. ସୌମ୍ୟାଶ୍ରୀ କହୁଛି । ୭

ସମ୍ବାଦରେ ଖବର ଦେଲି... ପୁଣି'...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଣ ମାଧ୍ୟମରେ ଇଚ୍ଛା ନ' ଥାଇବି ଗଣ ମାଧ୍ୟମକୁଆସିଲି'

ସରକାରଙ୍କ ଦୃଷ୍ଟିରେ ଆସିବି ବୋଲି !

ଦୂର ଦର୍ଶନରେ ଇଚ୍ଛା ନ' ଥାଇବି ଗଣମାଧ୍ୟମକୁ ଆସିଲି..

କିନ୍ତୁ କେହି ଖବର ପ୍ରସାରଣ ନ'କରି....

ମୋତେ ଧାର୍ଯ୍ୟହରା କରି ଦେଇଛି !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୮

ବଞ୍ଚିଥିବା ବେଳେ ନ୍ୟାୟ ପାଇଲିନି ...

ଆଜି ମରିକି ସୁରକ୍ଷା ପାଉଛି ..

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୯

ମୁଁ ଆତ୍ମରକ୍ଷା ଅନ୍ୟକୁ ସିଖାଉ ଶିଖାଉ...

ଆଜି ମନବଳ ଭାଙ୍ଗି.. ଆତ୍ମହତ୍ୟା କରିଛି !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୧୦

ନ୍ୟାୟ ପାଇଁ ମୁଁ ସାତମାସ ଯନ୍ତ୍ରଣା ନିଆଁରେ ଜଳିଛି...

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୧୧

ଜୀବନ ଯୁଦ୍ଧରେ ଏକା ଏକା ଲଢ଼ି..

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ମୁଁ ହାରି ଯାଇଛି  !

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୧୨

ମାନସିକ ଯନ୍ତ୍ରଣାରେ ଜଳି ଜଳି ମାରିବା ଅପେକ୍ଷା ଆଜି ମୁଁ ଜଳି ଯାଇଛି ..

ଓଡ଼ିଶା ବାସୀ ....

ହଁ ମୁଁ ସୌମ୍ୟାଶ୍ରୀ କହୁଛି । ୧୩

ଗିରିଙ୍ଗାମାଳି (କାଦୁଅବନ୍ଦି), ସୁକିନ୍ଦା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହାତ ଛାଡ଼ିବନି କେବେ ମୋ ସାଥୀ

ମାହେଶ୍ୱରୀ ଦାଶ



ତୁମରି ନାମରେ ଦୟଣା ମୋ ବାସେ
ତୁଳସୀ ଦେହରୁ ନିସ୍ପୁରେ ଦ୍ୟୁତି
ତୁମରି ନାମରେ ପ୍ରତ୍ୟୁଷ ମହକେ
ବାସ ଚନ୍ଦନରୁ ଶୁଭଇ ସ୍ତୁତି ।

ତୁମ ଅପଲକ ନୟନର ଛବି
ତନ୍ଦ୍ରାଲୋକେ କରେ ପଦଚାରଣା
ଛାଡି ବାସିଶେଯ ହୃଦେ କରେ ହେଜ
ବାସ୍ନାୟିତ ହୁଏ ଘରକରଣା ।

ତୋଳେ ପୂଜାଫୁଲ କରି ଭକ୍ତି ମୂଳ
ମାଳାରେ ଗୁଞ୍ଜରେ ସହସ୍ର ନାମ
ପବିତ୍ର ଭାବର ସଦ୍ଭାବନା ପୀଠେ
ଲାଗେ ମୋ ନିଳୟ ସତେ ତୋ ଧାମ !

କୁସୁମେ ସୁବେଶ ମାଗଇ ଆବେଶ
କସ୍ତୁରୀ ଚନ୍ଦନେ ଅଗଣା ବାସେ
କର୍ପୂର ଆଳତୀ ବିଚ୍ଛୁରିତ ପ୍ରୀତି
ମନମନ୍ଦିରର ବଳୟେ ଭାସେ ।

ପ୍ରୀତ ନୈବେଦ୍ୟର ସମର୍ପଣ ଗାଏ
ଗୂଢଅନ୍ତରର ସ୍ୱ ଅଙ୍ଗୀକାର
ତୋ ନୀରାଜନାରେ ଲାଗଇ କାହିଁକି
ଜନମଟା ମୋର ସତେ ସାକାର !

ତୁମ ଚିନ୍ତନରେ ଥିଲେ ରାତିଦିନ
ଅପସରିଯାଏ ଯେତେ ଯାତନା
ସରଳ ମନରେ ଗଢଇ ଆବାସ
ଆଧ୍ୟାତ୍ମ ଭାବର ପ୍ରତି କାମନା ।

ତୁମ ବିନା ମୋର ନାହିଁ ଗତିମୁକ୍ତି
ତୁମେ ଏ ପିଣ୍ଡର ଅଦୃଶ୍ୟ ରଥୀ
ଶେଷ ଶ୍ୱାସ ଯାଏଁ ରହିଥିବ ପ୍ରଭୁ
ହାତ ଛାଡିବନି କେବେ ମୋ ସାଥୀ ।

ନିମାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାଧାର ନା ମୀରାର, କାହ୍ନା ତୁମେ କାହାର ?

ଋତୁ ମହାନ୍ତି



ଭକ୍ତଙ୍କ ମନରେ କଥାଟିଏ ଆସେ
କହ୍ନାଇ ତୁମେ କାହାର
ଶ୍ରୀ ରାଧାରାଣୀ ନା ମୀରାବାଈଙ୍କର
କହ୍ନାଇ ସତେ କାହାର
ଶ୍ରୀ ରାଧା ସୁନ୍ଦର ନା ମୀରା ସୁନ୍ଦର
ଶଙ୍ଖା ନା କାଚ ସୁନ୍ଦର
କାହା ମନ ବୁଝୁ କୁହରେ କହ୍ନାଇ
ଶ୍ରୀ ରାଧାର ନା ମୀରାର
ସୁନା ସୁନ୍ଦର କି ନା ହୀରା ସୁନ୍ଦର
ଗୀତ ନା ନାଚ ସୁନ୍ଦର
କୁହରେ କହ୍ନାଇ କାହାର ତୁ ସତେ
ରାଧାର ନା ତୁ ମୀରାର
ରାଧାର କହ୍ନେଇ କୁଞ୍ଜବନେ ରାଇ
ଯମୁନା ଘାଟରେ ଥାଇ
ମୀରା ଗିରିଧାରୀ ବୀଣାର ସ୍ୱନରେ
ମୀରା ଭକ୍ତିରେ ତୁ ବାଇ

ନାଉରୀକୁ ଯଦି ପଚାରେ କିଏ ସେ
ନାଆ ସୁନ୍ଦର କି ନଈ
ବିଚରା ନାଉରୀ କି ଦେବ ଉତ୍ତର
କିଛି ପାରେ ନାହିଁ କହି
ସେମିତି କହ୍ନାଇ କାହିଁକି ଦେଲୁ ତୁ
ଦୁଇ ନାବେ ଦୁଇ ପାଦ
ଗୋଟେ ପଟେ ରାଧା ଗୋଟେ ପଟେ ମୀରା
ଚୋରାଇ ନେଲେ ତୋ ନିଦ
ଫୁଲ ସୁନ୍ଦର କି ତା ବାସ ସୁନ୍ଦର
ପୂଜା କି ରାସ ସୁନ୍ଦର
ରାଣୀ ସୁନ୍ଦର କି ନା ଦାସୀ ସୁନ୍ଦର
ସତରେ କାହ୍ନା କାହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋପ ଗୋପାଙ୍ଗନା ତୋ ପ୍ରେମେ ପାଗଳ

ଯଶୋଦାଙ୍କ ଗଳାହାର

ଶ୍ରୀ ରାଧା ହେଉ ବା ହେଉ ମୀରାବାଇ

କାହାର ତୁ ଆପଣାର

କଇଁ ଚାହିଁ ଥାଏ ଚାନ୍ଦ ଆସୁଥାଏ

ସବୁ ଦିନ ଉଇଁ ଉଇଁ

ଚାନ୍ଦକୁ ଅନେଇ ଖୁସି ହୁଏ କଇଁ

ନ ପାରୁ ପଛକେ ଛୁଇଁ

ସେଥିପାଇଁ ବୋଧେ ରହିଲୁ କହ୍ନାଇ

ମୀରାଠୁ ଦୂରେଇ ହୋଇ

ନିଜେ ତ କାନ୍ଦିଲୁ କି ସୁଖ ବା ଦେଲୁ

ରଧାକୁ ପାଖରେ ପାଇ

ରାଧାର ନା ମୀରାର କୁହରେ କାହ୍ନୁ

ତୁମେ କାହାର ନିଜର

କାହ୍ନା ବି ରାଧାର କାହ୍ନା ବି ମୀରାର

କାହ୍ନା ତ ସମସ୍ତଙ୍କର

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାଦ୍ରବର ଶେଷେ ଆଶ୍ୱିନ ପ୍ରବେଶେ

ବୀଣାପାଣି ଦେବୀ



ସରିଲା ଭାଦ୍ରବ ଆସିଲା ଆଶ୍ୱିନ
ଶରତ ଋତୁ ବେଭାର
ମନ୍ଦ ମନ୍ଦ ବାତ ବହଇ ମରୁତ
ମହୀ ଦିଶଇ ରୁଚିର
ପାର୍ବଣ ର ଋତୁ ଅଟଇ ଆଶ୍ୱିନ
ପୁଲକିତ ହୁଏ ଧରା
ଦଶଭୁଜା ଦୁର୍ଗା ବିଜେ ହୋଇଥାନ୍ତି
ଧରି ଖୁସିର ପସରା
ନଦୀ ପାଟେ ଦେଖ ହସେ କାଶତଣ୍ଡି
ଅପରୂପ ଶୋଭା ଦିଶେ
ଶୁଭ୍ର ମେଘମାଳା ଖଣ୍ଡ ଖଣ୍ଡ ହୋଇ
ହସଇ ଆକାଶ ଦେଶେ

ନାନା ପୁଷ୍ପେ ମହୀ ଉଚ୍ଛୁଳି ପଡଇ
ସାଜିଛି ପୂଜା ମଣ୍ଡପ
ଦେବୀ ଦଶଭୁଜା ଦଶରା ପରବ
ଶାରଦୀୟ ଶ୍ରେଷ୍ଠ ପର୍ବ
ଶସ୍ୟ ସମ୍ପଦ ଏ ମଞ୍ଜପୁର ଦେଖି
ହସୁଛି କୃଷକ ମନ
ଭାଦ୍ରବ ଆଶ୍ୱିନ ପର୍ବ ପର୍ବାଣୀରେ
ଜୀବନ ହେଉଛି ଧନ୍ୟ

ବାଣପୁର ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ହିଁ ତୁମେ

ସୌଦାଗର ବିଶ୍ୱାଳ



ନା ନା ! ! !

ଜୀଇଁ ହୁଏନାହିଁ

ତୁମ ବିନା .....

ମୋ ଛାତିର ଦରଜକୁ

ତୁମ ପ୍ରେମ

ମୁଭ୍ କିମ୍ବା ଭୋଲିନି ପରି .....

ତୁମ ସ୍ପର୍ଶରେ ମୋର ସ୍ପନ୍ଦନକୁ ଉପସମ ମିଳିବ .....

ତୁମ ନଜରରେ

ମୋର ସାହାଡ଼ା ଗଛ ହିଁ ନିଜର .....

ମାତ୍ର

ଏ ତ ମୋ ଶପଥର କରାମତି .....

ନା ତୁମ ବିନା ମୁଁ ଆନ କଥାର ଅନୁସନ୍ଧିତ୍ସୁ .....

ନା ଚେତନାରେ ଆନ ଚିନ୍ତନ......

ବାସ୍

ତୁମେ ହିଁ ତୁମେ କେବଳ ତୁମେ......

ମୋର ସବୁ ଦୋଷ ଦୁର୍ବଳତାକୁ ଘୋଡେଇ ପଣତରେ


ଶୁଆଇ ଦେଇ ପାରିବ ଚିର ନିଦ୍ରାରେ......

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯୁବକ ଯୁବତୀ ସଙ୍ଗୀତଗାନ

ଡଃ ବିଦ୍ୟାଧର ମହାନ୍ତ



ରାଗ ।। ଚକ୍ର କେଳି।।

ଯୁବକ ଯୁବତୀ କରହେ ଗାନ,
ଆମେ ଭାରତୀୟ ବଡ ମହାନ୍ ।୧।

ଆମ ହାତେ ଉଡ଼େ ଧ୍ୱଜା ତ୍ରିରଙ୍ଗା
ଯେଉଁ ଦେଶେ ଜାତୀୟତା ମହଙ୍ଗା ।୨।

ଯୁବକ ଯୁବତୀ ବିଜୁଳୀ ବତୀ
ତାଙ୍କ ହାତେ ଉଡ଼େ ନେତ ସମ୍ପତି ।୩।

ଯୁବକ ଯୁବତୀ ସଙ୍ଗୀତ ଗାନ
କରୁଛନ୍ତି ସଦା ଦେଶେ ମହାନ୍ ।୪।

ତେଜରେ ମହାନ୍ ଜ୍ଞାନେ ମହାନ୍
ଜଗତେ ସୁନ୍ଦର ଯୁବକ ମାନ ।୫।

ଆମ ଦେଶର ଯୁବକ ଯୁବତୀ
ପ୍ରଚଣ୍ଡ ତପନ ତଡ଼ିତ ବତୀ ।୬।

ଯୁବକ ଯୁବତୀ ଲୌହର ଶକ୍ତି
ଦେଶକୁ କରନ୍ତି ବିନୟେ ଭକ୍ତି ।୭।

ଦେଶ ମାତୃକାର ଜାଗ୍ରତ ସେନା
ଆକାଶେ ଉଡ଼ନ୍ତି ଲାଗିଛି ଡେଣା ।୮ ।

ଯୁବକ ଯୁବତୀ ଆମ ମହାନ
ତାଙ୍କପାଇଁ ଚିର ଜ୍ଞାନ ବିଜ୍ଞାନ ।୯।

ଯୁବକ ଯୁବତୀ ଫୁଲ ସମାନ
ଦୁଷ୍ଟେ କଠିନ ସରଳେ ମହାନ୍ ।୧୦।

ମୋ ନ ୮୬୫୮୦୩୭୩୮୮.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏବେ ମୁଁ ସିନିୟର୍ ସିଟିଜେନ୍

ନିତ୍ୟ ରଞ୍ଜନ ନନ୍ଦ



ସମୟ ସାଥିରେ ତାଳ ଦେଇ ମୋର ବୟସଟା ବଢ଼ି ଚାଲିଛି,
ବୟସ ହେବାରୁ ଚାକିରୀରୁ ମୋତେ ଅବସର ମିଳି ଯାଇଛି ।
କିଏ କହେ ତୁମ ଦ୍ୱିତୀୟ ସୋପାନ କାର୍ଯ୍ୟକାରୀ ଏବେ ହେଉଛି,
ଆଉ କିଏ କହେ ଜୀବନ ନାଟକର ଶେଷ ଅଙ୍କ ଆସି ଯାଇଛି ।
ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି....
ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

ଚାକିରି ସମୟେ ସାଥି ପରିଜନେ ବହୁ ଆଦୃତ ହୋଇଛି,
ଅବସର ପରେ ସମସ୍ତଙ୍କର ଅଲୋଡା ମୁଁ ହେଇଯାଇଛି ।
ସାର୍ ଓ ସାହେବ ସମ୍ବୋଧନରେ ଦିନ କେତେ ବିତି ଯାଇଚି,
ଏବେ କିନ୍ତୁ ସେଇ ସମ୍ବୋଧନର ସଂଜ୍ଞା ବଦଳି ଯାଇଛି,
ମଉସା, ଅଙ୍କଲ୍ ସମ୍ବୋଧନ ଶୁଣି ମନଟା ଦୋହଲି ଯାଉଛି ।
ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି....
ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

ଚୁଟି କଳା ରଙ୍ଗ ଦିନକୁଦିନ ତ ଧବଳ ହେବାରେ ଲାଗିଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳାରଙ୍ଗ ବୋଲି ସଭିଙ୍କ ଆଗରେ ସତକୁ ଲୁଚାଇ ରଖୁଛି ।
ସାଥି ମେଳେ ତାଳ ଦେଇ ଯେବେ ମର୍ଣ୍ଣିଙ୍ଗ୍ ୱାକ୍ କରୁଛି,
ବୁଝିପାରୁନି ମୁଁ ଜୋର୍ ରେ ଚାଲିଲେ କାଇଁ ହାଲିଆ ଲାଗୁଚି ।
ଝାଳନାଳ ହୋଇ ସିଡି ଚଢି ଗଲେ ଘରଣୀକୁ ଭାରି ବାଧୁଛି,
ଦରଦୀ କଣ୍ଠରେ କହୁଛି ସେ କ'ଣ ବୟସ ତୁମର ଆସୁଛି ?
ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି....
ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

ଟିଭି ଦେଖା ଅବା ମୋବାଇଲ୍ ଧରି ସମୟଟା କଟି ଯାଉଛି,
ସେହିବେଳେ କିଛି ବାଧା ଉପୁଜିଲେ ଚିଡିଚିଡା ଖାଲି ଲାଗୁଛି ।
ବର୍ଷା ଓ ଖରାକୁ ଖାତିରି ନକରି କେତେ ଦିନ ରାତି କାଟିଛି,
ଏବେ କିନ୍ତୁ ତାହା ନ ଜଗିଲେ, ଦେହ ଟି ଖରାପ ହେଉଛି ।
ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି...
ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

ଚାକିରି ଜଞ୍ଜାଳ ଭିତରେ ଥାଇବି ହସି ଖୁସି ଦିନ କାଟିଛି,
ଟିକିଏ କଥାରେ କାହିଁକି କେଜାଣି ରାଗଭାଵ ମନେ ଆସୁଛି ।
ଘରେ ପଚାରନ୍ତି କାହିଁକି ତୁମର ଚିଡିଚିଡା ଭାବ ହେଉଛି,
ଭାବୁଛି ସତରେ ବିନା କାରଣରେ ମନଟା ଦୁର୍ବଳ ହେଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି...

ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

ବାଇକ୍ ସ୍କୁଟର ବହୁ ଚଲେଇଛି, ଏବେ ମୋତେ ମନା ହେଉଛି,

ଘରଣୀ ସହିତ ପିଲାଏ କହନ୍ତି, ତୁମ ବୟସ କି ଆଉ ଆସୁଛି ?

ଯାହାକିଛି କଥା କହୁଛି, ଉତ୍ତର ମିଳେ ତୁମ ବେଳ କା'ଣ ରହିଛି,

ପିଲାମାନେ ଯାହା କରୁଛନ୍ତି, ସେଥିରେ ହଁ ଭରିବାକୁ ପଡୁଛି ।

ସିଡି ରେ ଚଢ଼ି କାମ କରିବାକୁ, ମନରେ ଯେବେ ମୁଁ ଚାହୁଁଛି,

ଘରଣୀ ଚିହିଁକି କହୁଛନ୍ତି କା'ଣ ବୟସ ତୁମର ଆସୁଛି ?

ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି....

ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

ନାତି ନାତୁଣୀ ଙ୍କ ମେଳରେ ଏବେ ତ ସମୟ କଟି ଯାଉଛି,

ବରିଷ୍ଠ ମାନଙ୍କର ସାଥିରେ ବେଶି ବସିବାକୁ ଭଲ ଲାଗୁଛି ।

ବଜାର ସଉଦା କରିବାକୁ ଗଲେ, ଦୋକାନୀଙ୍କ ହାଲ୍ ବୁଝୁଛି,

ରେଟ୍ ଆଉ ମୂଲାମୁଲି ନାହିଁ, ଯାହା କହିଲେ ତା ଦେଉଛି ।

ନିଜ ସହ ଅନ୍ୟ ସାଥି ମାନଙ୍କର ଖବର ଅନ୍ତର ବୁଝୁଛି ।

ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି...

ଏବେ ମୁଁ ସିନିଅର୍ ସିଟିଜନ୍ ହେଇ ଯାଇଚି !!!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛିଦିନ ହେଲା ସାଙ୍ଗସାଥି ଙ୍କର ଦେହାନ୍ତ ଖବର ଆସୁଛି,

ଶୁଣି ଦେଲେ ମନ ଭିତରଟା ଖାଲି ଡହଳ ବିକଳ ଲାଗୁଛି ।

ସ୍କୁଲ ଆଉ କର୍ମକ୍ଷେତ୍ରେ ତାଙ୍କ ସାଥେ ଦିନ କେତେ କାଟିଛି,

ପୁରୁଣା କଥା ମନେ ପଡ଼ିଗଲେ, ମନ ଟା ଦୋହଲି ଯାଉଛି ।

ଖିଆଲି ମନକୁ ପ୍ରଶ୍ନଟିଏ ସଦା ବହୁ ଆନ୍ଦୋଳିତ କରୁଛି...

ଏବେ ମୁଁ ସିନିଅର ସିଟିଜିନ୍ ହେଇ ଯାଇଚି !!!

ଡ଼ି ଏଲ ଏ -୧୩, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ - ୯୪୩୭୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନୀରବତା

ଡଃ ତାନଶ୍ରୀ ପାଣିଗ୍ରାହୀ



ନୀରବତା କହେ ଅନେକ କାହାଣୀ
ଓଠ ପିଇଯାଏ ଲୁହ
ମିଳନର ବଂଶୀ ବେସୁରା ରାଗିଣୀ
କେବେ ଭରିଦିଏ କୋହ...

ଆଲୋକ ଅନ୍ଧାର ସବୁ ଲାଗେ ପର
ପ୍ରତୀକ୍ଷାର ନୀରବତା
ବିଗତ ଦିନର ମିଠା ଅନୁଭବ
ମନେ ଆଣେ କେତେ ବ୍ୟଥା...

ନୀଳ ସାଗରର ଗୋଧୂଳି ବେଳାରେ
ଅନେକ ଲହଡି ସ୍ମୃତି
ନୀରବରେ ସେତ ନିତି ଫେରିଯାଏ
ଗାଏ କରୁଣର ଗୀତି...

ଉଦାସୀ ହୃଦୟ ନୀରବରେ ଖୋଜେ
କୃଷ୍ଣଚୂଡ଼ାର ହସ
ମନ ଝୁରି ହୁଏ ପାଇବାକୁ ଥରେ
ଅମୃତ ମିଠା ପରଶ...

ଯେତେ ନୀରବତା ଥାଏ ମନେ ଲୁଚି
ହୃଦୟର ନିବିଡ଼ତା
ମନର ମଣିଷ ବୁଝିଥାଏ ଏକା
ତା ପ୍ରିୟା ମନର ବ୍ୟଥା ॥


ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ସଚିକାନ୍ତ ରଥ



ମାଆର ମମତା ମାଆର ଶରଧା
ଊଣା ହୁଏ ନାହିଁ କେବେ,
ମାଆ ପରି ସତେ ନିଜର ଜଣେ ବି
ନାହାନ୍ତି କେହିବି ଭବେ.
ଯେତେ ବାଧାବିଘ୍ନ ଆସୁ ଏ ଜୀବନେ
ମାଆ କଥା ଭୁଲ ନାହିଁ,
ମାଆ ଋଣ ଶୁଝିବାକୁ ଏ ମହୀରେ
କେହିବି ଜନମି ନାହିଁ.
ଯେତେ ବଡ଼ ପଦେ ଥାଅ ପଛ ତୁମେ
ମାଆ ପାଖରେ ତ ଛୁଆ,
ଭୁଲି ନିଜର ସେ ଦି'ଦିନିଆଁ ପଦ
ମାଆ ପାଖେ ହୁଅ ଠିଆ.
ମାଆ ମାଆ ବୋଲି ଡାକିଦେଲେ ଥରେ
ମନଦୁଃଖ ଦୂର ହୁଏ,
ପୁଅ-ଝିଅ ପାଇଁ ମାଆର ତ୍ୟାଗକୁ
ଭୁଲିକି ପାରିବ କିଏ ?

ନିଜେ ସେ ନ ଖାଇ ନିଜେ ସେ ନ ପିନ୍ଧି
ପିଲାପାଇଁ ସଞ୍ଚିଥାଏ,
ପିଲାର ପେଟରେ ଆହାର ଦେଇ ସେ
ନିଜ ସୁଖ ଲଭିଥାଏ.
ଚିର ଦୟାମୟୀ କ୍ଷମାର ମୂରତି
ମାଆ ପରା ସର୍ବଂସହା,
ମାଆ ଅଟେ ଶତ ଗୁରୁଙ୍କ ସମାନ
ମାଆ ତ ଦେଖାଏ ରାହା.
ଅବହେଳା ତାକୁ କରନି ଜୀବନେ
କର ତା'ଆଦର ସଦା,
ତା 'ଆଶିଷ ଧାରା ଶିରେ ବରଷିଲେ
ଦୂର ହୁଏ ସବୁ ବାଧା.


ଶକ୍ତି ବିହାର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାତି ପାହିଲାଣି ରାବଇ କାଉ

ନିବେଦିତା ପଣ୍ଡା



ରାତି ପାହିଲାଣି କାଉ ରାବିଲାଣି
କେତେ ପୁଲକିତ ଧରା,
ଚଳ ଓ ଚଞ୍ଚଳ ସମଗ୍ର ଜଗତ
ନୂତନ ସପନ ଭରା ।

ପ୍ରଭାତରେ ହୁଏ ସୁଖ ସୂର୍ଯ୍ୟୋଦୟ
କେତେ ଲୋକଙ୍କ ଭାଗ୍ୟରେ,
ଆଉ କେତେକଙ୍କ ଦିନ ସରିଯାଏ
ଦୁଃଖ ଯନ୍ତ୍ରଣା ଭିତରେ ।

ସୂର୍ଯ୍ୟୋଦୟ ସଙ୍ଗେ ସୂର୍ଯ୍ୟାସ୍ତ ବି ହସେ
ରାତି ପରେ ଦିନ ଆସେ,
ପ୍ରଭାତ ଦେଖାଏ ନବୀନ ସପନ
ବଞ୍ଚେ ମଣିଷ ହରଷେ ।

ଦିବସ ଓ ରାତ୍ରି, ପରିପୂରକୀୟ
ସମନ୍ୱୟ ଆକର୍ଷଣ ,
ଜଣେ ସ୍ମୃତି ହେଲେ ଅନ୍ୟ ଜଣେ ପ୍ରୀତି
ଇପ୍ସିତ ପ୍ରଣୟ ପ୍ରାଣ ।

ରାତି ଯେବେ ହୁଏ ଦୁଃଖ ଯନ୍ତ୍ରଣାର
ଅବସାଦ-ସ୍ୱେଦବିନ୍ଦୁ ,
ପ୍ରଭାତ ଆଣଇ ନୂତନ ଆକାଶେ
ଆକାଂକ୍ଷାର ପୂର୍ଣ୍ଣଇନ୍ଦୁ ।

ରାତି ତ ଅତୀତ ଝଡର ବେଦନା
ବିରାଗ , ଆନତ ଚକ୍ଷୁ ,
ସକାଳ ତାହାର ମନ ଦରଜାରେ
କାମନା ଆଶ୍ରିତ ଭିକ୍ଷୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାତି ଯଦି ଝରା ଶେଫାଳୀ ଫୁଲର
ସାଉଁଟା ସ୍ମୃତି ସୁଗନ୍ଧା ,
ସକାଳ ତ ଆଶା ତଟିନୀର ସ୍ରୋତ
ଭବ୍ୟ ଯୋଜନା ବନ୍ଧା ।

ଜଣେ ଯେ ଅଭୂଲା ଅତୀତ ଲଗନେ
ଅପୂର୍ଣ୍ଣ ନିରାଶା ଉଷା ,
ଆଉ ଜଣେ ତା'ର ବିଶ୍ୱାସ ଆକାଶେ
ଉଚ୍ଛ୍ୱାସ, ଜୀବନ ଆଶା ।

ନିଶି ସନ୍ଧ୍ୟା ଦୀପ, ନିଷ୍ପ୍ରଭ ଦୀପାଳି
ନୀରବ ଆଲୋକ ଶିଖା ,
ପ୍ରଭାତ ସର୍ବଦା ଅଦେଖା ହାତର
ଆଶାତୀତ ଭାଗ୍ୟରେଖା ।

ରଜନୀ ଅତୀତ, ଦିବା ବର୍ତ୍ତମାନ
ଉଭୟଙ୍କ ମୂଲ୍ୟବୋଧ ,
ଅନୁଭବି ଯେବେ ଆଗେଇ ଚାଲିବା
ସଫଳତା ହେବ ସିଦ୍ଧ !

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନେପଡ଼େ ମୋ ଶିକ୍ଷାଳୟ

ହିମାଞ୍ଚଳ ନାଗ



ଫେରି ଆସନ୍ତା କି ସେହି ସମୟ
ପୁଣି ଯାଆନ୍ତି ମୁ ଥରେ
ମୁରୁକି ମୁରୁକି ହସି ମୁ ଦିଅନ୍ତି
ଉତ୍ତର ପ୍ରଶ୍ନ ଉପରେ

ସକାଳୁ ଯାଇ ମୁ ସଂଜକୁ ଫେରନ୍ତି
ଥାଆନ୍ତି ସାଙ୍ଗ ମେଳରେ
ବହି ପତ୍ର ଧରି ଗମନ କରନ୍ତି
ପଢନ୍ତି ଶ୍ରେଣୀ କୋଠାରେ

ସାଙ୍ଗ ସାଥି ମେଳେ ଖଟି ମୁ କରନ୍ତି
ନାନା ଗପ ମାନ କହି
ପରୀକ୍ଷା ଖାତାରେ ଉତାରି ଲେଖନ୍ତି
ଇତିହାସ ମନ ବହି

କଲମ ମୁନ ମୋ ହାତ ପାପୁଲିରେ
ଉତାରି ଦିଅନ୍ତି କହି
ଗୁରୁ ମୋର ଶ୍ରେଷ୍ଠ ଫଳକ ପଟରେ
ମୁଖ ମୋର ଚାହିଁ ବହି

ଗୁରୁ ଙ୍କ ବଚନ ଆଜି ମୁ ଝୁରୁଛି
ଆସନ୍ତା କି ସେହି ଦିନ
ପୁଣି ମୁଁ ଯାଆନ୍ତି ଆଗରେ ବସନ୍ତି
ଗଡିଯାଆନ୍ତା କି ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଙ୍ଗ ସାଥି ଆଜି ଅଚିହ୍ନା ବଣରେ
ଖୋଜୁଥିବେ ସାଙ୍ଗ ଜହ୍ନ
ପାଇସରିଥିବେ ଅଚିହ୍ନା ବନ୍ଧୁକୁ
ସଙ୍ଗେ କାଟୁଥିବା ଦିନ

ଗାଁ ବିଦ୍ୟାଳୟ ଯାଇ ମୁଁ ଦେଖିଲି
ଲାଗିଲା ଯେପରି ମୋର
ଖେଳୁଥିଲି ଦିନେ ଗୋଡ଼ି ମାଟି ବହି
ପୋଲିସ ବାବୁକୁ ଚୋର

ଫେରି ଆସନ୍ତା କି ସେହି ସମୟ
ପୁଣି ଯାଆନ୍ତି ମୁଁ ଥରେ
ମୁରୁକି ମୁରୁକି ହସି ମୁଁ ଦିଅନ୍ତି
ଉତ୍ତର ପ୍ରଶ୍ନ ଉପରେ

ଫୋ ନ -୬୩୭୦୩୮୯୭୮୨

ଠିକଣା - ସାଲେପାଲି,ମ ରାମପୁର , କଳାହାଣ୍ଡି ୭୬୭୧୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୀରବ କୋହ

ସୁମିତ୍ରା ନାଏକ



ଝରିଝୁରି ତୋତେ ଥକି ପଡ଼ିଲିଣି
ଅନ୍ତର ମୋର କାନ୍ଦୁଚି
କେତେବେଳେ ମୁଁ ଦେଖିବି ତୋତେରେ
ଦିନରାତି ବସି ଭାବୁଚି ।।

ଦୁଃଖର ଭାରକୁ ଏମିତି ଲଦିଚୁ
ଆଖିରୁ ସରେନି ଲୁହ
ଭଙ୍ଗାକୁଡ଼ିଆରେ ଦିନ ମୁଁ କାଟୁଛି
କେମିତି ବଞ୍ଚିବି କହ ।।

ସମ୍ପର୍କୀୟମାନେ ଦୂରେଇ ଗଲେଣି
ଦୁର୍ବଳତା ମୋର ଦେଖି
ଦୁଃଖ ସବୁକୁ ମୁଁ  ସୁଖ ବୋଲି ଭାବି
ତୋ ପାଇଁ ବଞ୍ଚି ରହିଛି ।।

କାହାକୁ କହିବି ଦୁଃଖ ମୋର ସବୁ
କିଏ ବା କରିବ ଆହା
ତୁ ନାଥ ସୁଦୟା ମୋତେ କରିଥିବୁ
ବିପଦେ ହୋଇବୁ ସାହା ।।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପର୍କର ପଶାପାଲି

ସୁନିତା ମହାନ୍ତି



ଏ ସଂସାର ଏକ ମାୟା ମରୀଚିକା
ଦୁଇଦିନ ଏଠି ଖେଳ
ଆସିଛ ଏକା ଯିବାଟି ଏକା
ଛାଡି ପରିବାର ମେଳ ।
ସଂସାର ହାଟରେ ସୁଖ ଦୁଃଖ ସାଥେ
ଲାଗେ ପଶା ପାଲି ଖେଳ
ଏ ଜୀବନ ନୁହେଁ ଗୋଲାପର ଶଯ୍ୟା
ପଥ କଣ୍ଟକିତ ଖାଲ ।
ସୁଗୁଣ ଦୁର୍ଗୁଣ ଈଶ୍ୱରଙ୍କ ଦାନ
ସାଥେ ଚାଲିଥିବ ଘେରି
କର୍ମମୟ ଏହି ଦୁନିଆଁ ବୁକୁରେ
କର୍ମ କରିଯିବ ଭରି ।
ସ୍ନେହ ଆଦରର ପସରା ମୁଣ୍ଡାଇ
ବାଣ୍ଟୁ ଥିଲେ ହେବୁ ପ୍ରିୟ
ପାନରୁ ଟିକିଏ ଚୁନ ଖସିଗଲେ
ପାଟି ଘା ହେବ ଶ୍ରେୟ ।

ପ୍ରତିଯୋଗିତା ଏ ଜୀବନ ନାଟକ
ପଶାପାଲି ଖେଳ ଭଳି
କୌରବ ଅଧିକ ବଳଶାଳୀ ଏଠି
ପାଣ୍ଡବ ଭଜିବେ ମାଳି ।
କେତେଯେ ଦ୍ରୌପଦୀ କେଶ ଖୋଲି ବୁଲେ
ନାହିଁ ଆଇନର ଚାଲି
ଲୁହ ଖାଲି ଓଠ ପିଇ ଯାଉଥିବ
ହୃଦୟେ ଦୁଃଖର ମାଳି
ନୀରବରେ ପାର୍ଥ ପ୍ରତିଜ୍ଞା ବଦ୍ଧ ଯେ
ପୋଛୁନାହିଁ ଭଗ୍ନୀ ଲୁହ
ଭାରତ ମତା ଯେ ଅସହାୟ ଆଜି
ଦେଖି ପଶାପାଲି ମୋହ ।


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନ ଏମିତି ଦୋଛକିରେ ଅଛି
କେହି ନୁହେଁ ଆପଣାର
କ୍ଷୀର ଖୋଇ ସାପ ପାଳୁଥିଲେ ନିଶ୍ଚେ
ଦେବ ସେ ଚୋଟ ପ୍ରହାର ।
ସଂସାର ନାଆକୁ ସମର୍ପି ପ୍ରଭୁଙ୍କୁ
ପଶାପାଲି ସମ୍ପର୍କର
ସତ୍ୟ ଶାନ୍ତି ପଥେ ସାରଥୀ ସେ ନିଶ୍ଚେ
ଜିତାଇବେ ଚକ୍ରଧର ।
ଅପେକ୍ଷାର ଫଳ ଅତି ସୁମଧୁର
ଦେବେ ସେ ତୁମକୁ ଯାଚି
ମାନ ଅଭିମାନ ନିନ୍ଦାର ଅମାର
ଭୁଲି ହେବ ନାହିଁ ପ୍ରାଚୀ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଧାଷ୍ଟମୀ

ବସନ୍ତ କୁମାର ପ୍ରଧାନ



ଭାଦ୍ରବ ମାସର ଶୁକ୍ଳ ଅଷ୍ଟମୀରେ
ଶ୍ରୀ ରାଧାରାଣୀଙ୍କ ଜନ୍ମ,
ବିଭିନ୍ନ ସ୍ଥାନରେ ପୂଜା ହୋଇଥାଏ
ଉଚ୍ଚାରି ପବିତ୍ର ନାମ ।
ପିତା ବୃଷଭାନୁ ମାତା କୀର୍ତ୍ତିଦାଙ୍କ
ଅଟନ୍ତି ସେ ପ୍ରାଣଧନ,
ଅଯୋନିସମ୍ଭୂତା ପୁଣ୍ୟମୟ ଗାଥା
ଶାସ୍ତ୍ର କରେ ଗୁଣ ଗାନ ।
ସେହି ଶକ୍ତିମୟୀ ଆହ୍ଲାଦିନୀ ଶକ୍ତି
ଲକ୍ଷ୍ମୀ ରୂପା ପ୍ରେମମୟୀ,
ଅପ୍ରାକୃତ ପ୍ରେମ ଲୀଳା ରଚିବାକୁ
ଆସିଛନ୍ତି ସେହି ମହୀ ।
ରାଧା କୃଷ୍ଣ ଏକ ଅଭିନ୍ନ ଆତ୍ମା
ଲୀଳା ପାଇଁ ବେନି ତନୁ,
କୃଷ୍ଣ ପ୍ରାଣେଶ୍ୱରୀ ପ୍ରୀତି ରାସେଶ୍ୱରୀ
ନୟନ ଫିଟିଲା ଦିନୁ ।

ପ୍ରେମୀ ପ୍ରେମାସ୍ପଦ ଅଭେଦ ପ୍ରୀତିରେ
ତୁମରି ଭାବ ବନ୍ଧନ,
ପ୍ରେମର ପ୍ରତୀକ ଭାବେ ପ୍ରଚାରିଲ
ପ୍ରେମ ଶାଶ୍ୱତ ଚିରନ୍ତନ ।
ଅପ୍ରାକୃତ ପ୍ରେମ ମୂରତି ଉଭୟ
ରାଧାକୃଷ୍ଣ ଦିବ୍ୟ ପ୍ରେମ,
ପିଣ୍ଡରୁ ପରାଣ ଚାଲିଯାଉ ମୋର
ଧରି ସେ ପବିତ୍ର ନାମ ।

ହରିହରପୁର, ଛେଣ୍ଡିପଦା, ଅନୁଗୁଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଣେ ସେ ପାରୁଛି ଦେଖି

ଶିଶିର କୁମାର ପଣ୍ଡା



ବଞ୍ଚିଥିଲା ବେଳେ ଖାଇବାକୁ ଗଣ୍ଡେ
ଭଲକରି ଦେଲ ନାହିଁ
ମଲାପରେ ଆଜି ଲୋକ ଦେଖାଣିଆଁ
ଖୁଆଇଲ ସାଇ ଭାଇ ।
ହଜାରେ ଲୋକଙ୍କୁ ଖୋଇକି ବୁଲୁଛ
ଫୁଲେଇ ତୁମର ଛାତି
ଭୁଲିଗଲ , ବାପ ବଞ୍ଚିଥିଲା ବେଳେ
ଉପାସେ କାଟିଛି ରାତି ।
ବୁଢ଼ା ବୟସରେ ପାଖରେ ବସିନ
ଦେହରେ ମାରିନ ହାତ
କଥା କଥାକରେ ଭାରିଯା ଲଗେଇ
ମାରିଛ ଗୋଇଠା ନାତ ।
ତୁଣ୍ଡର ଭାଷାରେ ଦେଇଛ ତାଙ୍କର
କୋମଳ ହୃଦୟ ଭିଣି
ଭାବୁଛକି ଲୋକ ଖାଇବାକୁ ଦେଇ
ପାରିବ ହୃଦୟ ଜିଣି ?

ତମେ ଯା' କରୁଛ ଜାଣୁ କେ ନ ଜାଣୁ
ଜଣେ ସେ ପାରୁଛି ଦେଖି
ସୁଧମୂଳ ସବୁ ହିସାବ କରିକି
ଖାତାରେ ରଖୁଛି ଲେଖି ।
ଭୋଗିବାକୁ ହବ କରମକୁ ଘେନି
ଏଇଠି ତୁମକୁ ଫଳ
କାହାକୁ କାହିଁକି କହିବା କହିଲ
ସବୁତ ଦେହକୁ ବଳ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାଥିଟିଏ

ପ୍ରଶାନ୍ତ ବ୍ରହ୍ମା



ଦେହର ଘା'ଟା ଶୁଖେ ଦୁଇଦିନେ
ମନର ଘା' ଟା ନୁହେଁ
ମନର ଘା' ଟା ଶୁଖିବାକୁ ହେଲେ
ସାଥି ଟିଏ ପରା ଚାହେଁ ।

ଅଙ୍ଗ କଟିଗଲେ ଯୋଡି ହେବ ସିନା
ମନ କଟିଗଲେ ନୁହେଁ
ମନ ଯୋଡିବାକୁ ସାଥି ଟିଏ ପରା
ସାଥୀର ବାଟକୁ ଚାହେଁ ।

ଘର ଯୋଡି ହେବ ଇଟା ପଥରରେ
ହୃଦୟ ଭାଙ୍ଗିଲେ ନୁହେଁ
ହୃଦୟ ପାଇଁକି ସାଥି ଟିଏ ପରା
ଚାହିଁ ବସି ରହି ଥାଏ ।

ଲିଭି ଥିବା ଦୀପ ଲାଗିଯିବ ସିନା
ମନର ଦୀପଟା କେବେ
ମନର ଦୀପଟି ଆଲୋକିତ ହୁଏ
ପାଖେ ଥାଏ ସାଥି ଯେବେ ।

ଘରର ଅଳିଆ ଝାଡୁରେ ଛାଡ଼ିବ
ଅନ୍ତର ଅଳିଆ ନୁହେଁ
ଅନ୍ତର ଅଳିଆ ଛାଡ଼ିବାକୁ ହେଲେ
ସାଥି ଟିଏ ପରା ଚାହେଁ ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଙ୍ଗ

ଦେବାଶିଷ ଚକ୍ରବର୍ତ୍ତୀ



ଶାମ୍ବର ମୂଷଳ ଘୋରିବାରେ ସିନା
ନସ୍ୟାନ୍ତ ହୋଇ ପଡ଼ିଥିଲେ ଯଦୁକୁଳ
ହେଲେ, ଏତେ ଘୃଣାର ରଙ୍ଗ ବୋଳିବା
ପରେ ବି କାଇଁ ଟିକିଏ ବି ବିକାର ନାଇଁ
ମନରେ ତୁମର
କାରଣ, ଭାରି ଅସହଜ ନୁହେଁ କି
ନିରେଖିବାକୁ
ଆପଣାର
ମନ ଭିତରର ଅନ୍ଧକାର ?

ଛାତିରେ ହାତରଖି କୁହତ
ତୁମେ କହୁଛ ଯାହା
ସତରେ କଣ ହୋଇଛ ତାହା ?
ଖାଲି ରଙ୍ଗ ବଦଳ କରିଲେ କଣ
ମିଳିଯାଏ କ୍ରାନ୍ତି
ନା ତାହା କେବଳ ମନର ଭ୍ରାନ୍ତି ?

ଖାଲି ବାହାରର ରଙ୍ଗବଦଳ
କରି ସିନା
ଦେଖାଉଛ ଆପଣାର କାଢ଼ପଣ
ହେଲେ କେବେ ନିରେଖିଛ କି
ଭିତର ମଣିଷଟିର ବିମର୍ଷପଣ ?
ଚେଷ୍ଟାକଲେ ବି କଣ ପୋଛି ପାରିବ କି
ଘାସ ପାପୁଲିରେ ମୋତିପରି ଝଲସୁଥିବା
ମାଇ କାକର ର ଲାଜୁଆ ଚାହାଣୀ
ଭୋଦେଇ ପବନର ଛୁଆଁରେ କୁରୁଳୁ ଥିବା
ଧାନ କ୍ଷେତର ସବୁଜିମା
ଏଥିରେ ଭୂମିସାତ୍ ହେଉନି କି
ତୁମର ବଡିମା ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ କେଉଁକାଳ ରୁ ଶୁଣିଆସୁଛୁ
ଖୁବ୍ ପବିତ୍ର ଓ ପରିଚ୍ଛନ୍ନ
ସାହିତ୍ୟର ଅଗଣା
ହେଲେ ସୃଜନ ସାମର୍ଥ୍ୟହୀନ
ବୃହନ୍ନଳାମାନଙ୍କ ପାଇଁ
ତାହା ପାଲଟି ଯାଇନି କି
ଦୂରଭିସନ୍ଧିର ଅରମା ?

କ୍ଷମତା ଶିରୋପା ନାଇଲେ
ଅହଂକାରୀ ସିନା ମଣୁଥାଏ
ଆପଣାକୁ ସର୍ବଶକ୍ତିମାନ
ହେଲେ ଢେଏର୍ ଶାସକ ହଜିଲେଣି
ସମୟର କରାଳ ସୁଅରେ
ଅଥଚ କବିଟିଏ ହୃଦୟର ନିକୁଞ୍ଜରେ
ନିରନ୍ତର ବଂଶୀ ବଜାଉ ନଥାଏ କି
ଅକପଟ ଆପଣାପଣରେ
ହେଲେ, କେଉଁ କାଳରେ
କାଳ ତାକୁ କବଳିତ କରି ପାରିଛି କି
ମରଣ ଫାଶରେ ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅବ୍ଧି ତଟର ଉପଲବ୍ଧି

ଡଃ ପ୍ରିୟଦର୍ଶିନୀ ମିଶ୍ର



( ସନେଟ୍, ଚତୁର୍ଦ୍ଦଶପଦୀ)

ପ୍ରାତଃ ପ୍ରହରରେ ଦିନେ ଅବ୍ଧି ତଟେ ବସି
ଦେଖୁଥିଲି ଊର୍ମି ଯେତେ ତଟରୁ ଫେରଇ
ଏକ ପରେ ଆରେକ ଯେ ପ୍ରତିସ୍ପର୍ଦ୍ଧା ତୁଲ୍ୟ
କ୍ଷୀପ୍ର ବେଗେ ମାଡ଼ି ଆସି ଛୁଇଁଥାନ୍ତି କୂଳ ।

କେତେ ଯେ ଶାମୁକା ଶଙ୍ଖ ଦେଇଥାଏ ଭେଟି
ସହସା କେବେ ସେ ନିଏ ଦରବ ଲେଉଟି
ଅବ୍ଧିର ସେ ଊର୍ମୀମାଳ ସତେ କି କୁହଇ
ଦେଇଅଛୁ ଯାହା ଜନେ,ପାଇବୁ ତୁ ସେଇ ।

ତରଙ୍ଗାୟିତ ତରଙ୍ଗ ଉଚ୍ଚ-ନୀଚ ହୋଇ
ଜୀବନର ସ୍ଥିତିକୁ ଯେ ଦିଅଇ ବୁଝାଇ
କେବେ ଜୀବନରେ ପ୍ରାପ୍ୟ ହୁଏ ଉଚ୍ଚ ସ୍ଥାନ
କେବେ ପୁଣି ନୀଚ ସ୍ଥାନେ ବିତଇ ଜୀବନ।

ଫେରିଲି ମୁଁ ଊର୍ମୀଠୁ ମହତ ଶିକ୍ଷା ଲଭି
ଅବ୍ଧି ତଟରୁ ହେଲା ମୋ ନବ ଉପଲବ୍ଧି।।

ମଣ୍ଡଳ (ବଲାଙ୍ଗୀର)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିବାହ ଓ ଛାଡ଼ପତ୍ର

କୁଳମଣି ବାରିକ



ବୈବାହିକ ଜୀବନ, ନୁହଇଁ ମୂଲ୍ୟହୀନ,
ଦିଏ ସୁଖଦ, ଶୁଭଦ, ଅତୁଳ,
ମ୍ରିୟମାଣ ସଂଭୋଗେ, କ୍ରିୟାର ବିନିଯୋଗେ,
ହରି ବିଫଳତା, ଦିଅଇ ଫଳ ।।
ବିବାହ ଯେ'ବନ୍ଧନ, ବେନି ମନ ଅଭିଯାନ,
ରହେ କାଳ କାଳକୁ ଆଜୀବନ,
ଯେସମସ୍ୟା ସମାଧାନେ,ରୁହନ୍ତୁ ସାବଧାନେ,
ସମସ୍ୟାକୁ କରନ୍ତୁ ଉଲଘଂନ ।।
ବାୟା ବାତୁଳ ପ୍ରାୟେ, ଚିହ୍ନା ଅଚିହ୍ନା ହୁଏ,
ଧ୍ୟାନ ଅଧ୍ୟାନ ମିଶ୍ରିତ, ମାନସ,
ହରନ୍ତୁ ମାନସିକ, ନଘେନ  ଯଉତୁକ,
ଯେ'ନାଶର କାରଣ, ସର୍ବନାଶ ।।
ସର୍ବନାଶରେ ମତି, କରିଲେ ଦୁର୍ନୀତି,
ପୁନଃ ହର ବଳ, ବୀର୍ଯ୍ୟ, ସମ୍ପତ୍ତି,
ବିପରୀତ କରମ, ବିରୋଧାଭ୍ୟାସ ଧର୍ମ,
ଧରି ଉଦ୍ଧରିବା ଫଳେ ଅଶାନ୍ତି ।।
ରହନ୍ତି ଅନ୍ୟ ଠାବେ, ସିଦ୍ଧି ସିଦ୍ଧ ଅଭାବେ,
ନଲେଖିଲ ଯେବେ ଛାଡପତ୍ର,
ଜିଜ୍ଞାସାର୍ଥେ ପେଶନ୍ତି, ଦ୍ୱିଧା ମତେ ଜଳନ୍ତି,
ଅତ୍ର ଓ ତତ୍ର ଆବର ସର୍ବତ୍ର ।।
ବିଭିନ୍ନ ସମସ୍ୟାରେ, ପଡି ମାଟି ବାସରେ,
ବାହୁନନ୍ତି ଅଯଥା, ମଥାକୁ କୋଡ଼ି,
ବିବାହ ପରମ୍ପରା, ଅଲଣା ଲାଗେ ପରା,
ଯିଦିରେ ନିୟମକୁ, ଦେଉ ପୋଡି ।।
ଯଦିଚ ଛାଡପତ୍ର, ମନେ ଭରିଲ ଅତ୍ର,
ବିଭା, ସଂସ୍କାର ହୁଏ ଅପବିତ୍ର,
ସବୁଠାରୁ ଯେ'ଶ୍ରେୟ, ବିଭା ହେବାରେ ଲୟ,
ମାନସ ହେଉ, ସୁଖରେ ଆଶ୍ରିତ ।।
ବିବାହଯେ କରିବା, ଆବର ନା'କରିବା,
ଏକା ଭଳି ହୁଅଇ ତୁଳନୀୟ,
ବିବାହ କରି ଯଶ, ଛାଡପତ୍ରେ ଅପଯଶ,
ମୁଣ୍ଡେଇବା ଭଣ୍ଡେଇବାର ଶ୍ରେୟ ।।

ଶିଶୁଆ, ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାସେଶ୍ୱରୀ ଶ୍ରୀ ରାଧା

ଗଗନ ବିହାରୀ ଷଡ଼ଙ୍ଗୀ



ଦ୍ୱାପର ଯୁଗରେ, କୃଷ୍ଣ ଅବତାରେ
ଧର୍ମ ସଂସ୍ଥାପନ ପାଇଁ,
ରଚି ନାନା ଲୀଳା, ସେହି ନନ୍ଦବଳା
ଦୁଷ୍ଟଙ୍କୁ ନାଶିଲେ ସାଇଁ ।୧

ପ୍ରିୟ ସହଚରୀ, ରାଧିକା ସୁନ୍ଦରୀ
ଥିଲେ ବାଲ୍ୟ କାଳ ସଖୀ,
ଗୋପଗୋପାଳୁଣୀସଙ୍ଗତେବାୟାଣୀ
କୃଷ୍ଣ ସହ ସମ ଦୁଃଖୀ ।୨

ଚନ୍ଦ୍ରସେଣା ବର, ଥିଲା ନପୁଂଷକ
ଜଟିଳା ଶାଶୁ ରାଧାର,
କୁଟିଳା ନଣନ୍ଦ, ବଡ ସେ ଉଦଣ୍ଡି
ଅପବାଦ ଦେବା ସାର ।୩

ଶ୍ରୀକୃଷ୍ଣ ପ୍ରେମରେ,ରାଧା ପ୍ରେମାସକ୍ତ
ଶାଶ୍ୱତ ପ୍ରେମରେ ମଜେ,
ରାଇ ବିନୋଦିନୀ, ଶ୍ରୀ କୃଷ୍ଣ ସଙ୍ଗିନୀ
ଗୋପରେ ଚଳେ ମଉଜେ ।୪

କୃଷ୍ଣ ବଂଶୀ ସ୍ୱନେ, ରାଧିକା ବାଉଳା
କୁଞ୍ଜ ବନେ ମିଳେ ଆସି,
ନାନା ଅଙ୍ଗ ଭଙ୍ଗୀ, କରି କୃଷ୍ଣ ସଙ୍ଗୀ
ପ୍ରେମଟି ଥାଏ ପ୍ରକାଶି ।୫

ଦିବ୍ୟ ବୃନ୍ଦାବନେ, ରାସେଶ୍ୱରୀ ରାଧା
ମହାରାସର ନାୟିକା,
ମଥୁରା ଦ୍ୱାରକା, ଯିବାରୁ ଶ୍ରୀକୃଷ୍ଣ
ରାଧା ହୋଇଗଲେ ଏକା ।୬

ଶ୍ରୀ କୃଷ୍ଣ ବିଚ୍ଛେଦ, ବିଦାରିଲା ହୃଦ
ମିଳିଲା ଟି ଅପବାଦ,
ରାଧା ଅପନିନ୍ଦା, ନସହି ଶ୍ରୀକୃଷ୍ଣ
କଲେ ତାର ପ୍ରତିବାଦ ।୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀକୃଷ୍ଣ ବ୍ୟଥିତ, ହୋଇଲେ ଅସୁସ୍ଥ
ସୁସ୍ଥ ହୋଇବେ ଝଟତୀ,
କଣା ମାଠିଆରେ, ପାଣି ଆଣି ରାଧା
ସୁସ୍ଥ କରି ହେଲେ ସତୀ ।୮
ରାଧା ପଦରଜ, ପାଇ ପ୍ରଭୁ ସୁସ୍ଥ
ଜର ଗୋଟି ଗଲା ଦବି,
ସତୀ ପରୀକ୍ଷାରେ, ହୋଇଲେ ଉତ୍ତୀର୍ଣ୍ଣ
ରାସେଶ୍ୱରୀ ରାଧା ଦେବୀ ।୯
କୃଷ୍ଣ ପରମାତ୍ମା, ରାଧିକା ଜୀବାତ୍ମା
ଦୁହେଁ ଦୁହିଁଙ୍କର ପାଇଁ,
ପରମାତ୍ମା ସଙ୍ଗେ, ମିଳନ ନିମିତ୍ତ
ଆତ୍ମା ହୁଏ ହାଇଁପାଇଁ ।୧୦

ବ୍ଳକ କଲୋନୀ, ଆଠଗଡ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆର ଖେଦ

ସୁରେନ୍ଦ୍ର ନାଥ ଖଣ୍ଡୁଆଳ



ମାଆର ସେନେହ ଅମୃତର ଧାର
ଶିଶୁ ଲାଗି ଅଭିପ୍ରେତ ,
ନଅ ମାସ ଦଶ ଦିନ ଗର୍ଭ କଷ୍ଟ
ବ୍ରହ୍ମାଣ୍ଡେ ସର୍ବ ବିଦିତ ।।୧।

ଆପଣାର ସୁଖ କରିଥାଏ ପଛ
ଶିଶୁ ହିତେ ଓଷା ବ୍ରତ ,
ରହି ଉପବାସ ମନାସେ ଆୟୁଷ
ତ୍ୟାଗରେ ହୁଅଇ ପ୍ରୀତ ।।୨।

କଳିଯୁଗ ପୁଅ ଅବା ଝିଅ କୁହ
କେ ପାରିବ ଶୁଝି ଋଣ ,
ହୃଦୟ ବେଦନା ଗର୍ଭର ଯନ୍ତ୍ରଣା
ସଂସାର ଜଞ୍ଜାଳ ଭାର ।।୩।

ବିପଦ ଆପଦେ ଘୋଡ଼ାଇ ପଣତେ
ରୋଗ ଶଯ୍ୟା ପାଶେ ଥାଏ ,
ଦିଅଁଙ୍କର ପାଶେ ଯାଚଞ୍ଚା ପରଶେ
ହୃଦେ କୋହ ଚାପି ଥାଏ ।।୪।

ପୁଅ ହୋଇ ବଡ଼ ଗଢଇ ସଂସାର
ଝିଅ ଯାଏ ଶାଶୁଘର ,
ଆପଣାର ସୁଖ କରଇ ବିମୁଖ
ମାଆ ହୁଏ ହତାଦର ।।୫।

ବାର୍ଦ୍ଧକ୍ୟ ଯନ୍ତ୍ରଣା କରଇ ରୋଗୀଣା
ସହିଥାଏ ନାନା କ୍ଲେଶ ,
ପୁଅ ବୋହୂ ପ୍ରେମ ଝିଅ ଜୋଇଁ ସ୍ନେହ
ଖୋଜଇ ଟିକେ ପରଶ ।।୬।

ମରଣ ବିଚ୍ଛେଦ ଦାରୁଣର ଖେଦ
ବୁଝିଥାଏ ପ୍ରତିକ୍ଷଣ ,
ମରଣ ଶଯ୍ୟାରେ ସଭିଙ୍କୁ ହିଁ ଝୁରେ
ବ୍ୟାକୁଳେ କରେ କ୍ରନ୍ଦନ ।।୭।

କେହି ନ ବୁଝନ୍ତି ଦୂରେଇ ରହନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଲେ ମୃତ୍ୟୁ ଖବର ,
କ୍ରିୟା କର୍ମ ପାଇଁ ଆସିଥାନ୍ତି ଧାଇଁ
ହୋଇଥାନ୍ତି ତରବର ।।୮।
ଭୋଜି ଆୟୋଜନ ବନ୍ଧୁ ପରିଜନ
ସଭିଙ୍କୁ କରନ୍ତି ମେଳ ,
ମାଆ ଚାଲିଗଲା ଆଖି ନ ଦେଖିଲା
ଛଳେ ବହେ ଲୁହ ଧାର ।।୯।
ଆହେ କଳି ନର ନ ହୋଇ ନିଷ୍ଠୁର
ଭୁଲ ନାହିଁ ପିତାମାତା ,
ପିତାମାତା ଆମ ଚଳନ୍ତି ଠାକୁର
ବ୍ରହ୍ମାଣ୍ଡେ ବଡ଼ ଦେବତା ।।୧୦।

ଶିକ୍ଷକ , ନୂଆଗାଁ ବ୍ଲକ , ନୟାଗଡ଼ ,
ମୋ : ୯୯୩୭୦୧୫୧୬୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅସହିଷ୍ଣୁତାର ଅସ୍ପଷ୍ଟ ଧ୍ୱନୀ

ବଟକୃଷ୍ଣ ପଣ୍ଡା



ଅସହିଷ୍ଣୁତାର ଅସ୍ପଷ୍ଟ ଧ୍ୱନିଟା
ଦିନେ ହୁଅଇ ଅସହ୍ୟ
ସମ୍ପର୍କ ଭିତରେ ପଶାପାଲି ସାଜେ
ଗୋଟି ରୂପରେ କଳହ ।

ସୁନେଲୀ ସପନ ଦେଖିଣ ମଣିଷ
ସମ୍ପର୍କକୁ ଠକିଦିଏ
ସ୍ୱାର୍ଥ ଇସାରାରେ ଇତିହାସ ସହ
ବ୍ୟାକରଣ ଭୁଲିଯାଏ

ବେଦନାରେ ଜଡସଡ ହୁଏ ନର
ମୃତପ୍ରାୟ ମର୍ମାହତ
ଶୁନ୍ୟର ନୀଳିମା ସମ୍ପର୍କ ଆକାଶ
ମିଛେ କରେ ବିମୋହିତ ।

ସମ୍ପର୍କରେ ପଶାପାଲି ଖେଳ ହୁଏ
ଅଳ୍ପ ପରମାୟୁ ଜାଣି
ସ୍ୱଳ୍ପ ସତ୍ୟ କଣ ମଣିଷ ଜାଣେନା
ଦାନ ଚାଲିଥାଏ ଗଣି ।

ସରଳ ମାନବ ସମ୍ଭାବନା ଧରି
ଚାଲେ ଦିଗ୍ ବଳୟ ଚିରି
ସମ୍ପର୍କର ସୂତା ମଜଭୂତ ପାଇଁ
ଖିଅକୁ ସେ ଥାଏ ଧରି ।

ସମ୍ପର୍କର ତାଳେ ତାଳେ କଥାକୁହେ
ଭରିଯାଏ ମନ ଆଶା
ଉନ୍ମାଦେ ତରଙ୍ଗ ସଞ୍ଚରିଣ ଯାଏ
ସମ୍ପର୍କେ ରଖେ ଭରସା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କର ଭାବ ନବ ଉନ୍ମାଦନା
ଅନୁଭବ ଶୀତଳତା
ଧମନୀ ସ୍ରୋତରେ ବହେ ସଂଜୀବନୀ
ଭରିଦିଏ ମାଦକତା ।

ନଈର ପାଣିରେ ଜହ୍ନ ଚିହ୍ନ ପରି
ସମ୍ପର୍କର ପାଦଚିହ୍ନ
ସମ୍ପର୍କ ଭିତରେ ପଶାପାଲି ଖେଳେ
ଖେଳୁଥାଏ ସ୍ୱାର୍ଥୀ ଜାଣ ।

ସମ୍ପର୍କରେ ରୁହେ ପଶାଖେଳ ଯେବେ
ଛିଡେ ସକଳ ବନ୍ଧନ
ବନ୍ଧୁ ଭାଇ ଠାରେ ଚୁମ୍ବକୀୟ ସ୍ରୋତ
ସମ୍ପର୍କ ରଖଇ ଟାଣ ।

ନିବିଡ ବନ୍ଧନେ ସଉଦା ହୁଏନା
ଲୋଡା ନାହିଁ ଖେଳ ସାର
ସମ୍ପର୍କ କାହାଣୀ ସରେ ନାହିଁ କେବେ
ହୁଅଇ ସ୍ମୃତି ଗୋଚର ।

ବଟକୃଷ୍ଣ ପଣ୍ଡା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନ୍ୟର ଖୁସିରେ ହୋଇବା ଖୁସି

ସନ୍ତୋଷ କୁମାର ସାହୁ



ନଥାଉ ହୃଦୟେ ଛଳନା କପଟ
ସ୍ୱାର୍ଥ ଘୃଣା ଅଭିମାନ
ଆତ୍ମୀୟତା ଭାବ ଯୋଡ଼ି ହୋଇଥାଉ
ଆନନ୍ଦରେ ପ୍ରତିଦିନ.....

ଅନ୍ୟର ଖୁସିରେ ମନ ଭରିଯାଏ
ନ ରହୁ ଅନ୍ତରେ ଦୁଃଖ
ସ୍ନେହ ଶ୍ରଦ୍ଧା ଭାବ ଥିଲେ ଅନ୍ୟପ୍ରତି
ତାହା ହିଁ ବାସ୍ତବ ସୁଖ...

ଶତ୍ରୁ ପରି ନୁହେଁ ମିତ୍ର ପରି ଯଦି
ରହିଥିବା ମିଳିମିଶି
ବିପଦ ସମୟେ ବନ୍ଧୁ ସହୋଦର
ସାହାଯ୍ୟ କରିବେ ଆସି....

କାହା ସଫଳତା ଦେଖି କେବେ ମଧ୍ୟ
ନ ରଖ ମନରେ ଖେଦ
ଅନ୍ୟର ଖୁସିରେ ହେବା ଯଦି ଖୁସି
ପାଇବା ଅମୃତ ସ୍ୱାଦ...

ପ୍ରତିଶୋଧ ଭାବ କ୍ରୋଧ ଅହମିକା
ଭାବନାକୁ ଦେବା ଛାଡ଼ି
ଅନୁରାଗ ମନେ ବାନ୍ଧି ରଖିଥିବା
ମମତା ଡୋରରେ ଭିଡ଼ି...

ଅନ୍ୟର ଖୁସିରେ ହେଉଥିବା ଖୁସି
ପରକୁ ଆପଣା କରି
ଜଗତର ଖୁସି ଆମରି ନିକଟେ
ଆସିବ ଦିନେ ଯେ ଫେରି...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆସନ୍ତ କି ତୁମେ ଥରେ...

ଅନସୂୟା ଲେଙ୍କା



ଆସନ୍ତ କି ତୁମେ ଥରେ...
ସଞ୍ଜ ନଇଁ ଗଲାପରେ
ସେଇ ଗୋଧୂଳି ଲଗନେ ।

ଆସନ୍ତ କି ତୁମେ ଥରେ....
ଶୀତ ସକାଳର
ସେଇ କାକର ସ୍ପର୍ଶରେ ।

ଆସନ୍ତ କି ତୁମେ ଥରେ.......
ଋତୁରାଜ ବସନ୍ତର
ସେଇ ମଳୟ ପବନେ ।

ଆସନ୍ତ କି ତୁମେ ଥରେ......
ପୂର୍ଣ୍ଣିମା ରାତ୍ରିର ସେଇ
ମନୋରମ ପ୍ରହାରରେ ।

ଆସନ୍ତ କି ତୁମେ ଥରେ......
ରଜନୀଗନ୍ଧାର ସେଇ
ମହ ମହ ବାସ୍ନାରେ

ଆସନ୍ତ କି ତୁମେ ଥରେ.......
ବୈଶାଖ ତାତିର ସେଇ
ଶୀତଳ ସମୀରେ
ଆସିବ ନିଶ୍ଚୟ
ମୁଁ ତୁମ ଅପେକ୍ଷାରେ ......

ସ୍ଥାନ- ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ଆଉ ତୁମେ ହେଇନାହଁ

ଜୟନ୍ତ ଦାସ ପ୍ରଫୁଲ୍ଲ



ତମେ ତ କୁହ ତୁମକୁ ନିରବତା ପସନ୍ଦ
ହେଲେ ଆଜି ତୁମ ହୃଦୟରେ ଏତେ କୋଳାହଳ କାହିଁକି ?

ତୁମେ ତ କୁହେ ମୁଁ ତୁମ ଜୀବନର ପ୍ରଥମ ପୁଅ,
ତେବେ ଏ ଉତ୍ତର ଅନ୍ୟ ପାଇଁ ପୁଣି କାହିଁକି ?

ତୁମେ ତ କୁହ ମୋ ହାତ ଧରି ବାଟ ଚାଲିବା ତୁମକୁ ପସନ୍ଦ,
ହେଲେ ଆଜି ଅନ୍ୟର ବାଇକ ପଛେ ତୁମେ ବସିଛ କାହିଁକି ?

ତୁମେ ତ କୁହ ବିବାହ ଆଗରୁ ତୁମକୁ ଛୁଇଁବା ପାପ
ତେବେ ତୁମ ବେକରେ ସେ କାମୁଡ଼ା ଦାଗ ଆଜି କାହିଁକି ?

ତୁମେ ତ କୁହ ତୁମକୁ ମନ୍ଦିର ପସନ୍ଦ
ହେଲେ ଆଜି ହୋଟେଲର କୋଠରୀରେ ତୁମ ଉପସ୍ଥିତି କାହିଁକି ?

ତମେ ତ କୁହ ତୁମକୁ ପୋଷାକ ମଧ୍ୟେ ନିଜକୁ ଢାଙ୍କିବା ପସନ୍ଦ,
ହେଲେ ଆଜି ମୋବାଇଲରେ ତୁମ ମୁକୁଳା ଦେହ ଘୁରି ବୁଲିଛି କାହିଁକି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ତ କୁହ ତୁମକୁ ତୁମକୁ ରାତି ଅନିଦ୍ରା ପସନ୍ଦ ନୁହେଁ
ହେଲେ ଆଜି ତୁମ ଆଖି ତଳ କଳା ପଡ଼ିଛି କାହିଁକି ?

ତୁମେ ତ କୁହ ତୁମକୁ ଲାଲ୍ ରଙ୍ଗର ଶାଢ଼ୀ ପସନ୍ଦ
ହେଲେ ଆଜି ତୁମ ଦେହରେ ସେ ଜିନ୍ସ ଟପ୍ କାହିଁକି ?

ସତ କୁହ ତୁମେ ଆଉ ତୁମେ ହେଇ ନାହଁ କି
ସତ କୁହ ତୁମେ ଆଉ ତୁମେ ହେଇ ନାହିଁ କି ?

ଥାଲସଡା, ବାଲେଶ୍ୱର
ମୋ -୮୪୫୫୮୬୭୨୭୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶାଳବଣ ରାଣୀ

ନଳିନୀ ଦାଶ



ଭକତି ପ୍ରଦୀପ ଜାଳି ମୁଁ ଡାକୁଛି
ନିତି ଲୋ ତାରିଣୀ ମାଆ
ଦୂରେ ଥାଇ କାନେ ମୋ ଡ଼ାକ ଶୁଣିବୁ
ଜପୁଛି ତୁଣ୍ଡେ ତୋ ନାଆଁ ।
ଜଗତ ଜନନୀ ଅଭୟ ଦାୟିନୀ
ଦୁଃଖୀ ଜନେ କରୁ ଆହା
ସଙ୍କଟ ମୋଚନୀ ତ୍ରିତାପ ହାରିଣୀ
ହୋଇବୁ ମୋତେଲୋ ସାହା ।
ମନ୍ଦାର ମୋହିନୀ ଘଟ ଗାଁ ବାସିନୀ
ତୁଲୋ ଶାଳବଣ ରାଣୀ
ତୁହି ମା ଭବାନୀ ସିନ୍ଦୂର ମୋହିନୀ
ଭକ୍ତ ମନ ପାରୁ ଜାଣି ।
ଶାଳଵଣେ ରହି ପୂଜା ପାଉଅଛୁ
ଜଗତେ ଉଡୁଛି ନେତ
ଜାଣି ନାହିଁ ମାଆ ପୂଜା ଅରଚନା
ଗାଉଛି ଭକ୍ତିରେ ଗୀତ ।
ସରାଗ ତୋର ମା ନଡ଼ିଆ ଭୋଗରେ
ତୁ ପରା ନଡ଼ିଆ ରାଣୀ
ଆପଦେ ବିପଦେ ହୋଇବୁ ସାହା ମା
ଆଖିରେ ଲୁହ ଉଜାଣି ।
ଚରଣେ ତୋହର କରୁଛି ଦୟିନୀ
ନିଷ୍ଠୁର ନହେବୁ ଚିତ୍ତେ
ଭକ୍ତ ଟିଏ ଭାବି ସାହାରା ଦେବୁ ଲୋ
ଆଡ଼େଇ ଦେବୁନି ମୋତେ ।

ଭିକାରିପଡ଼ା, ଶରଣକୁଳ, ନୟାଗଡ଼ ।
ମୋ---୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପା

ଶୁଭଲକ୍ଷ୍ମୀ ସାହୁ



ତୁଳନା ମୁ କରିପାରେନାହିଁ
ଏମିତି କେଜାଣି କାହିଁପାଇଁ ।

ପରିବାରର ସୁଖପାଇଁ
ନିଜ ପସନ୍ଦକୁ ଛାଡେ ସେହି ।

ଅନେକ ଚିନ୍ତା ଯେ ମୁଣ୍ଡରେ
କାହାକୁ କହି ସେ ନପାରେ ।

ମନରେ କୋହ ଭରାଭରା
ଆଖି ରେ ନଦୁଶଇ ପରା ।

ଛିଣ୍ଡା ପୋଷାକକୁ ପିନ୍ଧି
କର୍ମ କରେ ସେ ନିତୀନିତୀ ।

କେତେ ଯେ ଭଲ ସେ ପାଆନ୍ତି
କାହାକୁ ନକହି ପାରନ୍ତି ।

ମିଛିମିଛିକା ଗାଳି କେତେ
କହି ଯାଆନ୍ତି କେତେ ମୋତେ ।

ମୁଁ ହି ଯେ ବୋକି ବାଇଆଣୀ
ତାକଂ କଥାକୁ ଧରେ ପୁଣି ।

ମନେପଡେ ମୋ ପିଲାଦିନ
କହିଲେ ସରିଯିବ ଦିନ ।

କାହିଁ ଯେ କେଉଁ ମାସକରେ
ବାପା ଆସନ୍ତି ମ ଘରେ ।

Listen to Odia Podcast Original at https://youtube.com/@drjyotiprasad

ଖୁସି ମୋ କହିଲେ ନସରେ
ନାଚୁଥାଏ ମୁଁ ମନେମନେ।

ନ ମାଗୁଣୁ ମୁଁ ପାଞ୍ଚଟଙ୍କା
ହାତରେ ଥୁଅନ୍ତି ଦଶଟଙ୍କା।

କୁହନ୍ତି କେତେ ଯେ ବୁଝାଇ
କେବେହେଁ ହାରିଯିବୁ ନାହିଁ।

ସଫଳତା ପାଇଁ ଆମର
କେତେ ଯେ କଷ୍ଟ ହୋ ତାଙ୍କର ।

ହେ ନିରାକାର, କୃଷ୍ଣ, ଗୋବିନ୍ଦ
ତୁମର କୃପା ଯେ ଅନନ୍ତ ।

ଘଣ୍ଟ ଘୋଡାଇ ରଖ ତାଙ୍କୁ
ଏତିକି ମାଗୁଛି ଆହେ ପ୍ରଭୁ ।

ଅଉଖମା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବେଗମ୍ ଲଳିତା

ଆକୁଳାନନ୍ଦ ପୃଷ୍ଟି



ମୋଗଲ ଗୋଳ

ହା ହା କାର ରଚିଥିଲା ସମଗ୍ର ଉତ୍କଳ ।

ହତ୍ୟା ଲୁଣ୍ଠନ ଗୃହ ଦାହ

ମଠ ମନ୍ଦିର ସବୁ ମାଟିରେ ମିଶିଲା

ଧ୍ୱଂସ ହେଲା ଦେବତା ବିଗ୍ରହ ।

ସମ ଦଶା ଭୋଗିଥିଲେ

ପ୍ରଭୁ ଜଗନ୍ନାଥ

ଶ୍ରୀହୀନ ଶ୍ରୀ ମନ୍ଦିର ବିଗ୍ରହ ବିହୀନ

ବଡଦାଣ୍ଡେ ଗଡିଲାନି

ତାଙ୍କ ତିନି ରଥ ।

ଲାଲବେଗ ମୋଗଲ ସେନାପତି

ଯାଉଥିଲା ଦଳ ବଳ ନେଇ

ଲୁଟିବକୁ ମନ୍ଦିର ସମ୍ପତି

ଦେଖିଲା ସେ ସ୍ନାନରତା

ଲାବଣ୍ୟମୟୀ ସୁନ୍ଦରୀ ଯୁବତୀ ।

ଅଟକି ଗଲା ତା ଗତି

ଲୋଡା ନାହିଁ ହୀରା ନୀଳା ମୋତି

ଏ ଯୁବତୀ ବିନା ନାହିଁ ଅନ୍ୟ ଗତି

ଆଦେଶିଲା ଧରି ଆଣ

ଏ ନାରୀ ହୀରାକୁ

ବିନା ଯୁଦ୍ଧେ ରତ୍ନ ନେଇ

ଫେରିବା କିଲ୍ଲାକୁ ।

ତାହା ହିଁ ହେଲା

ଲାଲବେଗ ପତ୍ନୀ ହୋଇ

ଏ ଯୁବତୀ କିଲ୍ଲା ରେ ରହିଲା

ବଦଳି ଗଲା ତା ଧର୍ମ

ରକ୍ଷଣଶୀଳ ମଣିଷ ଆଖିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ତାର ଲାଖିଥିଲା
ଅଭୟ ପୟର ନୀଳ କନ୍ଦର ରେ ।
କାନ ତାଙ୍କ ଶୁଣୁଥିଲା
ନମାଜ କଲମା
ଆତ୍ମା କିନ୍ତୁ ଘୋଷୁଥିଲା
ତ୍ରାହି ମାଁ ମଣିମା ମଣିମା
ହେ କାଳିଆ ସୁନା ।

ବିଶ୍ୱାବସୁ କନ୍ୟା ନୁହଁ
ବିଦ୍ୟାପତି ନୁହେଁ ତାଙ୍କ ପତି
ସେ ଜଣେ ବ୍ରାହ୍ମଣ କନ୍ୟା
ଲଳିତା ଦୀକ୍ଷିତ୍ ।
ଦାଣ୍ଡ ମୁକୁନ୍ଦପୁର ଜନ୍ମିତା
ବାପଘରେ ଲାଳିତା ପାଳିତା
ବାଲ୍ୟ ବିଧବା ବ୍ରାହ୍ମଣୀ
ହେଲା ଅପହୃତା
ବଦଳିଲା ପରିଚୟ ବେଗମ୍ ଲଳିତା ।

ଏ ପରିଚୟରେ ନାହିଁ
ସେପରି ଗୁରୁତ୍ୱ
ସାଲବେଗ ତାଙ୍କ ପୁତ୍ର
ଯବନ ସେ ଜଗନ୍ନାଥ ଭକ୍ତ ।
ତାଙ୍କ ଭଜନ ଜଣାଣ
ନିନାଦୀତ ସାଧୁ ସନ୍ଥ ଭକ୍ତଙ୍କ କଣ୍ଠରେ
ପ୍ରଭୁ ବି ଅଟକିଗଲେ ତାଙ୍କ ଲାଗି
ବଡ ଦାଣ୍ଡେ ଗୁଣ୍ଡିଚା ଯାତରେ ।

ପତିତଙ୍କୁ ଦେବାକୁ ଦର୍ଶନ
ସଚଳ ଅଚଳ ହେଲେ
କିପରି ବା କରିଥାନ୍ତେ
ଭାବ ଡୋରି ଛିନ୍ନ ?
ଭକ୍ତିର ଶକ୍ତି କେତେ
ଦେଖିଲା ଜଗତ
ଏ ଲୀଳାର ଜ୍ୱଳନ୍ତ ପ୍ରମାଣ
ଅନନ୍ୟ ସେ ସାଲବେଗ ଭକ୍ତ ।
ଧନ୍ୟ ତାଙ୍କ ମାତା
ଧର୍ମ ଚ୍ୟୁତା ବେଗମ୍ ଲଳିତା ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କର ପବିତ୍ର ସେତୁ

ଅବିନାଶ ପଣ୍ଡା

ଗୁରୁଙ୍କ ନୟନେ ଥାଏ ଜ୍ଞାନର ଆଲୋକ,
ଶିଷ୍ୟ—ସେଇ ଆଲୋକର ସନ୍ଧାନୀ,
ଏକତାର ଅମୃତ ବନ୍ଧନେ,
ଉତ୍ପନ୍ନ ହୁଏ ନୂତନ ଦୃଷ୍ଟିକୋଣର ଆଲୋକ ।

ଗୁରୁ ଶିଖାନ୍ତି— କେବଳ କଥାରେ ନୁହେଁ,
କର୍ମରେ, ଆଚରଣରେ, ସ୍ନେହରେ,
ଜୀବନର ମୂଲ୍ୟବୋଧରେ ।

ଶିଷ୍ୟ ଶୁଣେ— ଏକାଗ୍ରଚିତ୍ତରେ,
ଶ୍ରଦ୍ଧାରେ; ମନ-ଧ୍ୟାନେ, ଆତ୍ମାର ଆଲୋକେ,
ସେଇଠାରୁ ମିଳେ ଭବିଷ୍ୟତକୁ ଗଢ଼ି ତୋଳିବାର ପ୍ରେରଣା ।

ମନ୍ଥନରେ ଖୋଜାଯାଏ ଆଶା,
ନୀରବତାରେ ମିଳେ ପ୍ରେରଣା,
ଭରସାରେ ଗଢ଼େ ସେତୁ,
ଯାହାକୁ ସମୟ କେବେ ଭାଙ୍ଗିପାରେନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଫଳତାର ଅନ୍ଧକାରେ ଯେ ହାତ ଧରନ୍ତି,

ସଫଳତାର ଉଜ୍ଜ୍ୱଳ ଆଲୋକେ ମଧ୍ୟ,

ଅହଂକାରଠୁ ଯେ ଦୂରରେ ରଖନ୍ତି ।

ଗୁରୁକୂଳର ଅଧ୍ୟୟନରୁ ଆଜିର ଭର୍ଚୁଆଲ୍ ଶ୍ରେଣୀକକ୍ଷ ପର୍ଯ୍ୟନ୍ତ,

ଗୁରୁ-ଶିଷ୍ୟ ପରମ୍ପରାର ସେତୁ ଅବିଚଳ, ଅନନ୍ୟ।

ଏହା ହେଉଛି ଜ୍ଞାନର ଦିଶା, ମୂଲ୍ୟବୋଧର ଦୀପଶିଖା,

ଜୀବନର ପବିତ୍ର ସମ୍ପର୍କ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୁହୁଡ଼ି

ରାଜେଶ କୁମାର ଆରୁଖ



କୁହୁଡି ଝାପ ଦେଇ ଆସିଛି ନିରବ ପଥରେ,
ଧୂସର ରଙ୍ଗ ଲେପିଛି ପୃଥିବୀର ହୃଦୟରେ ।
ଗଛ, ପଥ, ଘର ହେଉଛି ଧୂଆଁରେ ଲିନ,
ମନ ଭିତରେ ଜାଗିଯାଏ ଏକ ଅଜଣା ଚିନ୍ତନ ।

ଶୀତଳ ବତାସ ହୃଦୟକୁ ଛୁଇଁ ଯାଏ ହାଲୁକା ହସରେ,
ପାଦ ଧ୍ୱନି ହଜିଯାଏ କୁହୁଡିର ଗଭୀର ହୃଦୟରେ ।
ପ୍ରକୃତି ମନ୍ତ୍ର ଚାଳନା କରେ ନିର୍ବାଚିତ ଶବ୍ଦରେ,
ଆଲୋକ ଓ ଅନ୍ଧକାର ମିଶିଯାଏ କୁହୁଡିର ଗୁପ୍ତ ରହସ୍ୟର ।

କୁହୁଡି କେବଳ ଧୂଆଁ ନୁହେ ଆକାଶରେ,
ଏହା ମନର ଗଭୀରତାର ଏକ ଆବରଣ ;
ଯେଉଁଠି ଆଲୋକ ହରାଏ ତାହାର ପଥ,
ସେଠି ଆତ୍ମା ଖୋଜୁଥାଏ ନୂତନ ଅର୍ଥ ।

ରାଜେଶ କୁମାର ଆରୁଖ
କନିଷ୍ଠ ରାଜସ୍ୱ ସହାୟକ, ହିଞ୍ଜିଳିକାଟୁ, ଗଂଜାମ
ମୋ- ୯୧୭୮୮୭୮୭୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ

ଅମୃତନାରାୟଣ ଶତପଥୀ



କ୍ଷୁଦ୍ର କୀଟ ଅବା ଜୀବ କି ନିର୍ଜୀବ କିବା ଅଚଳ ମହାମେରୁ,
ମନୁଷ୍ୟ ବା ପଶୁ ଯାହାଙ୍କଠୁ ମିଳେ ଶିକ୍ଷା, ସେ ଆମ ଗୁରୁ ।(୧)
ଗୁରୁ ପୂଜନୀୟ, ଗୁରୁ ବନ୍ଦନୀୟ ଗୁରୁ କୃପାର ଭଣ୍ଡାର,
ଗୁରୁଙ୍କ ଆଶିଷ ବିନା ସଂସାରରେ ଅଟଇ ସବୁ ଅସାର ।(୨)
ଗୁରୁଙ୍କ କରୁଣା ହୋଇଗଲେ ଉଣା ହୁଏ ଜ୍ଞାନ ବୁଦ୍ଧି କ୍ଷୟ,
ଗୁରୁଙ୍କ ଆଶିଷେ ମୂର୍ଖ ବି ପଣ୍ଡିତ କରଇ ଯେ ଦିଗ୍ ବିଜୟ ।(୩)
ଗୁରୁଙ୍କ ସମ୍ମାନ ହୋଇଗଲେ ଉଣା ଫଳବତୀ ହୁଏନି ବିଦ୍ୟା,
ଯେତେ ସବୁ ବନ୍ଧୁ ଶାସ୍ତ୍ର ଅଧ୍ୟୟନ ହୁଅଇ ପୁଣି ଅବିଦ୍ୟା ।(୪)
ଗୁରୁଙ୍କୁ ସମ୍ମାନ ଦେବାପାଇଁ ପରା ପାଳିତ ଗୁରୁ ଦିବସ,
ପାଳନ କରିବା ସଭିଏଁ ଏହାକୁ ମନରେ ରଖି ହରଷ ।(୫)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୁହାଗିନୀ

ଶ୍ରୀକ୍ଷେତ୍ର ସୁନ୍ଦର



ତମେ ଆଉ ମୋର ନୁହଁ ଜାଣି ବି ଶିନ୍ଥିରୁ ସିନ୍ଦୁର ପୋଛିନି
କି ହାତରୁ ଶଙ୍ଖା ଭାଙ୍ଗି ଦେବାକୁ ଉଚିତ୍ ମଣିନି
ପ୍ରୀତି ମହଲର ବୋଝକୁ ମୁଣ୍ଡେଇ
ଖିନ୍ ଭିନ୍ କ୍ଷତାକ୍ତ ମନକୁ କୁଣ୍ଢେଇ ଦେଖନା ନିଶ୍ୱାସ ନଉଛି
ତମ ପାଇଁ ହେବାକୁ ଦେଇଛି ଯାହା ସବୁ ହେବାର ଥିଲା
ତମ ବାଟ ଓଗାଳିନି କି କଣ୍ଟା ହୋଇନି ତମ ଯିବା ବାଟରେ
ହଁ ଫୁଲ ବିଛେଇ ପାରିନି ବଡ଼ ହତଭାଗିନି ମୁଁ
କିନ୍ତୁ ବିରହିଣୀ ସାଜି କା ସହାନଭୁତି ବି ଚାହିଁନି
ମୋ ହାତ ପାପୁଲି କି ମସ୍ତକ ରେଖାରେ ତମେ ମୋ ଭାଗରେ
ବେଶୀ ଦିନ ପାଇଁ ନଥିଲ ବୋଧେ
ଫିକା ଅତୀତର ଅତର ନିଇତି ନାଉଚି
ସାଇତା ସ୍ମୃତି ନିର୍ମାଲ୍ୟ ନିଇତି ପାଉଛି
ତମର ଅଭିମାନ କି ଅଭିଯୋଗ ଥାଇପାରେ ହୁଏତ
କେବେ ବେଳ ହେଲେ ପାହାନ୍ତି ସ୍ୱପ୍ନର ତ ଆସ
ତମ ଉପସ୍ଥିତି ମିଛ ହେଉ ପଛେ
ମୋ ଆଖି ପଲକରେ ତମକୁ ବାନ୍ଧି ରଖିବି କିଛି କ୍ଷଣ ଲାଗି

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧନକଉଡ଼ା, ସମ୍ବଲପୁର
ମୋ - ୯୦୯୦୨୭୭୮୦୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶରତ ନଈର

କିରନ୍ ସ୍ୱାଇଁ



ଆକାଶର ନୀଳିମାରେ
ଜହ୍ନର ଜୋଛନାରେ
ବିଭୋର ଚଢ଼େଇ ହୋଇ
ମେଘ ଆଉ ତାରା ଛୁଇଁ
ଶରତ ନଈର କୁନି ଧାରାଟିଏ
ବହି ଯାଉଅଛି
ସବୁ ମଧୁରିମା ଡେଇଁ ।

କଅଁଳ ଘାସର
ପାଖୁଡ଼ା ଉପରେ
ଚୁନି ଚୁନି ସବୁଜ ପତରେ
ଆନମନା ପ୍ରଜାପତି
ଗୁଣୁଗୁଣୁ ହୋଇ ଗାଇ ଯାଉଅଛି
ହଳଦୀ ରଙ୍ଗରେ ଗାଧୋଇ ।

ରଜନୀଗନ୍ଧାର
ଫୁଲଭରା ଗଛ
ଧଳା ପାରଦର
ଲହରୀ ଭିତରେ
ନୂଆଁଣିଆ ଆକାଶ ତଳେ
ମହମହ ବାସେ
କିଟି କିଟି ଅନ୍ଧାରକୁ ଛୁଇଁ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଘାଣ୍ଟ ତରକାରୀର ଆତ୍ମକଥା

ଓଜସ୍ୱିନୀ ଶତପଥୀ

ମୋ ନାଁ ଘାଣ୍ଟ ତିଅଣ
ଐତିହ୍ୟ ସମ୍ପନ୍ନ ଓଡ଼ିଶାରେ ମୋ ଜନ୍ମ ।

ମୂଳାଷ୍ଟମୀ ଦୁତୀବାହନ ଓଷା  ପର ଦିନ
ସଭିଏଁ ସାଦରେ  ମତେ କରନ୍ତି ଭୋଜନ ।

ଗଜାମୁଗ, ଗଜାବୁଟ ବଡ଼ି ନଡ଼ିଆ କୋରା
ଏକୋଇଶି ପନିପରିବା ହୁଏ ଘିଅରେ ବଘରା ।

ମାଟି ହାଣ୍ଡିରେ କାଠ ଚୁଲିରେ ମୁଁ ଯେବେ ରନ୍ଧା ହୁଏ
ଦିବ୍ୟ ବାସ୍ନାରେ ଚଉଦିଗ ମହକି ଯାଏ ।

ଭିଟାମିନ, କ୍ୟାଲସିୟମ, ଫାଇବର ରେ ଭରପୁର
ସ୍ୱାଦ ଆଉ ସ୍ୱାସ୍ଥ୍ୟର ମୁଁ ଅପୂର୍ବ ସମାହାର ।

ଘରେ ଘରେ ସାଇ ପଡ଼ିଶାରେ ମୁଁ  ଯେବେ ବଣ୍ଟା ହୁଏ
ସ୍ନେହ ପ୍ରୀତି ସଦଭାବନାର ଗୀତ ଗାଉଥାଏ ।

ସୁସ୍ୱାଦୁ, ସୁଷମ ସନ୍ତୁଳିତ ବ୍ୟଞ୍ଜନ
ଓଡ଼ିଆ ହାଣ୍ଡିଶାଳର ମୁଁ ସ୍ୱାଭିମାନ ।

ନୂଆଦିଲ୍ଲୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମଦୁର୍ଗ ଗଢ଼ିଥିଲା ଦିନେ ପ୍ରଭୁ ଜଗନ୍ନାଥ

ଆଲୋକ ପଣ୍ଡା

ପ୍ରେମ ଦୁର୍ଗ ସେହି ଗଢ଼ି ଥିଲା ଦିନେ
ଛୋଟ ଛୋଟ ସ୍ୱପ୍ନ ଆଉ
ଅନ୍ୟକ ଇଛାରେ ଇଟା ପଥରଙ୍କୁ ଯୋଡ଼ି
କେତେ କେତେ ଆଶା ଆଉ
ଭରସାର ରଙ୍ଗ ବୋଳି ପ୍ରଭୁ ଜଗନ୍ନାଥ !!

ମନର ଆଶା ଆକାଂକ୍ଷାର ଦୁର୍ଗ ଆଜି
ଅଭିମାନେ ଭୁଶୁଡି ପଡ଼େ,
ସବୁର କିଛି ହରାଇ ଦେଲା ପରେ
ବିଶ୍ୱାସରେ ବିଷ ପିଇ ନେଇ
ରାଜ ଦାଣ୍ଡେ ଭିକାରୀ ମୁଁ  ବୁଲେ ପ୍ରଭୁ ଜଗନ୍ନାଥ !!

ପ୍ରେମ ଅତିଲୋଭୀ ବିଶ୍ୱାମିତ୍ର ହାତେ
ସୁଖର ସବୁର ସମର୍ପି ଦେଲା ପରେ
ଅସହାୟ ହରିଶ୍ଚନ୍ଦ୍ର ଆଜି
ନିଜ ଜୀବନରେ ମଶାଣୀରେ
ଜୀବନ୍ତ ଶବ ସାଜି,
ଗଳିତ ସ୍ୱପ୍ନର ପହରା ଦିଏ ପ୍ରଭୁ ଜଗନ୍ନାଥ !!

ଜିଏ-୪୩୯,ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧ (ଓଡ଼ିଶା)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆଁଖାଇ

ସାଇ ପ୍ରସାଦ ସାହୁ



ଶରାବନ୍ ଗଲା ଭୁଦୋ ଆଏଲା
ଚାଷବାସ ଯାଇଛେ ସରି ,
ଖେତ୍ ଖଲା ବାହେଲି ସାଗୁଆ ଦିଶ୍ ଲା
ଉସତ୍ ଲାଗ୍ ସି ଦେଖି କରି ।

ନୂଆଁଖାଇ ତିହାର୍ ଲଗନ୍ ଫିଟ୍ ଲା
ସଭେ ଗାଁକେ ଆଏବେ ଫିରି ,
ରାଗ୍ ରିଷ୍ ମି ଝଗ୍ ଡା ଉଭେଇ ଗଲା
ହିଂସା ଅହଂକାର୍ ଦେମା ପାସ୍ ରି ।

ସମଲେଇ ମାଁର୍ ଠାନେ ଦେହେଲିଆ ପୂଜା କଲା
ବାଜ୍ ଲା ଢ଼ୋଲ୍ ନିଶାନ୍ ମୁହୁରି ,
ବଛର୍ ଟାକର୍ ନୂଆଁଖାଇ ତିହାର୍ ଆସ୍ ଲା
ସଂସ୍କୃତିଥି ଦେସି ଠୁଲ୍ କରି ।

ଯିଏ ଯାହିଁ ଥିଲେ ଇ ସମିଆଥି
ଘର୍ କେ ଆଏସନ୍ ଧାଇଁ ,
ରାଗ୍ ରିଷ୍ ମୀ ଭୁଲି ନୂଆଁ ଖାଏସନ୍
ସଭେ ଏକାକାର୍ ହେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇ ଜୀବନର୍ କିଛି ଭର୍ ସା ନାହିଁ
ଆଏଜ୍ ଅଛେ କାଏଲ୍ ନାଇଁ ,
ଜୀବନ୍ ଥିଲେ ଦେଖ୍ ମା ଭାଇ
ଆର୍ ବଛର ର୍ ନୂଆଁଖାଇ ।

କୁରେ ପତର୍ ଥି ଖାଏମା ନୂଆଁ
ଖାକ୍ ପିଟି କରି ହର୍ ଷେ ,
ପନଥ୍ ଢାଁପି କରି ରଖିଥା ଗୋ ମାଁ ସମଲେଇ
ଜିଁ ଜାଗିଥିଲେ ବଛ୍ ରେ ।

ଜିଁ ଜାଗିଥିଲେ ବଛ୍ ରେ ଆଏତ
ମରିଗଲେ କିଏ ପଚାରେ ,
କାହାର୍ ଦେଲା ଥୁଇଲା କହାକେ ଅଁଟେ
ଭାବ୍ ରହିଥାଉ ସଂସାରେ ।

କୁଟୁମ୍ ଯାକର୍ ସମ୍ କୁ ଗୁଟେଇ
ମନାମା ଶିଘା ତିହାର୍ ,
ଗାଆଁ ମାଁ ପରା ପାଏଟ୍ ବଡଖାକୁ
ମୋର୍ ନୂଆଁଖାଇ ଜୁହାର୍ ।
ନୂଆଁଖାଇ ଜୁହାର୍

ଆଇନଜୀବୀ , ସିନ୍ଧେକେଲା , ବଲାଙ୍ଗୀର
ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଶ୍ଚିମ ଓଡ଼ିଶାର ଶିଘା ତିହାର୍

କ୍ଷୀରୋଦିନୀ ସାହୁ



ପଶ୍ଚିମ ଓଡ଼ିଶାର ଶିଘା ତିହାର୍
ଆଇଛେ ନୂଆଁଖାଇ ,
ଯିଏ ଯେନ୍ ଠାନେ ଅଛ ଧାଇଁ ଆସ
ମୋର୍ ବୁହେନ୍ ଭାଇ ।

ଘର୍ ଦୁଆର୍ ସଫା ସୁତର୍ କରି
ରଙ୍ଗ୍ ରୁଙ୍ଗା ଟିକେ ରଚାମା ,
ମିତ ମାର୍ ସାତ୍ ଘର୍ ମାନ୍ କେ
ନୂଆଁଖାଇ ଭାର୍ ପଠାମା ।

ଡେରି ନାଇଁ କରୁଁ ଫୁଲା ନାଇଁ ହଉଁ
ଲେତାଗୁତା ଥିମା ଆବରି ,
ଦିଲ୍ ଖୁସ୍ ହେଇ ଡାକ୍ ଦେଉ ଥିମା
ଜୟ ମାଁ ସମଲେଶ୍ୱରୀ ।

ହାଟ୍ ବଜାର୍ ଯାଇ ଆନମା ଘିନି
ମେନ୍ ମେନ୍ ସା ଦରବ୍ ,
ଇ ନୂଆଁଖାଇ ପରେ ଆମର୍ ବଡଖା ତିହାର୍
ଲୁଭ୍ ଲୁଭାନି ପରବ୍ ।

ନୂଆଁ ଧାନ୍ କେଁଡା ଆନି କରି ଭାଇ
ନୂଆଁ ଚୂଡା ଦେମା ବନେଇ ,
ପିଠା ମଡ଼ା ବରା ସୁଆଁଲି ବନାମା
ଭୋଗ୍ ରାଗ୍ ଦେମା ଛଡେଇ ।

ଖେତ୍ ଖଲା ଯାଇ ଇଷ୍ଟଦେବୀର୍ ପାଦେ
ପୂଜା ଧଜା କରିଦେମା ,
ବନେ ବନେ କରି ସୁନାର୍ ଫସଲ୍
ଦେବାର୍ କେ ବିନତୀ କରମା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିଆନ୍ ମାନକେ ମୁଡିଆ ମାରମା

ସାନ ମାନ୍ କେ ଗହକି ,

ଭାବ୍ ସର୍ ସର୍ କଥାଥି ଭାଇ

ଘର୍ ଦୁଆର୍ ଯିବା ମହକି ।

କୁରେ ପତର୍ ଥି ଖାଏମା ନୂଆଁ

ଖାକ୍ ପିଟି କରି ହର୍ ଷେ ,

ପନଥ୍ ଢାଁପି କରି ରଖିଥା ଗୋ ମାଁ ସମଲେଇ

ଜିଁ ଜାଗିଥିଲେ ବଛ୍ ରେ ।

ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ,

ଆଦର୍ଶ ବିଦ୍ୟାଳୟ , ନୂଆପଡା

ମୋ: ୬୩୭୨୩୦୫୯୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଁଖିର୍ ପାଏନ୍

ସୁନୀଲ କୁମାର ଅଗସ୍ତି



ଗୁଲା ସଂସାରର୍ ମୁନୁଷ୍
ଆର୍ ତମର୍ ଭିତରେ
ଫରକ୍ କାଏଁଟା ରହିଗଲା ସିନେ,
ହର୍ ଏକ୍ ମୁନୁଷ୍ କେ ମୁଁଇଁ
କଁଚା ମିଛୁଆ, ଧୋକେବାଜ୍
କେତ୍ କେଚା ନୀଲଜ୍ ସେଁରରା
ଠାବ୍ କରିଥିଲିଁ ଆର୍ କହିଥିଲିଁ ଗଲେ,,
ତମକେ ତ' ନି କହି ଇ' କିସମେ,
ମୁଁଇଁ ତମର୍ ହାତ୍' ଧରବାର୍ ନିଦାନ୍
ଆର୍ କାଏଁଟା ଆଏ ଯେ, ତମେ
ପଏରଛ ନୁକୋ ମୁନୁଷ୍ ଟେ ବଲି ତ',
ହେନତା ଥିଁ ତମର୍ କେନ୍ କିସମର୍
କାଏଁ ଭାବ୍ ଗୁଲା ସଂସାର୍ ସଙ୍ଗେ ଥିଲା ତେନେ,
ସୁନାମି ଅତରକେନ୍ ଢେଗଲି ହି" ଆଏଲା ଆର୍
କେନ୍ ଅନ୍ ଜନେନ୍ ବହେନର୍ ଜୁଡା ଆଁଏଖ୍ ନୁ
ଥପ୍ ଥପ୍ ପାଏନ୍ ପଡୁଥିଲା,,

ଟିଟିଲାଗଡ଼, ବଲାଙ୍ଗୀର, ମୋ/୯୪୩୭୨୧୦୮୮୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**XIM UNIVERSITY**
**XAVIER INSTITUTE OF MANAGEMENT, BHUBANESWAR**
**XIM - Old Campus Xavier Square,**
**Bhubaneswar - 751 013, Odisha**
**Tel: 0674-3012345 Fax: 0674-2300995**
**E-mail: media-oc@xim.edu.in**
**Web: https://ximb.edu.in/**


## XIM ଭୁବନେଶ୍ୱରରେ ୭ମ ବାର୍ଷିକ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ ୨୦୨୫ ଆୟୋଜନ




ଭୁବନେଶ୍ୱର, ସେପ୍ଟେମ୍ବର ୧୩, ୨୦୨୫: ଏକାଡେମିକ୍ ଉତ୍କର୍ଷର ୩ ବର୍ଷ ପାଳନ କରୁଥିବା ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର(XIMB) ଏହାର ଫ୍ଲାଗସିପ୍ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ (BES)ର ସପ୍ତମ ସଂସ୍କରଣକୁ ୧୩ ସେପ୍ଟେମ୍ବର, ୨୦୨୫ରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ଉଦଘାଟନ କରିଛି । ଏହି ଦୁଇଦିନିଆ କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା "ଲିଡିଂ ଆଟ୍ ଦ ଏଜ୍: ଅନିଶ୍ଚିତତା ଠାରୁ ଆରମ୍ଭ କରି ପ୍ରଭାବ ପର୍ଯ୍ୟନ୍ତ ।" ବିଶିଷ୍ଟ ନେତା, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକତ୍ର କରି ପରିବର୍ତ୍ତନକୁ ପରିଚାଳନା କରିବା ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବା ଉପରେ ଅନ୍ତର୍ଦୃଷ୍ଟି ବିନିମୟ କରିଥିଲେ । ଶିଖରସମ୍ମିଳନୀ ଏକ ଦୀପ ପ୍ରଜ୍ଜ୍ୱଳନ ସମାରୋହ ସହିତ ଆରମ୍ଭ ହୋଇଥିଲା, ତା' ପରେ ଡ଼. ବିଶ୍ୱ ସ୍ୱରୂପ ମିଶ୍ର, ଫା. S. Antony Raj SJ, Dr. Fr. V.V. Arokiyadass SJ ଏବଂ ଡି. ଭି. ରମଣା, ଯିଏ ନମନୀୟତା, ଅନୁକୂଳତା ଏବଂ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅନୁଷ୍ଠାନର ବାର୍ଷିକ ବ୍ୟବସାୟ ପତ୍ରିକା "ଭଏସ୍ ଅଫ୍ ଦି ଏଜ୍" ଉନ୍ମୋଚନ କରିଥିଲେ ।

ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ଆନନ୍ଦ ଭରଦ୍ୱାଜ, ଉପାଧ୍ୟକ୍ଷ ଏବଂ ଅଭିବୃଦ୍ଧି ମୁଖ୍ୟ, ଟାଇଗର ଆନାଲିଟିକ୍ସ, ଏକ୍ସଆଇଏମବିରୁ ବିଶ୍ୱ ନେତୃତ୍ୱ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ବିଷୟରେ ପ୍ରତିଫଳିତ କରିଥିଲେ, ଯାହା ଛାତ୍ରମାନଙ୍କୁ ନମ୍ରତା, ଶିକ୍ଷା ଏବଂ ମହତ୍ୱାକାଂକ୍ଷା




ସହିତ ଅନିଶ୍ଚିତତାକୁ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା ସେ ଏଲ୍.ଇ.ଜି.ଏସ୍. ଢାଞ୍ଚା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (AI)ର ସମ୍ଭାବନା ବିଷୟରେ କହିଥିଲେ ଏବଂ କହିଥିଲେ, 'ଅନିଶ୍ଚିତତା ଯୁଗରେ ମଧ୍ୟ, ଯଦି ଆପଣ ଉତ୍ସାହୀ, ତେବେ ଏପରି କିଛି ନାହିଁ

Listen to Odia Podcast Original at https://youtube.com/@drjyotiprasad




ଯାହା ଆପଣ ହାସଲ କରିପାରିବେ ନାହିଁ ।' ଏହି ଅଧିବେଶନରେ ଜଣେ ଛାତ୍ରଙ୍କ ସହ ନେତୃତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଦ୍ୱିତୀୟ ଅଧିବେଶନରେ କ୍ୟାପଜେମିନି ଇନଭେଷ୍ଟ ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ ତଥା ବ୍ୟାଙ୍କିଙ୍ଗ୍ ମୁଖ୍ୟ ଶ୍ରୀ କମଲ ମିଶ୍ର, ଯିଏ ଅନିଶ୍ଚିତ ସମୟରେ ନିଷ୍ପତ୍ତି ନେବା ଉପରେ ବକ୍ତବ୍ୟ ରଖିଥିଲେ, ନେତାମାନଙ୍କୁ ଅନୁକୂଳ, ନୈତିକ ଏବଂ ସାଂସ୍କୃତିକ ଭାବରେ ସଚେତନ ହେବାକୁ ଅନୁରୋଧ କରି ମନ୍ତବ୍ୟ ଦେଇଛନ୍ତି, 'ଆଜିର ନିଷ୍ପତ୍ତି ଦ୍ରୁତ, ଚତୁର ଏବଂ ଅନୁକୂଳ ହେବା ଆବଶ୍ୟକ, ତଥାପି ସର୍ବଦା ଦାୟିତ୍ୱ ଏବଂ ମାନବିକ ସ୍ପର୍ଶରେ ଆଧାରିତ । ରେମଣ୍ଡ ଲାଇଫ୍‌ଷ୍ଟାଇଲ୍ ଲିମିଟେଡର ବ୍ରାଣ୍ଡ ହେଡ୍



କାର୍ତ୍ତିକ ସୁବ୍ରମଣ୍ୟମ ତାଙ୍କର ଏଫ୍. ଏମ୍. ସି. ଜି. ଯାତ୍ରା ଏବଂ ମାର୍କେଟିଂ ରଣନୀତି, ଉତ୍ପାଦ ଡିଜାଇନ୍ ଏବଂ ଉପଭୋକ୍ତା ମାନସିକତା ଉପରେ ଅନ୍ତର୍ଦ୍ଦୃଷ୍ଟି ଭାଗ କରି କହିଛନ୍ତି "ମାର୍କେଟିଙ୍ଗ୍ ହେଉଛି ସବୁକିଛି, ସବୁଠାରେ, ଏକେ ସମୟରେ ।" ଶ୍ରୀଯୁକ୍ତ ଲୁନା ମହାନ୍ତି, ପିପୁଲ୍ ଡେଭଲପମେଣ୍ଟ ମୁଖ୍ୟ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ପ୍ରାମାଣିକତା, ମୂଲ୍ୟବୋଧ ଏବଂ ପରିଚୟ ପ୍ରତିଫଳିତ କରି ଦର୍ଶକମାନଙ୍କୁ, 'ବିଶ୍ୱ ଆପଣଙ୍କୁ ପଚାରିବ ଆପଣ କିଏ, ଏବଂ ଯଦି ଆପଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଣିନାହାନ୍ତି, ବିଶ୍ୱ ଆପଣଙ୍କୁ କହିବ' ଏବଂ ଆହୁରି ମଧ୍ୟ କହିଥିଲେ, 'ସେମାନେ କ'ଣ କରିବେ ବୋଲି ଭାବୁଛନ୍ତି ଏବଂ ଶେଷରେ ସେମାନେ କ'ଣ କରିବେ, ଏହା ମଧ୍ୟରେ ପାର୍ଥକ୍ୟ, ଏହା ହେଉଛି ପରିଚୟ ସଙ୍କଟର ପ୍ରଥମ ପଦକ୍ଷେପ । ପ୍ରଫେସର ସୌମ୍ୟ ସରକାରଙ୍କ ବକ୍ତବ୍ୟ ଏବଂ BES ଟିମର ଧନ୍ୟବାଦ ପ୍ରସ୍ତାବ ସହିତ ଅଧିବେଶନ ଶେଷ ହୋଇଥିଲା ।

ତୃତୀୟ ସେସନ୍‌ଟି ଆରମ୍ଭ ହେଲା ମିଷ୍ଟର୍ ଟାଇଟାନ୍ ନାୟକଙ୍କୁ ସହ, ଯିଏ ଜିଓ ପଏଣ୍ଟ ସ୍‌ଟୋର୍ସ, ଜିଓର ଜାତୀୟ ମୁଖ୍ୟ । ସେ ଜିଓର ଯାତ୍ରାକୁ ଏକ ପରିବର୍ତ୍ତନକାରୀ ଭାବେ ବ୍ୟାଖ୍ୟା କରି, ଗ୍ରାମୀଣ ଭାରତ ଉପରେ ଏହାର କେନ୍ଦ୍ରଭାବନା ଏବଂ ହାର୍ଡୱେର୍‌ରୁ କ୍ଲାଉଡ୍-ଆଧାରିତ ସମାଧାନ ପର୍ଯ୍ୟନ୍ତ ନବୀନତାକୁ ଆଲୋକିତ କରିଥିଲେ । ସେ ଯୋର ଦେଇଥିଲେ ଯେ, AI ସୁଯୋଗ ସୃଷ୍ଟି କରିଥାଏ କିନ୍ତୁ ଏହା ମାନବୀୟ ସୃଜନଶୀଳତା, ସହାନୁଭୂତି ଏବଂ ନେତୃତ୍ୱକୁ ପରିବର୍ତ୍ତନ କରିପାରିବନି । ମିସ୍ ମୋନାଲିଶା, ହେଡ୍ – ପର୍ଫର୍ମାନ୍‌ସ, ପିପଲ୍ ଆନାଲିଟିକ୍ସ, ଟାଲେଣ୍ଟ ବ୍ରାଣ୍ଡିଙ୍ଗ୍ ଏବଂ ହେଡ୍ ଷ୍ଟ୍ରାଟେଜି, ମିନ୍ତ୍ରା, ସାଇମନ୍ ସିନେକଙ୍କ 'ଗୋଲ୍ଡେନ୍ ସର୍କଲ୍'ବ୍ୟବହାର କରି, ଦୀର୍ଘମିଆଦୀ ସଫଳତା ପାଇଁ ପ୍ରାଥମିକତା ଏବଂ ସମ୍ପର୍କର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, 'ଜୀବନ ସନ୍ତୋଷର ୯% ଆପଣଙ୍କର ମ୍ୟାନେଜରରୁ ଆସେ' ଏବଂ ଖୁସି କର୍ମଚାରୀମାନେ ୧୨–୨୦% ଅଧିକ ଉତ୍ପାଦନଶୀଳ ହୁଅନ୍ତି, ସେଥିସହିତ ବିଭିନ୍ନତା ଏବଂ କାର୍ଯ୍ୟସ୍ଥଳୀୟ ପୁନର୍ବିଚାରର ଗୁରୁତ୍ୱକୁ ମଧ୍ୟ ଉଦ୍ଧାର କରିଥିଲେ । ମ୍ୟାନକାଇଣ୍ଡ ଫାର୍ମା ଲିମିଟେଡର ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ ଏବଂ ଷ୍ଟ୍ରାଟେଜିକ୍ ପ୍ରୋଜେକ୍ଟର ମୁଖ୍ୟ ଶ୍ରୀ ଦପିନ୍ଦର ସିଂ ନରୁଲା, ପରିବର୍ତ୍ତନ ସମୟରେ କର୍ପୋରେଟ୍ ମାଧ୍ୟମରେ ଛାତ୍ରମାନଙ୍କୁ ମାର୍ଗଦର୍ଶନ କରିବା ପୂର୍ବରୁ ଏକ୍ସଆଇଏମବିଶ୍ୱ ବିଦ୍ୟାଳୟରେ ତାଙ୍କର ଅଭିଜ୍ଞତାକୁ ମନେ ପକାଇଥିଲେ, ଜୀବନର ଲକ୍ଷ୍ୟ ସହିତ ଆକର୍ଷକ ଭୂମିକା ଉପରେ ଗୁରୁତ୍ୱାରୋପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ ଏବଂ AI କୁ 'ଆଭେଞ୍ଜର୍ସ ସୁଟ୍' ଭାବରେ ବର୍ଣ୍ଣନା କରିଥିଲେ ଯାହା ମାନବ ସାମର୍ଥ୍ୟକୁ ବୃଦ୍ଧି କରେ ।

ଏହି ଅଧିବେଶନରେ ନେତୃତ୍ୱ, ନବସୃଜନ, ବୃହତ୍ ତଥ୍ୟ ଏବଂ ଅନିଶ୍ଚିତତାର ନିଶ୍ଚିତତା ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ପ୍ରଶ୍ନୋତ୍ତରରେ ଅଂଶଗ୍ରହଣ କରିଥିଲେ । ଶିଖର ସମ୍ମିଳନୀର ପ୍ରଥମ ଦିନ ପାଇଁ ଏକ ଅତ୍ୟନ୍ତ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଅନ୍ତିମ ଅଧିବେଶନର ସମାପ୍ତିକୁ ଚିହ୍ନିତ କରି ପ୍ରଫେସର ସୁଭ୍ରା ପଟ୍ଟନାୟକ ଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ, ତା' ପରେ BES ଦଳ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଏକାଡେମିକ୍ ଉତ୍କର୍ଷର ୩୮ ବର୍ଷ ପାଳନ କରୁଥିବା Xavier Institute of Management, Bhubaneswar (XIMB) ଏହାର ଫ୍ଲାଗସିପ୍ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ (BES) ର ସପ୍ତମ ସଂସ୍କରଣର ଦ୍ୱିତୀୟ ଦିନ ପାଇଁ ସେପ୍ଟେମ୍ବର ୧୪, ୨୦୨୫ରେ ମଞ୍ଚ ପ୍ରସ୍ତୁତ କରିଥିଲା । ଆଜିର ବିକଶିତ ବ୍ୟବସାୟିକ ପରିଦୃଶ୍ୟରେ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବା ଏବଂ ପରିବର୍ତ୍ତନର ଗତିବିଧି ଉପରେ ଅନ୍ତର୍ଦୃଷ୍ଟି ବିନିମୟ କରିବା ପାଇଁ, ଏହି ଦୁଇଦିନିଆ କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା “Leading at the Edge: From Uncertainty to Impact”, ଯେଉଁଥିରେ ବିଶିଷ୍ଟ ନେତା, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।

ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି Reliance Grocery Retail ଏବଂ JioMart, Reliance Retail ର COO ଶ୍ରୀ କାମଦେବ ମହାନ୍ତି ବ୍ୟାଙ୍କିଙ୍ଗ୍, ରିଟେଲ୍ ଏବଂ କର୍ପୋରେଟ୍ ରଣନୀତି କ୍ଷେତ୍ରରେ ତାଙ୍କର ଅନୁଭବର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ । ସେ ସଫଳତାର ଚାବିକାଠି ଭାବରେ ଉଦ୍ଦେଶ୍ୟ, ଚପଳତା ଏବଂ ସାହସୀ ନିଷ୍ପତ୍ତି ନେବାର ସ୍ପଷ୍ଟତା ଉପରେ ଆଲୋକପାତ କରିଥିଲେ । ସେ ଛାତ୍ରମାନଙ୍କୁ ଧାରଣାତ୍ମକ ଭାବରେ ଦୃଢ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିବାକୁ, ବିବିଧତାକୁ ଗ୍ରହଣ କରିବାକୁ ଏବଂ AI-ପରିଚାଳିତ ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ । ଶେଷରେ ସେ କହିଥିଲେ, "ଯଦି ଆପଣ ଜୀବନରେ ବିଫଳ ହେଉନାହାନ୍ତି, ତେବେ ଆପଣ ପ୍ରକୃତରେ ସଫଳ ହୋଇପାରିବେ ନାହିଁ ।"

ଏହି ସେସନ୍ ରେ ଛାତ୍ରଛାତ୍ରୀଙ୍କ ସହ ନେତୃତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ AI ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଦ୍ୱିତୀୟ ସେସନରେ ସୁଶ୍ରୀ ସପ୍ନା ମୋହାତ, Vice President – Loans & Project Finance, NABFID, ତାଙ୍କ ଅନୁଭବ ବାଣ୍ଟିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପଥରେ ବିଶ୍ୱାସ କରିବାକୁ, ଆବେଗକୁ ପୋଷଣ କରିବାକୁ ଏବଂ ସୁବିଧାକୁଳ କ୍ଷେତ୍ରରୁ ବାହାରିବାକୁ ଅନୁରୋଧ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ, ଯଦିଓ AI ନିୟମିତ କାର୍ଯ୍ୟଗୁଡ଼ିକୁ ପରିଚାଳନା କରିପାରେ, ସମାଲୋଚନାତ୍ମକ ଚିନ୍ତାଧାରା ମାନବୀୟ ଦାୟିତ୍ୱ ରୂପେ ରହିଥାଏ ।

American Express GBT ର Internal Audit ର ନିର୍ଦ୍ଦେଶକ ଶ୍ରୀ ଅମିତ ପହୁଜା, "ଅନିଶ୍ଚିତତା ସମୟରେ ନେତୃତ୍ୱ" ଉପରେ ବକ୍ତବ୍ୟ ରଖି, ପରିସ୍ଥିତିର ଅନୁକୂଳତା, ଅସ୍ପଷ୍ଟତାକୁ ଗ୍ରହଣ କରିବା ଏବଂ ଲୋକପ୍ରିୟତା ପରିବର୍ତ୍ତେ ଅଖଣ୍ଡତା ବାଛିବା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ: "ସର୍ବଦା ସହଜ ଭୁଲରୁ କଠିନ ସଠିକ୍କୁ ଚୟନ କରନ୍ତୁ ।"

IndusInd Bank ର Vice President ଶ୍ରୀ ଅରୂପ ମହାପାତ୍ର, ଭାରତୀୟ ବ୍ୟାଙ୍କିଙ୍ଗର ବିକାଶ — ATM ଠାରୁ Mobile Banking ପର୍ଯ୍ୟନ୍ତ — ଉପରେ ଆଲୋକପାତ କରି କହିଥିଲେ: "ଯଦି ଆପଣ ନିଜ ବ୍ୟବସାୟରେ ବାଧା ସୃଷ୍ଟି ନକରନ୍ତି, ତେବେ ଅନ୍ୟ କେହି କରିବେ ।" ସେ AI ଉପରେ ଅତ୍ୟଧିକ ନିର୍ଭରତା ବିଷୟରେ ଚେତାବନୀ ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

Tata Sons ର Group Digital & Innovation (Customer Experience) Head, ଶ୍ରୀ ଭାସ୍କର ରାୟ, ବ୍ୟାଘାତ, ଗ୍ରହଣ, ନୈତିକତା ଏବଂ ନବସୃଜନ ଉପରେ ଧ୍ୟାନ ଦେଇ, ଛାତ୍ରମାନଙ୍କୁ ନୈତିକତାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ ।

ପ୍ରଫେସର ଶ୍ରୀଧର କୁମାର ଦାଶଙ୍କ ପରିଚାଳନାରେ ହୋଇଥିବା ପ୍ୟାନେଲ୍ ଆଲୋଚନା, ଏକ ସକ୍ରିୟ Q&A ସେସନ ଏବଂ BES ଟିମର ଧନ୍ୟବାଦ ଜଣାଇବା ସହିତ ଏହି ସେସନର ସମାପନ ହୋଇଥିଲା ।

ତୃତୀୟ ସେସନ୍ ରେ Genpact ର Global Delivery Leader – Data Science & AI ଡାକ୍ତର ଭାସ୍କର ରାୟ, AI କୁ "ନୂତନ ସାଧାରଣ" ବୋଲି ବିବେଚନା କରିଥିଲେ । ସେ ନବସୃଜନ ଏବଂ ଖର୍ଚ୍ଚ ସଞ୍ଚୟ ଉପରେ ଆଲୋକପାତ କରି, marketing mix ର eighth P ଭାବରେ Platform କୁ ଯୋଡିବାକୁ ପ୍ରସ୍ତାବ କରିଥିଲେ ।

ସେ କହିଥିଲେ: "AI ମଣିଷଙ୍କ ସ୍ଥାନ ନେବ ନାହିଁ, କିନ୍ତୁ AI ବ୍ୟବହାର କରୁଥିବା ମଣିଷ, AI ବ୍ୟବହାର ନକରୁଥିବାଙ୍କୁ ପରିବର୍ତ୍ତନ କରିବେ ।"

Unisys ର Director of Product Management – Financial Services, ଶ୍ରୀ ସତ୍ୟ ସ୍ୱରୂପ ଦାସ, ନୂତନତ୍ୱ କୁ କାର୍ଯ୍ୟକାରିତା ଭାବେ ବ୍ୟାଖ୍ୟା କରି, ଦୂରଦୃଷ୍ଟି ଠାରୁ ରଣନୀତି ପର୍ଯ୍ୟନ୍ତ କାର୍ଯ୍ୟର ଯାତ୍ରାକୁ ଉଲ୍ଲେଖ କରିଥିଲେ । UPI ଉଦାହରଣ ଦେଇ ସେ AI-ସହିତ trust, speed ଏବଂ quality ରେ ସନ୍ତୁଳନ ରକ୍ଷା କରିବାର ପ୍ରସଙ୍ଗ କରିଥିଲେ ।

ଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ ଫାଦର ନୀତିନ ମୋଣ୍ଟେରିଓ, SJ. ସପ୍ତମ Business Excellence Summit (BES) ର ସଫଳ ସମାପନ ଅବସରରେ, BES ଦଳ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ସ୍ୱାଧୀନ ପରାମର୍ଶଦାତା ଶ୍ରୀ ଦେବାସିସ ମହାପାତ୍ର, leadershipକୁ କେବଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିନ୍ତାଧାରା ନୁହେଁ, କାର୍ଯ୍ୟକାରିତା ସହିତ ସମ୍ପର୍କିତ ବୋଲି ବ୍ୟାଖ୍ୟା କରିଥିଲେ । ସେ କହିଥିଲେ, "ଦ୍ୱିଧା ଗତିଶୀଳତାକୁ ନଷ୍ଟ କରେ, ବିଶ୍ୱସନୀୟତା କାର୍ଯ୍ୟକାରିତାରୁ ଆସେ ।" ସେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ:ଛୋଟରୁ ଆରମ୍ଭ କର, ସଂଯମିତ ତ୍ୱରଣ ସହିତ ବୃଦ୍ଧି କର, ସଶକ୍ତ ରୁହ, ଏବଂ ସମ୍ମୁଖରୁ ନେତୃତ୍ୱ କର ।

ଏହି ସେସନ୍ ଫାଦର ନୀତିନ ମୋଣ୍ଟେରିଓ, SJ ଙ୍କ ପରିଚାଳନାରେ ହୋଇଥିଲା ଏବଂ ପ୍ରଶ୍ନୋତ୍ତର ଅଧିବେଶନ ପରେ BES ଦଳ ପକ୍ଷରୁ ଧନ୍ୟବାଦ ଜଣାଇବା ସହିତ ସମାପ୍ତ ହୋଇଥିଲା ।

ସମ୍ମିଳନୀର ସମାପନ ବିଶୃଙ୍ଖଳା, ଦାୟିତ୍ୱବାନ AI ଏବଂ ଅନିଶ୍ଚିତ ସମୟରେ ନେତୃତ୍ୱର ବିକାଶଶୀଳ ଭୂମିକା ଉପରେ ଆଲୋଚନା ସହିତ ହୋଇଥିଲା । ଅନୁକୂଳତା, ନୈତିକତା ଏବଂ ନିରନ୍ତର ଶିକ୍ଷାର ଆବଶ୍ୟକତାକୁ ଆଲୋକିତ କରି, ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ପ୍ରଶ୍ନୋତ୍ତର ସେସନରେ ଅଂଶଗ୍ରହଣ କରିଥିଲେ ।

ଗଣମାଧ୍ୟମ ସହଭାଗିତା ଆଧାରରେ ଆହ୍ୱାନ ଇ-ପତ୍ରିକା ଏବଂ
ଏକ୍ସଆଇଏମ ଭୁବନେଶ୍ୱର ମଧ୍ୟରେ ହୋଇଥିବା ବୁଝାମଣା ହେତୁ ପ୍ରକାଶିତ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆଖାଇ ଭେଟ୍‌ଘାଟ୍

ଅକ୍ଷୟ କୁମାର ରାଉତ



ସଂସ୍କୃତି ଭାରତୀୟ ଜନଜୀବନକୁ ଶୃଖଂଳିତ କରିଥାଏ । ପ୍ରେମ, କରୁଣା, ସ୍ନେହ, ବାତ୍ସଲ୍ୟ, ଦୟା, ତ୍ୟାଗ, ଶ୍ରଦ୍ଧା, ଇର୍ଷା, ଦ୍ୱେଷ, ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୁହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ । ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ, ବିଚାର, ଭାବ, ଭକ୍ତି ଓ ବିଶ୍ୱାସର ସଂସାର ମଚଂ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୈଶିଷ୍ଟ୍ୟ ରହିଛି । ବହୁ ଧର୍ମ, ବହୁଜାତିଙ୍କୁ ନେଇ ସାମାଜିକ ଓ ସାଂସାରିକ କ୍ଷେତ୍ରରେ ପର୍ବ ପର୍ବାଣିର ସ୍ୱତନ୍ତ୍ରତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ । ସିଂହମାସ ଭାଦ୍ରବ ଶୁକ୍ଳପକ୍ଷ, ଗଣେଶ ଚତୁର୍ଥୀ ପରଦିନ ବା ପଚଂମୀ ତିଥିରେ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହେଉଛି ।

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନକୁ ବଳିଷ୍ଠ, ସୃଦୃଢ଼ ଓ ଶୃଖଂଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରସ୍ପାରିକ ମନୋମାଳିନ୍ୟ, ଇର୍ଷା, ହିଂସା, ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା, ବନ୍ଧୁ, ଆତ୍ମୀୟ ସ୍ୱଜନଙ୍କ ସ୍ନେହ ଓ ପରସ୍ପର ପ୍ରତି ଆପଣାର ଭାବ ବିନିମୟ ପ୍ରଭୃତି ଗୁଣକୁ ଏହି ପର୍ବ ପ୍ରେରଣା ଦିଏ । ଓଡ଼ିଶାର ପଶ୍ଚିମାଚଂଳ ଅର୍ଥାତ ସମ୍ବଲପୁର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୋନପୁର, ସୁନ୍ଦରଗଡ଼, ବଲାଙ୍ଗିରୀ, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼ ଓ ଝାରସୁଗଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍‌ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ, ଛତିଶଗଡ଼ରେ ବାସ କରୁଥିବା ଓଡ଼ିଆମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । କନ୍ଧ, କୋହ୍ଲ, ଓରାମ୍ କିଶାନ, ଭୂୟାଁ, ବିଞ୍ଝାଲ ପ୍ରଭୃତି ଆଦିବାସୀମାନେ ସେମାନଙ୍କର ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରି ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ ।

ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଉଛି କୁହାଯାଇଛି, କର୍ମରୁ ଯଜ୍ଞ, ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଶସ୍ୟ ବା ଧାନ, ଧାନରୁ ଅନ୍ନର ସୃଷ୍ଟି ଓ ଅନ୍ନରୁ ଜୀବ ସୃଷ୍ଟି । ତେଣୁ କୁହାଯାଇଛି "ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି ।" ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ । ଗୃହକର୍ତ୍ତା ଅନ୍ନ ଖିରୀ, ଖେଚୁଡ଼ି ଆରାଧ୍ୟ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି । ଯେଉଁମାନଙ୍କର ଚାଷ ଜମି ନାହିଁ, ସେମାନଙ୍କ ଘରେ ଗ୍ରାମରକ୍ଷୀ ବା ଢ଼ାଙ୍କର ନୂଆଖାଇ ପୂର୍ବରୁ ଧାନକେଣ୍ଡା ଦେଇ ଥାଆନ୍ତି । ସେହି ଧାନରୁ ଚାଉଳ ସଂଗ୍ରହ କରି ଦେବୀଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଥାଆନ୍ତି । ପଶ୍ଚିମ ଓଡ଼ିଶାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ରାହ୍ମଣମାନେ ନିଜ ଗୃହରେ ଲକ୍ଷ୍ମୀପୂଜା କରି ଦେବୀଙ୍କ ପାଖରେ ନବାନ୍ନ ଭୋଗ କରିଥାଆନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କ ଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ । ଓଡ଼ିଶାରେ ଅଧିକାଂଶ ଅଚଂଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି ।

ଗ୍ରାମ ଓ ମଣ୍ଡଳର ଦେବାଦେବୀଙ୍କୁ ସମର୍ପଣ ପରେ ସମସ୍ତେ ମିଳିମିଶି ପ୍ରସାଦ ସେବନ କରନ୍ତି । ତାପରେ ଆରମ୍ଭ ହୁଏ ନୂଆଖାଇ ଜୁହାର । କନିଷ୍ଠମାନେ ବୟୋଜ୍ୟେଷ୍ଠଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରିଥାଆନ୍ତି । ନୂଆଖାଇ ସରିବା ପରେ ସମସ୍ତେ ବିଲକୁ ଯାଇ ଚିହା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀକୁ ଦର୍ଶନ କରି ଥାଆନ୍ତି । ଭଦଭଦଳିଆ ପକ୍ଷୀକୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି । ଉପକୂଳ ଅଚଂଳରେ ରଜପର୍ବ ପରି ପଶ୍ଚିମ ଅଚଂଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା, ସଙ୍ଗୀତ, ନୃତ୍ୟ, ଭଜନ, ସଂକୀର୍ତ୍ତନ ଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।

ନୂଆଖାଇ କୃଷିଭିତିକ ପର୍ବ, ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା, ସଂସ୍କୃତିର ବାର୍ତ୍ତା ଓ ଧାର୍ମିକ ବିଶ୍ୱାସର ପ୍ରତୀକ । ନୁଆଖାଇ ହର୍ଷ, ଉଲ୍ଲାସ, ଉନ୍ମାଦନା ନେଇ ଜନପ୍ରିୟ ହୋଇଛି । ସେଥିପାଇଁ କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ -

ଆମିଲ୍ ମହୁର୍ ନୂଆଁ ଧାନ୍
ଖିରି ପିଠା ମଡ଼ା ଲଖ୍ମି ଠାନେ ଲାଗ୍‌ବା ପୂଜା
ପିଟ୍‌ମା ତିନେ ଡ଼ଁଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଁ ମୁଡ଼ସା ସମଲେଇ ନ

ସଁହରା ପିଲା ଗୁମ୍‌ଲେଇ ନ ଲଗୋଲାନ ନୂଆଁ

ଫୁଲ୍ ଚଂଦନ ଦିଅବୋ ପିଲେ ନଁଗଲ୍ ପଟା ଦୁଆଁ

ଆସବୋ ପିଲେ ଖାଏମା ଆଜି ନୂଆଁ

ବଛର୍କେ ଥରେ ଆଏସି ପରେ ଯିଏ ଯେନ ଥଅ

ଘରେ ପରେ ଆସ ଆସ ଭାଇ ଆଜିର ନୂଆଖାଇ ।

ପାରାଦ୍ୱୀପଗଡ଼, କୁଜଙ୍ଗ

ଜଗତସିଂହପୁର

ମୋ-୯୯୩୭୬୬୯୧୪୭୫.

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପଶ୍ଚିମାଞ୍ଚଲର୍ ଭାବର୍ ତିହାର୍ ନୂଆଁଖାଇ...

ସାଇ ପ୍ରସାଦ ସାହୁ



ନୂଆଁଖାଇ ହେଉଛେ ଆମର୍ ପଶ୍ଚିମ ଓଡିଶାର୍ ସବୁନୁ ବଡ୍ ଖା ଆର୍ କୃଷିଭିତ୍ତିକ ପରବ୍ । ଇ ତିହାର୍ ଫି ବଛର୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ଦିନ ମାନ୍ ସନ୍ । ନୂଆଁଖାଇ ଦିନେ ମାଁ ସମଲେଇନୁ ପହେଲା ନୂଆଁ ଧାନର୍ ଭୋଗ୍ ଲାଗ୍ ସି । ଗାଁର୍ ଲୁକେ ଗାଁ ଖୁଏଲ୍ ସଫା ସୁତର୍ କରିଥିସନ୍ । ସମ୍ବଲପୁରର୍ ବରହମପୁରା ମନ୍ଦିରର ଗୁନୀ ଜ୍ଞାନୀ ପଁଡିତମାନେ ଆଗତୁରା ଲଗନ ପାଗନ ବେଲାଘଡି ପାଁଜି ଦେଖି ଶୁଭ ଦିନ୍ ବାର୍ ବାହାର୍ କରିଥିସନ୍ । ଇ ବଛର୍ ଆଏବାର୍ ଅଗଷ୍ଟ ମାସର୍ ୨୮ ତାରିଖ୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ତିଥିନେ ନୂଆଁଖାଇ ତିହାର୍ ହେବା । ଚାଷୀ ତାର୍ ବଛର୍ ଟାକର୍ ପହେଲା ଫସଲ୍ କେ ମାଁ ସମଲେଇ ପାହାଁତଲେ ଗହଗହ ମନେ ସଅଁପି ଦେଇଥିସି । ତେହେଁରୁ ଯାଏକ୍ ସଭେ ନୂଆଁ ଅରନ୍ ପ୍ରସାଦ୍ ପାଏସନ୍ । କାହିଁ କେତେ କାଲୁ ପୂରବାପାତି ଦିନୁ ଇ ତିହାର୍ କେ ମାନ୍ ତେଲ୍ ଆସୁଛୁଁ, ଇଟା ଆମର୍ ପରମ୍ପରା ଆର୍ ସଂସ୍କୃତି ଆଏ ।

ପଶ୍ଚିମ ଓଡିଶାର୍ ଦେଖାଶିଖା ଇ ତିହାର୍ ରାଏଜେ, ଆର୍ ରାଏଜ୍ ବାହାରେ ଦେଶର୍ ଭିନ୍ ଭିନ୍ ଠାନେ ଭିନ୍ ଭିନ୍ କିସମେ ବନେ ଜାକ୍ ଜମକ୍ ଥି ମାନି ଆସୁଛନ୍ । ହେଲେ ଭିଲ୍ କୁଟୁମ୍ ଯାକର୍ ସଭେ ଏକଜୁଟ୍ ହେଇ କରି ଗୁଟେଠାନେ ଦିନେକେ ନୂଆଁ ଖାଏସନ୍ । ଇ ପରମ୍ପରାଟା ଇହାଦେ ଭି ଚଲି ଆସୁଛେ । ଘରର୍ ମୁଖିଆନୁ କୁଟୁମର୍ ସଭେ ନୂଆଁ ଚାଉଲର୍ ପରସାଦ୍ ପାଏସନ୍ । ତାର୍ ପରେ ସାନ୍ ମାନେ ବଡ୍ ମାନଙ୍କୁ ମୁଡିଆ ମାରି କରି ପାହାଛିଇ ଜୁହାର୍ କରସନ୍ । ଗୁରୁଜନ୍ ମାନକରନୁ ଆଶୀର୍ବାଦ ପାଇ କରି ଜୀବନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧଏନ୍ ହେଇଯାଏସି । ଯିଏ ଯେନଠାନେ ଯେତେ ଧୂରିଆନୁ ରହିଥିଲେ ଭି ନିଜର ଜନମ୍ ମାଏଟ୍, ଗାଁ ଭୂଇଁ ଘରକେ ଉଷତ୍ ମନେ ନୂଆଁଖାଇ ମନାବାର୍ କେ ଧାଇଁ ଆଏସି । କେତେଦିନ୍ ଆଘୋନୁ ସଜବାଜ୍ ହେଇ ବାଟ୍ ଦେଖୁଥିସନ୍ କେଭେଁ ଇ ତିହାର୍ ଆଏବା ବଲି । ଭାଇବନ୍ଧୁ, କୁଟୁମ୍ ବାଟମ୍ ମେଶିକରି ପାଳନ୍ କରବାର୍ ଗୁଟେ ଅଲଗ୍ ମଜା ଲାଗସି । ନିଜର୍ ନିଜର୍ ଭିତରେ ରାଗରିଷ୍ ମି ପାଶରି ଦେସନ୍ । ଫେର୍ ଘାଏ ଇ ତିହାର୍ ସୁଖେ ମେଲନ୍ ମେଶନ୍ କରି ଗୁଟେ ଡୁରେ ବରକସ୍ କରି ବାନ୍ଧି ଦେସି । କାଏଁ ଧନୀ, କାଏଁ ଗରିବ୍, ଜାଏତ୍ ଭେଦଭାବ୍ ଭୁଲି ବଢେ ଉସ୍ଛାକିଥି ଆଏଜ୍ ତକର୍ ସଭେ ମାନି ଆସୁଛୁ । ଗାଆଁ ଗହଲି, ସହର୍, ନଗର୍ ସବୁଠାନେ ନାଚ୍ ଗୀତ୍ ନାନାଦି ଉଚ୍ଛବ୍ ଥି ଫାଟି ପଡୁଥିସି ।

୧୯୯୧ ମସିହାନେ ଓଡ଼ିଶା ସରକାର୍ ଗୁଟେ ଦିନେ ନୂଆଁଖାଇ ମନାବାରକେ ବିଚାର୍ ଦେଲେ । ନୂଆଁଖାଇ ପଶ୍ଚିମ ଓଡ଼ିଶାର୍ ଭାବନା ସାଙ୍ଗେ ଜୁଡି ହେଇଛେ । ଖାଲି ନୂଆଁ ଧାନ୍ କି ନୂଆଁ ଚରା ନୁହେଁ ନୂଆଁ ପିନ୍ଧା, ସଂସ୍କୃତି ଆରୁ ପରମ୍ପରାର୍ ପହେଚାନ୍ ଦେସି । କେତେ କଲାକାର୍ ନୂଆଁ କରି କଲା ଦେଖାସନ୍, ନୂଆଁ କରି ଗାଁନେ ଖେଲ୍, ଗାନା ବଜନା ବି ମୂଲ୍ କରସନ୍ । ନୂଆଁଖାଇ ସତେ ଯେନତା ସବୁଥିର୍ ମିଲନ୍ ଆରୁ ଏକତାର୍ ତିହାର୍ ଆଏ । ନୂଆଁଖାଇ କେତେଟା ପରବ୍ କେ ନେଇ ଆଗକେ ବଢସି ଯେନତା କି ବେହେରେନ୍, ଲଗଲଡଖା, ଡକାହକା, ଲିପାପୁଛା, ଘିନାବିକା, ନୂଆଁ ଧାନ୍ ଖୁଜା, ଭୋଗ୍ ଲଗା, ନୂଆଁଖାଇ ଆର୍ ଜୁହାର୍ ଭେଟ୍ ଘାଟ୍ । ସବୁ ରାଗରୋଷାକେ ଭୁଲି ଗୁଟେ ଡୁରେ ବାନ୍ଧି ଦେସି ନୂଆଁଖାଇ । ଗାଁର୍ ଦେଦେବତା ନେ ନୂଆଁ ଧାନ୍ ଲଗାବାର୍ ଲଗନ୍ କେ ପଣ୍ଡିତ, ଜ୍ୟୋତିଷ୍, ଗାଁର୍ ଭଲ୍ ଲୋକ୍ ମିଶି ବାହାର୍ କରସନ୍ । ସବୁଆଡେ ସଫା ସୁତର୍, ଲିପାପୋଛା ହେସି, ନୂଆଁ ଧାନ୍ ଆନି କରି ମାଁ ଠାନେ ଭୋଗ୍ ଲଗା ହେସି । ଇ ଦିନେ ଭାବର୍ ଭେଟ୍ ଘାଟ୍ ଆର୍ ସଂସ୍କୃତି ଦେଖବାର୍ କେ ମିଲସି । ସତେ ଯେନତା ବିଦେଶ୍ ରେ ରହି କରି ପୁଓ, ଝି ଟାକିଥିସନ୍ ଇ ସମିଆ କେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆଁଖାଇ ଆଘୋନୁ ଯେନ୍ ବଜାର୍ ହେସି ସେଟାକେ ନୂଆଁଖାଇ ବଜାର୍ କହେସନ୍ । ବହୁତ୍ ଭିଡ୍ ଭିଲ୍ ହେସି । ନୂଆଁଖାଇଥି ସବୁ ନୂଆଁ ଜିନିଷ୍ ପତର୍ ଆଏସି । ନୂଆଁଖାଇଥି କପଡା ଲତା ଭିଲ୍ ଆନସନ୍ । ଆମର୍ ପଶ୍ଚିମ ଓଡ଼ିଶାନେ ସବୁନୁ ଅଏତ୍ କା ସମ୍ବଲପୁରୀ କପଡା ଘିନିଥିସନ୍ । ନୂଆଁଖାଇରେ ରାଖି ବନ୍ଧା ଗୁଟେ ବଡ଼ ପରମ୍ପରା ଅଛେ । ଘରର୍ ଜିନିଷ୍ ପତର୍ ନେ ରାଖି ବାନ୍ଧସନ୍ । ଘରର୍ ଲୁକେ ନିଜର୍ ରାଖି ବାନ୍ଧିହେବାର୍ ସାଙ୍ଗେ ମାଏଝିମାନେ ଗଛ୍ ଆର୍ ବଲଦ୍ ମାନଙ୍କୁ ଭିଲ୍ ରାଖି ବାନ୍ଧସନ୍ । ନୂଆଁଖାଇ ଦିନର୍ ବଢେ ସକାଲୁ ଗାଧିକରି ପୂଜା କରବାର୍ ଲାଗି ତିଆର୍ ହେସନ୍ । ଘରେ କେତେ ରକମ୍ ପିଠା ପନା, ଭିନ୍ ଭିନ୍ ତୁନ୍ ଶାଗ୍ ରାନ୍ଧସନ୍ । ସକାଲୁ ଗାଁର୍ ଝାଙ୍କର୍ ନୂଆଁ ଧାନ୍ କେଣା ଧରି ଘର୍ ଘର୍ ଦେସନ୍ । ଘରେ ଧାନ୍ କେଣାକେ ବରନ୍ କରି ମୁଡିଆ ମାରି ଘର୍ କେ ଆନି କରି ପୂଜା ଠାନେ ରଖସନ୍ ଆଉ ନୂଆଁ ଧାନ୍ କେଣାରୁ ଚାଉଲ୍ ବାହାର୍ କରି ଭୋଗଥି ମେଶାସନ୍ ଆର୍ ଘରର୍ ଇଷ୍ଟଦେବୀ ପାଖେ ସମର୍ପନ୍ କରି ନୂଆଁ ଲଗାସନ୍ । ଘରର୍ ମୂଖିଆଁମାନେ କ୍ଷେତକେ ଯାଇ କରି ଧାନ୍ ଗଛେ ଘି, ଗୁରସ୍, ଚାଉଲ୍, ଫୁଲ୍, ଧୂପ୍ କାଠି ଦେଇ ପୂରୁବ୍ ଦିଗ୍ ଆଡକେ ମୂହୁ କରି ପୂଜା ପାଠ୍ କରସନ୍ ଆର୍ ଧାନ୍ ଗଛକେ ରାଖି ବାନ୍ଧସନ୍ । ଆର୍ ଧାନ୍ ଗଛେ ଗୁରସ୍ ରୁକାସନ୍ । ଇ ବଛର୍ ବନେ ଫସଲ୍ ହେଉ ବଲି ଗୁହାରି କରସନ୍ । ଇ ପରମ୍ପରାଟା କେତେ ଦିନୁ ରହିଆସିଛେ । ଘରର୍ ସଭେ ଗୁଟେ ଠାନେ ବସି କରି କୁଟୁମ୍ ଯାକର୍ ସଭେ ଏକଜୁଟ୍ ହେଇ କରି ଦିନେକେ ନୂଆଁ ଖାଏସନ୍ । ଇ ପରମ୍ପରାଟା ଇହାଦେ ଭି ଚଲି ଆସୁଛେ । ଘରର୍ ମୁଖିଆ ସମକିରର୍ ହାତେ ନୂଆଁ ଭୋଗ୍ ଦେସନ୍ ଆର୍ କୁଟୁମର୍ ସଭେ ନୂଆଁ ଚାଉଲର୍ ପରସାଦ୍ ପାଏସନ୍ । ତେହେରୁ ସାନ୍ ମାନେ ବଡ୍ ମାନ୍ କୁ ଗୋଡ୍ ଧରି ମୁଡିଆ ମାରସନ୍ । ଇ ମୁଡିଆ ମରାଟାକେ ନୂଆଁଖାଇ ଜୁହାର୍ କହେସନ୍ । ନୂଆଁଖାଇ ସାରି କରି ଘରର୍ ଝି ବହମାନେ ଇ ପରାନୁ ସେ ପରା ନିଜର୍ ଚିହ୍ନାର୍ ଜନାର୍ ଲୋକ୍ ମାନକର୍ ନିକେ ଭେଟ୍ ହେବାର୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗି ଯାଏସନ୍ । ଇ ଭେଟ୍ କେ ନୂଆଁଖାଇ ଭେଟ୍ କହେସନ୍ । ଜୁହାର୍ ଛିନ୍ ଲା ବେଲେ ବୁଢ଼ାବୁଢ଼ୀମାନେ କହେସନ୍ "ବଂଚି ଥିଲେ ଆର୍ ବରଷେ ଭେଟ୍ ଘାଟ୍ " । ଗାଁର୍ ମନ୍ଦିର୍ କେ ଯାଇ କରି ସଭେ ଇ ବଛରର୍ ଚାଷ୍ ବାଡି ଭଲ୍ ହେଉ ବୋଲି ଗୁହାରୀ କରସନ୍ ।

ନୂଆଁଖାଇ ବଏଲେଁ ଖାଲି ଯେ ନୂଆଁ ଅରନ୍ ଖଏବାର୍ ଟା ନୁହେଁ ସେ, ଇଟା ଭାବର୍ ତିହାର୍ । ଆମର୍ ଜୀବନ୍ ଚଲନୀଥିଁ ସେର୍ ପେଟେଇ କରି ରହିଛେ ଇ ପରମ୍ପରା ଆର୍ ସଂସ୍କୃତି । ନୂଆଁଖାଇ ଦିନେ ପତରର୍ ଦନାଥିଁ ଭୋଗ୍ ଲଗାହେସି, ପତରର୍ ଖଲି ଆର୍ ଦନାଥିଁ ଘରେ ସଭେ ନୂଆଁ ଖାଏସନ୍ । ଭିନ୍ ଭିନ୍ ଜାତିର୍ ଲୋକ୍ ଭିନ୍ ଭିନ୍ ପତରଥିଁ ନୂଆଁ ଖାଏବାର୍ ବ୍ୟବସ୍ଥା ରହିଛେ । କିଏ ମହୁଲ୍, କିଏ କୁରେ, କିଏ ଭେରୁଆଁ, କିଏ ସର୍ଗୀ ତ ଆର୍ କିଏ ରେଙ୍ଗାଲ୍ ପତର୍ ଥି ନୂଆଁଖାଏବାର୍ ପରମ୍ପରା ରହିଛେ । ଗଉଡ୍, କନ୍ଧ୍, ତେଲି, ବ୍ରାହ୍ମଣ୍, ଭୁଲିଆ, ମାଲି ସଂପ୍ରଦାୟର୍ ଲୋକ୍ କୁରେ ପତର୍ ଥି ନୂଆଁ ଖାଉଥିବାର୍ ବେଲେ ଡୁମାଲ୍ ସାଙ୍ଗେ ଆର୍ କେତେ ଭିନ୍ ଭିନ୍ ଜାତିର୍ ଲୋକ୍ ଭେରୁଆଁ, ମହୁଲ୍ ଆର୍ ରେଙ୍ଗାଲ୍ ପତର୍ ଥି ନୂଆଁଖାଇଥିସନ୍ । ଅନ୍ୟ କେତେ ସଂପ୍ରଦାୟର୍ ଲୋକ୍ ଅଛନ୍ ସେମାନେ ସାରୁ, କଦେଲ୍, ପଣସ୍ ପତର୍ ଥି ନୂଆଁ ଖାଏସନ୍ । ସବୁନୁ ବଡ୍ କଥା ହେଲା ଯେ ; ନବାନ୍ନ ଭକ୍ଷଣ୍ ଲାଗି ଯେନ୍ ଗଛ୍ ରୁ ଲୋକ୍ ମାନେ ପତର୍ ଆନିଥିସନ୍ ସେ ଗଛକେ ପହେଲା ପୂଜା କର୍ ବାର୍ ବିଧି ରହିଛେ । ପରିବାରର୍ ସଧବାମାନେ ଗଛ୍ ପାଖେ ଯାଇ କରି ପୂଜା ପାଠ୍ କର୍ ଲା ଉତାରୁ ପତର୍ ତୁଲିଥିସନ୍ । ଭଲ୍ ପତର୍ ଥି ଖଲି ଦନା ବନେଇ କରି ସେଥିନେ ପହେଲା ଇଷ୍ଟ ଦେବାଦେବୀ ମାନଙ୍କୁ ନବାନ୍ନ ଅରପଣ୍ କରାଯାଏସି । ତାର୍ ପରେ ଗୁଟେ କୁଟୁମ୍ ଥି ଯେତେ ଲେଁ ଝେଁ ଥିଲେ ଭିଲ୍ ସବୁ କଥାକେ ପାସ୍ ରି ଫେର୍ ଘାଏ ନିଜର୍ ନିଜର୍ ଭିତରେ ମିଲିମିଶି ଠାନେକେ ବସି ମହୁଲ, କୁରେ ଆର୍ ଭେଲୁଆଁ ପତରର୍ ଖଲି ଦନାଥିଁ ନୂଆଁ ଅରନ୍ ଖାଏବାର୍ ଗୁଟେ ଅଲଗ୍ ମଜା ଆଏ ।

ବ୍ୟକ୍ତିନୁ ପରିବାର୍, ପରିବାରନୁ ସମାଜ୍ ଆର୍ ସମାଜନୁ ରାଷ୍ଟ୍ରକେ ନେଇ କରି ଗୁଟେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତୁ ଥାପନା କରସି ନୂଆଁଖାଇ ତିହାର୍ । ସଭେ ଏକ୍ ରହେବାର୍ ଭାବ୍ , ସଂପର୍କ ସୀମିତ ହେଇକରି ନାଇଁ ରହେବାର ଭାବନା ହେଉଛେ ଇ ନବାନ୍ନ ଭକ୍ଷଣର ଲକ୍ଷ୍ୟ ଆଏ । ଯେତେ ମନ୍ ମନାନ୍ତର ହେଉ ପଛେ ସେ ସବୁ, ନିତିଦିନିଆ ଘଟନା ଭିତରେ ହୃଦ୍ରୁଦ୍ ଭିତରେ ପଶିଆସିଥିବାର୍ ଯେତେ ସବୁ ରୁଷାଫୁଲା, ଇ ତିହାର୍ ଶେଷ୍ କରବାର୍ ଚେରେଷ୍ଟାନେ ରହେସି । ଚେତାସି ଦୁଇଦିନିଆ ଜୀବନ୍ ଥି କାଁଯେ ଭେଦଭାବ ରଖମା, ନିଜର୍ ମୂଲ୍ ସ୍ୱଭାବ୍ ନୁ ବାହାରି ଯାଇ କରି ଆଗେ ଯିମା ଆର୍ ରାସ୍ତା ଦେଖାସି ମିଶି କରି ରହେବାକେ । ନୂଆଁଖାଇ ଜୁହାର୍ ଇ ତିହାରର୍ ବିଶେଷତା ଆଏ ଯେନଟା ସମ୍ମାନ ଶିଖାସି, ସେନେହର୍ ଧାରା ବୁହାସି, ନିଜକେ ଏକଲା ଏକଲା ମାନସିକତାନୁ ଉବାରସି , ହଜେଇଦେସି ଆମର୍ ଭିତରେ ଥିବା ଦିବ୍ୟତାକେ । ଦୁନିଆର୍ ଘିଚାଟନା ଭିତରେ ଇଟା ଅବସର୍ ଆଏ ଭେଟ୍ ଘାଟ୍ ହେବାର୍, ଜଗ୍ ଜାହିର୍ କରବାର୍ ନିଜର୍ ସେନେହ, ଶ୍ରଦ୍ଧାକେ ଆର୍ କର୍ତ୍ତବ୍ୟକେ । ନୂଆଁଖାଇ ପରବ୍ ଆଏ ସମସ୍ତଙ୍କର୍ ଭିତରେ ଚେତନା ଜଗାବାକେ, ସଂସ୍କାର୍ ଶିଖାବାକେ, ସଂସ୍କୃତି ଉପରେ ଆଦରଭାବ ଅପନାବାକେ । ନୂଆଁ କିଛି କରବାକେ ଇ ତିହାର୍ ତହଁକ୍ ଆନସି, ଘୃଣା ବଦଲା ଭଲ୍ ପାଏବାର୍ ମାନସିକତାକେ ଉଜାଗର୍ କରସି ।

ଇ ନୂଆଁଖାଇ ତିହାର୍ ଟା ମୁନୁଷ୍ ମୁନୁଷ୍ ଭିତରେ ପ୍ରେମ୍ ଭାବ୍, ଭାଇ ଭାବ୍ କେ ବଢେଇ ଥିସି । ଇ ତିହାର୍ ଥି ଜାତି, ଅଜାତି, ଛୋଟ୍ ବଡ୍ ଭେଦ୍ ଭାବ୍ କେ କାଟି ଦେଇ କରି ଚହଟି ଯଉଥିସି ନୂଆଁଖାଇ ଜୁହାର୍ । ଆମର୍ ଧରମ୍, ପରମ୍ପରା, ସଂସ୍କୃତି କେ ନାଇଁ ପାସରି କରି ଜୀବନ୍ କେ ଭଲ୍ ବାଟେ ନେଇ କରି ବାଟ୍ ବନା ନାଇଁ ହେବେ ବୋଲି ମୁନୁଷ୍ ସମାଜ୍ କେ ନୂଆଁଖାଇ ବାଟ୍ ଦେଖଉଛେ ।

ଆଇନଜୀବୀ, ଗବେଷକ ଓ ସ୍ତମ୍ଭକାର,

ସିନ୍ଧେକେଲା, ବଲାଙ୍ଗୀର, ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶ୍ରୀରାଧାଙ୍କ ପ୍ରିୟ ସଖୀ ଲଳିତା

ଅର୍ଜ୍ଜୁନୀ ଚରଣ ବେହେରା



(ଲଳିତା ସପ୍ତମୀ ଉପଲକ୍ଷେ)

ଭଗବାନ୍ ଶ୍ରୀକୃଷ୍ଣଙ୍କ ଗୋଲୋକରୁ ଧରାବତରଣ ସହ ତାଙ୍କ ଲୀଳା ସଙ୍ଗିନୀ ହୋଇ ଶ୍ରୀରାଧା ଏବଂ ଅସଂଖ୍ୟ ଗୋପୀ ମଧ୍ୟ ଧରାବତରଣ କରିଥିଲେ । ଗୋପୀ ଶ୍ରେଷ୍ଠା ଥିଲେ ଶ୍ରୀରାଧା ଓ ଅନ୍ୟ ଗୋପୀ ମାନେ ଥିଲେ ତାଙ୍କ ସହଚରୀ, ସଖି । ଏହି ସଖୀ ମାନେ ହିଁ ଥିଲେ ଶ୍ରୀମଦ୍ ଭାଗବତ ଓ ଅନ୍ୟାନ୍ୟ ବୈଷ୍ଣବ ଶାସ୍ତ୍ର ମାନଙ୍କରେ ବର୍ଣ୍ଣିତ, ଷୋଳ ସହସ୍ର ଗୋପ ନାରୀ, ମୋତେ ବରିଲେ ତପ କରି ।

ଶ୍ରୀରାଧାରାଣୀଙ୍କ ସେହି ସଖୀ ମାନଙ୍କୁ ମୁଖ୍ୟତଃ ଚାରି ଶ୍ରେଣୀରେ ବିଭକ୍ତ କରାଯାଏ ଯଥା ସ୍ୱପକ୍ଷ, ବିପକ୍ଷ, ତଟସ୍ଥ ଓ ସୁହୃତ । ଯେଉଁ ମାନେ ସମ୍ପୂର୍ଣ୍ଣ ଶ୍ରୀରାଧାଙ୍କ ସପକ୍ଷରେ ଥାନ୍ତି, ସେମାନେ ହେଲେ ସ୍ୱପକ୍ଷ ସଖୀ । ଯେଉଁମାନେ ରାଧାଙ୍କ ବିପକ୍ଷରେ ଥାଇ ଚନ୍ଦ୍ରାବଳୀଙ୍କ ସପକ୍ଷରେ ଥିଲେ, ସେମାନେ ହେଲେ ବିପକ୍ଷ ସଖୀ । ତଟସ୍ଥ ସଖୀମାନେ କୃଷ୍ଣ ଏବଂ ରାଧା ଉଭୟଙ୍କପାଇଁ ନିରପେକ୍ଷ ରହିଥାନ୍ତି । ସୁହୃତ ସଖୀଗଣ ଶ୍ରୀରାଧାଙ୍କୁ ସପକ୍ଷକରି ଗୋପୀ ଚନ୍ଦ୍ରାବଳୀଙ୍କ ପାଇଁ ନିରପେକ୍ଷ ରୁହନ୍ତି ।

ସଖୀମାନଙ୍କ ମଧ୍ୟରେ ଲଳିତା ଓ ବିଶାଖା ଥିଲେ ଶ୍ରୀରାଧାଙ୍କ ସ୍ୱପକ୍ଷସଖି, ଚନ୍ଦ୍ରାବଳୀ ବିପକ୍ଷ ସଖୀ, ଭଦ୍ରା ତଟସ୍ଥ ଏବଂ ଶ୍ୟାମଳା ଥିଲେ ସୁହୃତ୍ ସଖୀ ।

ଶ୍ରୀରାଧାଙ୍କ ଅସଂଖ୍ୟ ସଖୀଙ୍କ ମଧ୍ୟରେ ଆଠ ଜଣ ଥିଲେ ମୁଖ୍ୟ ସଖୀ ଯେଉଁମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଷ୍ଟସଖୀ ରୂପେ ପରିଚିତ ହୋଇଥାନ୍ତି । ସେମାନେ ହେଲେ ଲଳିତା, ବିଶାଖା, ଇନ୍ଦୁରେଖା, ଚମ୍ପକ ଲତା, ରଙ୍ଗଦେବୀ, ଚିତ୍ରା, ତୁଙ୍ଗବିଦ୍ୟା ଓ ସୁଦେବୀ ।

ଲଳିତାସଖୀ ଥିଲେ ଅଷ୍ଟସଖୀଙ୍କ ମଧ୍ୟରେ ମୁଖ୍ୟ ।

ସେ ଶ୍ରୀରାଧାଙ୍କ ଠାରୁ ବୟସରେ ସତେଇଶି ଦିନ ବଡ଼ । ଶ୍ରୀରାଧାଙ୍କ ଜନ୍ମଦିନ ରାଧାଷ୍ଟମୀ ପୂର୍ବ ଦିନ ପଡ଼େ ଲଳିତାଙ୍କ ଜନ୍ମଦିନ ଯାହା ଲଳିତାସପ୍ତମୀ ଭାବେ ପ୍ରସିଦ୍ଧ । ଲଳିତାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେଲେ ଆପେ ଆପେ ଶ୍ରୀରାଧା ଓ ପକ୍ଷାନ୍ତରେ ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ମିଳିଯାଏବୋଲି ବିଶ୍ୱାସ ରହିଛି । ଲଳିତା ସପ୍ତମୀକୁ ଏଣୁ ବୈଷ୍ଣବ ଭକ୍ତମାନେ ପ୍ରଗାଢ଼ ଭକ୍ତି ଏବଂ ନିଷ୍ଠାର ସହ ପାଳନ କରିଥାନ୍ତି ।

ଲଳିତା ଗୋପୀଙ୍କ ପିତାଙ୍କ ନାମ ବିଶୋକ । ତାଙ୍କ ମାତାଙ୍କ ନାମ ଶାରଦୀ ଦେବୀ । ଲଳିତା ବ୍ରଜଭୂମି କର୍ହାଲା ଗ୍ରାମରେ ଜନ୍ମ ହୋଇଥିଲେ । ପରେ ତାଙ୍କ ପିତା ଯାଇ ଉଚାଗାଁରେ ବାସକଲେ ଓ ଉଚାଗାଓଁ ହେଲା ତାଙ୍କ ଲୀଳାଭୂମି । ସେ ଭୈରବ ଗୋପଙ୍କୁ ବିବାହ କରିଥିଲେ । ଭୈରବଗୋପ ଚନ୍ଦ୍ରାବଳୀଙ୍କ ସ୍ୱାମୀ ଗୋବର୍ଦ୍ଧନ ଗୋପଙ୍କର ଘନିଷ୍ଠବନ୍ଧୁ ଥିଲେ ।

ଲଳିତା ସଖୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଶ୍ରୀରାଧା ଏବଂ ଶ୍ରୀକୃଷ୍ଣଙ୍କ ମିଳନରେ ସହଯୋଗିତା କରିବା ଓ ସେମାନଙ୍କ ସେବାକରିବା । ଲଳିତା ଖୁବ୍ ଶାନ୍ତ ସ୍ୱଭାବର କିନ୍ତୁ ଦରକାର ପଡ଼ିଲେ ସେ କଟୁ କଥା କହିବାକୁ ପଛାଉ ନ ଥିଲେ । ଏଣୁ ତାଙ୍କୁ ପ୍ରଗଲ୍ଭ ଗୋପୀ ବୋଲି ଅଭିହିତ କରାଯାଏ ।

ଲଳିତା ସଖିଙ୍କ ବର୍ଣ୍ଣ ଗୋରୋଚନା ରଙ୍ଗର । ସେ ସର୍ବଦା ମୟୂରରଙ୍ଗର ବସ୍ତ୍ର ପରିହିତା । ସାଧକଙ୍କ ନିମନ୍ତେ ଲଳିତା ହେଉଛନ୍ତି, ବାଞ୍ଛାପୂର୍ଣ୍ଣ କାରିଣୀ । ରାଧାକୃଷ୍ଣଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ପାଇବାକୁ ହେଲେ ଲଳିତାଙ୍କୁ ନିଜର ବାଞ୍ଛା ପ୍ରାର୍ଥନୀୟ । ଲଳିତା ରାଧା ଓ କୃଷ୍ଣ ଉଭୟଙ୍କ ନିକଟତର ହୋଇଥିବାରୁ ଭକ୍ତର ଇଚ୍ଛା ପୂର୍ଣ୍ଣ କରିବାକୁ ସେ ପୂର୍ଣ୍ଣ ସମର୍ଥ ।

ଲଳିତାଙ୍କୁ ମଧ୍ୟ ଯୁଥେଶ୍ୱରୀ ଗୋପୀ କୁହାଯାଏ । କାରଣ ସେ କେତେଜଣ ଗୋପୀଙ୍କ ଯୁଥର ମୂଖ୍ୟ ଥିଲେ । ରାଧିକାଙ୍କଠାରୁ ବୟସରେ ବଡ଼ ହେଲେ ମଧ୍ୟ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଧା କୃଷ୍ଣଙ୍କ ମଧୁର ପ୍ରେମଲୀଳାରେ ନିଜକୁ ସମର୍ପିତ କରିବା । ସେଇଥିରୁ ହିଁ ସେ ପରମ ତୃପ୍ତି ଓ ଦିବ୍ୟ ଆନନ୍ଦ ଲାଭ କରୁଥିଲେ ।

ଲଳିତା ପରମା ସୁନ୍ଦରୀ ଥିଲେ । ଶାସ୍ତ୍ରମାନଙ୍କରେ ତାଙ୍କ ସୌନ୍ଦର୍ଯ୍ୟକୁ ଶରଦ ପୂର୍ଣ୍ଣମୀର ପୁର୍ଣ୍ଣଚନ୍ଦ୍ର ସହ ତୁଳନା କରା ଯାଇଛି । ଶ୍ରୀ ରାଧାଙ୍କ ସମସ୍ତ ସଖୀ ଶ୍ରୀରାଧାଙ୍କ ଶୃଙ୍ଗାର କରିବାରେ ଅତ୍ୟନ୍ତ ଧୁରନ୍ଧର ଥିଲେ । ମାତ୍ର ସେମାନଙ୍କ ମଧ୍ୟରେ ପ୍ରଧାନ ଥିଲେ ଲଳିତା ଓ ବିଶାଖା । ମୁଖ୍ୟତଃ ଏମାନେ ରାଧାଙ୍କ କେଶ ଶୃଙ୍ଗାରରେ ଖୁବ୍ କୁଶଳୀ ଥିଲେ । ଲଳିତା ଦେବୀଙ୍କ ଅନ୍ୟ ଏକ ମୁଖ୍ୟସେବା ଥିଲା ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ପାଇଁ ସେ ତାମ୍ବୁଳ ଓ କର୍ପୁର ସେବା ଯୋଗାଉ ଥିଲେ ।

ଲଳିତା ସଖୀ ଶ୍ରୀରାଧାଙ୍କ ସମସ୍ତ ସଖିଙ୍କର ଶିକ୍ଷା ଗୁରୁଥିଲେ । କୁହାଯାଏ, ଲଳିତାଙ୍କ ଶରୀରରେ ଚଉଷଠିଟି ତୀର୍ଥ ବାସ କରୁଥିଲେ । ସେହି ତୀର୍ଥମାନେ ସବୁ ହତ୍ୟା ଦୋଷ ଯଥା ଗୋହତ୍ୟା, ବ୍ରହ୍ମ ହତ୍ୟା, କୃମୀ ହତ୍ୟା, ଶ୍ୱାନ ହତ୍ୟା ଓ ଆତ୍ମହତ୍ୟା ଆଦିରୁ ଉଦ୍ଧାର କରିବା ପାଇଁ ସମର୍ଥ । କୁହାଯାଏ ଶ୍ରୀକୃଷ୍ଣ ଷଣ୍ଢାସୁରକୁ ବଧକଲା ପରେ ଗୋହତ୍ୟା ଦୋଷରୁ ମୁକ୍ତି ପାଇବା ନିମନ୍ତେ ଯାଇ ଶ୍ରୀଲଳିତା କୁଣ୍ଡରେ ସ୍ନାନ କରିଥିଲେ ।

ଲଳିତା ଅନୁରାଧା ନାମରେ ମଧ୍ୟ ପରିଚିତ ହୁଅନ୍ତି । ବୃନ୍ଦାବନରେ ଦେବୀଙ୍କ କୁଞ୍ଜ ଲଳିତାଆନନ୍ଦ କୁଞ୍ଜ ଭାବେ ପରିଚିତ । ଲଳିତାଙ୍କ ସହଯୋଗୀନି ଭାବେ ସେଠାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଛନ୍ତି, ରତ୍ନପ୍ରଭା, ରତିକେଳି, ସୁଭଦ୍ରା, କଳହଂସୀ, ଭଦ୍ର ରେଖିକା, ସୁମୁଖି, ଧନିଷ୍ଠା ଏବଂ କଳାପିନି ପ୍ରଭୃତି ସଖିମାନେ ।

ଶ୍ରୀରାଧାଙ୍କ ଜନ୍ମସ୍ଥାନ ବରସାନା ଠାରୁ ମାତ୍ର ଏକ ମାଇଲ ଦୁରରେ ରହିଛି ଊଁଚାଗାଓଁ । ଏହି ଠାରେ ରହିଛି ଲଳିତାଙ୍କ ମନ୍ଦିର ଓ ଲଳିତା ସରୋବର । ଏକ ପବିତ୍ର, ବୈଷ୍ଣବ ତୀର୍ଥ ସ୍ଥାନ ହୋଇ ଥିବାରୁ ଏଠାକୁ ବର୍ଷ ସାରା ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ସୁଅ ଛୁଟିଥାଏ । ଲଳିତା ମାତାଙ୍କ ଦର୍ଶନରେ ଭକ୍ତଗଣ ଆତ୍ମ ବିଭୋର ହୋଇ ଗାଇ ଥାନ୍ତି:-

ରାଧା ମୁକୁନ୍ଦ ପାଦସମ୍ଭବ ଘର୍ମ ବିନ୍ଦୁ
ନିର୍ମାଣୋପକରଣୀ କୃତା ଦେହ ଲକ୍ଷ୍ମ
ଉତ୍ତୁଙ୍ଗ ସୌହୃଦା ବିସେସା ବସତ୍ ପ୍ରଗଲ୍‌ଭଂ
ଦେବୀଂଗୁନୌ ସୁଲଲିତମ୍ ଲଲିତମ୍ ନମାମି

*********

ନମାମି ନମାମି ଦେବୀ ଆନନ୍ଦରୂପିଣୀ
ଜଗଦାନନ୍ଦ ଦାୟିନୀ ଜ୍ଞାନ ପ୍ରକାଶିନୀ ।

ମୋ : ୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଧା ତତ୍ତ୍ୱ

ବାବାଜୀ ଚରଣ ଦାସ



"ସେ ଆଉ କେହି ନୁହଁନ୍ତି, ପ୍ରେମ ପାଗଳିନୀ, କୃଷ୍ଣ ବିରହିଣୀ, ଅପ୍ରାକୃତ ପ୍ରେମ ପୂଜାରିଣୀ, ହ୍ଲାଦିନୀ ଶକ୍ତି ସ୍ୱରୁପା ବୃଷଭାନୁ ରାଜ ନନ୍ଦିନୀ ଶ୍ରୀରାଧା । ସବୁ ସ୍ତବ୍ଧ କିନ୍ତୁ ସେହି ନିସ୍ତବ୍ଧତା ମଧ୍ୟରେ ତରୁଲତା କୁଞ୍ଜବନ ସବୁକିଛି ତାଙ୍କୁ ରଙ୍ଗମୟ ଦେଖା ହେଉଛି । ମୁକୁଳିତ କେଶ, ନୟନ ଯୁଗଳରେ ଅବାରିତ ଅଶ୍ରୁଧାର । ଘୁରି ବୁଲୁଛନ୍ତି ତାଙ୍କ ପ୍ରିୟତମଙ୍କ ସନ୍ଧାନରେ କୁଞ୍ଜବନ ସାରା ଆଉ କାନ୍ଦି କାନ୍ଦି ଲୋଟି ଯାଉଛନ୍ତି ସେହି ନଟନାଗରଙ୍କୁ ନପାଇ ।"

ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କ ଅଷ୍ଟ ପାଟମହିଷୀଙ୍କ ଅନୁରୋଧରେ ମା ରୋହିଣୀ ଛଳଛଳ ଆଖିରେ କୃଷ୍ଣଙ୍କ ବ୍ରଜଲୀଳା ବର୍ଣ୍ଣନା କରୁଛନ୍ତି, ସରଳବଣି ଚୋରିଠାରୁ ରାସଲୀଳା ପର୍ଯ୍ୟନ୍ତ ।

ଦୈହିକ କାମନା ବାସନାର ଉର୍ଦ୍ଧ୍ୱରେ ଅପ୍ରାକୃତ ପ୍ରେମ ପୂଜାରିଣୀ ଶ୍ରୀରାଧାଙ୍କ ଚିନ୍ତା ଚେତନା ଆଉ ଅବୁଝା ନଥିଲା ଅଷ୍ଟ ପାଟମହିଷୀଙ୍କର । ସମସ୍ତଙ୍କ ଅଗୋଚରରେ ପରମ ପ୍ରେମମୟ ଶ୍ରୀକୃଷ୍ଣ, ଜ୍ୟେଷ୍ଠ ଭ୍ରାତା ବଳଭଦ୍ର ଓ ଭଉଣୀ ସୁଭଦ୍ରା, ଶ୍ରୀରାଧା ଓ ଗୋପାଙ୍ଗନା ମାନଙ୍କର ଅପ୍ରାକୃତ ପ୍ରେମ ଗାଥା ଶ୍ରବଣ କରି ଏତେ ଆତ୍ମବିଭୋର ହୋଇଗଲେ ଯେ ସେମାନଙ୍କ ଅଙ୍ଗ ବିଗଳିତ ହେବାକୁ ଲାଗିଲା । ନାରଦ ମହର୍ଷି ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇ କରଯୋଡି ଏହି ବିଗଳିତ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେବାକୁ ନିବେଦନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲେ ।

ଭକ୍ତ ବତ୍ସଳ ଶ୍ରୀକୃଷ୍ଣ, ନାରଦମୁନିଙ୍କୁ କଳିଯୁଗରେ ନୀଳାଚଳ ଧାମରେ ଏହି ଭଳି ହସ୍ତ ପାଦ ବିହିନ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବାକୁ ଆଶ୍ୱାସନା ଦେଲେ ।

"ରାଧା ବୋଲି ଅଟେ ଯେଉଁ ଦିଓଟି ଅକ୍ଷର

ସମାନ ନୁହଁଇ ତାଙ୍କୁ ଚତୁର୍ଦ୍ଦଶ ପୁର ।

ରାଧା ନାମେ ଗଙ୍ଗା ଯାଏ ତିନିପୁରେ ବହି

ରାଧା ନାମେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ହୋଇ ।"

(ଚିତ୍ତବିନୋଦ)

ତେୟାଳିଶ ପଟଳରେ ଅଚ୍ୟୁତାନନ୍ଦ ଦାସ ଲେଖିଛନ୍ତି,

"ଶ୍ରୀକୃଷ୍ଣ ଜଗନ୍ନାଥ ସେହି

ପରମାନନ୍ଦ ସେ ବୋଲାଇ ।"

ବଳରାମ ଦାସଙ୍କ ବେଦସାର ଗୁପ୍ତ ଗୀତାରେ,

"ଏଣୁ ଏ ଜଗନ୍ନାଥ କୃଷ୍ଣ । ଅଭିନ୍ନ ଅଟନ୍ତି ଅର୍ଜୁନ । ।"

ଶ୍ରୀଚୈତନ୍ୟ ମହାପ୍ରଭୁ, ପଞ୍ଚଗୋସ୍ୱାମୀ ସଖାମାନଙ୍କ ଆଗରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀରାଧାକୃଷ୍ଣଙ୍କ ପ୍ରେମମୟ ସ୍ୱରୂପ ଭାବେ ବର୍ଣ୍ଣନା କରି ଭାବ ବିହ୍ୱଳିତ ହୋଇ ନୃତ୍ୟ କରନ୍ତି ।

ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ, ଜଗନ୍ନାଥାଷ୍ଟକର ଷଷ୍ଠ ପଦରେ ଶ୍ରୀଜଗନ୍ନାଥଙ୍କୁ ରାଧା ଓ କୃଷ୍ଣଙ୍କ ସମ୍ମିଳିତ ବିଗ୍ରହ ଭାବେ ବର୍ଣ୍ଣନା କରିଛନ୍ତି ।

ଅତିବଡ଼ି ଜଗନ୍ନାଥ ଦାସଙ୍କ ତୁଳାଭିଣାରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ନାସିକା ଏ ବେନି ପୁଡାରେ ।

ରାଧିକାକୃଷ୍ଣ ସହିତରେ ।।

ଦ୍ୱାଦଶ ବୃନ୍ଦାବନ ଏହି ।

କେଳି କରନ୍ତି କୃଷ୍ଣ ରହି ।।"

ମହାପୁରୁଷ ଅଚ୍ୟୁତାନନ୍ଦ ଗାଇ ଉଠିଥିଲେ,

"ଆଖିକୁ ଆଖିରେ ଦେଖରେ ବାବୁ

ଆଖି ସେବିଲେ ଚକା ଆଖି ପାଇବୁ ।"

ଜଗନ୍ନାଥ ପରୀକ୍ଷାରେ,

"ଯେ ଆତ୍ମାରୂପୀ ଜଗନ୍ନାଥ

ତାଙ୍କ ସେବାରେ ଦିଅ ଚିତ୍ତ ।

ମାଗନ୍ତି ନାହିଁ ଟଙ୍କା ଧନ

ମାଗୁଛନ୍ତି କେବଳ ମନ ।

ଯେ ଶୁଦ୍ଧ ଚିତ୍ତେ ସେବା କରେ

ସୁଗ୍ରାହ୍ୟ ହୁଏ ତାଙ୍କଠାରେ ।"

କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛାନ୍ଦ, ମଙ୍ଗଳାଚରଣମରେ;

"ଅପ୍ରାକୃତ ପ୍ରେମ ମୂର୍ତ୍ତି ଜୟେ ରାଧା ହରି ।

ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ହେ ।

ତାତ୍ତ୍ୱିକ ଅର୍ଥରେ ରାଧା ଓ କୃଷ୍ଣ ହେଉଛନ୍ତି ଯଥାକ୍ରମେ ଆତ୍ମା ଓ ପରମାତ୍ମା । ତେଣୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଭାବିକ ଭାବେ ପରମାତ୍ମାଙ୍କ ସହ ମିଳିତ ହେବା ପାଇଁ ଆତ୍ମା ସର୍ବଦା ବ୍ୟାକୁଳ ।

ଶାସ୍ତ୍ର ମତରେ 'ର' ହେଉଛି ଅଗ୍ନି ବୀଜ ଏବଂ ଏହା ମୁକ୍ତିଲାଭ ପାଇଁ ଭଗବାନଙ୍କ ଆଡ଼କୁ ଧାବମାନ ହେଉଛି । ତେଣୁ 'ରାଧା' ଭାବ ହେଉଛି ଶ୍ରୀକୃଷ୍ଣଙ୍କ ଆରାଧନାର ପ୍ରକୃଷ୍ଟ ମାର୍ଗ ।

ବ୍ରହ୍ମବୈବର୍ତ୍ତ ପୁରାଣ ମତେ ଶ୍ରୀରାଧା ଅଯୋନି ସମ୍ଭୂତା । ସାମନ୍ତ ରାଜ ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦା ପୁଷ୍କରିଣୀରେ ସ୍ନାନ କରୁଥିବା ସମୟରେ ଏକ ସଦ୍ୟ ପ୍ରସ୍ଫୁଟିତ କଇଁ ଫୁଲ ଉପରେ ସୁନ୍ଦର ଶିଶୁ କନ୍ୟାଟିଏ ଶୋଇଥିବା ଦେଖି ବିସ୍ମିତ ହେଲେ । ସେହି ଚକ୍ଷୁ ମୁଦ୍ରିତ ଶିଶୁଟିକୁ ତୋଳି ଧରି ନିଜ ଗୃହକୁ ନେଇ ଆସିଲେ । ତିନିଦିନ ପର୍ଯ୍ୟନ୍ତ ମୁଦ୍ରିତ ଚକ୍ଷୁ ଯଶୋଦାଙ୍କ କୋଳରେ ବାଳୁତ କୃଷ୍ଣଚନ୍ଦ୍ରଙ୍କ ପ୍ରଥମ ଦର୍ଶନ ପାଇ ଖୋଲିଯାଇଥିଲା । ଶ୍ରୀରାଧାଙ୍କ ବାଲ୍ୟକାଳ ପିତ୍ରାଳୟ ବରସାନା ବା ଯାବଟ ଗ୍ରାମରେ କଟିଥିଲା । କିଶୋରୀ ଶ୍ରୀରାଧାଙ୍କୁ ଚନ୍ଦ୍ରସେଣା ଯାଦବଙ୍କ ସହ ବିବାହ କରେଇ ଦିଆଯାଇଥିଲା । ତାଙ୍କର ଶାଶୁଙ୍କ ନାମ ଜଟିଳା ଓ ନଣନ୍ଦଙ୍କ ନାମ କୁଟିଳା । ଚନ୍ଦ୍ରସେଣା ଥିଲେ ନପୁଂସକ । କୃଷ୍ଣ ପ୍ରେମରେ ବାତୁଳୀ ଶ୍ରୀରାଧା, ଶାଶୁ ନଣନ୍ଦ ଓ ସମାଜର ନିନ୍ଦା ଅପବାଦ କାହାରିକୁ ଭ୍ରୂକ୍ଷେପ ନକରି ଶ୍ରୀକୃଷ୍ଣଙ୍କ ପଦ୍ମ ପାଦରେ ସମର୍ପିତ କରିଥିଲେ ନିଜକୁ ।

ବୃନ୍ଦାବନ ମହାରାସର ମୂଖ୍ୟ ନାୟିକା ରାଇ ବିନୋଦିନୀ ଶ୍ରୀରାଧାଙ୍କ ଲଲାଟରେ ଲାଗିଥିଲା ଅପବାଦ । ବୈଷ୍ଣବମାନଙ୍କ ସାହିତ୍ୟରେ ଶ୍ରୀରାଧା ହିଁ କଣା ମାଠିଆରେ ପାଣି ଓ ପଦଧୂଳି ଦେଇ ଶ୍ରୀକୃଷ୍ଣଙ୍କ ରୋଗର ଉପଶମ କରିଥିବାରୁ ଶ୍ରୀରାଧାଙ୍କ ଶ୍ରେଷ୍ଠତା ପ୍ରତିପାଦିତ ହୁଏ ।

ବୈଷ୍ଣବ ମତବାଦର ରାଧାରାଣୀ ସର୍ବଦା କୃଷ୍ଣଙ୍କ ସହିତ ପୂଜିତା ହୁଅନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୌଡୀୟ ବୈଷ୍ଣବମାନଙ୍କ ମତରେ ସେ ହେଉଛନ୍ତି ଆଦିଶକ୍ତି । ସେମାନଙ୍କ ମତରେ ଆରାଧୟତି ଇତି ରାଧା । ସେମାନଙ୍କ ଅନୁସାରେ ଭଗବାନ ଶ୍ରୀକୃଷ୍ଣଙ୍କ ବାମଭାଗରୁ ଅପରୂପ ସୌନ୍ଦର୍ଯ୍ୟ ସମ୍ପନ୍ନା ସୌଭାଗ୍ୟଦାୟିନୀ ମହାଲକ୍ଷ୍ମୀ ଉତ୍ପତ୍ତି ହୋଇଥିଲେ । ଶ୍ରୀକୃଷ୍ଣଙ୍କ ଦକ୍ଷିଣ ଭାଗରୁ ପ୍ରେମମୟୀ ଶ୍ରୀରାଧାଙ୍କ ଉତ୍ପତ୍ତି ହୋଇଥିଲା । ଚତୁର୍ଭୁଜ ନାରାୟଣ ଲକ୍ଷ୍ମୀଙ୍କୁ ଗ୍ରହଣ କରିଥିବାରୁ ତାଙ୍କ ନାମ ଲକ୍ଷ୍ମୀକାନ୍ତ । ଲକ୍ଷ୍ମୀ ନାରାୟଣ ବ୍ରତ ପାଳନ ଆମ ସଂସ୍କୃତିର ଏକ ଅଂଶ । ଶ୍ରୀକୃଷ୍ଣ ପ୍ରେମମୟୀ ଶ୍ରୀରାଧାଙ୍କ ସହ ବୃନ୍ଦାବନରେ ରାସ ରଚନା କରିଥିବାରୁ ରାଧାକାନ୍ତ ରୂପେ ପୂଜା ପାଆନ୍ତି ।

ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଗୀତଗୋବିନ୍ଦ କାବ୍ୟ ଅନୁସାରେ ରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କ ପ୍ରେମିକା ଓ ବାଲ୍ୟ ସଖି । ଭାଦ୍ରବ ଶୁକ୍ଳ ଅଷ୍ଟମୀ ତିଥିରେ ଶ୍ରୀରାଧାଙ୍କ ଜନ୍ମୋତ୍ସବ ପବିତ୍ର ରାଧାଷ୍ଟମୀ ଭାବେ ପାଳିତ ହୁଏ ଏବଂ ଭକ୍ତମାନେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥାନ୍ତି । କଳିଯୁଗରେ ଶ୍ରୀରାଧା ସତ୍ୟବାଦୀଠାରେ ଜନ୍ମ ଗ୍ରହଣ କରିଥିଲେ ବୋଲି କିମ୍ବଦନ୍ତୀ କୁହେ । ଶ୍ରୀମନ୍ଦିର ଓ ସାକ୍ଷୀଗୋପାଳ ମନ୍ଦିରରେ ରାଧାଷ୍ଟମୀ ଉତ୍ସବ ମହା ସମାରୋହରେ ପାଳନ କରାଯାଏ । ଅଁଳା ନବମୀ ତିଥିରେ ରାଧା ପାଦ ଦର୍ଶନ କରି ଭକ୍ତମାନେ କୃତାର୍ଥ ହୁଅନ୍ତି ।

କେତେକଙ୍କ ମତରେ ଶ୍ରୀରାଧା ହେଉଛନ୍ତି ସୂର୍ଯ୍ୟ ପୁତ୍ରୀ । ଦିନେ ନାରଦ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ଶ୍ରୀରାଧାଙ୍କ ଜନ୍ମବୃତ୍ତାନ୍ତ ଜିଜ୍ଞାସା କରିବାରୁ ଶ୍ରୀକୃଷ୍ଣ ଦେବର୍ଷି ନାରଦଙ୍କୁ ରାଧାଷ୍ଟମୀ ବ୍ରତ ସମ୍ପର୍କରେ କହିଥିଲେ । ଏକଦା ସୂର୍ଯ୍ୟଦେବଙ୍କ ମନରେ ତପସ୍ୟା କରିବାର ଇଚ୍ଛା ବଳବତ୍ତର ହେବାରୁ ସେ ମନ୍ଦର ପର୍ବତ ଗୁହାରେ କଠୋର ତପସ୍ୟାରେ ମଗ୍ନ ହେଲେ । ଫଳରେ ପୃଥିବୀ ଅନ୍ଧକାରାଚ୍ଛନ୍ନ ହେଲା । ଦେବତାମାନେ ପ୍ରମାଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଣିଲେ । ଇନ୍ଦ୍ର ଆଦି ଦେବତାଗଣ ଭଗବାନ ବିଷ୍ଣୁଙ୍କୁ ସୃଷ୍ଟି ରକ୍ଷା ନିମନ୍ତେ ପ୍ରାର୍ଥନା କଲେ । ଭଗବାନ ବିଷ୍ଣୁ ସୂର୍ଯ୍ୟ ଦେବତାଙ୍କୁ ଦର୍ଶନ ଦେଇ କହିଲେ ଯେ ସେ ତପସ୍ୟାରେ ସିଦ୍ଧିଲାଭ କରିଛନ୍ତି, ତେଣୁ ବର ପ୍ରାର୍ଥନା କରିବାକୁ କହିଲେ । ସୂର୍ଯ୍ୟଦେବ ବର ସ୍ୱରୁପ ସେ ଏକ ଗୁଣବତୀ କନ୍ୟାର ପିତା ହେବା ସହିତ ସେହି କନ୍ୟାପ୍ରତି ଭଗବାନ ବିଷ୍ଣୁ ସର୍ବଦା ବଶୀଭୂତ ରହିବାକୁ ସମ୍ମତି ମାଗିଲେ । ଭଗବାନ ବିଷ୍ଣୁ ତଥାସ୍ତୁ କହିଲେ ।

ସେହି ଅନୁଯାୟୀ ଦ୍ୱାପର ଯୁଗରେ ସୂର୍ଯ୍ୟଦେବ ବୃଷଭାନୁ ରୂପେ ଜନ୍ମଗ୍ରହଣ କରିଥିଲେ । ଯଥା ସମୟରେ ଗୋପାଳୁଣୀ କୀର୍ତ୍ତିଦାଙ୍କୁ ବିବାହ କରିଥିଲେ । ଭାଦ୍ରବ ଶୁକ୍ଳ ଅଷ୍ଟମୀ ତିଥିରେ ବିଶାଖା ନକ୍ଷତ୍ରରେ କୀର୍ତ୍ତିଦାଙ୍କ ଗର୍ଭରୁ ଶ୍ରୀରାଧାଙ୍କ ଜନ୍ମ । ସମୟ କ୍ରମେ ନପୁଂସକ ଚନ୍ଦ୍ରସେଣାଙ୍କୁ ବିବାହ କରିଥିଲେ କିନ୍ତୁ ଶ୍ରୀରାଧା ପରମ ପୁରୁଷ ଜ୍ଞାନରେ ଶ୍ରୀକୃଷ୍ଣଙ୍କ ସହ ବିହାର କଲେ । ଭଗବାନ ବିଷ୍ଣୁ, ଦେବର୍ଷି ନାରଦଙ୍କୁ କହିଲେ, ଶ୍ରୀରାଧା ଓ ତାଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ । ତେଣୁ ଶ୍ରୀରାଧାଙ୍କ ଜନ୍ମଦିନରେ ଶ୍ରୀରାଧାଷ୍ଟମୀ ବ୍ରତ ପାଳନ କଲେ ଭଗବାନ ବିଷ୍ଣୁଙ୍କ କୃପା ଲାଭ ହୁଏ ।

ଶ୍ରୀରାଧାଙ୍କ ନାଁ ଉଚ୍ଚାରଣରେ ସମସ୍ତ ପାପକ୍ଷୟ ହେବା ସାଙ୍ଗକୁ ମନୁଷ୍ୟ ମୁକ୍ତି ପ୍ରାପ୍ତ ହୋଇ ଭଗବାନ ବିଷ୍ଣୁଙ୍କ ନିକଟତର ହୁଏ ବୋଲି ବିଶ୍ୱାସ ରହିଛି ।

ବାବାଜୀ ଚରଣ ଦାସ,

ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ ।

ଭ୍ରାମ୍ୟଭାଷ-୮୮୯୫୪୮୪୨୨୩।

Listen to Odia Podcast Original at https://youtube.com/@drjyotiprasad

# ଆପୋଷହୀନ ଧାରାର ବିପ୍ଳବୀ ଶହୀଦ୍ ରାଜଗୁରୁ

ଅସିତ ମହାନ୍ତି



ଶିବରାମ ହରି ରାଜଗୁରୁଙ୍କ ଜନ୍ମ ୨୪ ଅଗଷ୍ଟ ୧୯୦୮ରେ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା ନଦୀ କୂଳରେ ଅବସ୍ଥିତ ଖେଦ ସହରରେ ହୋଇଥିଲା । ତାଙ୍କ ପରିବାର ମରାଠୀ ଦେଶସ୍ଥ ବ୍ରାହ୍ମଣ ସମ୍ପ୍ରଦାୟର ଥିଲେ ଏବଂ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ସାଂସ୍କୃତିକ ସମୃଦ୍ଧି ଏବଂ ବ୍ୟକ୍ତିଗତ କ୍ଷତି ସହିତ ବିଗତ ହୋଇଥିଲା । ରାଜଗୁରୁଙ୍କ ପିତା ହରିନାରାୟଣ ରାଜଗୁରୁ ମାତ୍ର ଛଅ ବର୍ଷ ବୟସରେ ଦେହାନ୍ତ ହୋଇଗଲେ, ପରିବାରର ଦାୟିତ୍ୱ ତାଙ୍କ ବଡ଼ ଭାଇ ଦିନକରଙ୍କ ଉପରେ ଛାଡିଦେଲେ । ଶିବରାମ ରାଜଗୁରୁ ଜଣେ ଭାରତୀୟ ବିପ୍ଳବୀ ଏବଂ ସ୍ୱାଧୀନତା କର୍ମୀ ଥିଲେ । ୧୯୨୮ ମସିହାରେ ଜଣେ ବ୍ରିଟିଶ ପୋଲିସ ଅଧିକାରୀଙ୍କ ହତ୍ୟାରେ ତାଙ୍କର ସମ୍ପୃକ୍ତି ପାଇଁ ସେ ଜଣାଶୁଣା । ରାଜଗୁରୁଙ୍କୁ ୨୩ ମାର୍ଚ୍ଚ ୧୯୩୧ରେ ଭଗତ ସିଂହ ଏବଂ ସୁଖଦେବଙ୍କ ସହିତ ଫାଶୀ ଦିଆଯାଇଥିଲା ।

ଚ୍ୟାଲେଞ୍ଜ ସତ୍ତ୍ୱେ, ରାଜଗୁରୁ ବୌଦ୍ଧିକ ପ୍ରତିଶ୍ରୁତିର ପ୍ରାରମ୍ଭିକ ସଙ୍କେତ ଦେଖାଇଲେ । ସେ ଖେଦରେ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ଏବଂ ପରେ ପୁନେ ଚାଲିଯାଇଥିଲେ, ଯେଉଁଠାରେ ସେ ନ୍ୟୁ ଇଂରାଜୀ ହାଇସ୍କୁଲରେ ଅଧ୍ୟୟନ କରିଥିଲେ । ତାଙ୍କର ଶିକ୍ଷାଗତ ଯାତ୍ରା କେବଳ ପାଠ୍ୟପୁସ୍ତକ ଦ୍ୱାରା ନୁହେଁ ବରଂ ସେତେବେଳେ ଭାରତରେ ପ୍ରବାହିତ ଆଦର୍ଶ ଧାରା ଦ୍ୱାରା ଗଢ଼ି ଉଠିଥିଲା । ଲୋକମାନ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିଳକଙ୍କ ଲେଖା ଏବଂ ଜ୍ୱଳନ୍ତ ଭାଷଣ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା, ଭାରତର ସ୍ୱ-ଶାସନ ସଂଘର୍ଷରେ ତତ୍ପରତା ଏବଂ ଗର୍ବର ଭାବନା ସୃଷ୍ଟି କରିଥିଲା । ରାଜଗୁରୁଙ୍କ ଛାତ୍ରରୁ ବିପ୍ଳବୀ ହେବା ଦୃତ ଏବଂ ସୁଚିନ୍ତିତ ଥିଲା । ସେ ସେବା ଦଳରେ ଯୋଗ ଦେଇଥିଲେ, ଏକ ତୃଣମୂଳ ସ୍ତରର ସ୍ୱେଚ୍ଛାସେବୀ ସଂଗଠନ ଯାହା ଯୁବ ଭାରତୀୟଙ୍କୁ ଶୃଙ୍ଖଳା ଏବଂ ଜାତୀୟତାବାଦୀ ମୂଲ୍ୟବୋଧରେ ତାଲିମ ଦେଇଥିଲା । ପରେ, ସେ ହିନ୍ଦୁସ୍ଥାନ ସମାଜବାଦୀ ରିପବ୍ଲିକାନ୍ ଆସୋସିଏସନ୍ (HSRA)ର ଜଣେ ସକ୍ରିୟ ସଦସ୍ୟ ହୋଇଗଲେ, ଯେଉଁଠାରେ ସେ ତାଙ୍କର ତୀକ୍ଷ୍ଣ ଗୁଳି ଚାଳନା ଦକ୍ଷତା ପାଇଁ "ଗନମ୍ୟାନ୍" ଡାକନାମ ଅର୍ଜନ କରିଥିଲେ ଏବଂ ରଘୁନାଥ ଉପନାମ ଅଧୀନରେ କାର୍ଯ୍ୟ କରିଥିଲେ ।

ତାଙ୍କର ପ୍ରାରମ୍ଭିକ ଜୀବନ, ବର୍ଷ ବର୍ଷ ଧରି ସଂକ୍ଷିପ୍ତ ହୋଇଥିଲେ ମଧ୍ୟ, ପ୍ରଭାବରେ ବ୍ୟାପକ ଥିଲା । ଏହା ଜଣେ ବିପ୍ଳବୀଙ୍କ ପାଇଁ ମୂଳଦୁଆ ସ୍ଥାପନ କରିଥିଲା ଯିଏ କେବଳ ଉପନିବେଶବାଦୀ କର୍ତ୍ତୃପକ୍ଷକୁ ଚ୍ୟାଲେଞ୍ଜ କରିବେ ନାହିଁ ବରଂ ଯୁବ ସାହସର ଅର୍ଥକୁ ପୁନଃପରିଭାଷିତ କରିବେ । ରାଜଗୁରୁ କେବଳ ବଡ଼ ହୋଇନଥିଲେ - ସେ ଏକ ଐତିହ୍ୟରେ ବଢ଼ିଥିଲେ ।

ଶିବରାମ ହରି ରାଜଗୁରୁ ଭାରତର ସ୍ୱାଧୀନତା ସଂଗ୍ରାମର ବିପ୍ଳବୀ ଧାରକୁ ପରିଭାଷିତ କରୁଥିବା ଅସାଧୁ ଆତ୍ମାର ଏକ ଜ୍ୱଳନ୍ତ ପ୍ରତୀକ ଭାବରେ ଠିଆ ହୋଇଛନ୍ତି । ତାଙ୍କର ଐତିହ୍ୟ ଆଲୋଚନା କିମ୍ବା ଧୀରେ ଧୀରେ ସଂସ୍କାରର ନୁହେଁ - ଏହା ଭୟଙ୍କର ପ୍ରତିରୋଧ, ଅବିଶ୍ୱାସ ଏବଂ ଜାତୀୟ ମୁକ୍ତି ପାଇଁ ସହିଦ ହେବାକୁ ଆଗ୍ରହର ଏକ ପ୍ରତୀକ । ୧୯୦୮ ମସିହାରେ ମହାରାଷ୍ଟ୍ରର ଖେଦରେ (ବର୍ତ୍ତମାନ ତାଙ୍କ ସମ୍ମାନାର୍ଥେ ରାଜଗୁରୁନଗର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାମକରଣ କରାଯାଇଛି) ଜନ୍ମଗ୍ରହଣ କରିଥିବା ରାଜଗୁରୁ ଉପନିବେଶ ବିରୋଧୀ ଭାବନାର ଘୂର୍ଣ୍ଣନକୁ ପ୍ରାରମ୍ଭିକ ଭାବରେ ଆକର୍ଷିତ ହୋଇଥିଲେ । ବ୍ରିଟିଶ ଶାସନର ଅନ୍ୟାୟ ତାଙ୍କ ପାଇଁ ଅସାର ନଥିଲା - ଏହା ଥିଲା ଜୀବନ୍ତ ବାସ୍ତବତା ଯାହା ସାହସିକ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ।

ସାମ୍ବିଧାନିକ ପଦ୍ଧତି ଏବଂ ଅହିଂସା ପ୍ରତିବାଦ ଆଡ଼କୁ ପ୍ରାୟତଃ ଝୁଙ୍କି ରହିଥିବା ମୁଖ୍ୟଧାରାର ଜାତୀୟତାବାଦୀ ଆନ୍ଦୋଳନ ପରିବର୍ତ୍ତେ, ରାଜଗୁରୁ ନିଜକୁ ହିନ୍ଦୁସ୍ତାନ ସମାଜବାଦୀ ରିପବ୍ଲିକାନ୍ ଆସୋସିଏସନ୍ (HSRA) ସହିତ ଯୋଡ଼ି କରିଥିଲେ, ଯାହା ଏକ ଗୋଷ୍ଠୀ ଯାହା ଲଢୁଆ ଜାତୀୟତାବାଦରେ ବିଶ୍ୱାସ କରୁଥିଲା । ତାଙ୍କ ପାଇଁ, ସ୍ୱାଧୀନତା ଏକ ଦୂର ସ୍ୱପ୍ନ ନଥିଲା ଯାହା ପାଇଁ ସଉଦା କରାଯିବା ଉଚିତ୍ ନୁହେଁ - ଏହା ଜୀବନର ମୂଲ୍ୟ ଦେଇ ମଧ୍ୟ ଛଡ଼ାଇ ନିଆଯିବାର ଅଧିକାର ଥିଲା । ବ୍ରିଟିଶ ପୋଲିସ ଅଧିକାରୀ ଜେ.ପି. ସଣ୍ଡର୍ସଙ୍କ ହତ୍ୟାରେ ଭଗତ ସିଂହ ଏବଂ ସୁଖଦେବଙ୍କ ସହ ତାଙ୍କର ସହଯୋଗ କେବଳ ପ୍ରତିଶୋଧର କାର୍ଯ୍ୟ ନଥିଲା; ଏହା ଉପନିବେଶବାଦୀ ଅତ୍ୟାଚାରର ଯନ୍ତ୍ରପାତି ବିରୁଦ୍ଧରେ ଏକ ଯୋଜନାବଦ୍ଧ ହଡ଼ତାଳ ଥିଲା, ଯାହା ଲାଲା ଲଜପତ ରାୟଙ୍କ ମୃତ୍ୟୁର କାରଣ ହୋଇଥିଲା ।

ଏହି କାର୍ଯ୍ୟରେ ରାଜଗୁରୁଙ୍କ ଭୂମିକା ପାର୍ଶ୍ୱବର୍ତ୍ତୀ ନଥିଲା - ସେ ଥିଲେ ସାର୍ପସୁଟର, ସଂକଳ୍ପର କାର୍ଯ୍ୟକାରୀ । ତାଙ୍କର ସାହସ ଏକ ଗଭୀର ଆଦର୍ଶଗତ ପ୍ରତିବଦ୍ଧତା ସହିତ ମେଳ ଖାଉଥିଲା । ମୃତ୍ୟୁ ସାମ୍ନାରେ ସେ ପଛଘୁଞ୍ଚା ଦେଇ ନଥିଲେ; ସେ ଏହାକୁ ଏକ ଆବଶ୍ୟକୀୟ ବଳିଦାନ ଭାବରେ ଗ୍ରହଣ କରିଥିଲେ । ମାତ୍ର ୨୩ ବର୍ଷ ବୟସରେ, ତାଙ୍କୁ ୨୩ ମାର୍ଚ୍ଚ ୧୯୩୧ ରେ ଭଗତ ସିଂହ ଏବଂ ସୁଖଦେବଙ୍କ ସହିତ ଫାଶୀ ଦିଆଯାଇଥିଲା -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ତାରିଖଟି ଭାରତର ସାମୂହିକ ସ୍ମୃତିରେ ସହିଦ ଦିବସ ଭାବରେ ଲେଖାଯାଇଥିଲା । ସେମାନଙ୍କ ସହିଦତା ଏକ ଦୁଃଖଦ ଅନ୍ତ ନଥିଲା ବରଂ ଏକ ସ୍ପଷ୍ଟ ଆହ୍ୱାନ ଥିଲା ଯାହା ପିଢ଼ି ପରେ ପିଢ଼ି ପ୍ରତିଧ୍ୱନିତ ହୋଇଥିଲା ।

ରାଜଗୁରୁଙ୍କୁ ଏକ ଆପୋଷହୀନ ଧାରାର ନେତା ବୋଲି କହିବା ହେଉଛି ଏହା ସ୍ୱୀକାର କରିବା ଯେ ସେ ପ୍ରତିରୋଧର ଏକ ଦର୍ଶନକୁ ମୂର୍ତ୍ତିମନ୍ତ କରିଥିଲେ ଯାହା ରାଜନୈତିକ ସୁବିଧା ପାଇଁ ନିଜକୁ ଦୁର୍ବଳ କରିବାକୁ ମନା କରିଥିଲା । ତାଙ୍କ ଜୀବନ ଆମକୁ ପଚାରିବାକୁ ଆହ୍ୱାନ କରେ: ଆପୋଷ ବିନା ନ୍ୟାୟ ପାଇଁ ଲଢ଼ିବାର ଅର୍ଥ କ'ଣ ? ଆଜିର ପରିପ୍ରେକ୍ଷୀରେ - ଯେଉଁଠାରେ ସକ୍ରିୟତା ପ୍ରାୟତଃ ସହଯୋଗ ଏବଂ ଦୁର୍ବଳତା ସହିତ ଲଢ଼ିଥାଏ - ରାଜଗୁରୁଙ୍କ ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ କିଛି ସତ୍ୟ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଦାବି କରେ । ତାଙ୍କର ଅଗ୍ନି କେବଳ ତାଙ୍କ ସମୟ ପାଇଁ ନଥିଲା; ଏହା ଏକ ମଶାଲ ଯାହା ଏବେ ବି ସେମାନଙ୍କ ହୃଦୟରେ ଜଳୁଛି ଯେଉଁମାନେ ବିଶ୍ୱାସ କରନ୍ତି ଯେ ସ୍ୱାଧୀନତା ସମ୍ପୂର୍ଣ୍ଣ ହେବା ଉଚିତ ଏବଂ ନ୍ୟାୟ ନିର୍ଭୀକ ହେବା ଉଚିତ ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର , ଯାଜପୁର

୯୪୩୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାଧୀନତାର ପ୍ରକୃତ ଲକ୍ଷ୍ୟ

ଆଶୁତୋଷ ନାୟକ



ଆମେ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛୁ ଏହା ଆମ ରାଷ୍ଟ୍ରପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଆମ ଦେଶକୁ ସ୍ୱାଧୀନ ହେବାର ୭୯ବର୍ଷ ଅତିକ୍ରାନ୍ତ ହୋଇସାରିଛି ଆମେ ଶିକ୍ଷା, ଅର୍ଥନୀତି, ସାମରିକ ଓ ବେସାମରିକ, ପ୍ରତିରକ୍ଷା, ବାଣିଜ୍ୟ, କ୍ରୀଡା, ସାହିତ୍ୟ, କଳା, ସ୍ଥାପତ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାରେ ଅବିଶ୍ୱସନୀୟ ସଫଳତା ହାସଲ କରିଛୁ । ଆମ ରାଷ୍ଟ୍ର ସମଗ୍ର ବିଶ୍ୱ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଉ କିଛି ଦିନ ମଧ୍ୟରେ ଆମ ରାଷ୍ଟ୍ର ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଥିବା ରାଷ୍ଟ୍ର ହେବାକୁ ଯାଉଛି । ଆମେ ଉଭୟ ଜଳ, ସ୍ଥଳ, ଆକାଶରେ ନିଜର ପରାକ୍ରମ ଦେଖାଇ ସାରା ବିଶ୍ୱକୁ ଆଚମ୍ବିତ କରାଇଛୁ । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ରୁଷିଆ, ଜାପାନ, ଫ୍ରାନ୍‌ସ, ଜର୍ମାନୀ, ଇଟାଲୀ ଇତ୍ୟାଦି ଆମ ଦେଶ ସହ ବାଣିଜ୍ୟ ଚୁକ୍ତି କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ଏହା ଆମ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ପାକିସ୍ତାନ, ଚୀନ, ଆମେରିକାକୁ ନିଜର କଡା ସନ୍ଦେଶ ଦେବାରେ ଆମ ଦେଶ ସକ୍ଷମ ହୋଇଛି । ଆତଙ୍କବାଦୀଙ୍କ ବିରୁଦ୍ଧରେ ସେମାନଙ୍କ ଦୌମୁହାଁ ନୀତିକୁ ସାରା ବିଶ୍ୱ ଆଗରେ ସଠିକ ଭାବେ ପ୍ରମାଣ ସହ ଉପସ୍ଥାପନା କରିଛୁ । ବିଶ୍ୱର ଏକମାତ୍ର ରାଷ୍ଟ୍ର ଭାରତ ଯିଏକି ଆତଙ୍କବାଦୀମାନଙ୍କୁ ଦୃଢହସ୍ତରେ ଦମନ କରିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ନିକଟରେ ଜାମ୍ମୁକାଶ୍ମୀର ପହଲଗ୍ରାମରେ ନରରାକ୍ଷସ ପିଶାଚ ଆତଙ୍କବାଦୀ ମାନେ ଯେଉଁଭଳି କାପୁରୁଷ ଭାବରେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ ସେମାନଙ୍କୁ ଅପରେସନ ସିନ୍ଦୁର ଏବଂ ଅପେରସନ ମହାଦେବ ମାଧ୍ୟମରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ସମସ୍ତ ଆତଙ୍କବାଦୀଙ୍କୁ ନିପାତ କରିଛୁ । ସେମାନଙ୍କ ଟ୍ରେନିଂ କ୍ୟାମ୍ପ, ସାମରିକଘାଟି, ବିପୁଳ ଅସ୍ତ୍ରଶସ୍ତ୍ର, ଯୁଦ୍ଧ ବିମାନକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛୁ ।

କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଆମ ଦେଶ ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ନାରୀ ନିର୍ଯ୍ୟାତନା କମିବା ପରିବର୍ତ୍ତେ ବଢ଼ି ଚାଲିଛି । ପ୍ରତି ମିନିଟରେ ଦେଶର କୋଣ ଅନୁକୋଣରେ ମହିଳାଙ୍କ ପ୍ରତି ଅସଦାଚରଣ, ମାନସିକ ଓ ଶାରୀରିକ ନିର୍ଯ୍ୟାତନାର ଘଟଣା ଘଟିଚାଲିଛି । କେତେବେଳେ ସମାଜରେ ବଡ଼ପଣ୍ଡା ବୋଲାଉଥିବା ବ୍ୟକ୍ତିବିଶେଷ ଏବଂ ବଡ଼ ବଡ଼ ନେତା, ମନ୍ତ୍ରୀ, ଅଫିସରଙ୍କ ଛତ୍ରଛାୟା ତଳେ ଗଢ଼ି ଉଠିଥିବା ଅସାମାଜିକ ବ୍ୟକ୍ତି ନିର୍ଭୟରେ ମହିଳାଙ୍କ ଉପରେ ଏସିଡ ମାଡ଼ କଲେଣି ତ ପୁଣି କେତେବେଳେ ଧର୍ଷଣ, ଗଣଧର୍ଷଣ ପରି ଅମାନବୀୟ ପାଶବିକ କୁକର୍ମ କରି ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି । ସବୁଠୁ ଘୃଣ୍ୟ ଏବଂ ଲଜ୍ଜ୍ୟାଜନକ ଘଟଣା ଏହାକି ଅନେକ ବିଧର୍ମୀ ପାପୀ ମନୁଷ୍ୟ ଜୀବନ ସୂର୍ଯ୍ୟୋଦୟ ଦେଖିନଥିବା କୋମଳମତି ଦୁଇ, ତିନି ବର୍ଷର ନାବାଳିକା ସହିତ ଧର୍ଷଣ, ଗଣଧର୍ଷଣ ପରି ଘୃଣ୍ୟ କାମ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି । ପ୍ରତିଦିନ ରାଜ୍ୟରେ କୋଉଠି ନା କୋଉଠି ଦୁଷ୍କର୍ମ, ହିଂସା, ଏସିଡ ଆକ୍ରମଣ ଓ ଯୌନ ଉତ୍ପୀଡ଼ନ ଶିକାର ହେଉଛନ୍ତି ମହିଳା । ଯାହାକୁ ନେଇ ସରକାର ଅନେକ ପଦକ୍ଷେପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ରାଜ୍ୟରେ ଦୈନିକ ପନ୍ଦର ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି । ଗୋପାଳପୁର ବେଳାଭୂମିରେ ଘଟିଥିବା ଛାତ୍ରୀ ଗଣଦୁଷ୍କର୍ମ ଘଟଣା ଠାରୁ ଆରମ୍ଭ କରି, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା, ବଲଙ୍ଗା ପୀଡିତା ନାବାଳିକା ଛାତ୍ରୀ ନିଆଁରେ ଜଳିବା ଘଟଣା, କେନ୍ଦ୍ରାପଡ଼ା ଜ଼ିଲ୍ଲା ବଡପଡା ମହାବିଦ୍ୟାଳୟର ଯୁକ୍ତ ତିନିଛାତ୍ରୀ ନିଆଁରେ ଜଳିଯିବା ଘଟଣା ଏହିପରି ଅନେକ ଘଟଣା ଯାହାକି ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟ ବିଦାରକ । ଆମ ବ୍ୟବସ୍ଥା ଯେପରି ଅସହାୟ ହେଇପଡିଛି ଏବଂ ପୁଲିସ ପାରିବା ପଣିଆ ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହିସବୁ ଘଟଣାରେ ପୁଲିସର ଦାୟିତ୍ୱହୀନତା ଏବଂ ଚରମ ଅବହେଳାକୁ ପଦାରେ ପକାଇଛି ।

ଆମ ଦେଶକୁ ସ୍ୱାଧୀନ ହେବାର ୭୯ବର୍ଷ ପରେ ମଧ୍ୟ ଅସହାୟ ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଅନେକ ସମୟରେ ଆମ୍ବୁଲାନ୍‌ସ ଉପାନ୍ତ ଅଞ୍ଚଳରେ ପହଞ୍ଚିପାରୁନାହିଁ ବାଧ୍ୟ ହୋଇ କୌଣସି ଉପାୟ ନପାଇ ଗୁରୁତର ରୋଗୀ କେତେବେଳେ ଖଟିଆରେ, ଟ୍ରଲିରେ ଆଉ କେତେବେଳେ ଅଟୋରେ ବୁହାହୋଇ ଆସୁଛନ୍ତି । ଠିକ ସମୟରେ ହସ୍ପିଟାଲ ପହଞ୍ଚିପାରୁନଥିବାରୁ ଅନେକ ରୋଗୀ ମଝି ରାସ୍ତାରେ ହିଁ ପ୍ରାଣତ୍ୟାଗ କରୁଛନ୍ତି । ଏବେ ନିକଟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଥିଲା ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର । ଆମ୍ବୁଲାନ୍‌ସ ନମିଳିବାରୁ ବାଧ୍ୟ ହୋଇ ଜଣେ ମହିଳା ଅଟୋରେ ଆସୁଥିଲେ । ବାଲେଶ୍ୱର ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ପହଞ୍ଚିବା ସମୟରେ ହିଁ ଅଟୋରେ ମହିଳାଙ୍କ ପ୍ରସବ ହୋଇ ଯାଇଥିଲା ଏବଂ ଅଟୋରେ ହିଁ ମହିଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଦେଶରେ ଆତ୍ମହତ୍ୟା ଏବେ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ଅନେକ ସମୟରେ ଅସହାୟ ଗରିବ ଓ ମଧ୍ୟବିତ୍ତ ବର୍ଗର ବ୍ୟକ୍ତି ନିଜର ସମସ୍ୟା ସମାଧାନ ପାଇଁ ପୋଲିସର ବଡ଼ବାବୁମାନଙ୍କୁ, ବଡ଼ ବଡ଼ ଉଚ୍ଚପଦସ୍ଥ ଅଫିସରମାନଙ୍କୁ ବାରମ୍ବାର ଅଭିଯୋଗ କରି ସବୁଆଡୁ ନିରାଶ ହୋଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏନସିଆରବି ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ରାଜ୍ୟରେ ହାରାହାରି ପ୍ରତି ଲକ୍ଷେ ଲୋକଙ୍କ ମଧ୍ୟରେ ବର୍ଷକୁ ବାରଜଣ ଆତ୍ମହତ୍ୟା କରୁଛନ୍ତି । ଗତ ଏକବର୍ଷ ମଧ୍ୟରେ ଆମ ଦେଶର ସାତଟି ଆଇଆଇଟିରେ ଚଉଦ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି । ସର୍ବାଧିକ ଆଇଆଇଟି ଖଡ଼ଗପୁରରେ ଚାରିଜଣ ଆତ୍ମହତ୍ୟା କରିଛନ୍ତି । ସୁପ୍ରିମକୋର୍ଟ ଏବେ ନିକଟରେ ଆଇଆଇଟି ଖଡ଼ଗପୁର ଏବଂ କୋଟାରେ ଆତ୍ମହତ୍ୟା ମାମଲାରେ ଏଫଆଇଆର ଦାଖଲର ସ୍ଥିତି ପରଖି ଥିଲେ ଏବଂ ଗଭୀର ଚିନ୍ତା ପ୍ରକଟ କରିଥିଲେ ।

ଗୋଦାବରୀଶ ମହାପାତ୍ରଙ୍କ ଲେଖନୀ ନିଃସୃତ ବାଣୀ ଆମ ସମାଜ ପାଇଁ ଅତୀବ ପ୍ରେରଣାଦାୟୀ ।

ଦୁର୍ଗମ ଗିରି ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ ।
ପୃଥ୍ୱୀ ବିଦାରି ବାରବାଟୀ ମଡ଼ା,
ଉଠ ଉଠ ଚଞ୍ଚଳ ଖୋରଦାର ଶତ ସରଦାର ଶିର କର ଉନ୍ନତତର !
ଉଠ କଙ୍କାଳ, ଛିନ୍ନ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି,
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି । ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି, ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ଦେଶର ସରକାରୀ କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦାୟୀ ।

ନାସନାଲ କ୍ରାଇମ୍‌ଏ ରେକର୍ଡ ବ୍ୟୁରୋ (NCRB)ର ରିପୋର୍ଟ ଅନୁସାରେ 'ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଯେପରି ଧର୍ଷଣ, ଗଣ ଦୁଷ୍କର୍ମ, ମର୍ଡର, ଶାରୀରିକ ଓ ମାନସିକ ନିର୍ଯାତନା ହାର ୬୪.୫% (୧ ଲକ୍ଷ ଜନସଂଖ୍ୟାର ପରିଧି ମଧ୍ୟରେ) । ଏହା ବିଂଶ ଶତାବ୍ଦୀର ସଭ୍ୟ ସମାଜରେ ବିକାଶର ପରିପନ୍ଥୀ । ନାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (NCRB) ୨୦୨୧ର ଆଉ ଏକ ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ଦେଶର ୮୬ ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି ଏବଂ ୪୯ ଜଣ ମହିଳା ଦୁର୍ବ୍ୟବହାର ସାମ୍ନା କରୁଛନ୍ତି, ପ୍ରତି ଘଣ୍ଟାରେ ଭାରତରେ କୋଣ ଅନୁକୋଣରେ ଏପରି ଘଟୁଛି । ୨୦୨୦ରେ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ, ୨୦୧୯ରେ ହାଇଦ୍ରାବାଦରେ ୨୬ ବର୍ଷିଆ ମହିଳା ପଶୁ ଚିକିତ୍ସୀକା ଗଣଧର୍ଷଣ ଓ ୧୯ ବର୍ଷିଆ ଉତ୍ତର ପ୍ରଦେଶର ହାତ୍ରାସରେ ଜଣେ ମହିଳା ଗଣଧର୍ଷଣ ଭଳି ଅମାନୁଷିକ କାର୍ଯ୍ୟରେ ଶିକାର ହୋଇଥିଲେ । ଏହିପରି ଅନେକ ଘଟଣା ଆମ ଦେଶର ଜନସାଧାରଣଙ୍କୁ ସ୍ତବ୍ଧ କରିଦେଉଛି । ଏହି ସବୁ ଘଟଣା ଅତ୍ୟନ୍ତ ବିଭତ୍ସ ଓ ଲୋମହର୍ଷଣକାରୀ ଅଟେ । ଆମ ଦେଶରେ ବାରମ୍ବାର ଏହିପରି ଘଟଣା ପୁନରାବୃତ୍ତି ଘଟିବା ବିଡ଼ମ୍ବନାର ବିଷୟ । ଆମ ଦେଶର କ୍ଷମତା ଲୋଭି ରାଜନେତା ଆରୋପ ପ୍ରତ୍ୟାରୋପ କାଦୁଆ ଫିଙ୍ଗା ରାଜନୀତିରେ ବ୍ୟସ୍ତ । ଧର୍ଷଣ ଗଣଧର୍ଷଣ ମହିଳାଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ କମିବା ବଦଳରେ ବଢିବାରେ ଲାଗିଛି । ନୂତନ ଭାରତ ଶିକ୍ଷିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକେ ଏଥିପ୍ରତି ଉଦାସୀନ ନହୋଇ ସଚେତନ ହେଲେ ଆମ ଦେଶର ସ୍ୱପ୍ନ ପୂରଣ ହେବ । "ଯତ୍ର ପୂଜ୍ୟତେ ନାରୀ ତତ୍ର ତିଷ୍ଠନ୍ତି ଦେବତାଃ ।"

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ଦେଇଥିବା ମନ୍ତବ୍ୟ ଆଧାରରେ, ବର୍ତ୍ତମାନ ଆମ ଦେଶରେ ପାଖାପାଖି ୫ କୋଟିରୁ ଅଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ଅଛି । ଭାରତର ସର୍ବୋଚ୍ଚ ଆଦାଲତ (ସୁପ୍ରିମ କୋର୍ଟ)ରେ ୬୯୦୦୦ରୁ ଅଧିକ ମାମଲା ଏବେ ବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ଟି ହାଇକୋର୍ଟରେ ୫୯ ଲକ୍ଷ ମାମଲା ଏବେ ବି ବିଚାରଧୀନ ଅଛି । ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ । ଆମ ବ୍ୟବସ୍ଥାର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନ ସାଧାରଣ ଆମ ସରକାର ଓ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା "ବୋଝ ଉପରେ ଲଳିତା ବିଡା ସଦୃଶ" । ବର୍ତ୍ତମାନ ସମୟରେ ପନିପରିବା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି । ୨୦୦୦ ମସିହାରେ ଆମ ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨% ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି । ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି ।

ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮ରୁ ୪୯ ଡିଗ୍ରୀ ହେଉଛି, କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେଷଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ । ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି । ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

ସୁନାର ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା,ଉତ୍ତମ ପୃଷ୍ଟିକର  ଖାଦ୍ୟ, କର୍ମନିଯୁକ୍ତିର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ ।

ଗୋପାଳପୁର, ବାଲେଶ୍ୱର

୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସହନଶୀଳ ନାରୀର କଥା ଓ ମାଣଜାଉ ଗଳ୍ପ

ବିଭୁ ପ୍ରସାଦ ପଣ୍ଡା



୧୯୮୦ ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟରେ ଗାଳ୍ପିକ ବିଭୁ ହୋତା ହେଉଛନ୍ତି ଅନ୍ୟତମ କଥାଶିଳ୍ପୀ । ବିଜ୍ଞାନ ବିଭାଗରେ କାର୍ଯ୍ୟରତ ଥିଲେ ବି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ତାଙ୍କର ଅବଦାନ ଅତୁଳନୀୟ । ନିଜର ରଚନା ମଧ୍ୟରେ ପଲ୍ଲୀ ଜୀବନର କଥା ବା ଗ୍ରାମୀଣ ଜୀବନର କଥାକୁ ସ୍ଥାନ ଦେବାରେ ସେ ହେଉଛନ୍ତି ଉଚ୍ଚକୋଟିର ବିଦ୍ଧାଣୀ । ନିଜର ଗଳ୍ପ ଉପନ୍ୟାସ ମଧ୍ୟରେ ନିଜ ଗ୍ରାମ୍ୟର ଅନୁଭୂତିକୁ ରୂପ ଦିଅନ୍ତି ଗାଳ୍ପିକ "ବିଭୁ ହୋତା" । ନିଜ ଗଳ୍ପ ଓ ଉପନ୍ୟାସରେ ନିଜ ଗ୍ରାମର ଲୋକମାନଙ୍କୁ ଚରିତ୍ର ଭାବରେ ସଜାଇ ଦିଅନ୍ତି ଗାଳ୍ପିକ ବିଭୁ ହୋତା । ନିଜର ଅନୁଭୂତି ଓ ନିଜ ଗ୍ରାମ୍ୟ ଜୀବନର ଚିତ୍ରକୁ ଫୁଟାଇଥାନ୍ତି ନିଜ ଗ୍ରାମର ଚରିତ୍ର ମାନଙ୍କ ମଧ୍ୟମରେ । ଏହିପରି ଏକ ଗ୍ରାମ୍ୟ ଜୀବନର କଥା କୁହେ ଗାଳ୍ପିକ ବିଭୁ ହୋତାଙ୍କ "ମାଣ ଜାଉ" ଗଳ୍ପ । ବିଭିନ୍ନ ଭାବ ଓ ଭାବନାକୁ ଉପସ୍ଥାପନା କରିଛନ୍ତି ଏହି ଗଳ୍ପରେ ଗାଳ୍ପିକ । ନାରୀଜୀବନର କଥାକୁ ଉପସ୍ଥାପନା କରିଛନ୍ତି ସମ୍ପୂର୍ଣ୍ଣ ଭାବରେ ଏହି ଗଳ୍ପରେ । ନାରୀ ଜୀବନର କଥା ଯଦି ବି ବିଷୟର ମୁଖ୍ୟ ଭାବ ନୁହେଁ ତଥାପି ବିଚାର କଲେ ଜଣାଯାଏ ଯେ ନାରୀ ଜୀବନର କଥା ଏଥିରେ ବର୍ଣ୍ଣନା ହୋଇଛି । ନାରୀଟିଏ ସର୍ବଦା ନିଜ ପତିପରମେଶ୍ୱରଙ୍କ ମନ ନେଇ କାମ କରିଥାଏ । ଏ କଥାକୁ ଉପସ୍ଥାପନା କରାଯାଇଛି ଗଳ୍ପର ଶେଷରେ । ନାରୀ ସର୍ବଦା ସହନଶୀଳ ଏକଥାକୁ ଉପସ୍ଥାପନା କରିଛନ୍ତି ଗାଳ୍ପିକ ବିଭୁ ହୋତା, ନିଜ ଗଳ୍ପର ଚରିତ୍ର "ସୁଲ ଓ ଅନୁ"ର ଚରିତ୍ର ମାଧ୍ୟମରେ । ଗାଳ୍ପିକ ନିଜ ଗଳ୍ପରେ ନାରୀ ଚରିତ୍ରକୁ ଏଭଳି ଭାବରେ ଫୁଟାଇଛନ୍ତି ଯାହାକୁ ପାଠକଲେ ଜଣାପଡେ ଯେ ବିଭୁ ହୋତା କୁହନ୍ତି - ମରଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଣିଆରେ ସିନା ଘର ଚଳେ ହେଲେ ଘର ଠିଆ ହୁଏ ଲକ୍ଷ୍ମୀ ମାନଙ୍କର ପାଣିକାଚରା ହାତ ପାଇଟିରେ । ସୁଲ ଯେତେ ଅଲରୀ ହେଲେ ମଧ୍ୟ ସେ ଭୁଲିନି ନାରୀର କର୍ତ୍ତବ୍ୟ କଣ ? ଯେତେବେଳେ ପହିଲି ତାକୁ ଚାପୁଡ଼ା ମାରିଛି ସେ ତାହାର ପ୍ରତିଉତ୍ତର ଦେଇନାହିଁ । ସୁଲ ସହିଯାଇଛି କଷ୍ଟକୁ, ସେଥିପାଇଁ ତ କୁହାଯାଏ ନାରୀଟିଏ ସର୍ବଦା ସହନଶୀଳ । ଅନ୍ୟପଟେ ଦେଖିଲେ ସହନଶୀଳତାର ଏକ ଚରମ ଉଦାହରଣ ହେଉଛି ପହିଲିର ଭଉଣୀ 'ଅନୁ' । ସ୍ୱାମୀର ଗାଳିଗୁଲଜରେ ମାଡଗାଳିରେ ସେ ଉତ୍ତର ଦେଇନାହିଁ ମୁଣ୍ଡପାତି ସହିଯାଇଛି କଷ୍ଟକୁ । ଶାଶୁ ଜ୍ୱାଇଁର ଅତ୍ୟାଚାରକୁ ଖାତିର ନକରି ଖାଦ୍ୟ ବସି ରାନ୍ଧୁଛି । ଏହିପରି ଅତ୍ୟାଚାରିତ ନାରୀର କଥାକୁ ଉପସ୍ଥାପନା କରିବାରେ ଜଣେ ସଫଳ ଗାଳ୍ପିକ ହେଉଛନ୍ତି ବିଭୁ ହୋତା । ଅନ୍ୟତ୍ର ଦେଖିଲେ ଜଣାପଡେ ଯେ ପହିଲିର ଚାପୁଡ଼ା ମାଡ଼ରେ ସୁଲର ଗାଲ ଲାଲ ପଡି ଯାଇଥିଲେ ମଧ୍ୟ ସେ ତିଳେମାତ୍ର ତାହାକୁ ଖାତିର କରିନାହିଁ । ନିଜର କାଚ ଭାଙ୍ଗି ରକ୍ତ ବହୁଥିବାର ଦେଖି ତାହାକୁ ଲୁଗାକାନିରେ ପୋଛି ଦେଉଛି । ଆଖିରୁ ଲୁହ ଶୁଖୁନାହିଁ, ରକ୍ତ ବାହାରି କଷ୍ଟ ହେଉଛି ସେଥିପାଇଁ ନୁହେଁ, ନିଜ ପତିପରମେଶ୍ୱରଙ୍କ ନାମରେ ପିନ୍ଧିଥିବା କାଚ ଭାଙ୍ଗି ଯାଇଛି ସେଥିପାଇଁ । ଏହା ହିଁ ହେଉଛି ଗୋଟିଏ ନାରୀ ମନର ଅକୁହା କଥା ଯାହାକୁ ଉପସ୍ଥାପନା କରିଛନ୍ତି ଗାଳ୍ପିକ ବିଭୁ ହୋତା । ଅନ୍ୟତ୍ର ଦେଖିଲେ ଜଣାପଡେ ଯେ ନାରୀ କଷ୍ଟ ସହି ମଧ୍ୟ ନିଜ ସ୍ୱାମୀପାଇଁ କଣ କରିପାରେ । ସ୍ୱାମୀକୁ ଆଉ ଥରେ ଭଲକରି ଖାଇବାକୁ ଦେବ ବୋଲି ସୁଲ ପୁଣିଥରେ ଜାଉ ରାନ୍ଧୁଛି । ଏହା ହିଁ ହେଉଛି ଏକ ସହନଶୀଳ ନାରୀ ଜୀବନର କଥା । ଯାହାକୁ ଉପସ୍ଥାପନା କରନ୍ତି ଗାଳ୍ପିକ ବିଭୁ ହୋତା ନିଜର ଗଳ୍ପ ମାଧ୍ୟମରେ । ଗ୍ରାମୀଣ ଜୀବନର କଥାକୁ ନିଜ ରଚନା ମଧ୍ୟରେ ଉପସ୍ଥାପନା କଲେ ମଧ୍ୟ ନାରୀ ଜୀବନର କଥାକୁ ଉପସ୍ଥାପନା କରିବାରେ ଜଣେ ସଫଳ ବିନ୍ଧାଣୀ ହେଉଛନ୍ତି ଗାଳ୍ପିକ ବିଭୁ ହୋତା ଓ ତାଙ୍କର ଗଳ୍ପ ହେଉଛି "ମାଣଜାଉ" ।

ବେଗୁନିଆ, ଖୋର୍ଦ୍ଧା, ଦୂରଭାଷା -୮୨୬୦୯୫୦୨୯୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିରନ୍ତର ନିରୁତା ସାଧନା : ଏକ ଅବଲୋକନ

ମନୋଜ କୁମାର ଭୋଇ



ଜୀବନ ଏକ ଅବିରତ ପଥ ଓ ଏକ ଅଥତ ଚେଷ୍ଟାର ଅନ୍ୟ ନାମ ମାତ୍ର । ବ୍ୟକ୍ତିର ଉନ୍ନତି, ସଫଳତା ଓ ଆତ୍ମସାଧନା ପାଇଁ ନିରନ୍ତର ପ୍ରୟାସ ଅତ୍ୟନ୍ତ ଆବଶ୍ୟକ । ଏହି ଚେଷ୍ଟାର ଅନ୍ତର୍ଗତ ରହେ ନିରୁତା ସାଧନା, ଯାହା ଅର୍ଥ ହେଉଛି ଶାନ୍ତ, ଧୈର୍ଯ୍ୟଶୀଳ ଓ ଶାନ୍ତିପ୍ରିୟ ଚିନ୍ତନ ଏବଂ କାର୍ଯ୍ୟ ମାଧ୍ୟମରେ ଲକ୍ଷ୍ୟ ପ୍ରାପ୍ତି ।

ନିରୁତା କହିଲେ ଆମେ ସାଧାରଣ ଭାବେ ଶାନ୍ତି, ଅନ୍ତର୍ମୁଖୀ ଓ ଆତ୍ମନିୟନ୍ତ୍ରଣ ବୋଲି ବୁଝୁ ଯାହା କୌଣସି କାମ କରିବାବେଳେ ଅନ୍ତରରେ ଏକ ଧୈର୍ଯ୍ୟ ଓ ଧ୍ୟାନ ରଖିବାକୁ ଶିଖାଏ । ଏହି ଗୁଣ ବ୍ୟକ୍ତିକୁ ନିଜର ଆତ୍ମଚିନ୍ତନ ମାଧ୍ୟମରେ ଶ୍ରେଷ୍ଠତା ଦିଗରେ ଗତି କରାଇ ଥାଏ । ସାଧନା ଅର୍ଥ ହେଉଛି ନିୟମିତ ଅଭ୍ୟାସ ଓ ଦୃଢ଼ ଇଚ୍ଛାଶକ୍ତି ସହିତ କୌଣସି କାର୍ଯ୍ୟରେ ନିମଗ୍ନ ରହିବା । ଯେଉଁଥିରେ ଆମେ ନିଜ ପ୍ରତିଦିନ ଚେଷ୍ଟା କରୁଛୁ, ତାହାକୁ ସାଧନା କୁହାଯାଏ, ଯଥା ଶିକ୍ଷା, ସଂସ୍କୃତି, କଳା, ଧ୍ୟାନ, ବ୍ୟବସାୟ କିମ୍ବା କୌଣସି ଦୈନିକ କାର୍ଯ୍ୟ ।

ନିରନ୍ତର ନିରୁତା ସାଧନା ବ୍ୟକ୍ତିକୁ ଭାବନାତ୍ମକ ଶକ୍ତି, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତା ଦିଏ । ଏହା ଜୀବନର ଅନେକ ବିପଦ, ବାଧାକୁ ଅତିକ୍ରମ କରିବାରେ ସାହାଯ୍ୟ କରେ । ଏହା ମଧ୍ୟ ଏକ ମନୋବୃତ୍ତି, ଯାହା ମାନବକୁ ମୌଳିକ ମୂଲ୍ୟବୋଧ ପ୍ରଦାନ କରେ । ମହାତ୍ମା ଗାନ୍ଧିଜୀଙ୍କ ଅହିଂସା ଓ ସତ୍ୟାଗ୍ରହ ଆନ୍ଦୋଳନର ମୂଳରେ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାନ୍ତ ଓ ଧୈର୍ଯ୍ୟଶୀଳ ସାଧନା ଥିଲା । ଅତୁଟ ଶାନ୍ତି ଓ ନିରୁତା ସାଧନାର ସେ ଥିଲେ ଜଣେ ମହାନ ଦୃଷ୍ଟାନ୍ତ ।

ନିଜ ଜୀବନର ଉନ୍ନତି, ଶାନ୍ତି ଓ ସଫଳତା ପାଇଁ ନିରନ୍ତର ନିରୁତା ସାଧନା ଅତ୍ୟାବଶ୍ୟକ । ଏହା ଆମକୁ ଆତ୍ମବିଶ୍ୱାସ, ଧୋର୍ଯ୍ୟ, ଶାନ୍ତି ଓ ଅଦମ୍ୟ ଆତ୍ମଶକ୍ତି ପ୍ରଦାନ କରେ । ଏହି ଗୁଣ ଥିଲେ ଆମେ କୌଣସି ପ୍ରତିବନ୍ଧକୁ ବି ଅତିକ୍ରମ କରି ନିଜ ଲକ୍ଷ୍ୟକୁ ଅବଶ୍ୟ ହାସଲ କରିପାରିବା ।

ଜୋସ୍ନା ନିବାସ, ଟିକାବାଲି, କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାମୀ ଓ ପରକୀୟା ପ୍ରୀତି

ଦେବାଶିଷ ମାଇତି




"ଥିଲା ପଛେ ଥାଉ ଗୁଣ ହଜାର ଚରିତ୍ର ନଥିଲେ ସବୁ ଅସାର"...

ମହାପୁରୁଷଙ୍କ ବାଣୀ ସତରେ କେହି ଆଡେଇ ଯାଇଛି, ନା ଯାଇପାରିବ ! ଦୁନିଆ ବଡ଼ ଅଜବ ରାସ୍ତା ଦେଇ ଗତି କରୁଛି । କିଏ ବାପ ଛେଉଣ୍ଡ ପିଲା ତ କିଏ ମା ଛେଉଣ୍ଡ । କଣ ସତରେ ସମାଜର ପରିସ୍ଥିତି ବଦଳିବନି ? ହଁ କେମିତି ବା ବଦଳିବ ଏଠି ପରା ଦୂର ପାହାଡ଼ ସୁନ୍ଦର୍ ଲାଗେ । ନିଜ ଘରଠୁ ପର ଘର, ନିଜ ଜିନିଷଠୁ ପର ଜିନିଷ, ନିଜ ସମ୍ପତି ଠୁ ପର ସମ୍ପତି, ହେଲେ ଶେଷରେ । ହଁ ଏକାଧିକ ଅନୈତିକ ସମ୍ପର୍କର ମହକ ଯାହାକୁ ଭଲ ଲାଗେ ସେ ବା ପଛକୁ କାହିଁକି ଫେରିବ ? ପଛେ ନିଜ ସଂସାର ବୁଡ଼ି ଯାଉ, ତାଙ୍କୁ ଗୋଟେ ପରେ ଗୋଟେ ଅଲଗା ଅଲଗା ସମ୍ପର୍କ ଦରକାର ନିଜ ଜୀବନ ଖୁସିରେ ବଞ୍ଚିବା ପାଇଁ । ତା'ହେଲେ ବେଶ୍ୟାପଣ କଣ ସତରେ ଖରାପ୍ ? ନାହିଁ ଆଜ୍ଞା ବେଶ୍ୟା ପଡ଼ାରୁ ପରା ମାଟି ନ ଆସିଲେ ଦେବୀ ମାଁଙ୍କର ମୂର୍ତ୍ତି ହୁଏନି । ପୁଣି ବେଶ୍ୟାବୃତ୍ତି ଖରାପ୍ କାହିଁକି ? ହଁ ସେଇଟା ବି ଠିକ୍, ହେଲେ ବେଶ୍ୟା ବୃତ୍ତି ଆଉ ଏକାଧିକ ଅନୈତିକ ସମ୍ପର୍କର ପାର୍ଥକ୍ୟ କଣ ? ତୁମେ ସତରେ ଜାଣିଛ ? ହଁ ବନ୍ଧୁ ଭଲ କଥାଟିଏ ପଚାରିଲ । ଦୁଇଟା ପିଲାର ମା ତୁମେ କିନ୍ତୁ ତୁମର ନିଜ ପୁରୁଷଠାରୁ ପର ପୁରୁଷଠାରେ ଅଧିକା ଖୁସି ଦରକାର୍ । ଆଉ ତୁମେ ଗୋଟେ ଖଟିଖିଆ ଗରିବ ବାପାକୁ କଥା ଦେଇ ତାର ଗୋଟେ ମାତ୍ର ଅଲିଅଳୀ ଝିଅକୁ ଖୁସିରେ ରଖିବ କହି ଦୁଇଟା ପିଲା ତା ଉପରେ ଭାର ଲଦି ଦେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର ନାରୀ ପାଖେ ମନୋବାଞ୍ଛା ପୂରଣ କର । ଆଉ ନିଜ ସ୍ତ୍ରୀକୁ ଗୋଟେ ସରି ଯାଇଥିବା ବ୍ୟବହୃତ କଲମ୍ ଭାବି ଫିଙ୍ଗିଦିଅ । କାଲି ସ୍ୱାମୀ ତୁମର ଭଲ ଥିଲା, ସୁନ୍ଦର୍ ଥିଲା, ରୋଜଗାର ଭଲ ଥିଲା, ଆଜି ବେକାର ମଣିଷ ହେଇଗଲା । ଦେଖିବାକୁ ଖରାପ୍ ନା ବ୍ୟବହାର ଖରାପ୍ ନା ତୁମର କିଛି କଥା ବୁଝିଲାନି ଯେ ତୁମେ ପର ପୁରୁଷ ପାଖେ ଛିଡ଼ା ହେଇଗଲ । କଣ ଭାବୁଛ ଦୁହେଁ ନିଜକୁ ? ଶତ ଧିକ୍କାର ତୁମମାନଙ୍କୁ । ଆରେ ତୁମ ମାନଙ୍କ ଠାରୁ ତ ଗୋଟେ ବେଶ୍ୟା ତ ଶତ ଗୁଣରେ ଭଲ, କାହିଁକି ନା ସେ ବୃତ୍ତି କରି ତା ପେଟ ପୋଷେ । ତା ଯାଗାରେ ରହି, କେବେ କାହା ସଂସାର ଉଜାଡ଼ି ନାହିଁ, ତୁମ ଭଳି ଗୋଟେ ଚରିତ୍ର ହୀନା ନାରୀ ଆଉ ନଷ୍ଟ ଚରିତ୍ର ପୁରୁଷ ଭଳି ଗୋଟେ - ଦୁଇଟା କୁନି ଛୁଆର ଜୀବନ ତ ନଷ୍ଟ କରିନି ନା ? କିଏ ପିଲା ଦୁହିଁଙ୍କୁ ବିଷ ଦେଇ ମାରି ଦେଲେଣି ତ କିଏ ପିଲା ଦୁଇଙ୍କୁ ରାଜ ରାସ୍ତାରେ ଛାଡ଼ି ଦେଇ ଚାଲିଗଲେଣି । ପୁଣି କିଏ କିଏ ଅନାଥ ଆଶ୍ରମ ଗେଟ୍ ପାଖେ ଛାଡ଼ି ଦେଇ ପର ପୁରୁଷ ଆଉ ପର ନାରୀ ସଙ୍ଗେ ଚାଲି ଗଲାଣି ।

ଭଦ୍ର ସମାଜର ଅଭଦ୍ର ମାନବିକତା କଣ ବୁଝାଏ ? ବିବେକ ତ କହିବ ବିଷ ପିଇ ମରିଯିବା ପାଇଁ, କିନ୍ତୁ ମରିବା ତ ଦୂରର କଥା ଟିକେ ଲାଜ ଲାଗୁନି ଖୋଲା ବଜାରରେ ଆରାମରେ ପର ପୁରୁଷ ଆଉ ପର ନାରୀ ସହ ବସା ଉଠା କରି ପାରୁଛ ? ନିଜ ସ୍ୱାମୀକୁ ପର କରି ତାର ଅସୁବିଧା ସମୟର ଚଳିବା କେମିତି ଥିଲା ଲୋକମାନଙ୍କ ଆଗରେ କହି ବହୁତ ମଜା ନିଅ ? ଆଉ ନିଜ ସ୍ତ୍ରୀକୁ ନ ବୁଝିପାରି ତାକୁ ଛାଡ଼ିଦେଇ ଅନ୍ୟ ଆଗରେ ବହୁତ ଅପମାନିତ କରାଅ ? ଧିକ୍କାର ତୁମ ମାନଙ୍କୁ ।

କଥାରେ ଅଛି...,

ସ୍ତ୍ରୀକୁ ଚିହ୍ନିବ ସ୍ୱାମୀର ଗରୀବ ଅବସ୍ଥାରେ, ସ୍ୱାମୀଙ୍କୁ ଚିହ୍ନିବ ସ୍ତ୍ରୀ ରୋଗଗ୍ରସ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଳେ । କିନ୍ତୁ ଏଠି ସବୁ କିଛି ଅଲଗା । ସ୍ୱାମୀ ଅଭାବ ଅସୁବିଧାର ଥିଲେ, ସ୍ତ୍ରୀକୁ ଭଲ ପଇସା ରୋଜଗାର ପୁରୁଷ ମିଳନ୍ତି, ଆଉ ସ୍ତ୍ରୀର କିଛି ଅସୁବିଧା ଥିଲେ ସ୍ୱାମୀଙ୍କୁ ଏକାଧିକ ସୁନ୍ଦର୍ ସ୍ତ୍ରୀଙ୍କ ସହ ଅନୈତିକ ସମ୍ପର୍କ ମିଳି ଯାଆନ୍ତି ।

ସମାଜ ଏତେ ତଳକୁ ଖସି ଗଲାଣି ରାସ୍ତା କଡ଼ରେ ଛୋଟ ଛୋଟ କୁନି ଜୀବନ କଲମ ବିକ୍ରିକରି ପେଟ ପୋଷୁଛନ୍ତି, କିନ୍ତୁ ଗୋଟେ କଥା ଅବୁଝା ରହେ, ସମାଜରେ ବିବାହ ସମୟରେ ଅବା ପରେ ପରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଭଲ ଥାଏ, ୫-୭ ବର୍ଷ ଗଲା ପରେ କୁନି ଜୀବନକୁ ଦୁନିଆକୁ ଆଣି ସବୁକିଛି ବଦଳିଯାଏ । କଣ ସେ ପିଲାଟି ବୋଝ ଲାଗେ, ନା ସ୍ୱାମୀର ବ୍ୟବହାର ? ଯଦି ପିଲା ବୋଝ ଲାଗେ ତାହେଲେ ଜନ୍ମ କରିବା ଆଗରୁ ଭାବିଲେନି କଣ ପାଇଁ ? ନିରୀହ ଜୀବନକୁ ଗୋଟେ ଅଳିଆ ବାକ୍ସରେ ପକାଇ କିଏ ନଦୀ ପାଣିରେ ଭଙ୍ଗା କାଠରେ ବାନ୍ଧି ଭସାଇ ଦେଉଛି, ଆଉ ପରପୁରୁଷ ଏବଂ ପର ନାରୀ ସହ ଚାଲି ଯାଉଛି । ଏମିତି ଜୀବନ ନଷ୍ଟ କରିବାକୁ ତୁମକୁ ଏ ସମାଜରେ ଅଧିକାର ଦେଲା କିଏ କୁହ ? ଯଦି କିଛି ବି ଅସୁବିଧାର ସମ୍ମୁଖୀନ ହେଇ ସ୍ୱାମୀର ବ୍ୟବହାର ଖରାପ୍ ଲାଗେ ତାର କାରଣ ନ ଖୋଜି ପର ପୁରୁଷକୁ ଆପଣେଇବା କଣ ପ୍ରକୃତ ରାସ୍ତା ଅଟେକି ? ମଦ ପିଇବା ମାରପିଟ୍ କରିବା ଦେଇ ନିଜ ସ୍ତ୍ରୀକୁ ନବୁଝି ଶେଷରେ ପରନାରୀକୁ ଆପଣେଇବା ଏଇଟା ସମାଜକୁ କଣ ଶିଖାଏ ଟିକେ କହିବ ତୁମେ ଦୁହେଁ ? ଯଦି ବୁଝାମଣା ଭୁଲ ହୁଏ ତାକୁ ସୁଧାରି ନିଅ, ଜୀବନ ବହୁତ୍ ସରଳ ହେଇଯିବ । ମଦ ପିଇଲେ ସ୍ତ୍ରୀ ପର ପୁରୁଷକୁ ଦୁଃଖ ସୁଖ ଜଣାଏ ଏବଂ ସ୍ତ୍ରୀ ମର୍ଯ୍ୟାଦା ହରେଇଲେ ସ୍ୱାମୀ ଏକା ଏକା ରହେ ନ ହେଲେ ଅନ୍ୟ ନାରୀକୁ ଆପଣେଇ ଥାଏ ଏହା ସମାଧାନର ବାଟ ନୁହଁ । ଯେଉଁ ସ୍ତ୍ରୀ ବିବାହର ୫-୭ ବର୍ଷ ଭଲ ଥିଲା ଦେଖିବାକୁ ସୁନ୍ଦର୍ ଥିଲା ସବୁ ଠିକ୍ ଥିଲା ଆଜି ୭-୮ ଦିନ ଭୁଲ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝାମଣାର କଣ ଏତେ ଖରାପ ହେଇଗଲା ତୁମେ ସାଙ୍ଗେ ସାଙ୍ଗେ ବିକଳ୍ପ ବାଛି ନେଲ ? କେମିତି ? ତାହେଲେ ବିବାହ ପରେ ପରେ ସେ ପ୍ରେମ ଭଲ ପାଇବା ଜୀବନର ସଂଜ୍ଞା ଥିଲା ନା ୫-୭ ବର୍ଷର ଗୋଟେ ଅପେରାର ନାଟକ ଥିଲା ଯାହା ସରିଗଲା ଲୋକେ ଭିଡ଼ ଭାଙ୍ଗି ଚାଲିଗଲେ, ସେମିତି ତୁମେ ଅନ୍ୟ ସ୍ତ୍ରୀ ସଙ୍ଗେ ଚାଲିଗଲ ଏବଂ ସ୍ତ୍ରୀ ଆଉ ଗୋଟେ ପୁରୁଷ ସାଥିରେ । କଣ ଉତ୍ତର ଅଛି ! ନାହିଁ ନା ? ରହିବ ବି କେମିତି ତୁମ ମାନଙ୍କର ତ ଟିକେ ଶାରୀରିକ ସମ୍ପର୍କ ତୁମକୁ ଖୁସି ଦେଇଦିଏ, ତୁମମାନଙ୍କୁ ଆତ୍ମା ତୃପ୍ତି ମିଳେ । ଯଦି ପୁଣି ସେଇ ପର ନାରୀ ଏବଂ ପର ପୁରୁଷ କିଛି ଦିନ ପରେ ନିଜ ସ୍ତ୍ରୀ ଆଉ ସ୍ୱାମୀ ବନିଯାଏ, ସେମାନେ ବି ୨-୪ ବର୍ଷ ପରେ ମନ ବାଞ୍ଛା ପୂରଣ ହେଇଗଲେ, ଗୋଟେ ବ୍ୟବହାର ହେଇ ସାରିଥିବା କଲମ ପାଲଟି ଯାଏ ଆଉ ଅଳିଆଗଦାର ପଦାର୍ଥ କିମ୍ବା ଔଷଧ କମ୍ପାନୀର ଏକ୍ସପାଇର ଔଷଧ ହେଇଯାଆନ୍ତି । ଦରକାର୍ ହୁଏ ପୁଣି ଆଉ ଗୋଟିଏ ଗୋଟିଏ ନୂଆ ପୁରୁଷ ନୂଆ ନାରୀ ? ଏଠି ବି ବଳି ପଡ଼ିଯାଏ ସେହି ନିରୀହ କୁନି ପିଲାମାନଙ୍କ ଜୀବନ..।

ଏଇଟାକୁ ହିଁ ଜୀବନ କୁହନ୍ତି । ଧିକ୍କାର ତୁମମାନଙ୍କୁ, ତୁମେ ମଣିଷ ଜାତିର ଗୋଟେ ଗୋଟେ କଳଙ୍କ ।

ଜୀବନ ମୁକ୍ତ ମଞ୍ଚରେ ତୁମେମାନେ ଏକ ଭୀରୁ କାପୁରୁଷ ଚରିତ୍ରହୀନ ମଣିଷ, ଯାହା ଅନ୍ୟର ସଂସାର ଆଉ ଜୀବନ ନଷ୍ଟ କରିବାକୁ ଆସିଛ । ବହୁତ୍ ସଂସାର ଉଜାଡ଼ିବାକୁ ଆସିଛ, ସମାଜକୁ ଶୋଷଣ କରୁଛ ଆଉ ଶେଷରେ ବୃତ୍ତି କରି ବଞ୍ଚୁଥିବା ବେଶ୍ୟା ଜାତିକୁ କଳଙ୍କିତ କରିଦେଲ, କାହିଁକି ନା ବେଶ୍ୟାର ବି ଗୋଟେ ସମ୍ମାନ ଥାଏ ସେ କେବଳ ଆଉ କେବଳ ସେମାନଙ୍କ ବୃତ୍ତିରେ ପେଟ ପୋଷନ୍ତି ଅନ୍ୟ କିଛି କାହାରି କ୍ଷତି କରାନ୍ତି ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁଠାରୁ ବଡ଼ କଥା ହେଲା ତୁମେ ମାନେ ଜୀବନ ସାରା ଦୁଃଖ ହିଁ ପାଇଥାଓ, କାହିଁକି ନା ତୁମ୍ଭ ଭଳି ମଣିଷ ଘର ବଦଳାଏ, ବସ୍ତ୍ର ବଦଳାଏ ସମ୍ବନ୍ଧ ବଦଳାଏ ହେଲେ ସ୍ୱଭାବ ବଦାଏ ନାହିଁ, ଯେଉଁ ଚରିତ୍ର ଖରାପ୍ ମଣିଷ ସେଇଟା ହିଁ କେବେ ବଦଳେନି ।

ଚାଣକ୍ୟ ଙ୍କ ଅନୁସାରେ..,

"କୋଇଲିର ସ୍ୱର ହେଉଛି ତା ଜୀବନର ସୁନ୍ଦରତା ଏବଂ ପତିବ୍ରତା ନାରୀ ହେବା ସ୍ତ୍ରୀମାନଙ୍କ ସୁନ୍ଦରତା । ସେମିତି ଗୋଟେ ପୁରୁଷ ଶୋଭାପାଏ ତାର କର୍ମକୁ ନେଇ ।"

ଅତଏବ ଭଲ କର୍ମ କରି ନିଜ ପରିବାରକୁ ଏକାଠି ରଖିଲେ, ସଠିକ୍ ବୁଝାମଣାରେ ସମ୍ପର୍କକୁ ନିବିଡ଼ କରିପାରିଲେ ବହୁତ୍ ପରିବାର ସୁଧୁରି ଯାଇଥାନ୍ତା ଏବଂ ସମାଜକୁ ଭଲ ଶିକ୍ଷା ସହ ଶାନ୍ତି ଜୀବନର ଉଦାହରଣ ସୃଷ୍ଟି ହୋଇ ଥାଆନ୍ତା...।

( ଦେବାଶିଷ ମାଇତି )

ସହିଦ୍ ଇରମ ବାସୁଦେବପୁର ଭଦ୍ରଖ

ମୋ: ୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad